# ଧରିତ୍ରୀ
DHARITRI

ବ୍ରହ୍ମପୁର, ସୋମବାର, ନଭେମ୍ବର ୫/୨୦୧୮ (୨୦ ପୃଷ୍ଠା) | Berhampur, Monday, November 5/ 2018 | ★★★

୧୪ ଶ ଭାଗ ୨୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-





KP GROUP
Quality Since 1965
KP®
MADHUBAN
Safal™
PAN MASALA
NO TOBACCO, NO NICOTINE ADDED
4.5g.
₹5/- ରେ ଡବଲ ଡୋଜ୍‌ର ମଜା
Happy Diwali
Safal™
Pan Masala
କରିନିଅ ମଜାରେ ବନ୍ଧୁତା
ନାବାଳକ ମାନଙ୍କ ପାଇଁ ନୁହେଁ । 0% ତମାଖୁ ଏବଂ କୌଣସି ନିକୋଟିନ୍ ମିଶ୍ରିତ ନୁହେଁ । ପାନ ମସାଲା ଚୋବାଇବା ସ୍ୱାସ୍ଥ୍ୟପାଇଁ କ୍ଷତିକାରକ ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ନଭେମ୍ବର ୫/୨୦୧୮ | Berhampur, Monday, November 5/ 2018 | ପୃଷ୍ଠା-୧



## ଲିଲିମାଙ୍କୁ ଏକଲବ୍ୟ ପୁରସ୍କାର

ଭାରତୀୟ ମହିଳା ହକି ତାରକା ଓଡ଼ିଶାର ଲିଲିମା ମିଞ୍ଜ ରବିବାର ସମ୍ମାନଜନକ ଏକଲବ୍ୟ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

୧୬

୧୦

## ବହୁବାର ଆତ୍ମହତ୍ୟା ଉଦ୍ୟମ କରିଥିଲେ ଏ.ଆର. ରହମନ୍

ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର. ରହମନ୍ ଅନେକ ଥର ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ତାଙ୍କ ଆତ୍ମଜୀବନୀମୂଳକ ପୁସ୍ତକରେ ବର୍ଣ୍ଣନା କରିଛନ୍ତି।



## ଦାରିଙ୍ଗବାଡ଼ିରେ ତାପମାତ୍ରା ୧୬ ଡିଗ୍ରୀ

ଭୁବନେଶ୍ୱର, ୪।୧୧ (ବ୍ୟୁରୋ)

ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଏବେ ପୂର୍ବ ଆସାମ ଉପରେ ରହିଛି। ଓଡ଼ିଶାରେ ଏହାର ପ୍ରଭାବ ଦେଖାଯିବ ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟର ସର୍ବନିମ୍ନ ତାପମାତ୍ରା ଦାରିଙ୍ଗବାଡ଼ିରେ ୧୬ ଡିଗ୍ରୀ ସେଲ୍‌ସିୟସ ଥିବାବେଳେ ତାଳଚେରରେ ସର୍ବୋଚ୍ଚ ତାପମାତ୍ରା ୩୫.୧ ଡିଗ୍ରୀ ସେଲ୍‌ସିୟସ ରହିଛି। ନଭେମ୍ବର ପ୍ରଥମ ସପ୍ତାହ ହୋଇଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଶୀତ ପ୍ରକୋପ ଅନୁଭୂତ ହୋଇନାହିଁ।

### ଆଜିର ସମ୍ପାଦକୀୟ

**ଏରୋସ୍ପେସ୍ ସ୍ୱପ୍ନ**

### ଆଜିର ମନ୍ତବ୍ୟ

"ଲୋକେ ହିଂସା ପରିତ୍ୟାଗ କରି ନିଜ ହୃଦୟରେ ରାମମନ୍ଦିର ନିର୍ମାଣ କରିବା ଉଚିତ।

–ଶଶି ଥରୁର, କଂଗ୍ରେସ ଏମ୍‌ପି

NECC NATIONAL EGG CO-ORDINATION COMMITTEE 04.11.2018 Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 68 | 116 | 126 |
| DKL | 69 | 118 | 128 |
| BDK | 68 | 116 | 126 |
| BLS | 68 | 116 | 126 |
| ANG | 70 | 119 | 129 |

*Conditions Apply
Eggs Retail Price- 50/-Dozen
Issued in the Interest of Consumers

■ ଭାରତୀୟ ଯବାନଙ୍କ ମୁଣ୍ଡ ଗଣୁଛି ଆଇଏସ୍ଆଇ

# ନେପାଳ କାନ୍ଧରେ ଲଶ୍କର ବନ୍ଧୁକ

ନୂଆଦିଲ୍ଲୀ, ୪।୧୧

ନିୟନ୍ତ୍ରଣରେଖାରେ ପାକିସ୍ତାନୀ ସେନା ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ କରୁଥିବାବେଳେ ଆତଙ୍କବାଦୀମାନେ ଅନୁପ୍ରବେଶ କରି ଜମ୍ମୁ-କଶ୍ମୀରରେ ଅସ୍ଥିରତା ସୃଷ୍ଟିରେ ବ୍ୟସ୍ତ। ଏଭଳି ସମୟରେ ପାକିସ୍ତାନର କୁଖ୍ୟାତ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ନେପାଳ କାନ୍ଧରେ ବନ୍ଧୁକ ରଖି ଭାରତୀୟ ଯବାନଙ୍କ ମୁଣ୍ଡ ଗଡ଼ାଇବାକୁ ରଚିଛି ସାଂଘାତିକ ଷଡ଼ଯନ୍ତ୍ର। ଏଥିରେ ନିୟୋଜିତ ହୋଇଛି ପଡ଼ୋଶୀ ଦେଶର ସବୁଠୁ ବିପଜ୍ଜନକ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା(ଏଲ୍ଇଟି)। ଭାରତ ମାଟିରେ ଆତଙ୍କବାଦୀ ଆକ୍ରମଣ ଘଟାଇ ଅଧିକରୁ ଅଧିକ ଲୋକଙ୍କ ଜୀବନ ନେବା ପାଇଁ ଆଇଏସ୍ଆଇ-ଏଲ୍ଇଟି ଛନ୍ଦିଛନ୍ତି ମୃତ୍ୟୁର ନାଗଫାଶ। ଗୋଇନ୍ଦା ସଂସ୍ଥାଗୁଡ଼ିକ ପକ୍ଷରୁ ଏହି ଘାତକ ଚକ୍ରାନ୍ତ ସମ୍ପର୍କରେ ରିପୋର୍ଟ ପ୍ରଘଟ ହେବା ପରେ ତତ୍ପରତା ପ୍ରକାଶ କରିଛି ସୁରକ୍ଷା ବଳ।

ସଦ୍ୟ ପ୍ରକାଶିତ ଗୋଇନ୍ଦା ରିପୋର୍ଟ ମୁତାବକ, ଜମ୍ମୁ-କଶ୍ମୀରର ରାଜଧାନୀ ଶ୍ରୀନଗର ପରେ ନେପାଳର ରାଜଧାନୀ କାଠମାଣ୍ଡୁ ଆଇଏସ୍ଆଇ ପାଇଁ ପାଲଟିଛି ଆତଙ୍କବାଦ ରପ୍ତାନିର ନୂଆ ପ୍ରୟୋଗଶାଳା। ଆଇଏସ୍ଆଇ କାଠମାଣ୍ଡୁରେ ଆତଙ୍କବାଦୀଙ୍କୁ ନିୟୋଜିତ



କରି ଭାରତୀୟ ସୁରକ୍ଷା ବଳକୁ ଟାର୍ଗେଟ କରିବାକୁ ଯୋଜନା ଚଳାଇଛି। ଏଥିରେ କାଠମାଣ୍ଡୁସ୍ଥିତ ପାକିସ୍ତାନ ଦୂତାବାସର କେତେଜଣ କର୍ମଚାରୀ ମଧ୍ୟ ସମ୍ପୃକ୍ତ ଥିବା ସାମ୍ନାକୁ ଆସିଛି। ଲଶ୍କର ନେପାଳରେ ତା'ର କେତୋଟି ଶାଖା ଗଠନ କରିଛି। ସେଠାରେ ଆତଙ୍କବାଦୀଙ୍କୁ ନିଯୁକ୍ତି ଦିଆଯାଉଛି। ନୂଆକରି ନିଯୁକ୍ତି ପାଉଥିବା ଯୁବକଙ୍କୁ ପାକିସ୍ତାନୀ ସେନା ଅସ୍ତ୍ରଶସ୍ତ୍ର ଯୋଗାଉଥିବାବେଳେ ଆଇଏସ୍ଆଇ ସେମାନଙ୍କୁ ଆତଙ୍କବାଦର ତାଲିମ ପାଇଁ ଅର୍ଥ ଯୋଗାଣ କରୁଛି। ଏଥିରେ ପାକିସ୍ତାନୀ ଦୂତାବାସର ସକ୍ରିୟ ଭୂମିକା ସାମ୍ନାକୁ ଆସିଛି। କାଠମାଣ୍ଡୁରେ ଆଇଏସ୍ଆଇ ପକ୍ଷରୁ କେତୋଟି ଇସ୍‌ଲାମିକ୍ ଏନ୍‌ଜିଓ ଖୋଲାଯାଇଛି। ଉକ୍ତ ଏନ୍‌ଜିଓଗୁଡ଼ିକୁ ଲଶ୍କର ଆତଙ୍କବାଦୀମାନେ ପରିଚାଳିତ କରୁଛନ୍ତି। କାଠମାଣ୍ଡୁସ୍ଥିତ ପାକିସ୍ତାନୀ ଦୂତାବାସରେ କାର୍ଯ୍ୟରତ ୨ ଜଣ ଆଇଏସ୍ଆଇ ଏଜେଣ୍ଟ ନିକଟରେ ନେପାଳର ମୋରାଗ ଜିଲାସ୍ଥିତ ବିରାଟନଗର ଗସ୍ତ କରିଥିଲେ। ସେମାନେ ଲଶ୍କର ଆତଙ୍କବାଦୀଙ୍କ ସହ ମିଶି ନାନା ଷଡ଼ଯନ୍ତ୍ର ରଚିଥିବା କୁହାଯାଉଛି। ଅନ୍ୟପକ୍ଷରେ ଭାରତ-ନେପାଳ ସୀମାରେ ସେଭଳି ବଡ଼ଧରଣର ପ୍ରତିବନ୍ଧକ ନାହିଁ। ତେଣୁ ଏହି ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥାରେ ଜାତୀୟ ସୁରକ୍ଷାକୁ ନେଇ ନୂଆଦିଲ୍ଲୀ ଅନେକ ସମୟରେ ଚିନ୍ତାବ୍ୟକ୍ତ କରିଛି। କାରଣ ପାକିସ୍ତାନ ନିଜ ଦୂତାବାସ ଜରିଆରେ ବାଂଲାଦେଶରେ ଭାରତ ବିରୋଧୀ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିଛି। ପାକିସ୍ତାନୀ ଦୂତାବାସଗୁଡ଼ିକର ଅଧିକାରୀଙ୍କ ଆତଙ୍କବାଦୀ ଗତିବିଧି ସମ୍ପର୍କରେ ଏକାଧିକ ନଜର ରହିଛି। ☞ପୃଷ୍ଠା-୨

■ ବଦ୍ରିନାଥରେ ବରଫପାତ

# ଫସିଲେ ଭୋଗରାଇର ୩୩ ତୀର୍ଥଯାତ୍ରୀ

## ଉଦ୍ଧାର ହେଲେ ଭଞ୍ଜନଗରର ୪୨ ଜଣ

ଭୋଗରାଇ/ଭଞ୍ଜନଗର, ୪।୧୧ (ଡି.ଏନ.ଏ.)

ଉତ୍ତରାଖଣ୍ଡର ବଦ୍ରିନାଥ ଓ ଆଖପାଖ ଅଞ୍ଚଳରେ ପ୍ରବଳ ବରଫପାତ ହୋଇଛି। ଫଳରେ ସ୍ଥାନେ ସ୍ଥାନେ ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକ ଫସିରହିଛନ୍ତି। ସେମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲା ଭୋଗରାଇ ଅଞ୍ଚଳର ୩୩ଜଣ ତୀର୍ଥଯାତ୍ରୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ତୀର୍ଥଯାତ୍ରୀ ରବିବାର କୌଣସି ପ୍ରକାରେ ତାଙ୍କ ପରିବାରକୁ ଫୋନ ଯୋଗେ ଜଣାଇବା ପରେ ଅନ୍ୟ ପରିବାରର ଲୋକମାନେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ହେଲେ ତୀର୍ଥଯାତ୍ରୀଙ୍କ ସହିତ ଯୋଗାଯୋଗ ହୋଇପାରୁ ନ ଥିବାରୁ ପରିବାର ଲୋକେ ନାନା ଦୁଶ୍ଚିନ୍ତାରେ ରହିବା ସହ ପ୍ରଶାସନକୁ ଜଣାଇଛନ୍ତି। ଅନ୍ୟପକ୍ଷରେ ବଦ୍ରିନାଥଙ୍କ ଦର୍ଶନ ସାରି ଫେରିବା ବେଳେ ବରଫପାତ ଯୋଗୁ ଏକ ଧର୍ମଶାଳାରେ ପ୍ରାୟ ୨୪ ଘଣ୍ଟା ଖାଦ୍ୟ ନ ପାଇ ଫସିରହିଥିଲେ ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳର ୪୨ ତୀର୍ଥଯାତ୍ରୀ। ରାଜ୍ୟ ସରକାର ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହସ୍ତକ୍ଷେପ ପରେ ସେଠାକାର ସରକାରଙ୍କ ସହଯୋଗରେ ସେମାନେ ରବିବାର ଉଦ୍ଧାର ହୋଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଭୋଗରାଇ ବ୍ଲକର କମର୍ଦ୍ଦା, ରାଣୀଗୋଡ଼ା, ଦାହୁଣ୍ଡା ଆଦି ଗ୍ରାମର ☞ପୃଷ୍ଠା-୨

# ଚାଷୀ ଆନ୍ଦୋଳନ ରୋକିବାକୁ ୧୪୪

## ଆନ୍ଦୋଳନ ପ୍ରତ୍ୟାହାର ପାଇଁ ପ୍ରସ୍ତାବ ଦେଲେ ଅର୍ଥମନ୍ତ୍ରୀ

ଭୁବନେଶ୍ୱର, ୪।୧୧ (ବ୍ୟୁରୋ)

ପ୍ରାଇସ୍, ପ୍ରେଷ୍ଟିଜ ଓ ପେନ୍‌ସନ ଦାବିରେ ପୁଣି ରାସ୍ତାକୁ ଓହ୍ଲାଇଛି ନବନିର୍ମାଣ କୃଷକ ସଙ୍ଗଠନ। ସଙ୍ଗଠନ ପକ୍ଷରୁ ସୋମବାର ଲୋୟର ପିଏମ୍‌ଜିଠାରେ ଚାଷୀ ମହାସମାବେଶର ଡାକରା ଦିଆଯାଇଛି। ମାତ୍ର ଏଥିପାଇଁ ରାଜ୍ୟ ସରକାର ଅନୁମତି ପ୍ରଦାନ କରି ନାହାନ୍ତି। ଫଳରେ ରାଜଧାନୀ ଆସୁଥିବା ଚାଷୀଙ୍କୁ ପୋଲିସ୍ ରାସ୍ତାରେ ଅଟକାଇ ରଖିଛି। ବାଲୁଗାଁ ଏବଂ କଟକ ଆଡୁ ପଦଯାତ୍ରାରେ ଆସୁଥିବା ଚାଷୀଙ୍କୁ ଆଇନ ଶୃଙ୍ଖଳା ବାହାନାରେ ମଧ୍ୟ ରାସ୍ତାରେ ପୋଲିସ ଅଟକାଇବା ସହ ୧୪୪ଧାରା ଜାରି କରିଛି। ମହାସମାବେଶକୁ ଆଖି ଆଗରେ ରଖି ୨୫ ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି। ଅନ୍ୟପଟେ ଚାଷୀଙ୍କ ଏହି ଆନ୍ଦୋଳନରେ ଉଭୟ କଂଗ୍ରେସ ଏବଂ ଭାଜପା ଟିମ୍ ସାମିଲ ହୋଇ ଫାଇଦା ଉଠାଇବାକୁ ପ୍ରୟାସ କରିଛନ୍ତି। ଅନ୍ୟପଟେ ମହାସମାବେଶ ପାଇଁ ସରକାର ଅନୁମତି ପ୍ରଦାନ ନ କଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ହଜାର ହଜାର ଚାଷୀଙ୍କ ଆଗମନ ଏବଂ ବିରୋଧୀଙ୍କ ଷଡ଼ଯନ୍ତ୍ରକୁ ନିଷ୍କ୍ରିୟ କରିବା ଲାଗି ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ନବ ନିର୍ମାଣ କୃଷକ ସଙ୍ଗଠନ ସଦସ୍ୟମାନଙ୍କୁ ଭେଟି ଆଲୋଚନା କରିଛନ୍ତି।

ଏହି ଅବସରରେ ନବନିର୍ମାଣ କୃଷକ ସଙ୍ଗଠନ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି ଯେ, ଆମେ ୩୬ଲକ୍ଷ ଚାଷୀଙ୍କ ପାଇଁ ୨୧ ହଜାର କୋଟି ଟଙ୍କା ଭତ୍ତା ବାବଦ ଦେବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରୁଛୁ। ଯଦି ରାଜ୍ୟ ସରକାର ଏହି ଦାବି ପାଳନ କରି ଅଧ୍ୟାଦେଶ ଜାରି କରନ୍ତି ଏବଂ ନୀତିଗତଭାବେ ୩ମାସ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ଘୋଷଣା କରନ୍ତି ତେବେ ଆନ୍ଦୋଳନ ☞ପୃଷ୍ଠା-୨




Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Phone No.: 011 - 46044100. For further information, contact nearest Hero MotoCorp authorised outlet or call our toll free no.: 1800 - 266 - 0018 or visit us on www.HeroMotoCorp.com. Accessories and features shown may not be part of standard fitment. Always wear a helmet while riding a two wheeler. Offer valid only in Odisha. *Terms & conditions apply. #Finance at the sole discretion of financiers. Customers have to provide all relevant documents desired by financiers to avail the loan.

HeroMotoCorpIndia | HeroMotoCorpLimited | heromotocorp.com | @HeroMotoCorp | TheHeroMotoCorp

Hero GoodLife | Hero MILEAGE EXTRA KILOMETERS PER LITRE | Paytm mall ₹5000/-# ର ଲାଭ | HeroFinCorp. | INDIA'S FIRST 5 YEAR WARRANTY* *Conditions apply

For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍‌ଡ ଡିଲର: ବ୍ରହ୍ମପୁର: ଲକ୍ଷ୍ମୀ ହୀରୋ - 7799766350. ଶ୍ରୀ କାଲେଶ୍ୱର ହୀରୋ - 7799766372. ଜୟପୁର: ସୁପ୍ରିମ ହୀରୋ - 7799766340. ଫୁଲବାଣୀ: ନାରାୟଣୀ ହୀରୋ - 7799766373. ରାୟଗଡ଼ା: ଅଜୀତ ହୀରୋ - 7799766358. ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ଆସିକା: ଅଶୋକ ମୋଟର୍ସ - 273226. ପାରଳାଖେମୁଣ୍ଡି: ପ୍ରୀତମ ଏଣ୍ଟରପ୍ରାଇଜ - 224656. ମାଲକାନଗିରି: କନିଷ୍ଠ ଅଟୋମୋବାଇଲ୍‌ସ - 9437181980, 230514. ନବରଙ୍ଗପୁର: ଅରୁଣ ସେଲ୍‌ସ ଆଣ୍ଡ ସର୍ଭିସ - 223970. ସିମିଳିଗୁଡା: କେ.ପି.ଏଣ୍ଟରପ୍ରାଇଜ - 225222. ଦେବଗଡ଼: ଜିନ୍ଦଲ ମୋଟର୍ସ : 9337774624.



ଚାଇନାର ଗାନସୁ ପ୍ରଦେଶରେ ଏକ ଟୋଲ୍ ଗେଟ୍ ନିକଟରେ ଘଟିଥିବା ଟ୍ରକ୍ ଦୁର୍ଘଟଣାରେ ୧୪ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୨୭ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ନିୟନ୍ତ୍ରଣ ହରାଇ ଟ୍ରକ୍‌ଟି ଅପେକ୍ଷାରତ ଗାଡ଼ିଗୁଡ଼ିକୁ ଧକ୍କା ଦେଇଥିବା ଦେଖଣାହାରି କହିଛନ୍ତି। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଟିକୁନ୍
ପରିବାରବର୍ଗ



ଜୟଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified



## SALE

Alto, WagonR, Swift, Dzire, Vento, Indigo, Scorpio, Nishan Micra, Ford Figo, Ford Fiesta, Xcent, Santro, i10, i20, Sail, Beat, Spark, Inova, Honda Amaze, Honda City, Mahindra Logan, Mahindra Verito and many more for sale. Contact: 7440000832, 8599005885. D-9138



## SALE

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

ସୁନ୍ଦରପଦା ହାଇଟେକ୍ ପ୍ଲାଜା ପାଖରେ ଘରବାରି ପଜେସନ୍ ପ୍ଲଟ sqft.- 1070ରେ plot ମିଳୁଛି। 9348230669. D-64364

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64357

Duplex house for sale near Patia Chowk, land 2000 sqft., construction 2200 sqft. price: 1 crore. 6371468770, 9438299105. D-65156

1260 sqft. gharabari residential yellowzone plot at Pokhariput, Bhubaneswar Rs. 24,50,000/-. Contact: 7504392698. D-65157

Book 3BHK duplex house Jagamara, Bhubaneswar having land area 1260 sqft. and 1900 construction area, Price: 77 lakh, Bank finance available. 9078151122. D-65158

ଭୁବନେଶ୍ୱର ମହାରାଜା Engineering କଲେଜ backsideରେ ସ୍ଥିତିବାନ ପ୍ଲଟ ମିଳୁଛି। 8338932027. D-64365

1BHK, 2BHK, 3BHK approved flats at Hitech Heaven near Gudiapokhari Square, Bhubaneswar. 9853426050, 9861219987. D-9255

୫ଗୁଣ୍ଠ ଗୃହୋପଯୋଗୀ ସରଧାପୁର ସ୍କୁଲ ନିକଟ ୫୮୫ଡି ତରତୁଆ ମୌଜା ରାସ୍ତା ଥାଇ ତୁରନ୍ତ ବିକ୍ରୟ, ଯୋଗାଯୋଗ। 8249545416. D-9259

**IDCO.GA plots suitable land size any project Bhubaneswar. 8599059704.** D-62912

1BHK flat at Hitech plaza 2/3 BHK flat ready to move near Mancheswar Rly. Station, 2 nos. 3BHK flat at GGP, Jagannathnagar, BBSR. 7008493205, 9437009889. D-9266



Construct your building in finished house contact: 9937064680. D-27282



Office, Bank or commercial, 2400 sqft., Plot No.- 661, Bank Chhak, Mahanadivihar, Mobile: 9437226804, 7978603239, 9439826980, 7978316627. D-9239



Samal Packer Movers provide household shifting in reasonable price. 9437035016. D-63864



New new openeing full body massage ledies, gents. 7438851534, 7609923705. D-38539

## AFFIDAVIT

By virtue of an affidavit sworn in the Court of Executive Magistrate Dhamnagar I Sudarsan Behera S/D/ of Dhaneswar Behera changed my name from Sudarsan Behera to Harekrushna Behera. Henceforth I will be known as Harekrushna Behera for all purposes. D-9278

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଜନ୍ମଦିନ ଶୁଭେଚ୍ଛା



(ଆଶି)
**ଦେବାଂଶି ନନ୍ଦ**
ଗ୍ରାମ-ତର୍ତ୍ତଙ୍ଗ, ଜଗତ୍‌ସିଂହପୁର

ଜନ୍ମଦିନର ଶୁଭେଚ୍ଛା ସହ: ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣା ଏହି କୁନି ଝିଅଟି ଉପରେ ଢାଳି ହେଉ। ଠାକୁର ତୋର ଭବିଷ୍ୟତ ମଙ୍ଗଳ କରନ୍ତୁ। **ଜେଜେ ବାପା, ଜେଜେମା, ଅଜା, ଆଈ, ବଡବାପା, ବଡମାମା, ପାପା, ମାମା, ଲୁବୁନ ଓ ପରିବାରବର୍ଗ।** ଧ-୯୨୭୯

## ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା



**ଦିବ୍ୟରଞ୍ଜନ (ପୁପୁନ୍)**
ଦୁଗଲ, ସତ୍ୟବାଦୀ

ତୁମର ପ୍ରଥମ ଜନ୍ମବାର୍ଷିକ ଉପଲକ୍ଷେ ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀଗୋପିନାଥ, ଶ୍ରୀରାଧା ରାଣୀଙ୍କ ନିକଟରେ ତୋର ଶୁଭ ମନାସୀ, ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ। ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଅଜା, ଆଈ, ବାବା, ମା, ପରିବାର ଓ ବନ୍ଧୁବର୍ଗ। ଧ-୩୪୮୯


■ ୨୧ ବର୍ଷ ପରେ ବଦଳିଲା ଏମ୍‌ବିବିଏସ୍ ସିଲାବସ୍

# କ୍ଲାସ୍‌ରୁମ୍‌ରେ ଦିଆଯିବ ନୈତିକ ଶିକ୍ଷା

ଭୁବନେଶ୍ୱର, ୪।୧୧(ବ୍ୟୁରୋ)

୨୧ ବର୍ଷ ପରେ ବଦଳିଲା ଏମ୍‌ବିବିଏସ୍ ପାଠ୍ୟକ୍ରମର ସିଲାବସ୍। ଗତ ଶୁକ୍ରବାର ମେଡିକାଲ କାଉନ୍‌ସିଲ ଅଫ୍ ଇଣ୍ଡିଆ (ଏମ୍‌ସିଆଇ)ର ବୋର୍ଡ ଅଫ୍ ଗଭର୍ନର୍ସ(ବିଓଜି) ଅଧ୍ୟକ୍ଷ ଡା. ଭି.କେ. ପାଉଲ ଏ ସଂକ୍ରାନ୍ତୀୟ ଦସ୍ତାବିଜ ଉପରେ ଅନୁମୋଦନ କରିଛନ୍ତି। ପ୍ରଥମ ବର୍ଷରୁ ଛାତ୍ରୀଛାତ୍ରଙ୍କୁ କ୍ଲାସ୍‌ରୁମରେ ନୈତିକ, ମନୋଭାବ ଏବଂ ଯୋଗାଯୋଗ ଉପରେ ଶିକ୍ଷା ଦିଆଯିବ। ଏହା ଦ୍ୱାରା ଡାକ୍ତର ଏବଂ ରୋଗୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇପାରିବ ବୋଲି ଡା. ପାଉଲ କହିଛନ୍ତି।

ସିଲାବସ୍‌ରେ ପରିବର୍ତ୍ତନ ଦ୍ୱାରା କେବଳ ଯେ ଭଲ ଡାକ୍ତର ବାହାରିପାରିବେ ତା' ନୁହେଁ, ରୋଗୀସେବା କ୍ଷେତ୍ରରେ ଉତ୍ତମ ଯୋଗାଯୋଗକାରୀ ବ୍ୟକ୍ତି ଭାବେ ମଧ୍ୟ ପରିଗଣିତ ହେବେ। ଏମ୍‌ବିବିଏସ୍ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହେବା ପରେ ଛାତ୍ରୀଛାତ୍ର ଭବିଷ୍ୟତରେ ଜଣେ ଜଣେ ଭଲ ଡାକ୍ତର ହୋଇପାରୁଛନ୍ତି। ଅନେକ କ୍ଷେତ୍ରରେ ରୋଗୀ ଏବଂ ସମ୍ପର୍କୀୟଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନରେ ଅଭାବ ରହିଯାଉଛି। ସେଥିପାଇଁ ୧୯୯୭ ମସିହାରୁ ପ୍ରଚଳିତ ହୋଇଆସୁଥିବା ଏମ୍‌ବିବିଏସ୍ ସିଲାବସ୍‌କୁ କେନ୍ଦ୍ର ସରକାର ପରିବର୍ତ୍ତନ କରିଛନ୍ତି। ଅଧ୍ୟକ୍ଷ ଡା. ପାଉଲ କୁହନ୍ତି, ଏମ୍‌ବିବିଏସ୍ ପାଠ୍ୟକ୍ରମରେ ପ୍ରଥମ ବର୍ଷରୁ ଛାତ୍ରୀଛାତ୍ରଙ୍କୁ କ୍ଲାସ୍‌ରୁମରେ ନୈତିକ, ମନୋଭାବ ଏବଂ ଯୋଗାଯୋଗ ଉପରେ ଶିକ୍ଷା ଦିଆଯିବ। ସେହିପରି ନିଯୁକ୍ତି ପରେ ହସ୍ପିଟାଲରେ ଡାକ୍ତର କିପରି ରୋଗୀଙ୍କୁ ଭଲ ବ୍ୟବହାର ଦେଖାଇ ଚିକିତ୍ସା କରିବେ, ତାହା ଉପରେ ପ୍ରଶିକ୍ଷଣ ଦିଆଯିବ। ରୋଗୀସେବାକୁ ନେଇ ହସ୍ପିଟାଲରେ ବିଶୃଙ୍ଖଳା ସୃଷ୍ଟି ହେଲେ ଡାକ୍ତର କିପରି ସମ୍ମୁଖୀନ ହେବେ, ତାହା ଉପରେ ମଧ୍ୟ ପ୍ରଶିକ୍ଷଣ ଦିଆଯିବ। ଯେତେ ବିପଦପୂର୍ଣ୍ଣ ପରିସ୍ଥିତି ଆସିଲେ ମଧ୍ୟ ତାହାକୁ ସହଜରେ ସାମ୍ନା କରିବାର ଦକ୍ଷତା ଛାତ୍ରୀଛାତ୍ରଙ୍କୁ ଦିଆଯିବ ବୋଲି ଡା. ପାଉଲ କହିଛନ୍ତି।

ଏମ୍‌ବିବିଏସ୍ ଛାତ୍ରୀଛାତ୍ରଙ୍କୁ ପ୍ରଥମ ବର୍ଷରୁ କ୍ଲିନିକାଲ ଉପରେ ଶିକ୍ଷା ଦିଆଯିବ। ଆଉ ଅଧିକ ଗୋଟିଏ ମାସ ଫଣ୍ଡାମେଣ୍ଟାଲ୍ କୋର୍ସ ଉପରେ ଶିକ୍ଷା ଦିଆଯିବ। ଫଳରେ ଛାତ୍ରୀଛାତ୍ରଙ୍କ ଉପରେ ପ୍ରଥମରୁ ପାଠର ବୋଝ ପଡ଼ିବ ନାହିଁ। ଅନେକ ସମୟରେ କେତେକ ଛାତ୍ରୀଛାତ୍ର ପାଠକୁ କଷ୍ଟସାଧ୍ୟ ଭାବି ଆତ୍ମହତ୍ୟା ଭଳି ଘୃଣ୍ୟ କାମ କରୁଥିଲେ। ଫଣ୍ଡାମେଣ୍ଟାଲ ଉପରେ ଅଧିକ ଦିନ ଶିକ୍ଷା ଦିଆଯିବା ଦ୍ୱାରା ପୂର୍ବ ପାଠର ପୁନରାବୃତ୍ତି କରିପାରିବେ। ଛାତ୍ରୀଛାତ୍ର ଇଲେକ୍ଟିଭ୍ ବିଷୟ ନେବା ସହିତ ପ୍ରଥମ ବର୍ଷରୁ ପ୍ରାକ୍ଟିକାଲ କରିବେ ବୋଲି ସେ କହିଛନ୍ତି।

# ବେକାରି ସମସ୍ୟାରେ ଆଜି ବିଜେଡି, ଭାଜପାର ପ୍ରତିବାଦ

■ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ତାଲା ପକାଇବ ଭାଜପା
■ କେନ୍ଦ୍ରୀୟ ପିଏସ୍‌ୟୁ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ

ଭୁବନେଶ୍ୱର, ୪।୧୧(ବ୍ୟୁରୋ)

ବେକାରି ସମସ୍ୟାକୁ ଢାଲକରି ଉଭୟ ବିଜେଡି ଏବଂ ଭାଜପା ପରସ୍ପର ବିରୋଧରେ ରଣହୁଙ୍କାର ଡାକରା ଦେଇଛନ୍ତି। ଉଭୟ ଦଳ ଯୁବପିଢିଙ୍କ ଦୃଷ୍ଟି ଆକର୍ଷଣ ପାଇଁ ରଣନୀତି ଆପଣାଇଛନ୍ତି। ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ସୋମବାର ସମସ୍ତ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ତାଲା ପକାଇ ପ୍ରତିବାଦ କରିବାକୁ ଘୋଷଣା କରାଯାଇଛି। ସେହିପରି ବିଜୁ ଯୁବ ଜନତା ଦଳ ପକ୍ଷରୁ ମଧ୍ୟ ବେକାରି ସମସ୍ୟାକୁ ନେଇ କେନ୍ଦ୍ର ସରକାରଙ୍କ ବିରୋଧରେ ରାଜ୍ୟର ସମସ୍ତ କେନ୍ଦ୍ରୀୟ ପିଏସ୍‌ୟୁ ସମ୍ମୁଖରେ ୩ଦିନିଆ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ସୂଚନା ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ନେପାଳ କାନ୍ଧରେ...

ଭାରତରେ ବଡ଼ଧରଣର ଆକ୍ରମଣ ଘଟାଇବା ପାଇଁ ସେମାନେ ଲଗାତର ଆତଙ୍କବାଦୀଙ୍କୁ ଭେଟି ଉସୁକାଉଥିବା ଜଣାପଡ଼ିଛି। ଏହାକୁ ନେଇ ନିକଟରେ ଭାରତୀୟ ସୁରକ୍ଷା ସଂସ୍ଥାଗୁଡ଼ିକ ନିଜ ଉଚ୍ଚାୟୁକ୍ତଙ୍କ ଜରିଆରେ ପାକିସ୍ତାନ ନିକଟରେ ଅସନ୍ତୋଷ ବ୍ୟକ୍ତ କରିଥିବା ଜଣେ ଗୋଇନ୍ଦା ଅଧିକାରୀ ସୂଚନା ଦେଇଛନ୍ତି। ଶ୍ରୀନଗର ସମେତ ଜମ୍ମୁ-କଶ୍ମୀରର ଅଧିକାଂଶ ସ୍ଥାନରେ ପାକିସ୍ତାନୀ ଆତଙ୍କବାଦୀଙ୍କ ନେଟ୍‌ୱର୍କ ସକ୍ରିୟ ଥିବାବେଳେ ବାଂଲାଦେଶ ପରେ ନେପାଳକୁ ମଝିରେ ରଖି ଭାରତ ସହ ଖେଳ ଖେଳିବାକୁ ଉଦ୍ୟମ ଆରମ୍ଭ କରିଛି ପାକିସ୍ତାନ। ନେପାଳ ଭାରତର ଏକ ବନ୍ଧୁରାଷ୍ଟ୍ର ହୋଇଥିବାରୁ ନିଜ ଭୂଖଣ୍ଡରୁ ପାକିସ୍ତାନୀ ଆତଙ୍କବାଦୀଙ୍କୁ ନ ହଟାଇଲେ ଆଗକୁ ନୂଆଦିଲ୍ଲୀ-କାଠମାଣ୍ଡୁ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇପାରେ। କାରଣ ପାକିସ୍ତାନ ଏବେ ନେପାଳ କାନ୍ଧରେ ବନ୍ଧୁକ ରଖି ଭାରତୀୟ ଯବାନଙ୍କୁ ଟାର୍ଗେଟ କରିବାକୁ ଏକ ସୁବିଧାଜନକ ଉପାୟ ବୋଲି ଧରିନେଇଛି।

### ଫସିଲେ ଭୋଗରାଇର...

୫୫ଜଣ ତୀର୍ଥଯାତ୍ରୀଙ୍କୁ ନେଇ ପଶ୍ଚିମବଙ୍ଗର ଏକ ଘରୋଇ ବସ୍ ଦଶହରା ରାତିରେ ଉତ୍ତରଭାରତ ପରିଭ୍ରମଣରେ ଯାଇଥିଲା। ବଦ୍ରିନାଥ ପାହାଡ଼ ଉପରକୁ ଯାଇ ଠାକୁରଙ୍କୁ ଦର୍ଶନ କରିବାକୁ ୩୩ଜଣ ଯାତ୍ରୀ ରାଜି ହୋଇଥିଲେ। ଅନ୍ୟ ୨୨ଜଣ ପାହାଡ଼ ତଳେ ଅପେକ୍ଷା କରି ରହିଥିଲେ। ୩୩ ତୀର୍ଥଯାତ୍ରୀଙ୍କୁ ନେଇ ବସ୍ ବଦ୍ରିନାଥ ରାସ୍ତାରେ ଯାଉଥିବାବେଳେ ବରଫପାତ ହେବାରୁ ଗାଡ଼ି ସେଠାରେ ଫସି ରହିଛି। ଖବର ଲେଖା ହେବାବେଳକୁ ତୀର୍ଥଯାତ୍ରୀମାନେ ବଦ୍ରିନାଥ ପାହାଡ଼ ରାସ୍ତାର ଏକ ଆର୍ମି କ୍ୟାମ୍ପରେ ରହିଥିବା ସୂଚନା ମିଳିଛି।

ସେହିପରି ଭଞ୍ଜନଗର ଆରସିରୋଡ଼, ସୁବୁଦ୍ଧିସାହି, ବାଉଁଶଲୁଣ୍ଡି, କୁଲାଡ଼, ବେଲଗୁଣ୍ଠା ଆଦି ସ୍ଥାନର ୪୨ଜଣ ଗତ ୨୬ ତାରିଖରୁ ତୀର୍ଥ କରିବାକୁ ଯାଇଥିଲେ। ଶନିବାର ବଦ୍ରିନାଥଙ୍କ ଦର୍ଶନ ସାରିବା ପରେ ବସ୍ ଯୋଗେ କେଦାରନାଥ ଫେରୁଥିବା ବେଳେ ବାଟରେ ପ୍ରବଳ ବରଫପାତ ହୋଇଥିଲା। ଫଳରେ ଯାତ୍ରୀମାନେ ଏକ ଧର୍ମଶାଳାରେ ଆଶ୍ରୟ ନେଇଥିଲେ। ଗମନାଗମନ ବନ୍ଦ ଯୋଗୁ ସେଠାରେ ଖାଇବାକୁ ପାଇ ନ ଥିଲେ। ରବିବାର ତୀର୍ଥଯାତ୍ରୀଙ୍କ ପରିବାର ଲୋକେ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜଙ୍କୁ ଭେଟି ଉଦ୍ଧାର ପାଇଁ ନିବେଦନ କରିଥିଲେ। ଏହାପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉତ୍ତରାଖଣ୍ଡ ସରକାରଙ୍କ ସହଯୋଗ ଲୋଡ଼ାଯାଇଥିଲା। ଏଥିସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଟୁଇଟ୍ ଯୋଗେ ସହାୟତା ପାଇଁ ନିବେଦନ କରିଥିଲେ। ରବିବାର ପୂର୍ବାହ୍ନରେ ବରଫପାତ ବନ୍ଦ ହେବା ପରେ ଅପରାହ୍ନ ପ୍ରାୟ ୨ଟାରେ ସେଠାକାର ଏକ ମେଡିକାଲ ଟିମ୍ ଓ ପୋଲିସ ସହ ତୀର୍ଥଯାତ୍ରୀମାନେ ୩ ଫୁଟ ଉଚ୍ଚ ବରଫରେ ଚାଲି ଚାଲି ଆସିଥିଲେ। ୫୦୦ ମିଟର ଆସିବା ପରେ ୨ଟି ବସ୍‌ରେ ସେମାନେ ପୂର୍ବରୁ ରହୁଥିବା ହୋଟେଲକୁ ଫେରିଥିଲେ। ଏପଟେ ଉଦ୍ଧାର ଖବର ପହଞ୍ଚିବା ପରେ ପରିବାର ଲୋକେ ଖୁସି ଅନୁଭବ କରିଛନ୍ତି। ହେଲେ ୨ଜଣ ବୟସ୍କ ତୀର୍ଥଯାତ୍ରୀ ଅସୁସ୍ଥ ଅନୁଭବ କରିଥିବା ଜଣାପଡ଼ିଛି। ସେହିପରି ବେଲଗୁଣ୍ଠାର ଜଣେ ମହିଳା ବରଫରେ ଚାଲିଚାଲି ଆସୁଥିବାବେଳେ ତଳେ ପଡ଼ି ଆହତ ହୋଇଥିଲେ। ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା କରାଯିବା ପରେ ରବିବାର ସନ୍ଧ୍ୟାରେ ସେମାନେ ହୋଟେଲରେ ବିଶ୍ରାମ ନେଇଥିଲେ। ସୋମବାର ସକାଳେ ସେମାନେ କେଦାରନାଥ ଅଭିମୁଖେ ବାହାରିବେ ବୋଲି ଜଣାପଡ଼ିଛି। ତୀର୍ଥଯାତ୍ରୀ ଭାଗ୍ୟଲକ୍ଷ୍ମୀ ଚୌଧୁରୀଙ୍କ ସହ ଫୋନରେ କଥା ହେବା ସମୟରେ ସେ କହିଛନ୍ତି ଯେ, ସେଠାକାର ପ୍ରଶାସନ ରାସ୍ତା ସଫା କରି ଆମକୁ ଏବଂ ଅନ୍ୟ ଅଞ୍ଚଳର ତୀର୍ଥଯାତ୍ରୀଙ୍କୁ ଉଦ୍ଧାର କଲେ, ତାହା ଆମ ପାଇଁ ବଡ଼କଥା। କିନ୍ତୁ ଖାଇବା, ପିଇବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଏପରି କି ଜଣେ ପୋଲିସ କର୍ମଚାରୀ ଖାଇବା, ପିଇବା ଦେବା ପାଇଁ ଟଙ୍କା ମାଗିଥିଲେ। ହେଲେ ଯେଉଁଠି ଆମେ ଅଟକିଥିଲୁ ସେଠି ଜଣେ ଦୋକାନୀ ଚା, ପାଣି ଦେଇଥିଲେ। ଆମେ ହୋଟେଲକୁ ଫେରିବା ପରେ ରୋଷେଇ କରି ଖାଇଥିଲୁ ବୋଲି ଭାଗ୍ୟଲକ୍ଷ୍ମୀ କହିଛନ୍ତି।

### ଚାଷୀ ଆନ୍ଦୋଳନ...

ପ୍ରତ୍ୟାହାର କରାଯିବ ବୋଲି ଅକ୍ଷୟ କହିଛନ୍ତି। ଆଲୋଚନା ପରେ ମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି, ଆମେ ଆନ୍ଦୋଳନ ସ୍ଥଗିତ ପାଇଁ ଚାଷୀଙ୍କୁ ପ୍ରସ୍ତାବ ଦେଇଛୁ। ସଙ୍ଗଠନ ପକ୍ଷରୁ ଆସି ମନ୍ତ୍ରୀସ୍ତରୀୟ କମିଟି ସହ ଆଲୋଚନା କରନ୍ତୁ। ପୂର୍ବରୁ ଚାଷୀଙ୍କ ପାଇଁ ରାଜ୍ୟ ସରକାର ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି। ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପାଇଁ ମଧ୍ୟ କେନ୍ଦ୍ର ସରକାର ସହ ବହୁବାର ଆଲୋଚନା କରିଛନ୍ତି। ଏବେ ସଙ୍ଗଠନ ସଦସ୍ୟମାନେ ଆନ୍ଦୋଳନ ପ୍ରତ୍ୟାହୃତ କରି ମନ୍ତ୍ରୀସ୍ତରୀୟ କମିଟି ନିକଟରେ ନିଜ ଦାବି ସମ୍ପର୍କରେ ମତ ରଖନ୍ତୁ। ସେମାନେ ଚାଷୀଙ୍କ ପାଇଁ ଯେଉଁ ଭତ୍ତା ଘୋଷଣା କରିବାକୁ କହୁଛନ୍ତି ସେଥିପାଇଁ ଅଧ୍ୟାଦେଶ ଜାରି କରାଯାଇପାରିବ ନାହିଁ। ଏନେଇ କ୍ୟାବିନେଟ୍ ମଞ୍ଜୁରୀ ଆବଶ୍ୟକ। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରିବାପରେ ନିଷ୍ପତ୍ତି ନିଆଯିବ ବୋଲି ଶଶିଭୂଷଣ କହିଛନ୍ତି।

ସୂଚନାଯୋଗ୍ୟ ଯେ, ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଖୋର୍ଦ୍ଧା ଜିଲାର ବାଲୁଗାଁ ଏବଂ ଯାଜପୁର ଜିଲାର କୁଆଖିଆରୁ ୫୦ହଜାର ଲେଖାଏ ଚାଷୀ ପଦଯାତ୍ରାରେ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ନଭେମ୍ବର ୫ରେ ଲୋୟର ପିଏମ୍‌ଜିଠାରେ ୨ଲକ୍ଷ ଚାଷୀଙ୍କୁ ନେଇ ଏକ ମହାସମାବେଶ ହେବାର କାର୍ଯ୍ୟକ୍ରମ କରାଯିବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ମାତ୍ର ରାଜ୍ୟ ସରକାର ଏଥିପାଇଁ ଅନୁମତି ନ ଦେବା ସତ୍ତ୍ୱେ ଚାଷୀମାନେ ଭୁବନେଶ୍ୱର ନିକଟରେ ପହଞ୍ଚିଛନ୍ତି। ତେବେ ଖୋର୍ଦ୍ଧା ଆଡୁ ଆସିଥିବା ଚାଷୀଙ୍କୁ ତମାଣ୍ଡୋଠାରେ ପୋଲିସ ଅଟକାଇ ସ୍ଥାନୀୟ ଷ୍ଟାଡିୟମ ପରିସରରେ ରଖିଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ସେହିପରି କଟକ ଆଡୁ ଆସୁଥିବା ଚାଷୀମାନଙ୍କୁ ପୋଲିସ ହଂସପାଳ ଛକଠାରେ ଅଟକାଇ ରଖିଛି। ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏହି ପଦଯାତ୍ରାରେ ସାମିଲ ହୋଇଛନ୍ତି।

ଅନ୍ୟପଟେ ଖୋର୍ଦ୍ଧା ଆଡୁ ରାଲିରେ ଆସୁଥିବା ୪ହଜାର ଚାଷୀଙ୍କୁ ତମାଣ୍ଡୋଠାରେ ଅଟକ ରଖାଯାଇଛି। କଟକ ଆଡୁ ଆସୁଥିବା ୪ହଜାର ଚାଷୀଙ୍କୁ ହଂସପାଳ ନିକଟରେ ଅଟକ ରଖାଯାଇଛି। ତମାଣ୍ଡୋରେ ୮ପ୍ଲାଟୁନ ପୋଲିସ ଫୋର୍ସ ସେମାନଙ୍କୁ ଜଗି ରହିଛନ୍ତି। ନହରକଣ୍ଟାଠାରେ ୨୨ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଅଛନ୍ତି। ଏପରି କି ସହର ମଧ୍ୟରେ ପୋଲିସ ୧୪୪ଧାରା ଜାରି କରିଛି। ପୋଲିସ କମିଶନର ସତ୍ୟଜିତ ମହାନ୍ତି ଏବଂ ଡିସିପି ଅନୁପ ସାହୁ ଘଟଣାସ୍ଥଳକୁ ଯାଇ ଚାଷୀମାନଙ୍କୁ ବୁଝାଶୁଝା କରିଛନ୍ତି। ଘଟଣା ଉପରେ କଡ଼ା ନଜର ରଖାଯାଇଛି। ଆନ୍ଦୋଳନକାରୀ ଚାଷୀ ସହର ଭିତରକୁ ଯିବାକୁ ଅନୁମତି ଦିଆଯାଇ ନାହିଁ। ଯଦି କେହି ସହର ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରନ୍ତି ସେମାନଙ୍କୁ ଗିରଫ କରାଯିବ ବୋଲି କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି।

## କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଜିଏସ୍‌ଟି କ୍ଷତିପୂରଣ ବାବଦରେ ମୋଟ୍ ୪୧,୧୪୭ କୋଟି ଟଙ୍କା ପ୍ରଦାନ କରିଛନ୍ତି। – **ଅର୍ଥ ମନ୍ତ୍ରଣାଳୟ**



## ମନେ ପଡ଼ନ୍ତି

### ଶ୍ରାଦ୍ଧ ଉପଲକ୍ଷେ



**ସ୍ୱର୍ଗତା ପାର୍ବତୀ ରଥ**
ସ୍ୱାମୀ ସ୍ୱର୍ଗତ ଶ୍ରୀଧର ରଥ
ବୀରରାମଚନ୍ଦ୍ରପୁର, ପୁରୀ
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ।
ପୁତ୍ର-କାଶୀନାଥ ରଥ।
ଧ-୯୨୪୯

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



ଽ ଡା. ଗୋକୁଳାନନ୍ଦ ପଟ୍ଟନାୟକ
ପଳାଶପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ : ୦୬.୦୮.୧୯୪୧
ତିରୋଧାନ : ୧୭.୧୦.୨୦୧୭
(କାର୍ତ୍ତିକ ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ)
ଆପଣଙ୍କର ଆଦର୍ଶ, ତ୍ୟାଗ, ସ୍ନେହ, ଶ୍ରଦ୍ଧା, ଅଯାଚିତ ଓ ଅକୁଣ୍ଠିତ ରୋଗୀ ସେବା ପ୍ରବୃତ୍ତି ଆମକୁ ସଦାସର୍ବଦା ପ୍ରେରଣା ଦେଉଥାଉ। ଆପଣଙ୍କର ଅମର ଆତ୍ମା ସଦ୍‌ଗତି ଲାଭ କରୁ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା।
ଶୋକସନ୍ତପ୍ତ - ପରିବାରବର୍ଗ ଓ ବନ୍ଧୁବର୍ଗ
ଧ-୬୪୭୩୯


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ପ୍ରତ୍ୟେକ କାମଗୁଡିକ ଟିକିଏ ବିଳମ୍ବ ଓ ଝମେଲା ମଧ୍ୟରେ ସମ୍ପନ୍ନ ହେବ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ଦୂରଯାତ୍ରା କରିବାର ସୁଯୋଗ ପାଇବେ।

**ବୃଷ**

ବିଭିନ୍ନ ପ୍ରକାର ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ତଥା ଲେଖାପଢ଼ା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁମାନଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ଓ ପ୍ରେମାନୁରାଗୀ ହୋଇପାରନ୍ତି। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ ହଜି ଯିବାର ସମ୍ଭାବନା ରହିଛି।

**ମିଥୁନ**

ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଦ୍ୱନ୍ଦ୍ୱରେ ପଡି ବନ୍ଧୁମାନଙ୍କର କଥାକୁ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ କର୍ମମୁଖର ହେବେ। କଳା, ସାହିତ୍ୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ**

ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିବେ। ଜଣେ ବନ୍ଧୁଙ୍କ ଦ୍ୱାରା ପାରିବାରିକ କଳହର ସମାଧାନ ହୋଇପାରେ।

**ସିଂହ**

ପ୍ରତ୍ୟେକ ପ୍ରକାରର ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଅଫିସ୍‌ରେ ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି। ମାଲିମକଦ୍ଦମା, ରଚନାତ୍ମକ କାର୍ଯ୍ୟ, ଯାତ୍ରା, ଗବେଷଣା ତଥା ପରିବହନରେ ଲାଭବାନ ହେବେ। ବହୁ ବିଳମ୍ବରେ ହାତକୁ ନେଇଥିବା କାର୍ଯ୍ୟ ହାସଲରେ ସମର୍ଥ ହେବେ।

**କନ୍ୟା**

ଯାତ୍ରା କାଳରେ କୌଣସି ଖଳ ଲୋକମାନଙ୍କ କଥାରେ ପଡି ଭୁଲ୍ ମାର୍ଗର ଅନୁସରଣ କରି ହଇରାଣ ହେବାକୁ ପଡିପାରେ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ମାଲି ମକଦ୍ଦମା, ସଭା ସମିତି, ସଙ୍ଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ। କଚେରି ମାମଲାରେ ବିଜୟପ୍ରାପ୍ତି ଯୋଗ ରହିଛି।

**ତୁଳା**

ବିରକ୍ତି ପ୍ରକାଶ କରିବା କାରଣରୁ କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହଯୋଗ ପାଇବେ ନାହିଁ। ଆତ୍ମୀୟମାନଙ୍କ ସହାୟତାରେ ସାମାଜିକ କାମରେ ପ୍ରେରଣା ମିଳିବ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଧାତୁ ଅଳଙ୍କାରାଦି କ୍ରୟ କରିବାର ଯୋଗ ରହିଛି।

**ବିଛା**

ଦୀର୍ଘଦିନର ଅଭିଳାଷ ପୂରଣ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। କଳା, ସାହିତ୍ୟ, ପ୍ରକାଶନ, ରାଜନୀତି, ସଙ୍ଗଠନ ଓ କ୍ରୀଡା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ**

ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସମ୍ମୁଖରେ ପ୍ରିୟ କଥା କହି ଭୁଲ୍ ବୁଝାମଣା ହେତୁକ ସମସ୍ୟାକୁ ସୁଧାରି ନେବେ। ପାଖ ପଡୋଶୀମାନେ କିମ୍ବା ଈର୍ଷାପରାୟଣ ବ୍ୟକ୍ତିମାନେ ପରୋକ୍ଷ ଶତ୍ରୁତା କରିପାରନ୍ତି। ଆଜି ଦିନଟିରେ ଯାନ ବାହନରେ ସତର୍କତା ରକ୍ଷା କରନ୍ତୁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଉନ୍ନତି କରିବେ।

**ମକର**

ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ ନ କଲେ ଆକସ୍ମିକ ଭାବେ କଳହର ସମ୍ମୁଖୀନ ହୋଇ ପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଓ ଅଭିଳଷିତ ଜିନିଷ ପାଇବେ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପ୍ରକୃତ ଘଟଣା ନ ବୁଝି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ପ୍ରକାଶନ, ରପ୍ତାନି କାରବାର ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ**

ବହୁତ ଦିନ ହେଲା ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ ବନ୍ଧୁଙ୍କ ମାଧ୍ୟମରେ ତାହା ଅତି ସୁବିଧାରେ ପାଇଯିବେ। ବନ୍ଧୁମାନଙ୍କ ସହ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ପରୋକ୍ଷ ଶତ୍ରୁତା ଲାଗି ରହିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କରିବା ଭଲ ହେବ। ଆଜିର ଯାତ୍ରା ଅବଶ୍ୟ ସଫଳ ହେବ।

**ମୀନ**

ବନ୍ଧୁମାନଙ୍କ ସହାୟତାରେ ଅର୍ଥ ଓ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ। ଆଲୋଚନା ପରିସରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିହେତୁ ମନରେ ସରସତା ରହିବ ନାହିଁ। ସାହିତ୍ୟ, ସଙ୍ଗୀତ, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ସୋମବାର, ଧନ୍ୱନ୍ତରୀ ଜୟନ୍ତୀ, ଧନ-ତେରସ୍, (ଲକ୍ଷ୍ମୀପୂଜା), ଯମଦୀପ ଦାନ, ନଭେମ୍ବର ୫ ତାରିଖ, ରାଶି ନକ୍ଷତ୍ର-ହସ୍ତା/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୨୨ମି. ମଧ୍ୟେ ଘ୧।୨୦ମି. ଗତେ, ଘ୨।୪୪ମି. ମଧ୍ୟେ ଘ୪।୨୭ମି. ଗତେ, ଘ୫।୦୬ମି. ମଧ୍ୟେ ଅମୃତ ବେଳା। ଦିବା ଘ୮।୪୫ମି. ଗତେ ଘ୧୦।୧୦ମି. ମଧ୍ୟେ, ଘ୧।୩୪ମି. ଗତେ ଘ୧।୦୮ମି. ମଧ୍ୟେ, ଘ୨।୩୧ମି. ଗତେ ଘ୩।୫୫ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୭।୧୭ମି. ଗତେ ଘ୮।୪୧ମି. ମଧ୍ୟେ ରାହୁକାଳ।



ମାଓବାଦୀଙ୍କୁ ବିପ୍ଳବୀ କହି କଂଗ୍ରେସର ବରିଷ୍ଠ ନେତା ହରଡ଼ଘଣାରେ ପଡ଼ିଛନ୍ତି। ଏକ ବୈଠକରେ ରବିବାର ଉତ୍ତରପ୍ରଦେଶ କଂଗ୍ରେସ କମିଟି ସଭାପତି ରାଜ ବବର ନିଜ ଅଧିକାର ପାଇଁ ଛତିଶଗଡ଼ରେ ମାଓବାଦୀମାନେ ଲଢ଼େଇ କରୁଥିବା କହିଛନ୍ତି। ନିଜ ଅଧିକାର ପାଇଁ ଲଢୁଥିବା ବ୍ୟକ୍ତିଙ୍କୁ ବିପ୍ଳବୀ କୁହାଯାଇଥାଏ ବୋଲି ସେ କହିଛନ୍ତି। ରାଜ ବବରଙ୍କ ଏଭଳି ମନ୍ତବ୍ୟ କଂଗ୍ରେସ ପାଇଁ ଏକ ସମସ୍ୟା ସୃଷ୍ଟି କରିଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

## ସଂକ୍ଷେପରେ

### ପୁଣି ଶ୍ରୀମନ୍ଦିର ଫଟୋ ଭାଇରାଲ

**ପୁରୀ ଅଫିସ,୪।୧୧:** ପୁଣି ସୋସିଆଲ ମିଡିଆରେ ଭାଇରାଲ ହୋଇଛି ଶ୍ରୀମନ୍ଦିରର ବେଢ଼ା ଭିତର ଫଟୋ। ବେଙ୍ଗାଲୁରୁର ମେଘା ଲୁଥ୍ରା ନାମ୍ନୀ ଜଣେ ମହିଳାଙ୍କ ଫେସ୍‌ବୁକ ଆକାଉଣ୍ଟରେ ରହିଥିବା ଏହି ଫଟୋ ଶ୍ରୀମନ୍ଦିର ଭିତର ସାତ ପାହଚ ନିକଟରେ ଉଠାଯାଇଥିବା ଜଣାପଡୁଛି। ଗତ ୩ ତାରିଖରେ ଲୁଥ୍ରାଙ୍କ ଫେସ୍‌ବୁକ ପେଜ୍‌ରେ ଏହା ପୋଷ୍ଟ ହୋଇଛି। ଲୁଥ୍ରା ଇଣ୍ଡିଗୋ ଏୟାର ଲାଇନ୍ସ କ୍ୟାବିନ କ୍ରୁ ଭାବେ କାର୍ଯ୍ୟ କରୁଥିବା ତାଙ୍କ ପୋଷ୍ଟରେ ଉଲ୍ଲେଖ ରହିଛି। ତେବେ ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ କଟକଣା ରହିଥିବା ସତ୍ତ୍ୱେ ଲୁଥ୍ରା କିଭଳି ଏହି ଫଟୋ ଉଠାଇ ପୋଷ୍ଟ କଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଭିତର ଫଟୋ ବାରମ୍ବାର ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି। ଏହାଦ୍ୱାରା ଶ୍ରୀମନ୍ଦିର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେଉଥିଲେ ମଧ୍ୟ ଏହାକୁ ରୋକିବା ଦିଗରେ କାହାର ଆନ୍ତରିକତା ନ ଥିବା ମନେ ହେଉଛି। ପୂର୍ବରୁ ବହୁବାର ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଛି। ଏପରି କି ଗର୍ଭଗୃହର ଫଟୋ ମଧ୍ୟ ବାହାରେ ବୁଲୁଛି। ଗତମାସ ୮ ତାରିଖରେ ପୁରୀ ସମୁଦ୍ରକୂଳ ଥାନାର ଜଣେ ଏଏସ୍‌ଆଇ ବାଇଶିପାହାଚରେ ଶ୍ରାଦ୍ଧ ଦେବା ବେଳର ଫଟୋ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ଏହା ଜଣାପଡିବା ପରେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ପୁରୀ ଏସ୍‌ପି ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିଲେ।

## ବରଗଡ଼ ବାଘ ମୃତ୍ୟୁ ଘଟଣାର ପର୍ଦ୍ଦାଫାଶ

# କଲରାପତରିଆ ନୁହେଁ, ମହାବଳ

**ଭୁବନେଶ୍ୱର(ବ୍ୟୁରୋ)/ବରଗଡ଼ ଅଫିସ୍, ୪।୧୧**

ବରଗଡ଼ ଜିଲା ଭଟଲି ବ୍ଲକ ଖଜୁରିଆ ଗ୍ରାମ ନିକଟ ଦାମୋଦରପଡ଼ା ଜଙ୍ଗଲରେ ଯେଉଁ ବାଘଟି ମରିଥିଲା ତାହା କଲରାପତରିଆ ନ ଥିଲା। ସେଇଟି ଏକ ମହାବଳ ଥିଲା। ଜଙ୍ଗଲ ଓ ପରିବେଶ ବିଭାଗ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏହା ସ୍ୱୀକାର କରିଛନ୍ତି। ଫଳରେ ବାଘ ମୃତ୍ୟୁ ଘଟଣାରୁ ପରଦା ହଟିବା ସହ କଲରାପତରିଆ ବାଘ ମରିଛି ବୋଲି ବନ ବିଭାଗ ଯେଉଁ ଭୁଲ ତଥ୍ୟ ଦେଇଥିଲା ତାହାର ମଧ୍ୟ ପର୍ଦ୍ଦାଫାଶ ହୋଇଛି।

ଶନିବାର ଦାମୋଦରପଡ଼ା ଜଙ୍ଗଲରୁ ଏକ ବାଘର ପଞ୍ଝା, ନିଶ ଏବଂ ନଖ ମିଳିଥିଲା। ଏହି ଘଟଣାରେ ବନ ବିଭାଗ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଭଟଲି ଥାନା ଖଜୁରିଆ ଗ୍ରାମର ସତ୍ୟବାନ ସାହୁ, ସୁଶୀଳ ଭୁଏ, ଗୌରୀ ମିର୍ଦ୍ଧା ଏବଂ ଜେକ୍ରିଆ ଟିଡୁ। ସେମାନେ ଗିରଫ ହେବା ପରେ ମୃତ ବାଘର ପ୍ରଜାତିକୁ ଲୁଚାଇବା ନେଇ ବନ ବିଭାଗ ଚଳାଇଥିବା ଅପଚେଷ୍ଟାର ଗୁମର ଫିଟିଛି। ମୃତ ବାଘଟି ମହାବଳ ଥିଲା ବୋଲି ଅଭିଯୁକ୍ତମାନେ ମାନିଛନ୍ତି। ବିଦ୍ୟୁତ ତାର ଯନ୍ତାରେ ବାଘକୁ ଶିକାର କରାଯାଇଥିବା ବନ ବିଭାଗ ତଦନ୍ତରୁ ଜଣାପଡ଼ିଛି। ବାରହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବାଘଟି ମୃତ୍ୟୁମୁଖରେ ପଡ଼ିଥିବା ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି ବୋଲି ବରଗଡ଼ ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳେଇ କହିଛନ୍ତି। ଏହି ଘଟଣାରେ ଜଣେ ଫରେଷ୍ଟ ଗାର୍ଡ ଏବଂ ଅନ୍ୟ ଜଣେ ଫରେଷ୍ଟରଙ୍କୁ ନିଲମ୍ବନ କରାଯାଇଛି।

> **ଧରାପଡ଼ିଲା ସତ**
> - ବିଦ୍ୟୁତ୍ ତାର ବିଛାଇ ଶିକାର କରାଯାଇଥିଲା
> - ୨ ବନ କର୍ମଚାରୀ ନିଲମ୍ବିତ
> - ପହଞ୍ଚିଲା କ୍ରାଇମବ୍ରାଞ୍ଚ ଟିମ୍, ଏନ୍‌ଟିସିଏ

ଅଭିଯୁକ୍ତମାନଙ୍କ ବୟାନ ମୁତାବକ, ଗତ ଅକ୍ଟୋବର ୧୩ତାରିଖ ରାତି ପ୍ରାୟ ୮ଟାରେ ସେମାନେ ଘଟଣାସ୍ଥଳ ନିକଟ କୁଇବାହାଲ ଗ୍ରାମର ଏକ ଚାଷଜମିରୁ ଦେବ୍ରିଗଡ଼ ଅଭୟାରଣ୍ୟ ପଟକୁ ଯାଇଥିବା ୧୧କେଭି ବିଦ୍ୟୁତ୍ ତାରରୁ ସଂଯୋଗ କରି ଜିଆଇ ତାର ବିଛାଇଥିଲେ। ପରଦିନ ଭୋର ୪ଟାରେ ସେଠାରେ ଏକ ମହାବଳ ବାଘ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ଏହାପରେ ମୃତ ବାଘର ପଞ୍ଝା, ନିଶ, ଦାନ୍ତ ଆଦି କାଢ଼ି ନେଇ ମୃତଦେହକୁ ଭାରରେ ବୋହି ଆଣି କିଛି ଦୂରରେ ପୋତିଦେଇଥିଲେ। ଘଟଣାସ୍ଥଳରୁ ପୂର୍ବରୁ ୪ଟି ବାଘଦାନ୍ତ, ରକ୍ତଭିଜା ଭାର ଜବତ୍ ହୋଇଥିବାବେଳେ ଗିରଫ ପରେ ଅଭିଯୁକ୍ତଙ୍କ ପାଖରୁ ପଞ୍ଝା, ୭ଟି ବାଘନିଶ ଜବତ ହୋଇଛି।

ଡିଏଫ୍‌ଓ କହିଛନ୍ତି, ଅଭିଯୁକ୍ତଙ୍କ ବୟାନ ଓ ଜବତ ଅଂଶବିଶେଷରୁ ମୃତବାଘଟି ମହାବଳ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ଅଭିଯୁକ୍ତଙ୍କୁ ୨ଟି ବାଘର ଫଟୋ ଦେଖାଯାଇଥିଲା ଏବଂ ସେମାନେ ସେଥିରୁ ମହାବଳ ବାଘର ଫଟୋକୁ ଦେଖାଇ ସେହି ପ୍ରଜାତିର ବାଘକୁ ମାରିଥିବା କହିଥିଲେ। ମାତ୍ର ମୃତ ବାଘଟି କେଉଁ ପ୍ରଜାତିର ଥିଲା, ତାହାକୁ ୱାଇଲ୍ଡଲାଇଫ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆ(ଡବ୍ଲୁଆଇଆଇ), ଡେରାଡୁନ ଏବଂ ନ୍ୟାଶନାଲ ସେଣ୍ଟର ଫର୍ ବାୟୋଲୋଜିକାଲ ସାଇନ୍ସେସ୍(ଏନ୍‌ସିବିଏସ୍) ସ୍ପଷ୍ଟ କରିବ ବୋଲି ସେ କହିଛନ୍ତି।

ଅନ୍ୟପଟେ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ନାଗପୁରର ଆସିଷ୍ଟାଣ୍ଟ ଇନ୍ସପେକ୍ଟର ଜେନେରାଲ ଅଫ୍ ଫରେଷ୍ଟ ହେମନ୍ତ କାମ୍‌ଡି ରବିବାର ଓଡ଼ିଶାରେ ପହଞ୍ଚିଛନ୍ତି। ଓଡ଼ିଶା କ୍ରାଇମବ୍ରାଞ୍ଚର ଏକ ଟିମ୍ ମଧ୍ୟ ତଦନ୍ତ ପାଇଁ ରବିବାର ସନ୍ଧ୍ୟାରେ ବରଗଡ଼ରେ ପହଞ୍ଚିଛି। ସୂଚନାଯୋଗ୍ୟ, ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଗତ ରବିବାର ବାଘ ଶିକାର ସମ୍ପର୍କରେ ଗୁପ୍ତ ଖବର ପାଇ ଘଟଣାସ୍ଥଳକୁ ଯିବା ପରେ ଏହା ଲୋକଲୋଚନକୁ ଆସିଥିଲା। ବରଗଡ଼ ଡିଏଫ୍‌ଓ ଏବଂ ଆର୍‌ସିସିଏଫ୍ ଯେଉଁଭଳି ଅପରାଧ କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ ବୋଲି ଶୁଭେନ୍ଦୁ କହିଛନ୍ତି।

**ବନ ବିଭାଗ ଭୂମିକାକୁ ନେଇ ଚର୍ଚ୍ଚା**

ବିଭାଗୀୟ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ମୃତ ବାଘଟି କଲରାପତରିଆ ବୋଲି କହିଥିଲେ। କାରଣ ସ୍ଥାନୀୟ ବନ ବିଭାଗ ମନ୍ତ୍ରୀଙ୍କୁ ଯାହା ରିପୋର୍ଟ ଦେଇଥିଲା ସେ ଗଣମାଧ୍ୟମକୁ ତାହା କହିଥିଲେ। ତେବେ ଏଠାରେ ବନ ବିଭାଗର ଭୂମିକାକୁ ନେଇ ନାନା ଆଲୋଚନା ହେଉଛି। ପୂର୍ବରୁ ଚୁପ୍ ରହୁଥିବା ସ୍ଥାନୀୟ ବନ ବିଭାଗ ବିନା ତଦନ୍ତରେ କିପରି ମୃତ ବାଘକୁ କଲରାପତରିଆ ବୋଲି କହିଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ବନ ବିଭାଗ କର୍ମଚାରୀ ଓ ଅଧିକାରୀମାନେ ନିଜ ତ୍ରୁଟିକୁ ଲୁଚାଇବା ପାଇଁ ଅପଚେଷ୍ଟା କରିଥିଲେ। କିନ୍ତୁ ଯେତେବେଳେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦିଆଗଲା ସେତେବେଳେ ସେମାନେ ଫଶିଯିବା ଭୟ ଘାରିଲା। ହାତୀ ମୃତ୍ୟୁ ଘଟଣାରେ କ୍ରାଇମବ୍ରାଞ୍ଚ ୩ ଜଣଙ୍କୁ ଗିରଫ କରିବା ପରେ ବାଘ ମୃତ୍ୟୁ ଘଟଣାରେ ବି ଅନୁରୂପ ବିପଦ ଆସିବ ବୋଲି ଆଶଙ୍କା କରାଯାଇଥିଲା। ସେପଟେ ଏନଟିସିଏ ଏବଂ ଡବ୍ଲୁଆଇଆଇ ମଧ୍ୟ ହସ୍ତକ୍ଷେପ କରିଥିଲା। ତେଣୁ ବନ ବିଭାଗ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କଲା ବୋଲି ବିଶେଷଜ୍ଞମାନେ କହିଛନ୍ତି।

## ଖସିଗଲା ସୁନ୍ଦରୀ, ଟ୍ରାଙ୍କୁଲାଇଜିଂ ବିଫଳ

**ବନ୍ତଲା, ୪।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ଆତଙ୍କ ସୃଷ୍ଟି କରିଥିବା ବାନ୍ଧବଗଡ଼ର ବାଘୁଣୀ 'ସୁନ୍ଦରୀ'କୁ ହାତୀ ସହାୟତାରେ ଟ୍ରାଙ୍କୁଲାଇଜିଂ ଉଦ୍ୟମ ବିଫଳ ହୋଇଛି। ରବିବାର ସକାଳେ ମକ୍ଡ୍ରିଲ ପରେ ବାଘୁଣୀକୁ ଠାବ କରାଯାଇ ଟ୍ରାଙ୍କୁଲାଇଜିଂ ଉଦ୍ୟମ ବେଳେ ଏହା ଖସିଯାଇଥିବା ସାତକୋଶିଆ ଡିଏଫ୍‌ଓ ରାମସ୍ୱାମୀ ପି. ପ୍ରକାଶ କରିଛନ୍ତି। ଶନିବାର ଭୋର ୪ ଟାରେ ପୁରୁଣାକୋଟ ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚିଥିଲା ଚନ୍ଦକା ଅଭୟାରଣ୍ୟର କୁମ୍‌କି ହାତୀ 'ଯଶୋଦା'। ରବିବାର ସକାଳ ୫ ଟାରେ ଟ୍ରାଙ୍କୁଲାଇଜିଂ ପାଇଁ ମକ୍ଡ୍ରିଲ କରାଯାଇଥିଲା। ପରେ ଟିକରପଡ଼ା ରେଞ୍ଜ ମଝିପଡା ରିଜର୍ଭ ଜଙ୍ଗଲ କଦଳୀ ଖୋଲା ଗେମ ଟ୍ୟାଙ୍କ ପଞ୍ଜାବି ରୋଡ଼ଠାରେ ବାଘୁଣୀକୁ ଠାବ କରାଯାଇ ସେଠାକୁ ଯଶୋଦାକୁ ନିଆ ଯାଇଥିଲା। ଭାରତୀୟ ବନ୍ୟ ପ୍ରାଣୀ ସଂସ୍ଥାନ ଡେରାଡୁନର ବିଶେଷଜ୍ଞ ଡ. କେ ରମେଶ ସାତକୋଶିଆରେ ପହଞ୍ଚିବା ପରେ ତାଙ୍କ ନିର୍ଦ୍ଦେଶରେ ଉଦ୍ୟମ ଆରମ୍ଭ ହୋଇଥିଲା। ଅପରାହ୍ନ ପ୍ରାୟ ସାଢ଼େ ୧୨ଟାରେ ଯଶୋଦା ସୁନ୍ଦରୀ ପାଖରେ ପହଞ୍ଚିଥିଲା। ମାହୁନ୍ତଙ୍କ ସହ ସାତକୋଶିଆ ଡାକ୍ତର କିଶୋର କୁମାର ସାହୁ ଟ୍ରାଙ୍କୁଲାଇଜ କରିବା ପାଇଁ ଯାଇଥିଲେ। ହେଲେ ଏହି ଉଦ୍ୟମ ମଧ୍ୟ ବିଫଳ ହୋଇଥିବା ଜଣାପଡ଼ିଛି। ଉକ୍ତ ସ୍ଥାନରେ ଡବ୍ଲ୍ୟୁଆଇଆଇ ଟିମ୍‌ର ଡ. ସ୍ୱରୂପ ସାହୁ, ନନ୍ଦନକାନନ ଡାକ୍ତର ଶରତ ସାହୁ, ବାନ୍ଧବଗଡ଼ ଓ ପେଞ୍ଚ ବ୍ୟାଘ୍ର ପ୍ରକଳ୍ପର ବିଶେଷଜ୍ଞ ଡ. ସନ୍ଦୀପ ଅଗ୍ରୱାଲ ଓ ଅଖିଳେଶ ମିଶ୍ର, ସାତକୋଶିଆ ଡିଏଫ୍‌ଓ, ଏସିଏଫ ଶୁଭେନ୍ଦୁ ବେହେରା, ସରୋଜ କୁମାର ପଣ୍ଡା, ଏସ୍. କେ. ସ୍ୱାଇଁ, ପୁରୁଣାକୋଟ ରେଞ୍ଜର ଗଜେନ୍ଦ୍ର ବେହେରା, ଟିକରପଡା ରେଞ୍ଜର ଜୟନ୍ତ ପଟ୍ଟନାୟକଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ବନ କର୍ମଚାରୀ ଉପସ୍ଥିତ ଥିଲେ।






## 'କାଦମ୍ବିନୀ ସାରସ୍ୱତ ସମ୍ମାନ-୨୦୧୯' ନିମନ୍ତେ ପୁସ୍ତକ ଆହ୍ୱାନ

ଓଡ଼ିଶାର ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ପାଇଁ ସମର୍ପିତ ପ୍ରତିଷ୍ଠିତ ତଥା ବହୁଳ ପ୍ରସାରିତ ସର୍ବପ୍ରଥମ ଫିଚରଧର୍ମୀ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ' ପକ୍ଷରୁ **'କାଦମ୍ବିନୀ ସାରସ୍ୱତ ସମ୍ମାନ'** ନିମନ୍ତେ ପୁସ୍ତକ ଆହ୍ୱାନ କରାଯାଉଛି। ସାରସ୍ୱତ ସ୍ରଷ୍ଟାମାନଙ୍କୁ ଅନୁରୋଧ, ସେମାନେ ତାଙ୍କର ୨୦୧୬, ୨୦୧୭ ଓ ୨୦୧୮ ମସିହାରେ ପ୍ରକାଶିତ ପୁସ୍ତକର ପ୍ରଥମ ସଂସ୍କରଣର ତିନିକିତା ସହ ନିଜ ସଂପର୍କରେ ଅନ୍ୟାନ୍ୟ ସମସ୍ତ ବିବରଣୀ ନଭେମ୍ବର ୧୫ ତାରିଖ ସୁଦ୍ଧା ପ୍ରେରଣ କରି ଆବେଦନ କରିପାରିବେ। ଏହି ସମ୍ମାନ ସଂପର୍କିତ ଆମ ବିଚାରକମଣ୍ଡଳୀଙ୍କ ନିର୍ଣ୍ଣୟ ହିଁ ଶେଷ ନିଷ୍ପତ୍ତି। ଏ ସଂପର୍କରେ ସପୂର୍ଣ୍ଣ ତଥ୍ୟ ଜାଣିବା ପାଇଁ **'କାଦମ୍ବିନୀ'**ର ଅକ୍ଟୋବର ଓ ନଭେମ୍ବର ୨୦୧୮ ସଂଖ୍ୟା ସମେତ ଏହାର ୱେବ୍‌ସାଇଟ୍ www.kadambini.org ଦେଖି ପାରିବେ।

**ଆମ ଠିକଣା:** କାଦମ୍ବିନୀ ଭିଲ୍ଲା, ୪୨୧/୨୩୫୮, ପଦ୍ମାବତୀ ବିହାର, ଶୈଳଶ୍ରୀ ବିହାର, ଭୁବନେଶ୍ୱର- ୭୫୧୦୨୧ ଦୂରଭାଷ: ୦୬୭୪-୨୭୪୦୫୧୯ /୨୭୪୧୨୬୦, ମୋ: ୭୦୭୭୭୦୪୧୧୯
E-mail: kadambini.odia@gmail.com
Website: www.kadambini.org

---

ଓଡ଼ିଶା ଆମ ଗୌରବ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ
**ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ** ପକ୍ଷରୁ
ମା' ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି, ପ୍ରତାପ ନଗରୀ, କଟକର ସହଯୋଗରେ

## ରାଜ୍ୟସ୍ତରୀୟ ସଂକୀର୍ତ୍ତନ ଉତ୍ସବ

**ତା. ୫ ଓ ୬ ରିଖ, ନଭେମ୍ବର, ୨୦୧୮**

**ସ୍ଥାନ : ମା' ଧାକୁଲେଇ ପୀଠ, ପ୍ରତାପ ନଗରୀ, କଟକ**

**୦୫.୧୧.୨୦୧୮**

ମୁଖ୍ୟ ଅତିଥି : **ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା**
ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

ବିଶିଷ୍ଟ ଅତିଥି : **ଶ୍ରୀଯୁକ୍ତ ଚନ୍ଦ୍ର ସାରଥି ବେହେରା**
ମାନ୍ୟବର ମନ୍ତ୍ରୀ, କ୍ରୀଡା ଓ ଯୁବବ୍ୟାପାର, ସୂଚନା ଓ ପ୍ରଯୁକ୍ତି ବିଭାଗ, ଓଡ଼ିଶା

ସମ୍ମାନନୀୟ ଅତିଥି : **ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ**
ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

**ଡ. ରାମକୃଷ୍ଣ ସାହୁ,** ସ୍ୱତନ୍ତ୍ର ଶାସନ ସଚିବ,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ଓ ସଭାପତି, ଓଡ଼ିଶା ସଂଗୀତ ନାଟକ ଏକାଡେମୀ, ଭୁବନେଶ୍ୱର

**ଶ୍ରୀଯୁକ୍ତ ବନମାଳୀ ଦାସ**
ସଂପାଦକ, ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘ, କଟକ ଜିଲ୍ଲା ଶାଖା

**୦୬.୧୧.୨୦୧୮**

ମୁଖ୍ୟ ଅତିଥି : **ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ**
ମାନ୍ୟବର ଲୋକସଭା ସାଂସଦ, କଟକ

ସମ୍ମାନନୀୟ ଅତିଥି : **ଶ୍ରୀମତୀ ମିନାକ୍ଷୀ ବେହେରା**
ନଗରପାଳ, କଟକ ମହାନଗର ନିଗମ, କଟକ

**ଶ୍ରୀଯୁକ୍ତ ଅରବିନ୍ଦ ଅଗ୍ରୱାଲ**
ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, କଟକ

**ଡଃ. ରାମକୃଷ୍ଣ ସାହୁ,** ସ୍ୱତନ୍ତ୍ର ଶାସନ ସଚିବ,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ଓ ସଭାପତି, ଓଡ଼ିଶା ସଂଗୀତ ନାଟକ ଏକାଡେମୀ, ଭୁବନେଶ୍ୱର

**ଶ୍ରୀ ବିଷ୍ଣୁ ଚରଣ ମହାପାତ୍ର**
ସଭାପତି, ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘ, ଭୁବନେଶ୍ୱର

**ଏହି କାର୍ଯ୍ୟକ୍ରମରେ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେବାକୁ ସାଦର ନିମନ୍ତ୍ରଣ।**

**ଡ. ବିଜୟ କୁମାର ଜେନା, ସଚିବ**
**ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର**




JWT.8135.2018

ଧରିତ୍ରୀ
DHARITRI
ସୋମବାର, ୫ ନଭେମ୍ବର, ୨୦୧୮

ବର୍ତ୍ତମାନ ସେହି ନିର୍ଦ୍ଧାରିତ ସମୟ ଆସିଯାଇଛି। ଏତିକି ବେଳେ ହିଁ ଆମ ସମସ୍ତଙ୍କୁ ଚୂଡ଼ାନ୍ତ ଓ ନିଶ୍ଚିତ ସିଦ୍ଧାନ୍ତ ନେବାକୁ ପଡ଼ିବ। ପ୍ରଭୁ ! ମିଥ୍ୟାକୁ ଜୟକରିବା ଲାଗି ଆମକୁ ଶକ୍ତି ଦିଅ ଏବଂ ଆମେ ଯେପରି ତୁମରି ସତ୍ୟ ଓ ପବିତ୍ରତାକୁ ସଂପୂର୍ଣ୍ଣ ଭାବେ ଆଦରି ନେଉ ଏବଂ ତୁମର ବିଜୟ ସକାଶେ ଉପଯୁକ୍ତ ହେଉ।

–ଶ୍ରୀମା



# ଏରୋସ୍ପେସ୍ ସ୍ୱପ୍ନ

ମହାକାଶ ଓ ପ୍ରତିରକ୍ଷା ସଂକ୍ରାନ୍ତ ସାମଗ୍ରୀ କିଣା କ୍ଷେତ୍ରରେ ଭାରତ ଅନ୍ୟ ରାଷ୍ଟ୍ର ଉପରେ ଅତ୍ୟଧିକ ମାତ୍ରାରେ ନିର୍ଭରଶୀଳ। ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ହେଉଥିବା ଯନ୍ତ୍ରପାତି ଆବଶ୍ୟକତା ମେଣ୍ଟାଇ ପାରୁ ନ ଥିବାରୁ ଦେଶ ଭିତରେ ଏ ସମ୍ବନ୍ଧୀୟ ଅଧିକ ଶିଳ୍ପ ଗଢ଼ିବା ଲାଗି କେତେକ ସ୍ତରରେ ଉଦ୍ୟମ ହେଉଛି। କେନ୍ଦ୍ର ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମ ଅଧୀନରେ ସେଭଳି କିଛି ବିଶେଷ ସଫଳତା ମିଳିନାହିଁ। ଏଭଳି ସ୍ଥଳେ ଓଡ଼ିଶା ସରକାର 'ମେକ୍ ଇନ୍ ଓଡ଼ିଶା' କନ୍‌କ୍ଲେଭ ଜରିଆରେ ମହାକାଶ ଓ ପ୍ରତିରକ୍ଷା ଭଳି ସମ୍ବେଦନଶୀଳ କ୍ଷେତ୍ର ସକାଶେ ଦରକାର ସାମଗ୍ରୀ ପାଇଁ ୟୁନିଟ୍ ସ୍ଥାପନ ଲାଗି ଆହ୍ୱାନ ଦେବା ନିଶ୍ଚିତ ଭାବେ ଉତ୍ସାହଜନକ।

ତେବେ ପ୍ରାରମ୍ଭରେ ମନେରଖିବାକୁ ହେବ ଯେ, ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ। ସାମାଜିକ ସ୍ତରରେ, ଏ ପର୍ଯ୍ୟନ୍ତ ଶିଳ୍ପର ଗୁରୁତ୍ୱ ଜନସାଧାରଣଙ୍କ ମଧ୍ୟରେ ଗଢ଼ି ଉଠିନାହିଁ। ତାହାର ମୁଖ୍ୟ କାରଣ ହେଉଛି, ଏପର୍ଯ୍ୟନ୍ତ ରାଜ୍ୟକୁ ଯେତୋଟି ବୃହତ୍ ଶିଳ୍ପ ଆସିଛି, ସେଗୁଡ଼ିକ ମଧ୍ୟରୁ ପ୍ରାୟ ସବୁତକ ଖଣିଜ ପଦାର୍ଥଭିତ୍ତିକ। ଉଦାହରଣ ସ୍ୱରୂପ ଇସ୍ପାତ, ଆଲୁମିନିୟମ୍, ଶକ୍ତି କିମ୍ବା କ୍ରୋମ୍ ଉପରେ ନିର୍ଭରଶୀଳ। ଏତଦ୍‌ବ୍ୟତୀତ ଯେଉଁ କେତୋଟି ବୃହତ୍ ଶିଳ୍ପ ଏହି ରାଜ୍ୟରେ ସଫଳତା ହାସଲ କରିଛି, ସେହିସବୁ ଶିଳ୍ପର ମାଲିକାନା ସବୁବେଳେ ଚେଷ୍ଟିତ ରହି ଆସିଛି ଯେ, ସ୍ଥାନୀୟ ଯୁବତୀଯୁବକଙ୍କୁ ସର୍ବନିମ୍ନ ସ୍ତରରେ ଚାକିରି ଦେବା ବ୍ୟତୀତ ଅନ୍ୟ କୌଣସି ଭାବେ କୌଶଳୀ ବା ଦକ୍ଷ କରାଇବେ ନାହିଁ। ଯାହାଫଳରେ ଓଡ଼ିଶାର ଯୁବପିଢ଼ି ଅଧାପନ୍ତରିଆ ଆଇଟିଆଇ ପାସ୍ କରି ଭାବିନେଉଛନ୍ତି ଯେ ସେମାନେ ଯୋଗ୍ୟ ହୋଇଗଲେଣି। ଅନ୍ୟପଟେ ରାଜ୍ୟର ଜମି, ଜଳ ଏବଂ ଖଣିଜ ସମ୍ପଦ ଲୁଟିବା ସହିତ ଏହି ଶିଳ୍ପଗୁଡ଼ିକ ଜଙ୍ଗଲ ଏବଂ ପରିବେଶ ଧ୍ୱଂସ କରିଚାଲିଛନ୍ତି। ଏଭଳି ପ୍ରଚ୍ଛଦପଟରେ ଯେତେବେଳେ ଏରୋସ୍ପେସ୍ ବା ମହାକାଶ ଏବଂ ଡିଫେନ୍ସ ବା ପ୍ରତିରକ୍ଷା ଭଳି ଅତି ଉଚ୍ଚକୋଟୀର ହାଇ ପ୍ରିସିଶନ ଶିଳ୍ପ ଆଣିବାର ସ୍ୱପ୍ନ ଦେଖାଯାଉଛି, ସେଥିରେ ମନେରଖିବାକୁ ହେବ ଯେ ସ୍ଥାନୀୟ ଯୁବଶକ୍ତିର ସେହି ସବୁ ଶିଳ୍ପରେ କୌଣସି ସ୍ଥାନ ରହିବ ନାହିଁ। ଏହିସବୁ ଶିଳ୍ପ ପ୍ରତିଷ୍ଠା କରିପାରୁଥିବା ବଡ଼ କମ୍ପାନୀଗୁଡ଼ିକ ଓଡ଼ିଶା ଭଳି ରାଜ୍ୟରେ ସେମାନଙ୍କର ମୁଖ୍ୟ କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ କରିବେ ନାହିଁ। ଏହାର ଅର୍ଥ ହେଲା, ସେସବୁ କମ୍ପାନୀ ତାଙ୍କର ଟିକସ ଓଡ଼ିଶାରେ ଦେବେ ନାହିଁ। ଏଥିରୁ ବୁଝିବାକୁ ହେବ ଯେ, କେନ୍ଦ୍ରୀୟ ରାଜସ୍ୱରେ ରାଜ୍ୟର ଭାଗ ମଧ୍ୟ ବୃଦ୍ଧିପାଇବ ନାହିଁ। ଅନ୍ୟପଟେ ଜମି, ବିଦ୍ୟୁତ୍ ଶକ୍ତି, ଜଳ, ଜିଏସ୍‌ଟି ଇତ୍ୟାଦିରେ ଏହିସବୁ କାରଖାନା ଓଡ଼ିଶାରୁ ଅନେକ ରିହାତି(ସବ୍‌ସିଡି) ନିଶ୍ଚିତ ଭାବେ ନେବେ। ଅପରପକ୍ଷେ ଏହିଭଳି ଉଚ୍ଚ ବୈଷୟିକ ଜ୍ଞାନକୌଶଳ ସମ୍ପୃକ୍ତ ଥିବା ଶିଳ୍ପର ଉପର ବା ତଳ ମୁଣ୍ଡରେ କ୍ଷୁଦ୍ର କିମ୍ବା ମଧ୍ୟମ ଶିଳ୍ପର କୌଣସି ଭୂମିକା ରହିବ ନାହିଁ। ଏହାଦ୍ୱାରା ଓଡ଼ିଆ ଉଦ୍ୟୋଗୀଙ୍କର ମଧ୍ୟ କୌଣସି ଆବିର୍ଭାବ ହେବ ନାହିଁ।

ଓଡ଼ିଶାର ଭିତ୍ତିଭୂମି ଏବଂ ସାମାଜିକ ପରିସ୍ଥିତିକୁ ଦେଖିଲେ ଆମ ରାଜ୍ୟର ମୁଖ୍ୟ ଲକ୍ଷ୍ୟ ହେବାକଥା ଲଘୁ, କ୍ଷୁଦ୍ର, ମଧ୍ୟମ ଶିଳ୍ପ ସ୍ଥାପନ। ଏହି ଶିଳ୍ପଗୁଡ଼ିକ କୃଷିଭିତ୍ତିକ ହୋଇପାରେ କିମ୍ବା ଅନ୍ୟ ବୃହତ୍ ଶିଳ୍ପକୁ ଯୋଗାଇଲା ଭଳି ସାମଗ୍ରୀ ଉତ୍ପାଦନ କରିପାରେ। ପ୍ରତ୍ୟେକ ଗ୍ରାମରେ ଗୋଟିଏ ସାମଗ୍ରୀ ପ୍ରସ୍ତୁତ କରିବାର ଲକ୍ଷ୍ୟ ରଖାଯାଇଥିଲେ ଏହି ରାଜ୍ୟର ଉନ୍ନତି ଆଖିଦୃଶିଆ ହୋଇପାରନ୍ତା। ଏଠାରେ ଢେଙ୍କାନାଳ ଜିଲା ଆମ୍ବ ଉତ୍ପାଦନକୁ ଉଦାହରଣ ଭାବେ ନିଆଯାଇପାରେ। ସେହି ଫଳକୁ ସଂରକ୍ଷିତ ରଖିବା ପାଇଁ ଆବଶ୍ୟକ ବ୍ୟବସ୍ଥା ଯଥା ଶୀତଳଭଣ୍ଡାର ସୃଷ୍ଟି କରାଯାଇ ତାହାର ବିଦେଶକୁ ରପ୍ତାନି ବ୍ୟବସ୍ଥା କରାଯାଇପାରନ୍ତା। ସେହିଭଳି କନ୍ଧମାଳର ହଳଦୀ, କଳାହାଣ୍ଡି ଓ ସମ୍ବଲପୁରର ବାସମତୀ ଚାଉଳ, କୋରାପୁଟର କଫିଭଳିପ୍ରାୟପ୍ରତ୍ୟେକଜିଲାରେଥିବାନିଜସ୍ୱସାମଗ୍ରୀକେବଳକ୍ଷେତରୁସିଧାସଳଖ ଅନ୍ୟ ରାଜ୍ୟକୁ ଚାଲିଯାଉଛି। ତାହାର ପ୍ରଥମ, ଦ୍ୱିତୀୟ, ତୃତୀୟ ଏବଂ ଶେଷରେ ପ୍ୟାକିଂ କରାଯାଇ ବିଦେଶକୁ ପଠାଇବାର ବ୍ୟବସ୍ଥା କରିବାର କାହାରି ଚିନ୍ତା ନାହିଁ।

ଓଡ଼ିଶାରେ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ରହିଥିବା ସରକାରୀ ବ୍ୟବସ୍ଥା କେବଳ ବୃହତ୍ କମ୍ପାନୀମାନଙ୍କ ପ୍ରତି ଧ୍ୟାନ ଦେଉଥିବା ବେଳେ ରାଜ୍ୟର ଉଦ୍ୟୋଗୀମାନଙ୍କୁ ନିରୁତ୍ସାହିତ କରିବା ପାଇଁ ଆଗଭର ହେଉଛି। ଅନେକ ହଜାର ଏକର ଜମି ବଡ଼ ଶିଳ୍ପପତିଙ୍କୁ ଦେଇ ଦେବେ ପଛେ, ୩ରୁ ୫ ଏକର ଜମି ସ୍ଥାନୀୟ ଉଦ୍ୟୋଗୀଙ୍କୁ ଦେବା ପାଇଁ କେବେହେଲେ ଆଗ୍ରହ ପ୍ରକାଶ କରିବେ ନାହିଁ। ଏହିଭଳି ନକାରାତ୍ମକ ଆଭିମୁଖ୍ୟ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ୨୦୧୬ ନଭେମ୍ବରର ବିମୁଦ୍ରୀକରଣ ଏବଂ ୨୦୧୭ ଜୁଲାଇର ଜିଏସ୍‌ଟି ବ୍ୟବସ୍ଥା ରାଜ୍ୟର କ୍ଷୁଦ୍ର ଶିଳ୍ପକୁ ସମ୍ପୂର୍ଣ୍ଣ ଭାବେ ହତ୍ୟା କରିସାରିଲାଣି। ଏବେ ମେକ୍ ଇନ୍ ଓଡ଼ିଶା ସ୍ୱପ୍ନ ଅତ୍ୟନ୍ତ ସ୍ୱାଗତଯୋଗ୍ୟ କହିଲା ବେଳକୁ ମନରେ ବ୍ୟସ୍ତତା ମଧ୍ୟ ପ୍ରକାଶ ପାଉଛି। ସମସ୍ତଙ୍କୁ ମନେରଖିବାକୁ ହେବ ଯେଉଁ ପର୍ଯ୍ୟନ୍ତ ସ୍ଥାନୀୟ ଶ୍ରମଶକ୍ତିକୁ ସୁହାଇଲା ଭଳି ଶିଳ୍ପ ସ୍ଥାନୀୟ ଉଦ୍ୟୋଗୀଙ୍କ ଦ୍ୱାରା ସ୍ଥାପନ କରିବାରେ ସରକାର ପ୍ରୋତ୍ସାହନ ଦେବେ ନାହିଁ, ସେ ପର୍ଯ୍ୟନ୍ତ ଏହିସବୁ ଧ୍ୱନି କେବଳ ଧୂଆଁବାଣ ହୋଇ ରହିଯିବ।

# ରାସ୍ତାର ଅନେକ ବାପା



ବୈଷ୍ଣବ ଚରଣ ମହାନ୍ତି

ନିୟମଭଙ୍ଗକାରୀଙ୍କୁ ରାସ୍ତାର ନିୟମ ସମ୍ବନ୍ଧରେ ସଚେତନ କରିବାକୁ ଯାଇ ଅଭିନେତା ଅକ୍ଷୟ କୁମାର ଏକ ବିଜ୍ଞାପନରେ କହିବାର ଦେଖାଯାଉଛି– 'ରାସ୍ତା କିସିକେ ବାପ୍‌କି ନେହିଁ (ରାସ୍ତା କାହା ବାପାର ନୁହେଁ)।' ରାସ୍ତା କାହା ବାପାର ନ ହୋଇପାରେ, ରାସ୍ତାର କିନ୍ତୁ ଅନେକ ବାପା। ଅନେକ ଅର୍ଥ ଏଠାରେ ଦୁଇ, ଚାରି କି ଶହେ ହଜାରେ ନୁହଁ, ରାସ୍ତାର ବାପାଙ୍କ ସଂଖ୍ୟା ଲକ୍ଷେ କି କୋଟିଏରୁ ବି ଅଧିକ ହେବ। ସେମାନଙ୍କ ଭିତରୁ ରାସ୍ତାର ଏକ ନମ୍ବର ବାପା ହେଉଛନ୍ତି ନେତାଜାତୀୟ ନରମାନେ। ରାସ୍ତା ଉପରେ ସର୍ବାଧିକ ବାପାତ୍ୱ ଜାହିର କରନ୍ତି ଆମ ନେତାମାନେ। ଗଜା ବୟସରୁ ଯୋଉ ଲୋକର ବ୍ୟକ୍ତିତ୍ୱରେ ନେତୃତ୍ୱ ଗଜୁରେ, ସେ ଆଗ ପଳେଇ ଆସେ ରାସ୍ତା ଉପରକୁ ଆପଣା ନେତୃତ୍ୱର ଗଜାକୁ ଶସ୍ୟଳ କରି ବଢ଼େଇବା ପାଇଁ। ରାସ୍ତାରୋକୋରୁ ଆରମ୍ଭ ହୁଏ ଗଜାନେତାଙ୍କ ନେତୃତ୍ୱର ଖଡ଼ିପାଠ। ବୁଢ଼ା ନେତାମାନେ ଆଗରେ ଚାଲନ୍ତି ସ୍ଲୋଗାନ ଦେଇ– 'ଆମର ଦାବି ପୂରଣ ହେଉ...'; କୁଜି ନେତା, କରମା ନେତାମାନେ ପଛରୁ ପାଳି ଧରନ୍ତି– 'ପୂରଣ ହେଉ...ପୂରଣ ହେଉ'; ପୁଣି ବୁଢ଼ାନେତା ଚିତ୍କାର ଛନ୍ଦରେ ରଡ଼ି କରନ୍ତି– 'ଯଦି ନ ହେବ, ନିଆଁ ଜଳିବ'; ଗଜାନେତା କଣ୍ଠଫଟେଇ ସ୍ୱର ତୋଳନ୍ତି– 'ନିଆଁ ଜଳିବ... ନିଆଁ ଜଳିବ...'।

ନିଆଁ ଜାଳନ୍ତି ଏମାନେ ରାସ୍ତାର ଛାତି ଉପରେ ଟାୟାର ରଖି। ରାସ୍ତାରେ ଏମାନେ ତାଣ୍ଡବ ରଚନ୍ତି, କଂସ ଲୀଳା, ରାବଣ ଲୀଳା, ଶୁମ୍ଭନିଶୁମ୍ଭ ଲୀଳା କରନ୍ତି। ଦି'ଚକିଆର ପମ୍ପ ଖୋଲନ୍ତି, ଚାରିଚକିଆର କାଚକୁ ବାଡ଼େଇ ଭାଙ୍ଗନ୍ତି। ରାସ୍ତାକଡ଼ ଦୋକାନ ବଜାର ଖୋଲାଥିଲେ ଏମାନେ ଲୁଟ୍ କରନ୍ତି, ଜିନିଷପତ୍ର କାଢ଼ି ରାସ୍ତାକୁ ଫିଙ୍ଗନ୍ତି। ଏମାନଙ୍କ କିଳିକିଳା ରଡ଼ିରେ ରାସ୍ତା କମ୍ପମାନ ହୁଏ। ସାଧାରଣ ଜନତା ହୀନସ୍ତା ହୁଅନ୍ତି, ନିରୀହ ଲୋକେ ଏମାନଙ୍କଠାରୁ ମାଡ଼ ଖାଆନ୍ତି, ରୋଗୀ ଡାକ୍ତରଖାନା ଯାଇ ନ ପାରି ମରେ। ସବୁଯାକ ଅଶୋଭନୀୟ କାମ କରି ଏମାନେ କହନ୍ତି ଆମେ ଶୋଭାଯାତ୍ରା କରୁଛୁ। ରାସ୍ତାକଡ଼ରୁ ଢେଲା ଗୋଟେଇ ଏମାନେ ପୋଲିସ ଉପରକୁ ଫିଙ୍ଗନ୍ତି। ତଥାପି ପୋଲିସ ଆସି ବାପଲୋ ଧନଲୋ କହି ଏମାନଙ୍କୁ ବୁଝାଏ। ଅତି ଉଦ୍‌ବାର୍ଯ୍ୟ ହେଲେ ଦି'ଚାରି ପାହାର ଦିଏ; ଶେଷକୁ ଗିରଫ କରି ଗାଡ଼ିରେ ପୂରେଇବା ବେଳକୁ ଏମାନେ ଆରମ୍ଭ କରନ୍ତି ଯେତେକଯାକ ନାଟ ନବରଙ୍ଗ। ପ୍ରସୂତି ଶୂଳ ଖାଇଲା ଭଳି କିଏ ଗୋଡ଼କୁ ଫରକଟେଇ ଭୂଇଁ ଅଣ୍ଡାଳିବସେ ତ କିଏ ଲମ୍ବଜାଲ ହେଇ ରାସ୍ତାଟା ଉପରେ ମୁର୍ଦ୍ଦାର ଭଳି ଶୋଇଯାଏ। ଝିଅ ବିଦାବେଳେ ଆଗେ ଭାଇମାନେ ଭଉଣୀକି ଯେମିତି ଟେକିନେଇ ସବାରିରେ ପୂରଉଥିଲେ, ପୋଲିସଭାଇମାନେ ସେମିତି ନେତାମାନଙ୍କୁ ଟେକିନେଇ ଭ୍ୟାନ୍‌ରେ ଭର୍ତ୍ତିକରନ୍ତି। ତା'ଛଡ଼ା ବେଳେବେଳେ ରାସ୍ତାକଡ଼ରେ ନେତାପ୍ରାୟୋଜିତ ବିଭିନ୍ନ ଅନୁଷ୍ଠାନ, ସଂଘ, ସଂଗଠନ ଅନଶନ ଟୁଙ୍ଗୀ ଓ ସତ୍ୟାଗ୍ରହ ଚାଳିଆମାନ କରି ଅଖଣ୍ଡ କୀର୍ତ୍ତନ ଶୈଳୀରେ ଦିବାରାତ୍ର ଅଖଣ୍ଡ ସ୍ଲୋଗାନ ଦେଇ ରାସ୍ତାରେ ଯାଉଥିବା ପଥଚାରୀଙ୍କ କାନ ତାବ୍‌ଦା କରନ୍ତି ଏମାନେ। କେତେକ ପ୍ରତିବାଦ ସ୍ୱରୂପ ପଥଚାରୀଙ୍କ ଜୋତା ପାଲିସ କରନ୍ତି ତ କେତେକ ରାସ୍ତା ଉପରେ ମାଣ ବସେଇ ଲକ୍ଷ୍ମୀପୂଜା, ଖୁଦୁରୁକୁଣୀ ପୂଜା କରନ୍ତି, କେତେକ ଅଣ୍ଟାରେ ହାତଦେଇ ରାସ୍ତାମଝିରେ ମାଇଗୁଲିଆ ନାଚ ବି ନାଚନ୍ତି ତ ଆଉ କେତେକ ଜନଗର୍ଜନ କରନ୍ତି। ଦାବି ପୂରଣ ପାଇଁ କେତେକ ମାସ ମାସ ଧରି ଖରାବର୍ଷା, ଶୀତକାକରକୁ ବେଖାତିର କରି ରାସ୍ତା ଅବରୋଧ କରି ଶୋଇ ରହନ୍ତି। ଏମାନେ ସବୁ ରାସ୍ତାର ରାଜନୈତିକ ଦଳୋଦ୍ଭବ ବାପା, ସଂଘୀୟ ବାପା, ଅନୁଷ୍ଠାନୀୟ ବାପା।

ରାସ୍ତାର ଧର୍ମୀୟ ବାପାମାନେ କିନ୍ତୁ ରାସ୍ତାଟା ଉପରେ ତଥାକଥିତ ଧର୍ମାନୁଷ୍ଠାନମାନ ଗଢ଼ି କୋଉଠି ଅନ୍ନପ୍ରସାଦ ବେପାର କରନ୍ତି ତ କୋଉଠି ଚିଲମସେବା କରନ୍ତି। ଏବେ ବାବାମାତାଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବା ସାଙ୍ଗକୁ ସେମାନଙ୍କ ଭକ୍ତଙ୍କ ସଂଖ୍ୟା, ଆଶ୍ରମ, ମଠ, ମନ୍ଦିର ସଂଖ୍ୟା ବି ବଢୁଛି। ଭକ୍ତଙ୍କ ଗମନାଗମନର ସୁବିଧା ଦୃଷ୍ଟିରୁ ଏ ସବୁ ଅନୁଷ୍ଠାନ ରାସ୍ତାକୁ ଲାଗି ଗଢ଼ିଉଠିବା ସହିତ ରାସ୍ତାରୁ କିଛି ମଧ୍ୟ ଏମାନେ ମାଡ଼ିବସୁଛନ୍ତି। କିଛି ନ ହେଲେ ରାସ୍ତା ଉପରେ ଗାଡ଼ି ମୋଟର ଥୋଇ ରାସ୍ତା ଅବରୋଧ କରିବାକୁ କେହି ଏବେ ବେଆଇନ ମଣୁନାହାନ୍ତି। ଶ୍ରାବଣ ମାସରେ ତ କାଉଡ଼ିଆମାନେ କାବୁକରି ବସୁଛନ୍ତି ସବୁ ରାସ୍ତାଘାଟ। ରାସ୍ତାକଡ଼ ବାଉଁଶଭାଡ଼ିରେ ବାହୁଙ୍ଗି ରଖି, ରାସ୍ତାକଡ଼ର ତମ୍ବୁତଳେ ଭାତଡାଲ୍‌ମା ଖାଇ ତାଣ୍ଡବନାଚ ନାଚି, ରାସ୍ତାରେ ଅଇଁଠାପତର ପକେଇ, ରାସ୍ତାକଡ଼ରେ ପେଟସଫା କରି ଏମାନେ ରାସ୍ତାକୁ ଗନ୍ଧିଆ କରନ୍ତି, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମକୁ ପରାହତ କରନ୍ତି। 'ଗଣେଶ ଫାଦର୍ ପାର୍ କରେଗା, ପାର୍ବତୀ ହଜ୍‌ବ୍ୟାଣ୍ଡ ପାର୍ କରେଗା, ଭୋଲାବାବା ପାର୍ କରେଗା' କୁହାଟ ସାଙ୍ଗକୁ 'ଆମକୁ ବାଟ ଛାଡ଼ରେ, ଆମେ ତ କାଉଡ଼ିବାଲା...' ଚିତ୍କାରିଆ ଗୀତରେ ରାସ୍ତାରେ ଯାଉଥିବା ଲୋକେ ଆମ୍ବୁଲାନ୍ସକୁ ବାଟ ନ ଛାଡ଼ନ୍ତୁ ପଛେ ୟାଙ୍କୁ ବାଟ ଛାଡ଼ିବାକୁ ବାଧ୍ୟ। ବାଟଓଷା, ବାଟମଙ୍ଗଳା ଓଷା, ଅଷ୍ଟପ୍ରହର, ରାହାସ, କଳସ ଶୋଭାଯାତ୍ରା, ମେଢ଼ ବିସର୍ଜନ, ଭସାଣିରେ ମହିଷାସୁରିଆ ନାଚ, ବରଯାତ୍ରୀଙ୍କ ବାତମରା ନାଚ ଆଦି ଯେତେସବୁ ଧାର୍ମିକ ଉତ୍ପାତ, ସାଂସ୍କୃତିକ ଅସାମାଜିକତା ସବୁ ହୁଏ ରାସ୍ତା ଉପରେ।


ଏଥର ଆସିବା ରାସ୍ତାର ବ୍ୟବସାୟିକ ବାପାମାନଙ୍କ ପାଖକୁ। ରାସ୍ତା ଭୂମିଷ୍ଠ ହେବାର ବହୁ ପୂର୍ବରୁ ଆରମ୍ଭ ହେଇଯାଏ ବ୍ୟବସାୟିକ ଗୋଟିଚାଳନା। ରାଜନୈତିକ, ଦାପ୍ତରିକ ବାପାମାନଙ୍କ ସାଙ୍ଗକୁ ଦାଦାମାନେ ମଧ୍ୟ ଆସନ୍ନଭୂମିଷ୍ଠ ରାସ୍ତାର ବାପାହେଇ ଠିଆ ହୁଅନ୍ତି; ଟେଣ୍ଡର ଫିକ୍ସିଂ ହୁଏ, ନେତାଜାତୀୟ ନରମାନେ, ମନ୍ତ୍ରିଜାତୀୟ ମଣିଷମାନେ ତାଙ୍କ ସିଂହଭାଗ ଆଗ ନେଇଯାଆନ୍ତି। ଦପ୍ତରର ଅବାବୁମାନେ ତାଙ୍କ ବକ୍ସିସ୍, ସାନବାବୁମାନେ ତାଙ୍କ ପାନଖିଆ, ବଡ଼ବାବୁମାନେ ଅଣ୍ଟାଗୁଞ୍ଜା, ତହୁଁ ବଡ଼ବାବୁ ଓ ଅତି ବଡ଼ବାବୁମାନେ ସେମାନଙ୍କ ପିସି ନେଇଯାଆନ୍ତି, ଦାଦାମାନେ ତାଙ୍କ ବଟି ଆଦାୟ କରିନିଅନ୍ତି। ରାସ୍ତାକଡ଼ ଗ୍ରାମର ଗ୍ରାମକମିଟି, ପୂଜାକମିଟି, ଯୁବକସଂଘ, କ୍ରିକେଟ୍ କ୍ଲବ୍, ମନ୍ଦିରନିର୍ମାଣ କମିଟି, ମଦୁଆ ମହାସଂଘ ଆସି ଠିକାଦାରଙ୍କଠାରୁ ଚାନ୍ଦା ଆଦାୟ କରି ନିଅନ୍ତି। ଠିକାଦାରଙ୍କ ଢୋଲ ଭିତରର ମୂଷାମାନେ ବି ବାଲି, ସିମେଣ୍ଟ ଆଣିବା ବେଳେ କିଛି ବାଟମାରଣା କରନ୍ତି। ଏମିତି ଏମିତି ଶହେରୁ ଷାଠିଏ ଭାଗ ଭାଗବଣ୍ଟାରେ ପଳେଇଗଲା ପରେ ଆରମ୍ଭ ହୁଏ ରାସ୍ତା ଭୂମିଷ୍ଠ ହେବାର ପର୍ବ। ଶେଷକୁ ଧଡ଼ିଆ ଧେଡ଼ଙ୍ଗ ନିର୍ଜୀବ, ଦୁର୍ବଳ ହୋଇ ଭୂମିଷ୍ଠ ହୁଏ ରାସ୍ତାଟି। ରାସ୍ତା ପାଇଁ ଏତେ ଶ୍ରାଦ୍ଧ ହୋଇସାରିବା ପରେ ବି ଶେଷ ମାପଚୁପ ଓ ବିଲ୍ ବେଳକୁ ଲେପଭାଗ ଦେବାକୁ ପଡ଼େ ରାସ୍ତାମପାଳି, ବିଲ୍‌ପାସାଳି ବାବୁଙ୍କୁ।

ରାସ୍ତା ଭୂମିଷ୍ଠ ହେବା ପରେ ବାସହୀନ ବିପିଏଲ୍ ବାପାମାନେ ବସ୍ତି କରନ୍ତି ସହରର ରାସ୍ତାକଡ଼ରେ। ରାସ୍ତାକଡ଼ ପାଲଟେ ସେମାନଙ୍କ ପାଇଁ ମୁକ୍ତାକାଶ ମଳତ୍ୟାଗର ମହାତୀର୍ଥ, ତାଙ୍କ ଛେଳିମେଣ୍ଢା, ଗାଈମଇଁଷିଙ୍କ ଗୁହାଳ। ନେତାମାନେ ସେମାନଙ୍କ ଦୁଃଖ ଦେଖି କୁମ୍ଭେଇ କାନ୍ଦନ୍ତି, ଆଉ ନିଜ ଦଳ ପାଇଁ ଭୋଟ୍ ଗୋଟେଇ ବାନ୍ଧନ୍ତି। ଡାଳଚେର ମେଲେଇଥିବା ରାସ୍ତାକଡ଼ର ବିରାଟ ଗଛସବୁକୁ ସରକାର ସହଜରେ କାଟିଦେଇ ପାରନ୍ତି, କିନ୍ତୁ ରାସ୍ତାକଡ଼ରେ ଚେର ଲାଗିଯାଇଥିବା ବସ୍ତିକୁ ଉଚ୍ଛେଦ କରିବା ସହଜ ହୁଏନାହିଁ। ବସ୍ତି ଭିତରେ ଦି'ଚାରିଟା ଚାଳିଆ କରି ଭଡ଼ା ଦେଇଥିବା ଦାଦା ନେତା ସାଜନ୍ତି, ରାସ୍ତାରୋକୋ କରନ୍ତି। ସେଥିପାଇଁ ସରକାରୀ ଜାଗାକୁ ଜବରଦଖଲମୁକ୍ତ କରିବାକୁ ତାଙ୍କ ଜିନିଷପତ୍ର ସ୍ଥାନାନ୍ତର ପାଇଁ ମାଗଣା ଟ୍ରକ୍ ଯୋଗାଇବା ସହିତ ଅସ୍ଥାୟୀ ଘର ଲାଗି ଟଙ୍କା, ସ୍ଥାୟୀ ଘର ଯୋଗାଇବା ବନ୍ଦୋବସ୍ତ କରିବାକୁ ପଡ଼େ। ଅଥଚ ରାଜଧାନୀରେ ନିଜ ଜାଗା ଉପରେ ଅନୁମୋଦିତ ନକ୍ସାରୁ ଫୁଟେ ବଢ଼େଇକି ଘର କରିଥିଲେ ବିଡିଏ ହଜାର ହଜାର ଟଙ୍କା ଘରମାଲିକଠୁ ଜରିମାନା ଆଦାୟ କରେ।

ରାସ୍ତା ହେବା ପରେ କିଏ ରାସ୍ତା ଉପରକୁ ମଡ଼େଇ ଘର କରେ ତ କିଏ ରାସ୍ତା ଉପରେ ଉଠାଦୋକାନ କରେ, କିଏ କ୍ୟାବିନ ପକାଏ ତ କିଏ ରାସ୍ତାକୁ କାଟି ପାଣି ମାହାରା କରେ ଏବଂ ପ୍ରାୟ ଅନେକେ ନିଜ ଘରର ଅଳିଆକୁ ଆଣି ରାସ୍ତା ଉପରେ ଫୋପାଡ଼ନ୍ତି। ଏ ବହୁବାପୁଆ ରାସ୍ତା ଉପରେ ସମସ୍ତେ ବାପାତ୍ୱ ଜାହିର କରନ୍ତି। ଏଣୁ ଦେଖିବାକୁ ଗଲେ ଏ ଦେଶଟା, ଏ ରାଜ୍ୟଟା ସତରେ ରାସ୍ତା ପାଇଁ ଖାଲି ବାପାମୟ, ବାପାମୟ।

'ଆମଘର', ୧୨–ମୈତ୍ରୀ ଜନପଦ, ନହରକଣ୍ଟା,
ଭୁବନେଶ୍ୱର, ମୋ–୭୦୨୦୧୬୮୧୧୮

# ବାଣ ଓ ବାଜା: ନ୍ୟାୟାଳୟଙ୍କ ତାଗିଦ



ଡ. ରମେଶ ଚନ୍ଦ୍ର ପରିଡ଼ା

ପର୍ବପର୍ବାଣି ବା ଉତ୍ସବକୁ ଅଧିକ ଉପଭୋଗ୍ୟ କରିବା ଆଳରେ ବାଣ ଫୁଟାଇବା ଏବଂ ଉଚ୍ଚ ଧ୍ୱନିସମ୍ପନ୍ନ ବାଜା ବଜାଇବା ଆମର ଏକ ଅଭ୍ୟାସ ଓ ପରମ୍ପରାରେ ପରିଣତ ହୋଇଯାଇଛି। ଭୟଙ୍କର ବାୟୁ ଏବଂ ଧ୍ୱନି ପ୍ରଦୂଷଣକାରୀ ହୋଇଥିଲେ ମଧ୍ୟ ଆମେ ତାକୁ ଛାଡିବାକୁ ନାରାଜ। ତେବେ ସୁଖର କଥା ଯେ, ଏହି ଅବିବେକିତା ପିଠିରେ ଚାବୁକ ମାରି ସମଗ୍ର ଦେଶରେ ଏହା ଉପରେ କଟକଣା ଜାରି କରିଛନ୍ତି ଉଚ୍ଚତମ ନ୍ୟାୟାଳୟ। ୨୦୧୫ ମସିହାରେ ପୃଥିବୀର ବାୟୁ ପ୍ରଦୂଷଣର ରାଜଧାନୀ ରୂପେ କୁଖ୍ୟାତି ଅର୍ଜନ କରିଥିବା ଦିଲ୍ଲୀର ତିନିଜଣ ଅବୋଧ ଶିଶୁ ବଞ୍ଚିବା ପାଇଁ ତାଙ୍କର ସୁସ୍ଥ ପରିବେଶଟିଏ ଲୋଡ଼ା ବୋଲି ଦର୍ଶାଇ ସେମାନଙ୍କ ପିତାଙ୍କ ମାଧ୍ୟମରେ ଏହାର ଦ୍ୱାରସ୍ଥ ହୋଇଥିଲେ। ତାହାରି ଉପରେ ବିଚାର କରି ଏ ରାୟଟି ପ୍ରକାଶ ପାଇଛି।

ଏଥିପୂର୍ବରୁ ଉଚ୍ଚତମ ନ୍ୟାୟାଳୟ ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ପରିବେଶ ମନ୍ତ୍ରଣାଳୟର ମତାମତ ଲୋଡ଼ିଥିଲେ। ମନ୍ତ୍ରଣାଳୟ ପ୍ରଦାନ କରିଥିବା ମତାମତ ହେଉଛି– ସାଧାରଣ ବାଣରେ ନିମ୍ନମାନର କଞ୍ଚାମାଲ ବ୍ୟବହୃତ ହେଉଛି। ଏହା ଅର୍ଦ୍ଧ କିମ୍ବା ଆଂଶିକ ଦଗ୍ଧ ହୋଇ ବାୟୁରେ ଭାସମାନ କଣିକା ସୃଷ୍ଟି କରୁଛି। ଏଣୁ ଏହାର ପ୍ରତିକାର କରାଯାଉ। ଫଟକାମାନଙ୍କରେ ଆର୍ଦ୍ରତା ଦୂରକାରୀ ରୂପେ ପାଉଁଶ ଭଳି ପଦାର୍ଥ ବଦଳରେ କୋଇଲା ଗୁଣ୍ଡ ବ୍ୟବହାର ଲାଗି ନିର୍ଦ୍ଦେଶ ଦିଆଯାଉ। ଏହାଦ୍ୱାରା ବାୟୁରେ ଭାସମାନ କଣିକା ୨୦ ପ୍ରତିଶତ ପର୍ଯ୍ୟନ୍ତ କମ୍ ହୋଇପାରିବ। କେତେକ ବାଣରୁ ଅଧିକ ନିର୍ଗମନ ହୋଇଥାଏ। ଏହାକୁ ଚିହ୍ନଟ କରି ବାରଣ କରାଯାଉ ଏବଂ କମ୍ ନିର୍ଗମନ ଘଟାଉଥିବା ବାଣକୁ ଅନୁମତି ମିଳୁ। କେବଳ ଅନୁମତିପ୍ରାପ୍ତ ରସାୟନରେ ପ୍ରସ୍ତୁତ ବାଣ ବ୍ୟବହାର ଲାଗି ଅନୁମତି ଦିଆଯାଉ। ହାନିକାରକ ହୋଇଥିବା ଉଚ୍ଚ ଡେସିବଲଯୁକ୍ତ ଫଟକାମାନ ନିଷେଧ କରାଯାଉ। ବାଣରେ ବ୍ୟବହୃତ ବିବିଧ ଧାତବ ପଦାର୍ଥ, ବିଶେଷକରି ରଙ୍ଗ ସୃଷ୍ଟିକାରୀ ବେରିୟମ୍ ଇତ୍ୟାଦିକୁ ବାରଣ କରାଯାଉ।

ଏହାକୁ ଭିତ୍ତିକରି ନ୍ୟାୟାଧୀଶ ଏ.କେ. ସିକ୍ରି ଓ ଅଶୋକ ଭୂଷଣଙ୍କୁ ନେଇ ଗଠିତ ଖଣ୍ଡପୀଠ ବାଣଫୁଟା ଓ ବାଜା ଉପରେ କଟକଣାମାନ ଜାରି କରିଛନ୍ତି। ଏଥିରେ ସୂଚିତ କରାଯାଇଛି ଯେ ଆବେଦନକାରୀଙ୍କ ପ୍ରାର୍ଥନା ଏବଂ ବାଣ ବ୍ୟବସାୟୀ ତଥା ଜନସାଧାରଣଙ୍କ ଧାର୍ମିକ ଭାବନା ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରିବାକୁ ହେଲେ ବାଣଫୁଟାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ସମ୍ଭବ ନୁହେଁ। ତେବେ ଏଥିପାଇଁ ନିମ୍ନ କେତୋଟି ମାର୍ଗଦର୍ଶିକାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ହେବ। ଦୀପାବଳିରେ ରାତି ୮ରୁ ୧୦ଟା ମଧ୍ୟରେ ଏବଂ ଖ୍ରୀଷ୍ଟମାସ ଓ ନବବର୍ଷରେ ରାତ୍ର ୧୨.୫୫ରୁ ୧.୩୦ ମଧ୍ୟରେ ହିଁ କେବଳ ବାଣ ଫୁଟାଯାଇପାରିବ। ରଙ୍ଗିନ ବାଣରେ ବେରିୟମ୍ ଭଳି ଧାତବ ପଦାର୍ଥ ବ୍ୟବହାର ହେବନାହିଁ। କ୍ରମାଗତ ଦୀର୍ଘ ସମୟ ଧରି ଏବଂ ଉଚ୍ଚ ଧ୍ୱନି କରି ଫୁଟୁଥିବା ଫଟକା ଫୁଟାଯିବ ନାହିଁ। ବାଣଗୁଡ଼ିକର ମାନ ଠିକ୍ ଅଛି କି ନାହିଁ ତାହା ପେଟ୍ରୋଲିୟମ୍ ଏବଂ ବିସ୍ଫୋରକ ନିରାପତ୍ତା ସଂସ୍ଥା ପରୀକ୍ଷା କରି ଅନୁମତି ପ୍ରଦାନ କରିବ। ଅନ୍‌ଲାଇନରେ ବାଣ ବିକ୍ରୟ ହୋଇପାରିବନାହିଁ। କେବଳ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀ ହିଁ ଏହା ତିଆରି ଏବଂ ବିକ୍ରି କରିପାରିବେ। ଏ ସବୁ କଟକଣା ଯେପରି ଠିକ୍‌ରୂପେ ପାଳନ କରାଯାଏ, ତାହା ଦେଖିବା ଦାୟିତ୍ୱ ସ୍ଥାନୀୟ ପୋଲିସର।

ବିଗତ ବର୍ଷ ଦିଲ୍ଲୀରେ ଦୀପାବଳି ସମେତ ତିନିଦିନ ଧରି ବାଣ ବିକ୍ରି ବନ୍ଦ ରଖିବାକୁ ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ। ତେବେ ପରେ ଜଣାପଡ଼ିଲା ଯେ, ପ୍ରତିବର୍ଷ ଯେତିକି ବାଣ ଫୁଟାଯାଉଥିଲା ସେତିକି ଫୁଟାଯାଇଛି। ଏହାର ପରିମାଣ ଥିଲା ୫୦ ଲକ୍ଷ କିଲୋଗ୍ରାମ୍। ତହିଁରୁ ଅଧିକାଂଶ ବିକ୍ରି ହୋଇଥିଲା କଳାବଜାରରେ। ଫଳରେ ବାୟୁ ପ୍ରଦୂଷଣର ମାତ୍ରା ଅତି ଉଚ୍ଚସ୍ତର ସ୍ପର୍ଶ କଲା। ଅତଏବ ଉଚ୍ଚତମ ନ୍ୟାୟାଳୟର ନିର୍ଦ୍ଦେଶ କୌଣସିମତେ ଫଳବତୀ ହେଲାନାହିଁ।

ଚଳିତ ବର୍ଷ ଦୁର୍ଗାପୂଜାରେ ମଧ୍ୟ ସେଠାରେ ଘଟିଥିଲା ସେହିପରି ଘଟଣା। ଏହି ଅବସରରେ ଦିଲ୍ଲୀର ବାୟୁ ପ୍ରଦୂଷଣ ମାତ୍ରା ଥିଲା ବିଗତ ୪ ବର୍ଷ ତୁଳନାରେ ସର୍ବାଧିକ। ଏଠାରେ ଯାହା ଘଟୁଛି ସାରା ଦେଶର ଅନ୍ୟାନ୍ୟ ସହରାଞ୍ଚଳମାନଙ୍କରେ ବି ଅଳ୍ପ ବହୁତ ଘଟୁଛି। ଏପରି ସ୍ଥଳେ, ବର୍ତ୍ତମାନର ନିର୍ଦ୍ଦେଶ କେତେଦୂର ଫଳପ୍ରଦ ହେବ ତାହା ସମୟ ହିଁ କହିବ।

ବାଣର ମୁଖ୍ୟ ଉପାଦାନଗୁଡ଼ିକ ହେଲା ଅଙ୍ଗାର, ଗନ୍ଧକ, ଆଲୁମିନିୟମ, ଫସ୍‌ଫରସ, ପଟାସିୟମ୍ ନାଇଟ୍ରେଟ୍, ବେରିୟମ୍ ନାଇଟ୍ରେଟ୍ ଇତ୍ୟାଦିର ଗୁଣ୍ଡ ଏବଂ ଏହାର ଶିଖାକୁ ବିଭିନ୍ନ ରଙ୍ଗରେ ରଙ୍ଗିନ କରିବାକୁ ସେଥିସହିତ ଯୋଗ କରାଯାଇଥାଏ ସୋଡିୟମ୍, ତମ୍ବା, ଷ୍ଟ୍ରୋଞ୍ଚିୟମ୍, ମ୍ୟାଗ୍ନେସିୟମ୍, ଟାଇଟାନିୟମ, କ୍ୟାଲ୍‌ସିୟମ୍ ଆଦି ଧାତୁମାନଙ୍କ ଲବଣ। ଏଣୁ ତାହା ଫୁଟିଲେ ତହିଁରୁ ନିର୍ଗତ ହୁଏ ସୂକ୍ଷ୍ମାତିସୂକ୍ଷ୍ମ ବାୟୁରେ ଭାସମାନ କଣିକା ସହିତ ବିଷାକ୍ତ ବାଷ୍ପ। ଜନସ୍ୱାସ୍ଥ୍ୟ ଓ ପରିବେଶ ଉପରେ ଏଗୁଡ଼ିକର ଅତ୍ୟନ୍ତ କୁପ୍ରଭାବ ରହିଛି।

ଏହା ବ୍ୟତୀତ ବିଭିନ୍ନ ପ୍ରକାର ଫଟକା ବାଣରୁ ନିର୍ଗତ ହୋଇଥାଏ ୧୨୦/୧୪୦ ଡେସିବଲ ପର୍ଯ୍ୟନ୍ତ ଉଚ୍ଚଧ୍ୱନି, ଯାହାକି ସହନୀୟ ସୀମା (୫୦ରୁ ୬୦ ଡେସିବଲ)ଠାରୁ ଅନେକ ବେଶି। ପର୍ବପର୍ବାଣିରେ ଏଥିସହିତ ବ୍ୟବହାର ହେଉଥିବା ଉଚ୍ଚ ଧ୍ୱନିକାରୀ ବାଦ୍ୟଯନ୍ତ୍ର (୯୦ରୁ ୧୪୦ ଡେସିବଲ) ଏବଂ ଡାକବାଜି ଯନ୍ତ୍ର (୧୦୦ରୁ ୧୩୦ ଡେସିବଲ) ଘୋର ଧ୍ୱନି ପ୍ରଦୂଷଣ ଘଟାନ୍ତି। ଦିଲ୍ଲୀ, ମୁମ୍ବାଇ, ଲକ୍ଷ୍ନୌ, କଲିକତା ଆଦି ନଗରୀମାନଙ୍କରେ ଏବଂ ଏପରି କି ଆମ କଟକରେ ମଧ୍ୟ ଏହାର ସ୍ତର ଅନେକ ସମୟରେ ୧୩୦/୧୪୦ ଡେସିବଲ ଅତିକ୍ରମ କରିଯାଏ। ଆମ ସ୍ମୃତି ଓ ଶ୍ରବଣ ଶକ୍ତିଠାରୁ ଆରମ୍ଭ କରି ହୃତ୍‌ପିଣ୍ଡର କ୍ରିୟାକଳାପ ତଥା ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ପ୍ରକ୍ରିୟା ଉପରେ ଏହାର କୁପ୍ରଭାବ ଅତି ଗମ୍ଭୀର। ଏଣୁ ଉଚ୍ଚତମ ନ୍ୟାୟାଳୟଙ୍କ ରାୟ ଆମଠାରେ ଚେତନାର ଉଦ୍ରେକ କରୁ। ଆମେ ପର୍ବପର୍ବାଣି ପାଳନ ସମୟରେ ବାଣ ଓ ଉଚ୍ଚ ଧ୍ୱନିକାରୀ ବାଦ୍ୟରୁ ସମ୍ପୂର୍ଣ୍ଣ ନିବୃତ୍ତ ରହିବା ଆବଶ୍ୟକ।

ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି
ବିହାର, ଭୁବନେଶ୍ୱର, ମୋ–୯୯୩୭୯୮୫୭୬୭

## ଚିରନ୍ତନୀ

ତନୁରେ ଲାଗେ କୋମଳ ବାଆ
କପୋଳେ ଲାଗେ ପାଦପ–ଛାୟା
ପାଦପ ଡାଳେ ଡାହୁକ ଡାକେ
ଡାକେ କପୋତ ପକ୍ଷୀ
ଗ୍ରାମର ବାଳା ଏ ପଥେ ପାଦ ରଖି!

(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | | | | C | 3 | | | 2 | | | 1 | | | 5 |
| | | | | 6 | A | | | | | | | | | 0 |
| | | | | | 7 | | | | B | | D | | | C |
| | A | 8 | | | | | 6 | | | | | | | |
| 1 | E | 9 | | 2 | | | | | | 5 | | 4 | 3 | 6 |
| 5 | | 3 | | 4 | | A | | | 1 | | C | 6 | | |
| | 9 | C | | A | | E | | | 3 | | | | | 2 |
| | | | B | | | | | | | | | | E | 7 |
| 7 | | | C | 9 | | | | 1 | D | A | | | | |
| 8 | | A | | E | | 5 | | | | 2 | 7 | | 4 | D |
| | | D | | | 1 | B | C | | | | | 3 | 0 | |
| A | B | 6 | | | | 3 | | 9 | | 4 | | | | |
| | 8 | | | | | | 4 | | | | 0 | | | B |
| | | 5 | 4 | 7 | | | | | | | E | | 9 | 1 |
| 9 | | 1 | | | | | | 5 | C | | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 6 | 2 | 8 | 1 | C | B | A | E | 3 | 4 | D | 0 | 7 | 9 |
| 4 | C | A | 3 | 5 | 7 | 9 | 2 | 6 | 0 | B | 8 | D | 1 | E |
| 1 | E | 8 | B | 2 | 4 | 0 | 7 | D | 9 | A | 6 | 5 | C | 3 |
| D | 7 | 3 | 0 | 9 | 6 | 5 | 4 | 1 | E | C | 2 | B | 8 | A |
| B | 9 | 0 | A | D | E | 3 | 8 | C | 5 | 1 | 7 | 4 | 6 | 2 |
| C | 0 | 1 | D | E | 5 | 2 | 3 | 9 | A | 6 | 4 | 7 | B | 8 |
| 6 | 2 | 9 | C | 7 | 8 | 4 | E | B | 1 | 0 | 5 | 3 | A | D |
| E | 5 | B | 1 | 6 | 0 | 8 | D | A | 7 | 3 | 9 | C | 2 | 4 |
| A | 4 | D | 9 | 3 | 2 | 1 | 6 | 7 | B | 8 | C | E | 0 | 5 |
| 8 | 3 | 7 | 4 | B | A | C | 0 | 5 | D | 2 | E | 1 | 9 | 6 |
| 9 | 1 | 5 | 2 | 4 | 3 | E | C | 0 | 8 | 7 | A | 6 | D | B |
| 2 | D | E | 6 | 8 | 1 | A | B | 4 | C | 5 | 0 | 9 | 3 | 7 |
| 3 | A | 4 | 5 | C | 9 | 7 | 1 | 2 | 6 | D | B | 8 | E | 0 |
| 7 | 8 | 6 | E | 0 | B | D | 5 | 3 | 2 | 9 | 1 | A | 4 | C |
| 0 | B | C | 7 | A | D | 6 | 9 | 8 | 4 | E | 3 | 2 | 5 | 1 |

ଗତକାଲିର ଉତ୍ତର

## ଏଇ ଭାରତରେ

ମାନବ ସେବା ହେଉଛି ମାଧବ ସେବା। ପୀଡ଼ିତ ମାନବର ସେବା କରିବା ଫଳରେ ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରିହୁଏ। ଏଭଳି ଆଦର୍ଶର ଉଦାହରଣ ଦେଇଛନ୍ତି ୬୭ବର୍ଷୀୟା ବନ୍ଦନା ଗୁପ୍ତା। ସେ ଭି. କେୟାର ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା। ଶନିବାର ମୁମ୍ବାଇ ନଗରୀର ୫୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ଆବଶ୍ୟକ ଉପହାର ପ୍ରଦାନ କରିଛନ୍ତି। ଏହା ରୋଗୀଙ୍କ ପ୍ରତି ଦିୱାଲି ଭେଟି ବୋଲି କୁହାଯାଉଛି। ସେ କେତେକ ଅଭିନେତା ଅଭିନେତ୍ରୀଙ୍କ ସହିତ ହସ୍ପିଟାଲ ଯାଇ ରୋଗୀ ଏବଂ ସେମାନଙ୍କ ଆତ୍ମୀୟଙ୍କୁ ଭେଟିଥିଲେ। ପ୍ରତିଟି ଉପହାର ବ୍ୟାଗ୍‌ରେ ଥିଲା ଚାମଚ, ପ୍ଲେଟ୍ ସମେତ କିଛି ଖାଦ୍ୟଦ୍ରବ୍ୟ। ନାନାବତୀ, ଲୀଳାବତୀ, ବ୍ରିଚ୍‌କ୍ୟାଣ୍ଡି ଏବଂ ଯଶଲୋକ ହସ୍ପିଟାଲ୍ ରୋଗୀଙ୍କୁ ସମ ପରିମାଣର ଉପହାର ମଧ୍ୟ ଦିଆଯାଇଥିଲା। ଅଭିନେତା ଓ ଅଭିନେତ୍ରୀ ସେମାନଙ୍କ ଦୁଃଖରେ ଭାଗୀଦାର ହେଉଥିବାର ଜାଣି ସେମାନେ ଖୁବ୍ ଖୁସି ପ୍ରକାଶ କରିଥିଲେ। ବନ୍ଦନା ଗୁପ୍ତାଙ୍କୁ ୪୨ବର୍ଷ ହୋଇଥିବା ବେଳେ କ୍ୟାନ୍‌ସରରେ ପୀଡ଼ିତ ଥିଲେ। ସେ ଚିକିତ୍ସାଧୀନ ଥିବାବେଳେ ରୋଗୀମାନେ ବାହାର ଲୋକଙ୍କ ସ୍ନେହ ସଦିଚ୍ଛା ଆବଶ୍ୟକ କରୁଥିବା ସେ ଅନୁଭବ କରୁଥିଲେ। ତେଣୁ ସେ ଆରୋଗ୍ୟ ହୋଇଯିବାର କିଛିଦିନ ପରେ ଭି. କେୟାର ଫାଉଣ୍ଡେଶନ ପ୍ରତିଷ୍ଠା କରିଥିଲେ। ଏହି ଅନୁଷ୍ଠାନ ଡାକ୍ତରୀ ଚିକିତ୍ସା ବାହାରେ ରୋଗୀ ଏବଂ ସେମାନଙ୍କ ପରିବାରଙ୍କୁ ଆବେଗିକ ସହାୟତା ଯୋଗାଇ ଦେଇଆସୁଛି। ବିଗତ ୨୫ବର୍ଷ ମଧ୍ୟରେ ୧ଲକ୍ଷରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ, ଆବଶ୍ୟକ ସରଞ୍ଜାମ, ଆର୍ଥିକ ସହାୟତା ଓ ପରାମର୍ଶ ଦେଇଆସୁଛି। ଏହି ପ୍ରତିଷ୍ଠାନର ସେବା ଓ ସହାୟତାରେ କ୍ୟାନସର ରୋଗୀଙ୍କ ମୁହଁରେ ହସ ଫୁଟିପାରିଛି।

## ୨୫ ବର୍ଷ ତଳର ଧରିତ୍ରୀ

୫ ନଭେମ୍ବର ୧୯୯୩

- ଓଡ଼ିଶା ପ୍ରମୋଦ କର ସଂଶୋଧନ ବିଲ୍ ୧୯୯୩ ବିଧାନସଭାରେ ଅନୁମୋଦନ।
- ଓଡ଼ିଶାରେ ଇସ୍ପାତ କାରଖାନା ପ୍ରତିଷ୍ଠା ନେଇ ତାଙ୍କ ପ୍ରତିଶ୍ରୁତି ତଥା ବୁଝାମଣାରୁ ସେ ଓହରିଯାଇ ନାହାନ୍ତି ବୋଲି କାପାରୋ ଶିଳ୍ପଗୋଷ୍ଠୀର ଅଧ୍ୟକ୍ଷ ସ୍ୱରାଜ ପଲ ସ୍ପଷ୍ଟ କରିଦେଇଛନ୍ତି।

## ସାପ୍ତାହିକ ପଞ୍ଜିକା

ଅକ୍ଟୋବର ୨୮ – ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ମାଧବନ୍ ନାୟାର ଭାଜପାରେ ଯୋଗ ଦେଲେ।

୨୯ – ଇଣ୍ଡୋନେସିଆରେ ଯାତ୍ରୀବାହୀ ଲାୟନ ଏୟାର ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ସମୁଦ୍ରରେ ଖସିପଡ଼ିବା ଫଳରେ ୧୮୯ ଜଣଙ୍କ ମୃତ୍ୟୁ ଘଟିଛି।

୩୦ – ଭାରତ ଗସ୍ତରେ ଆସିଥିବା ଇଟାଲି ପ୍ରଧାନମନ୍ତ୍ରୀ ଜିଉସେପେ କୋଣ୍ଟେ ନୂଆଦିଲ୍ଲୀରେ ତାଙ୍କ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କ ସହ ଭେଟିବା ଅବସରରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି।

୩୧ – ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଗୁଜରାଟର ସର୍ଦ୍ଦାର ସରୋବର ଡ୍ୟାମ୍ ନିକଟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିଶ୍ୱର ସର୍ବୋଚ୍ଚ ପ୍ରତିମୂର୍ତ୍ତି 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ଲୋକାର୍ପିତ।

ନଭେମ୍ବର ୧ –ଝାରସୁଗୁଡ଼ାରେ ନିବନିର୍ମିତ ବିମାନବନ୍ଦର 'ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର' ଭାବେ ନାମିତ ହେଲା।

୨ – ଆତଙ୍କବାଦୀ ସଂଗଠନ ଲସ୍କର–ଇ–ତୋଇବା ପ୍ରତିଷ୍ଠାତା ତଥା ଜେୟୁଡି ମୁଖ୍ୟ ହାଫିଜ୍ ସଇଦ ଏବଂ ହିଜ୍‌ବୁଲ ମୁଜାହିଦ୍ଦିନ୍ ମୁଖ୍ୟ ସୟିଦ ସଲାଉଦ୍ଦିନଙ୍କ ବିରୋଧରେ ଏନ୍‌ଆଇଏ କୋର୍ଟ ଜାମିନ୍ ବିହୀନ ଗିରଫ ପରୱାନା ଜାରି କରିଛନ୍ତି।

## ଆମ ସମସ୍ୟା

### ମୋ ଗାଁ ବିକାଶ ଯୋଜନା

ମହାଶୟ,

କଟକ ସଦରରେ ଥିବା ତେଇଶିଟି ଗ୍ରାମପଞ୍ଚାୟତ ମଧ୍ୟରୁ କେବଳ ଯଶପଡ଼ା ଗ୍ରାମପଞ୍ଚାୟତକୁ ମୋ ଗାଁ ବିକାଶ ଯୋଜନାରେ ସଂଶ୍ଳିଷ୍ଟ କରାଯାଇ ଅର୍ଥ ପ୍ରଦାନ କରାଯାଇଛି। କିନ୍ତୁ ଅନ୍ୟ ବାଇଶିଟି ଗ୍ରାମପଞ୍ଚାୟତକୁ ତୁରନ୍ତ ସମାନ ଧାରାରେ ନିଆଯାଉ। ଯାହାଫଳରେ ବିକାଶର ଧାରା ସମତୁଲ ହୋଇ ରହିପାରିବ।

ରମେଶ ଚନ୍ଦ୍ର ବେହେରା, ଆୟଉପୁର, କିଶନନଗର, କଟକ

### ସ୍ୱର୍ଗଦ୍ୱାରରେ ପାନୀୟ ଜଳ ବ୍ୟବସ୍ଥା ନାହିଁ

ପୁରୀ ସ୍ୱର୍ଗଦ୍ୱାର ହେଲା ମୁକ୍ତିର ଦ୍ୱାର। ପ୍ରତିଦିନ ଏଠାରେ ଶହ ଶହ ମୃତଦେହ ଦାହ ହେଉଛି। ବହୁ ଦୂରଦୂରାନ୍ତରୁ ଲୋକମାନେ ଆସି ଏଠାରେ ଶବ ଦାହ କରୁଛନ୍ତି। ଏଥିପାଇଁ ବି ପ୍ରଚୁର ଅର୍ଥ ଖର୍ଚ୍ଚ କରୁଛନ୍ତି। କିନ୍ତୁ ଦୁଃଖର କଥା, ପୁରୀ ସ୍ୱର୍ଗଦ୍ୱାରରେ ପିଇବା ପାଣିର ବ୍ୟବସ୍ଥା ନାହିଁ। ଏଠାରେ ପ୍ରଚଣ୍ଡ ଖରାବେଳେ ଲୋକମାନେ ଶୋଷରେ ଡହଳବିକଳ ହେଉଛନ୍ତି। ତେଣୁ ପୌରସଂସ୍ଥା ତରଫରୁ ଏଠାରେ ତୁରନ୍ତ ପାନୀୟ ଜଳର ବ୍ୟବସ୍ଥା କରାଯାଉ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




**ସଂକ୍ଷେପରେ**

## ଆକ୍ରମଣ ଅଭିଯୋଗରେ ଜଣେ ଗିରଫ

**ଗୋପାଳପୁର, ୪।୧୧:** ଗୋପାଳପୁର ଅଞ୍ଚଳର ବାପା, ଝିଅ ଓ ଭାଇ ପ୍ରାତଃ ଭ୍ରମଣ ସାରି ଘର ଆଗରେ ବସିଥିବାବେଳେ ଜଣେ ବ୍ୟକ୍ତିଙ୍କ ଆକ୍ରମଣରେ ୩ଜଣ ଆହତ ହୋଇଛନ୍ତି। ଏନେଇ ଗୋପାଳପୁର ଥାନାରେ ଅଭିଯୋଗ ପରେ ପୋଲିସ ନଂ.୧୩୯/୧୮ରେ ମାମଲା ରୁଜୁ କରିଥିଲା। ରବିବାର ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି। ଗିରଫ ଜଣକ ହେଲେ ମାଣ୍ଡିଆପଲ୍ଲୀ ଗ୍ରାମର ଦୁଃଖୀଶ୍ୟାମ ପ୍ରଧାନ (୬୫)। ପ୍ରକାଶ ଯେ, ମାଣ୍ଡିଆପଲ୍ଲୀ ଗ୍ରାମର ଡିଫେନ୍ସ କଲୋନୀର ଜାନକୀ ପଣ୍ଡା, ତାଙ୍କ ପୁଅ ସିତାଂଶୁ ଓ ଝିଅ ଗୀତାଞ୍ଜଳି ପ୍ରାତଃ ଭ୍ରମଣ ସାରି ଘର ସମ୍ମୁଖରେ ବସିଥିଲେ। ଦୁଃଖୀଶ୍ୟାମ ସେମାନଙ୍କ ନିକଟକୁ ଆସି କାହିଁକି ବାରଣ୍ଡାରେ ବସିଛ କହି ଗାଳିଗୁଲଜ କରିଥିଲେ। ଏହାପରେ ବାପ, ଝିଅ ଓ ପୁଅଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଗ୍ରାମବାସୀ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲା। ଗୋପାଳପୁର ପୋଲିସ ମଧ୍ୟାହ୍ନରେ ଚଢାଉ କରି ତାଙ୍କୁ କାବୁ କରିଥିଲେ। ଆକ୍ରମଣରେ ବ୍ୟବହୃତ ଖଣ୍ଡାକୁ ମଧ ପୋଲିସ ଜବତ କରିଛି। ଏନେଇ ନଂ.୧୩୯/୧୮ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ବଡ଼ପୁଟି ଗାଁରେ ବଢୁଛି କିଡ୍‌ନୀ ରୋଗ

**ଛତ୍ରପୁର,୪।୧୧(ଡି.ଏନ.ଏ)**

ଛତ୍ରପୁର ବ୍ଲକ କାଳିପଲ୍ଲୀ ପଞ୍ଚାୟତ ଅଧୀନ ବଡପୁଟି ଗାଁରେ ବହୁ ଲୋକେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହାର ସଂଖ୍ୟାରେ ମଧ ବୃଦ୍ଧି ଘଟିଛି। ଏଥିରେ ଆକ୍ରାନ୍ତ ହୋଇ ୨୦ ଜଣଙ୍କର ଜୀବନ ଗଲାଣି। ବର୍ତ୍ତମାନ ୨୨ ଜଣ ଏଥିରେ ଆକ୍ରାନ୍ତ ଥିବା ଗାଁବାସୀ କହିଛନ୍ତି। ପାଣି ସମସ୍ୟା ଯୋଗୁ ଏପରି ହେଉଥିବା କୁହାଯାଇଛି। ଏ ନେଇ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଦୀର୍ଘ ଦିନହେଲା ଗାଁରେ ପାଣି ସମସ୍ୟା ଲାଗି ରହିଛି। ଶୁକ୍ରବାର ଛତ୍ରପୁର ଶିବସେନା ପକ୍ଷରୁ କାଳିପଲ୍ଲୀ ପଞ୍ଚାୟତ ବଡପୁଟି ଗ୍ରାମରେ ପାନୀୟ ଜଳ ସମସ୍ୟା ନେଇ



ଦାବିପତ୍ର ପ୍ରଦାନ କରି ଫେରୁଛନ୍ତି ଶିବସେନା କର୍ମୀ।

ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳ ବିଜୟ କୁମାର ଦାଶଙ୍କୁ ପ୍ରଦାନ କରାଯାଇଛି। ବଡପୁଟି ଗାଁର ଲୋକମାନେ ଦୂଷିତପାଣି ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏଣୁ ଏହାର ପ୍ରତିକାର ପାଇଁ ଜିଲା ପ୍ରଶାସନ ତରଫରୁ ପାନୀୟ ଜଳ ପ୍ରକଳ୍ପ ଓଭରହେଡ ଟାଙ୍କି ନିର୍ମାଣ କରି ତୁରନ୍ତ ପାଇପ ମାଧମରେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଆସନ୍ତା ୧୫ ଦିନ ମଧରେ ଗାଁରେ ଏହି ବ୍ୟବସ୍ଥା ନ କଲେ ସମ୍ଭାବ୍ୟ ପରିସ୍ଥିତି ପାଇଁ ପ୍ରଶାସନ ଦାୟୀ ରହିବେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଯଦି ଏହାର ନିର୍ମାଣ କାର୍ଯ୍ୟରେ ବିଳମ୍ବ କିମ୍ବା ଅଣଦେଖା କରାଯାଏ ତେବେ ଶିବସେନା ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ସ୍ମାରକପତ୍ର ପ୍ରଦାନ ବେଳେ ଶିବସେନା ବ୍ଲକ ପ୍ରମୁଖ ରାଜେଶ ମହାରଣା, ପ୍ରତାପ ଜେନା, ନାରାୟଣ ଗୌଡ, ରୂପେଶ ବେହେରା, ସିମାଞ୍ଚଳ, ଜେ ଧର୍ମାରାଓ , ଜି ବାଲାରାଜୁ, ଜି ହରି ରାଓ, ଜି ଭଗବାନ ରାଓ, ଜି ନାବାରାଜୁ ରାଓ, କେ ବୈରାଗୀ ରାଓ, ଜି କ୍ରିଷ୍ଣା ରାଓ, ଜି ରାଜା ରାଓ, ତୁଳସାୟା ରେଡ୍ଡୀ, ସନାତନ ଚୌଧୁରୀ, ମହେଶ ବିଷୋୟୀ, ଅନିଲ ସାହୁ, ରାଧାମୋହନ ଦାସ, ନିରାକାର ସାହୁ, ଡମ୍ବରୁ ବେହେରା, ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

**ଶ୍ରେଣୀଗୃହରେ ସିମେଣ୍ଟ ଇଟା ତିଆରି ପ୍ରସଙ୍ଗ**

# ପ୍ରଧାନଶିକ୍ଷକ, ଇଟା ନିର୍ମାଣକାରୀଙ୍କୁ ନୋଟିସ

**ଗଞ୍ଜାମ,୪।୧୧(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ସୂର୍ଯ୍ୟନାରାୟଣପୁର ଉପ୍ରା ପ୍ରାଇମେରୀ ବିଦ୍ୟାଳୟ ଶ୍ରେଣୀଗୃହରେ ଇଟା ନିର୍ମାଣ ହେବା ମହଙ୍ଗା ପଡ଼ିଛି। ଏନେଇ ତହସିଲଦାର ଉକ୍ତ ସ୍କୁଲ ପ୍ରଧାନ ଶିକ୍ଷକ ଏବଂ ଇଟା ନିର୍ମାତାଙ୍କୁ ଶନିବାର ନୋଟିସ ଜାରି କରିଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅପରପକ୍ଷେ ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା ମଧ ରିପୋର୍ଟ ପାଇବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଉକ୍ତ ତଦନ୍ତ ରିପୋର୍ଟ ପଠାଇଥିବା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ସ୍କୁଲରେ ସିମେଣ୍ଟ ଇଟା ତିଆରି ହେଉଥିବା ନେଇ ଗ୍ରାମବାସୀଙ୍କ ଅଭିଯୋଗ ପରେ ଜିଲା ଶିକ୍ଷାଧିକାରୀ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ (ଏଡିଇଓ) ବିନିତା ସେନାପତି ଏବଂ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ଘଡେଇ ଗୁରୁବାର ତଦନ୍ତ କରି ଡିଇଓଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଅନ୍ୟପଟେ ଉପଜିଲାପାଳ ଦେବବ୍ରତ ସାହୁଙ୍କ ନିର୍ଦ୍ଦେଶରେ ଗଞ୍ଜାମ ତହସିଲଦାର ଅବନୀ କୁମାର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଟି. ଲୋକେଶ, ରାଜସ୍ୱ ନିରୀକ୍ଷକ ଆର. ରାଜୁ ରେଡ୍ଡୀ ମଧ ଏହାର ତଦନ୍ତ କରିଛନ୍ତି। ଇତିମଧ୍ୟରେ ଇଟା ନିର୍ମାତା ବୁଧବାର ଟ୍ରାକ୍ଟର ଯୋଗେ ଇଟା ନେଇ ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଘଟଣାକୁ ୮ ଦିନ ବିତି ଯାଇଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଯୋଗୁ ଘଟଣା ଚପାଇଦେବା ପାଇଁ ଉଦ୍ୟମ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।


# ଶେରଗଡ଼ ବ୍ଲକ ସମ୍ମୁଖରେ ଭାଜପାର ବିକ୍ଷୋଭ

**ଶେରଗଡ, ୪।୧୧(ଡି.ଏନ୍.ଏ.)**

ଶେରଗଡ ବ୍ଲକ ଭାଜପା ପକ୍ଷରୁ ଶତାଧିକ କର୍ମୀ ବ୍ଲକ ଘେରାଉ କରିଛନ୍ତି। ଭାଜପା କର୍ମୀ ଓ ନେତାମାନେ ଶେରଗଡ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଶୋଭାଯାତ୍ରାରେ ବାହାରି ବ୍ଲକ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ପରେ ୧୦ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ବ୍ଲକ କାର୍ଯ୍ୟାଳୟରେ ପିସି କାରବାର ବନ୍ଦ, ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରକୃତ ହିତାଧିକାରୀ ଚୟନ, ବିଭିନ୍ନ ଉନ୍ନୟନମୂଳକ କାମରେ ହେଉଥିବା ଦୁର୍ନୀତି ବନ୍ଦ ସହ ଉଚ୍ଚସ୍ତରୀୟ ତଦନ୍ତ, ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିଥିବା ଡାକ୍ତର ଓ ଅନ୍ୟାନ୍ୟ ପଦବୀ ପୂରଣ, କୃଷିଋଣ ଛାଡ, ଉନ୍ନତ ମାନର ବିହନ ଓ ସାର ଯୋଗାଇ ଦେବା ପ୍ରମୁଖ ଦାବି ରହିଛି। ଆସନ୍ତା ୧୫ ଦିନ ମଧ୍ୟରେ ଏହା କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ଆନ୍ଦୋଳନ ସ୍ଥଳକୁ ଏବିଡିଓ ଅରୁଣ କୁମାର ପ୍ରଧାନ, ତହସିଲଦାର ଡ. ଦୟାସିନ୍ଧୁ ପରିଡା, ଥାନାଅଧିକାରୀ ବିଶ୍ୱରଞ୍ଜନ ନାୟକଙ୍କ ଉପସ୍ଥିତିରେ ଏକ ଦାବିପତ୍ର ଏବିଡିଓଙ୍କୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା ପକ୍ଷରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବାନନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ପିତଳ ପୂର୍ବତନ ସରପଞ୍ଚ ଓ ଜିଲା କାର୍ଯ୍ୟକାରିଣି ସଦସ୍ୟ ଅନିଲ କୁମାର ମହାପାତ୍ର, କଂସ ସ୍ୱାଇଁ, ଶେରଗଡ ବ୍ଲକ ମଣ୍ଡଳ ସଭାପତି ଜୟରାମ ସ୍ୱାଇଁ, କୃଷକ ମୋର୍ଚ୍ଚା ସଭାପତି ବୃନ୍ଦାବନ ଦାଶ, ବ୍ଲକ ମଣ୍ଡଳ ସଭାପତି ଲକ୍ଷ୍ମୀକାନ୍ତ ପାତ୍ର, ଲମ୍ବୋଧର ଡାକୁଆ, ଦାମୋଦର ମହାପାତ୍ର, ଗୋଲକ ପରିଡା ପ୍ରମୁଖ ନେତୃତ୍ୱ ନେଇଥିଲେ।



ଶୋଭାଯାତ୍ରାରେ ଯାଉଛନ୍ତି ଭାଜପା ନେତା ଓ କର୍ମୀ।



## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା

ଶେରଗଡ଼,୪।୧୧(ଡି.ଏନ୍.ଏ.): ଶେରଗଡ଼ ବ୍ଲକ ଭୃଷୁଣ୍ଡା ଗ୍ରାମରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟି ଜଣେ ବ୍ୟକ୍ତିଙ୍କ ୨ ବଖରା ଜଳିଯାଇଛି। ଘର ପୋଡ଼ିଥିବା ବ୍ୟକ୍ତିଙ୍କ ନାମ କବି ସ୍ୱାଇଁ। ରାତି ପ୍ରାୟ ୮ଟାରେ ସମସ୍ତେ ବାହାରେ ଥିବାବେଳେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ବହୁ ସମ୍ପତ୍ତି ଜଳିଯାଇଛି। ଖବର ପାଇ ଡାକରଡ଼ା ସମିତି ସଭ୍ୟ ବିଜୟ ଲକ୍ଷ୍ମୀ ନାୟକ, କୃଷ୍ଣ ନାୟକ ପ୍ରମୁଖ ପହଞ୍ଚି ବିପନ୍ନ ପରିବାରକୁ ଭେଟିବା ସହ ସରକାରୀ ସହାୟତା ଦାବି କରିଛନ୍ତି।

### ଆମ ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଧରାକୋଟ,୪।୧୧(ଡି.ଏନ୍.ଏ.): ଧରାକୋଟ ଉପକଣ୍ଠ ବାଲ୍ମୀକେଶ୍ୱର ଅନାଥ ଆଶ୍ରମ ପରିସରରେ ଆମ ପୋଲିସ ସମିତି ପକ୍ଷରୁ ଆଶ୍ରମ ଅନ୍ତେବାସୀ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁଭଲକ୍ଷ୍ମୀ ପୂଜାରୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ଦିଲୀପ କୁମାର ସ୍ୱାଇଁ, କବିରାଜ ସାହୁ, ମନୋରଞ୍ଜନ ମାର୍ଥା ପ୍ରଦୀପ କୁମାର ଦୋରା, ତ୍ରିଲୋଚନ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସାଂପ୍ରତିକ ପରିସ୍ଥିତିରେ ଅନ୍ତେବାସୀ ଛାତ୍ରୀଛାତ୍ରଙ୍କ ଜୀବନଶୈଳୀ, ସୁରକ୍ଷା, ଭବିଷ୍ୟତ ଉପରେ ଥାନା ଅଧିକାରୀ ବକ୍ତବ୍ୟ ଦେବା ସହ ଆଶ୍ରମ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ ଏବଂ ନାବାଳିକାଙ୍କ ଉପରେ ଗୁରୁତ୍ୱ ଦେବା ସହ ତୀକ୍ଷ୍ଣ ଦୃଷ୍ଟି ରଖିବା ପାଇଁ ପରାମର୍ଶ ଦେଇଥିଲେ। ଆମ ପୋଲିସ ସମିତି ପକ୍ଷରୁ ଆଶ୍ରମକୁ ଏକ ଇନ୍‌ଭରଟର ସହ ବ୍ୟାଟେରି ପ୍ରଦାନ କରିଥିଲେ। ଶେଷରେ ଅନ୍ତେବାସୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଗୁଣିଆ ସନ୍ଦେହରେ ଅପହରଣ, ହତ୍ୟା ଉଦ୍ୟମ

## ■ ଦ୍ୱାଇଁ, ଶାଳକ ଗିରଫ, ୩ ଅଭିଯୁକ୍ତ ଫେରାର, ବାଇକ ଜବତ

ଦିଗପହଣ୍ଡି/ପାଟପୁର,୪।୧୧(ଡି.ଏନ.ଏ.)

ଗୁଣିଆ ସନ୍ଦେହରେ ଅପହରଣ ଓ ହତ୍ୟା ଉଦ୍ୟମ ମାମଲାରେ ପାଟପୁର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ହିଞ୍ଜିଳି ଥାନା ବୁରୁପଡ଼ା ଗ୍ରାମର ସନ୍ତୋଷ ଡାକୁଆ, ସନ୍ତୋଷଙ୍କ ଶାଳକ ପାଟପୁର ଥାନା ପଳାସପୁର ଗ୍ରାମର ଶଙ୍କର ଡାକୁଆ।

ଗୁରୁବାର ଅପରାହ୍ନରେ ପାଟପୁର ଥାନା ଜିଉରା ଗ୍ରାମର ବାଞ୍ଛା ସାହୁ ଗ୍ରାମ ନିକଟ ବାଘୁଆ କେନାଲକୁ ଶୌଚ ପାଇଁ ଯାଇଥିଲେ। ପୂର୍ବ ଯୋଜନା ପ୍ରକାରେ ବାଞ୍ଛାଙ୍କୁ ଗିରଫ ଅଭିଯୁକ୍ତଙ୍କ ସହ ତାଙ୍କ ତିନି ସାଥୀ ଧାରୁଆ ଛୁରି ଓ କ୍ଷୁରରେ ଆକ୍ରମଣ କରିଥିଲେ ଏବଂ ହତ୍ୟା କରିବା ପାଇଁ ଏକ ବାଇକ୍‌ରେ ଜଙ୍ଗଲକୁ ଅପହରଣ କରି ନେବା ବେଳେ ରାସ୍ତାରେ ବାଇକଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବାଞ୍ଛା ପାଟି କରିବାରୁ ନିକଟସ୍ଥ ଗଙ୍ଗାପୁର ଗ୍ରାମବାସୀ ପହଞ୍ଚି ସନ୍ତୋଷ ଏବଂ ଶଙ୍କରଙ୍କୁ କାବୁ କରି ପାଟପୁର ପୋଲିସକୁ ଖବର ଦେଇଥିଲେ। ଅନ୍ୟ ୩ ଜଣ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ପୋଲିସ ପହଞ୍ଚି ବାଞ୍ଛାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସା କରାଯାଉଛି। ଶୁକ୍ରବାର ସକାଳେ ବାଞ୍ଛାଙ୍କ ସ୍ତ୍ରୀଙ୍କ ଏତଲାକ୍ରମେ ଆଇଆଇସି ରମେଶ କୁମାର ପ୍ରଧାନ ଘଟଣାର ତଦନ୍ତ କରି ନଂ. ୨୧୩/୧୮ ରେ ୫ ଜଣ ଅଭିଯୁକ୍ତଙ୍କ ବିରୋଧରେ ମୋକଦ୍ଦମା ରୁଜୁ କରିଛନ୍ତି। ଅପହରଣ ଘଟଣାରେ ବ୍ୟବହୃତ ବାଇକକୁ ପୋଲିସ ଜବତ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ଜଣାଇଛନ୍ତି। ଗୁଣିଆ ସନ୍ଦେହରେ ବାଞ୍ଛାଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ଗ୍ରାମବାସୀ କହୁଥିବା ବେଳେ ପୂର୍ବ ରାଜନୈତିକ ଶତ୍ରୁତାରୁ ତାଙ୍କୁ ଆକ୍ରମଣ କରାଯାଇଥିବା ପୋଲିସର ପ୍ରାରମ୍ଭିକ ତଦନ୍ତରୁ ସୂଚନା ମିଳିଛି। ଫେରାର ଥିବା ୩ ଜଣଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁହଁ ଉପରେ ଆରେ ହୁର
ପଛ ହୋଇଗଲେ ଦୂର୍ ଦୂର୍ ।**

ମୁହଁ ଉପରେ ଅନେକେ ଭଲେଇ ହୋଇ କଥା କହିଥାନ୍ତି। ଆପଣାର ଭାବ ଦେଖେଇ ହେବା ସହ ବଡ଼ ବଡ଼ କଥା କହିଥାନ୍ତି। ଏପରି କି ନେଇ ଆଣି ଥୋଇ ପାରିବାର ମିଛ ଆଶ୍ୱାସନା ଦେଇଥାନ୍ତି। ପରନ୍ତୁ ମୁହଁ ପଛରେ ନାନା ସମାଲୋଚନା କରିବା ସହ ବେଖାତିର କରିବାକୁ ପଛାଇ ନ ଥାନ୍ତି। ସୁବିଧାବାଦୀ ବ୍ୟକ୍ତିଙ୍କର ଏପରି ଚରିତ୍ର ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମହାକାଳ ଫଳ ବଡ଼ ସୁନ୍ଦର
ଭିତର ଦେଖିଲେ ପୋଡ଼ା ଅଙ୍ଗାର ।**

ମହାକାଳ ଫଳ ଦେଖିବାକୁ କେତେ ସୁନ୍ଦର ଅଥଚ ଭିତରେ ପୋଡ଼ା ଅଙ୍ଗାର । ବାହ୍ୟସ୍ୱରୂପ ଦେଖି ଭିତରର ପ୍ରକୃତି ବା ସ୍ୱଭାବ ବିଷୟରେ ଅନ୍ଦାଜ ଲଗାଇବା କଷ୍ଟକର। ପ୍ରକୃତରେ କିଏ ଭଲ, କିଏ ଭେଲ ତାହା ବ୍ୟକ୍ତିର ଆକୃତିରୁ ଜାଣି ହୋଇ ନ ଥାଏ। ସୁନ୍ଦର ଚେହେରା ଭିତରେ ଯେ ବିକୃତ ମାନସିକତା ଲୁଚି ନ ରହିଛି ତାହା ଠଉରେଇବା ମଧ୍ୟ କାଠିକର ପାଠ ହୋଇଯାଇଥାଏ। ବାହାରେ ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତି ପ୍ରଦର୍ଶନ କରୁଥିବା ତଥା ମିଷ୍ଟଭାଷୀ ବୋଲାଉଥିବା କିଛି ବ୍ୟକ୍ତି ଭିତରେ ଭିତରେ କପଟାଚରଣ କରୁଥିବା ଦେଖିବାକୁ ମିଳୁଥିବା ବେଳେ ଏମାନଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ପୀଡ଼ିତାଙ୍କ ଗ୍ରାମରେ ଭାଜପା ନେତ୍ରୀ

ପୋଲସରା,୪।୧୧(ଡି.ଏନ.ଏ.)

ପୋଲସରା ବ୍ଲକ ବାଲିଛାଇ ଫାଣ୍ଡି ଅଞ୍ଚଳରେ ବୁଧବାର ଗଣ ବଳାତ୍କାରର ଶିକାର ହୋଇଥିବା ପୀଡ଼ିତାଙ୍କ ଗ୍ରାମକୁ ରବିବାର ଭାଜପା ନେତ୍ରୀମାନେ ପରିଦର୍ଶନ କରିଛନ୍ତି। ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତି ପରିଡ଼ାଙ୍କ ନେତୃତ୍ୱରେ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ଲେଖାଶ୍ରୀ ସାମନ୍ତ ସିଂହାର, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ବବିତା ପାତ୍ର, ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ଜୟନ୍ତୀ ପଢ଼ିହାରୀଙ୍କ ସମେତ ବହୁ ଭାଜପା କର୍ମକର୍ତ୍ତା ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଅପରାଧୀମାନଙ୍କୁ ତୁରନ୍ତ ଧରିବା ସହ ପୀଡ଼ିତାଙ୍କ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରନ୍ତୁ ବୋଲି କହିଥିଲେ। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଜିଲାରେ ମହିଳା ଓ ଶିଶୁମାନେ ସୁରକ୍ଷିତ ନୁହନ୍ତି ବୋଲି ଅଭିଯୋଗ କରିଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି ଉକ୍ତ ଘଟଣାକୁ ନିନ୍ଦା କରିବା ସହ ଅପାରଗ ସରକାରଙ୍କ ବିରୋଧରେ ବିଷୋଦଗାର କରିଥିଲେ। ପୀଡ଼ିତାଙ୍କ ଆରୋଗ୍ୟ ଲାଗି ଶୁଭ କାମନା କରିଥିଲେ।



ମହିଳା ମୋର୍ଚ୍ଚା ନେତ୍ରୀମାନେ ପୀଡ଼ିତାଙ୍କ ଗ୍ରାମରେ ଆଲୋଚନା କରୁଛନ୍ତି।

## ମୃତ ରାତ୍ର ଜଗୁଆଳିଙ୍କ ପରିବାରକୁ ସହାୟତା ପ୍ରଦାନ

ଶେରଗଡ,୪।୧୧(ଡି.ଏନ୍.ଏ.)

ଶେରଗଡ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଶନିବାର କରଡକଣା ଉଚ୍ଚ ବିଦ୍ୟାଳୟର ମୃତ ରାତି ଜଗୁଆଳୀ ରଘୁନାଥ ଦାସଙ୍କ ସ୍ତ୍ରୀଙ୍କୁ ୫ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଏହି ଅର୍ଥ ଜିଲାସ୍ତରୀୟ ଗୁରୁପାଣ୍ଠି ଅର୍ଥରୁ ଜିଲା ଶିକ୍ଷାଅଧିକାରୀ ସନାତନ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ବିଇଓ ଭାସ୍କର ଲେଙ୍କା, ନୋଡାଲ ଅଧିକାରୀ ନବୀନ ଚନ୍ଦ୍ର ପାଢୀ, ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ଜାନି, ଏବିଇଓ ଲକ୍ଷ୍ମୀନାରାୟଣ କର, ଶୈଳେନ୍ଦ୍ରି ଦଳେଇ ଓ ଶିକ୍ଷାବିଭାଗର ବରିଷ୍ଠ କିରାଣୀ ଶଙ୍କର ରାଓଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଛି ।

# ସାପ କାମୁଡ଼ାରେ ମହିଳା ଗୁରୁତର

ଦିଗପହଣ୍ଡି,୪।୧୧(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତ ଶ୍ୟାମ ସୁନ୍ଦରପଲ୍ଲୀ ଗ୍ରାମର ସଜନୀ ମଲ୍ଲିକ ସାପ କାମୁଡ଼ାରେ ଗୁରୁତର ହୋଇଛନ୍ତି । ରବିବାର ପୂର୍ବାହ୍ନରେ ସଜନୀ ଚାଷ ଜମି ହିଡ଼ରେ ବିରିଗଛ ଉପାଡୁଥିବା ବେଳେ ତାଙ୍କ ବାମଗୋଡ଼କୁ ବିଶାକ୍ତ ସାପ କାମୁଡ଼ି ଦେଇଥିଲା। ସଜନୀଙ୍କ ପାଟି ଶୁଣି ଆଖପାଖ ଜମିରେ କାମ କରୁଥିବା ଲୋକେ ତାଙ୍କୁ ଅଟୋ ଯୋଗେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଚିକିତ୍ସା ପରେ ସୁଧାର ନ ଆସିବାରୁ ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି ।

# ଗ୍ରାସୀମ ଇଣ୍ଡଷ୍ଟ୍ରିଜରେ ସ୍ଥାନୀୟ ଯୁବକଙ୍କ ନିଯୁକ୍ତି ଦାବି: ଗଠିତ ହେଲା ମିଳିତ ପ୍ରତିବାଦ ମଞ୍ଚ

ଗଞ୍ଜାମ,୪।୧୧(ଡି.ଏନ.ଏ.)

ଗଞ୍ଜାମ ସହର ମଧ୍ୟରେ ଥିବା ଗ୍ରାସୀମ ଇଣ୍ଡଷ୍ଟ୍ରିଜ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଶିକ୍ଷିତ ବେକାର ଯୁବତୀ ଯୁବକଙ୍କ ପାଇଁ କିଛି କରାଯାଉ ନ ଥିବା ଯୋଗୁ ଅସନ୍ତୋଷ ବୃଦ୍ଧି ପାଉଛି। ଏନେଇ ବ୍ରହ୍ମପୁର ଏମ୍‌ପି ପ୍ରତିନିଧି ସୁଧିର କୁମାର ପାଢୀଙ୍କ ନେତୃତ୍ୱରେ ରବିବାର ଗଞ୍ଜାମ କଲେଜସ୍ଥିତ ମା' ବୁଢୀ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ୫୦ରୁ ଊର୍ଦ୍ଧ୍ୱ ଯୁବକ ଏକ ସଭା କରିଥିଲେ। ଏମ୍‌ପି ପ୍ରତିନିଧିଙ୍କ ସମେତ ବଟ ରାଉଳ, ମଦନ ପାଢୀ, ଶୁଭ ପଟ୍ଟନାୟକ, ନରେଶ ରେଡ୍ଡୀ, ପିଣ୍ଟୁ ସାହୁ, ମନୋଜ ପ୍ରଧାନ, ସଞ୍ଜୟ ବେହେରା, ଦୀପୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କମ୍ପାନୀ ବିରୋଧରେ ତଥା ସ୍ଥାନୀୟ ଅଞ୍ଚଳ ବେକାର ଶିକ୍ଷିତ ଯୁବତୀ, ଯୁବକ ନିଯୁକ୍ତି ଦାବିରେ ମିଳିତ ପ୍ରତିବାଦ ମଞ୍ଚ ଗଠନ କରାଯାଇଥିଲା। ସୋମବାର ଡାକ ଯୋଗେ କମ୍ପାନୀକୁ ଦାବିପତ୍ର ଦିଆଯିବ ଏବଂ ୧୫ ଦିନ ମଧ୍ୟରେ ଦାବି ପୂରଣ କରାନଗଲେ ଗଣତାନ୍ତ୍ରିକ ପଦ୍ଧତିରେ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସାଂସଦ ପ୍ରତିନିଧି ପାଢ଼ୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ସିନ୍ଧିଗାଁ ନନ୍ଦିମ୍ବା ଯାତ୍ରା ଉଦ୍‌ଯାପିତ

କନିଷି,୪।୧୧(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ଲୁହାଝର ପଞ୍ଚାୟତ ନିକଟସ୍ଥ ଟାଟା କଲୋନୀସ୍ଥିତ ସିନ୍ଧିଗାଁରେ ପ୍ରସିଦ୍ଧ ନନ୍ଦିମ୍ବା ଯାତ୍ରା ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତି ୨ ବର୍ଷକୁ ଥରେ ଏହି ଯାତ୍ରା ହୋଇଥାଏ। ୩ ଦିନ ଧରି ସିନ୍ଧିଗାଁ ଗ୍ରାମବାସୀ ଓ ନନ୍ଦିମ୍ବା ଯାତ୍ରା କମିଟିର ମିଳିତ ସହଯୋଗରେ ଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ଆଖପାଖ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଉଦ୍‌ଯାପନ ଦିବସରେ ଭାଜପା ରାଜ୍ୟ ସମ୍ପାଦକ ବିଭୂତି ଭୂଷଣ ଜେନା, ରଙ୍ଗେଇଲୁଣ୍ଡା ବ୍ଲକ ସାଧାରଣ ସମ୍ପାଦକ ସନତ କୁମାର ସାହୁ, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସୁବାଶିଷ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ
ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3 | BALASORE 9437147000
BBSR 0674- 2354320, 9437143000, 9437138000 | ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ୍ ନାହିଁ ।

# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଉତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୁରହେବ !
ଆମ ଉପଦେଶ ଆପଣଙ୍କର ଜୀବନର ଦଶା ଓ ଦିଶା ବଦଳେଇ ଦେଇ ପାରିବ
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିଆ କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ. ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର୍ କଳା ଶିକ୍ଷା
ଯେଉଁଠି ଆନ ସେଠି ହେବ
A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ଦୈବିକ ବିଦ୍ୟାରେ ନିପୁଣ
9997796211

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଦୀପାବଳି ଧମାକା
ମୁଦ୍ରା ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରୀକଲ୍‌ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
7078300382
7078299164
SCO-106, Second Floor, Vishal Tower, Connaught Place, Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ୍ ଦେଇ ମାତ୍ର ତିନି ଦିନରେ ଶିକ୍ଷାଋଣ, ବ୍ୟବସାୟ ଋଣ ଏବଂ ସୁନାଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ:
3 Salt Lake, Sector-5, KOLKATA-700091
9874247647

Adhar Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ପାଇଁ
ଲୋନ୍ ଅନ୍ ଲାଇନ୍ ମାଧ୍ୟମରେ କମ ସୁଧରେ ସମସ୍ତ ପ୍ରକାର ଲୋନ୍ ନେବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
ଅଧିକତମ ମହିଳା, ଛାତ୍ରଛାତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଛି ।
12A, Karolbag,New Delhi
8433378861
7379665376

HIGH SPEED UPKARAN
ଶୁଭ ଦୀପାବଳୀ ଅବସରରେ କମ୍ପାନୀର ଅଫରରେ ଘରେ ବସି ଅନ୍‌ଲାଇନ୍ ଉପକରଣ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ ।
ଆଡଭାନ୍ସ-୪୦ ଲକ୍ଷ + ଭଡା-୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲ୍‌ଥ ଇନ୍‌ସୁରାନ୍ସ ଫ୍ରୀ ।
Office No.413, Commercial Complex, Paschim Vihar, New Delhi-64
07454843836
07060557597

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ପ୍ରତିଷ୍ଠିତ କମ୍ପାନୀରୁ ଘରେ ବସି ମାର୍କସିଟ୍, ପର୍ସନାଲ, ପ୍ରପୋର୍ଟି, ପ୍ରୋଜେକ୍ଟ ଏବଂ ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ମହିଳା ଓ ଗରିବ ବେରୋଜଗାର ମାନଙ୍କୁ ବିଶେଷ ରିହାତି ।
କଳାହାଣ୍ଡି 09720689785
କଟକ 08394076727
ଭୁବନେଶ୍ୱର 09758895205
14/2, Laxmi Nagar, New Delhi

(ଦୀପାବଳି ଋଣ ଧମାକା)
KUBER FINANCE
ସରକାରୀ ଜନଧନ ଯୋଜନା ଅଧୀନରେ ସବୁ ପ୍ରକାରର ଋଣ ପାଆନ୍ତୁ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ 50,000ରୁ 1 କୋଟି ପର୍ଯ୍ୟନ୍ତ । 1% ସୁଧ, 50% ରିହାତି। ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ।
Call Now:
8295564405
7496890187
Shaldoha, Mahushmuriya, East Singhbhum, Baharagora Jharkhand - 832301

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra




## ସଂକ୍ଷେପରେ

### ମିସ୍ତ୍ରିଙ୍କ ମୃତଦେହ ଉଦ୍ଧାର

**ଭଞ୍ଜନଗର,୪।୧୧(ଡି.ଏନ.ଏ.):** ଭଞ୍ଜନଗର ମୁଖ୍ୟ ସଡକର ନବନିର୍ମିତ ଟାଉନହଲ୍ ସମ୍ମୁଖରେ ରବିବାର ସକାଳେ ଜଣେ ମିସ୍ତ୍ରୀଙ୍କ ମୃତଦେହ ପଡିଥିବା ଲୋକେ ଦେଖିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍‌ପିଟାଲକୁ ପଠାଇଛି। ମୃତ୍ୟୁର ସଠିକ୍ କାରଣ ଜଣାପଡିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡିବ ବୋଲି ପୋଲିସ କହିଛି। ମୃତବ୍ୟକ୍ତି ଜଣଙ୍କ ହେଲେ ଶୋରିଷମୂଳିର। ସେ ବହୁଦିନ ହେବ ଭଞ୍ଜନଗରରେ ରହି କାମ କରୁଥିଲେ। ରବିବାର ସକାଳେ କାହା ସହ ମୁଖ୍ୟ ସଡକରେ ବଚସା ହୋଇଥିଲା, ଏହାପରେ ରାସ୍ତା କଡରେ ଥିବା ଏକ ବାଲିଗଦାରେ ବସିଥିବା ବେଳେ ହଠାତ୍ ସେ ଟଳି ପଡିଥିଲେ। ଲୋକେ ପ୍ରଥମେ ଭାବିଥିଲେ ସେ ଶୋଇଥିବେ। କିଛି ଘଣ୍ଟା ପର୍ଯ୍ୟନ୍ତ ନ ଉଠିବାରୁ ଲୋକେ ପାଖକୁ ଯାଇ ଡାକିବା ପରେ ସେ ମୃତ୍ୟୁବରଣ କରିଥିବା ଜଣାପଡିଥିଲା।

### କୁର୍ମି କ୍ଷତ୍ରିୟ ପ୍ରଦେଶ ସଂସ୍ଥାର ବୈଠକ



**ଭଞ୍ଜନଗର,୪।୧୧(ଡି.ଏନ.ଏ.):** ନବ ନିର୍ବାଚିତ କୁର୍ମି କ୍ଷତ୍ରିୟ ପ୍ରଦେଶ ସଂସ୍ଥାର ପ୍ରଥମ ବୈଠକ ରବିବାର ବାଉଁଶଲୁଣ୍ଡି କୁଳ ଘରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଦେଶ ସଂସ୍ଥାର ସଭାପତି ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରି କୁଳର ବିଭିନ୍ନ ସମସ୍ୟା ଏବଂ ସାଙ୍ଗଠନିକ ଉପରେ କହିଥିଲେ। କୁଳର ଆଇନ ପରାମର୍ଶଦାତା ରାଜେନ୍ଦ୍ର ପ୍ରସାଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆଇନଜୀବୀ ଦିବାକର ନାୟକ, ଦେବଦତ୍ତ ପ୍ରଧାନ, କୁଳର ପ୍ରଚାର ଓ ପ୍ରସାର ମନ୍ତ୍ରୀ ଦାମୋଦର ରାଉତ, ଉପ ସଭାପତି ଶିବରାମ ନାୟକ, ସମ୍ପାଦକ ଦେବରାଜ ପ୍ରଧାନ, ସହ ସମ୍ପାଦକ ପ୍ରଶାନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏଥିରେ ରାଜ୍ୟର ୧୫ଟି ଅଞ୍ଚଳର କର୍ମକର୍ତ୍ତା ଯୋଗ ଦେଇଥିଲେ।

### ନାରାୟଣ ସେବା, ଚକ୍ଷୁ ପରୀକ୍ଷା ଶିବିର

**ଆସିକା,୪।୧୧(ଡି.ଏନ୍.ଏ.):** ଆସିକାସ୍ଥିତ ମାନବ ସେବା ସମିତି ପକ୍ଷରୁ ରବିବାର ଖମ୍ବେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ନାରାୟଣ ସେବା ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ୪ଶହରୁ ଉର୍ଦ୍ଧ୍ୱ ନାରାୟଣଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଚକ୍ଷୁ ପରୀକ୍ଷା ଶିବିରରେ ୬୦ଜଣ ଚକ୍ଷୁ ପରୀକ୍ଷା କରିଥିଲେ। ସମିତିର ଉପଦେଷ୍ଟା ଗଣେଶ ରଥ, ଭବାନୀ ଶଙ୍କର ରଥ, ରାମଚନ୍ଦ୍ର ରାୟ, ଧନଞ୍ଜୟ ମହାପାତ୍ର, ଅଜିତ ପଟ୍ଟନାୟକ, ପୀତବାସ ପାଢୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଫିରିଙ୍ଗିଆ ବିଇଓ ଅଫିସ ବରିଷ୍ଠ କିରାଣିଙ୍କୁ ଉଠାଇ ନେଲେ

**ଫୁଲବାଣୀ ଅଫିସ, ୪।୧୧**

- ଗୋଛାପଡା ଥାନାଧିକାରୀଙ୍କୁ ହାଣିବା ପରେ ପୋଲିସକୁ ଚ୍ୟାଲେଞ୍ଜ
- ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ଉଠୁଛି ପ୍ରଶ୍ନ

କନ୍ଧମାଳ ଜିଲାରେ ଦିନକୁ ଦିନ ଦୁର୍ବୃତ୍ତମାନଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଜିଲା କୋର୍ଟ ମାଲଖାନାରୁ ଗଞ୍ଜେଇ ଲୁଟ୍, ଫୁଲବାଣୀରେ ଗୋଛାପଡା ଥାନାଧିକାରୀଙ୍କୁ ହାଣିବା ପରେ ରବିବାର ଫିରିଙ୍ଗିଆ ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣିଙ୍କୁ ଉଠାଇ ନେଇଛନ୍ତି। ଫୁଲବାଣୀ ସଦର ଥାନା ଅଞ୍ଚଳରୁ ଏକ ବାଇକରେ ତାଙ୍କୁ ଦୁର୍ବୃତ୍ତମାନେ ଉଠାଇ ନେଇଥିବା ଜଣାପଡିଛି। ଘଟଣାକୁ ନେଇ ସଦର ଥାନାରେ ଅଭିଯୋଗ କରାଯାଇଥିଲେ ହେଁ ପୋଲିସ ମାମଲା ରୁଜୁ କରିବା ପରିବର୍ତ୍ତେ ପରିବାର ଲୋକଙ୍କୁ ଧମକ ଦେଇଛି । ଏନେଇ ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନ ଉଠିଛି। ଗତ ୨ ତାରିଖରେ ଗୋଛାପଡା ଥାନାଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ କାହାରିକୁ ଗିରଫ କରି ନ ଥିବା ବେଳେ ପୁଣି ସଦର ଥାନା ଅଞ୍ଚଳରୁ ଜଣେ ବରିଷ୍ଠ କିରାଣିଙ୍କୁ ଉଠାଇ ନେବା ଘଟଣା ପୋଲିସର ପାରିବା ପଣିଆକୁ ପଦାରେ ପକାଇଛି । ବରିଷ୍ଠ କିରାଣି କିଡ୍‌ନାପ ହେବା କଥାକୁ ଶିକ୍ଷା ବିଭାଗ ସ୍ପଷ୍ଟ କରୁଥିବା ବେଳେ ସଦର ଥାନାଧିକାରୀ ଘଟଣାକୁ ଲୁଚାଇବାକୁ ଚେଷ୍ଟା କରୁଛନ୍ତି। ବିଗତ ସପ୍ତାହରୁ ଉର୍ଦ୍ଧ୍ୱ ଘଟଣା କ୍ରମକୁ ଲକ୍ଷ୍ୟ କଲେ ଦୁର୍ବୃତ୍ତମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ କରୁଥିବା ସ୍ପଷ୍ଟ ଜଣାପଡିଛି।

ଫୁଲବାଣୀ ସଦର ଥାନା ରୁଜାଙ୍ଗି ଗ୍ରାମର ବଦ୍ରିକା ନାଥ ସାହାଣୀ ଫିରିଙ୍ଗିଆ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବରିଷ୍ଠ କିରାଣୀ ଭାବେ କାର୍ଯ୍ୟରତ। ରବିବାର ସେ ଘର ସମ୍ମୁଖରେ ଠିଆ ହୋଇଥିବା ବେଳେ ୨ ଜଣ ଏକ ବାଇକରେ ଆସି ତାଙ୍କୁ ଉଠାଇ ନେଇଥିଲେ। ପଡୋଶୀ ଦେଖି ତାଙ୍କ ପରିବାରକୁ ଖବର ଦେଇଥିଲେ। ଘର ଲୋକେ ଏ ନେଇ ସଦର ଥାନାରେ ଏତଲା ଦେବାରୁ ଥାନାଧିକାରୀ ଏହା ରଖିବାକୁ ମନା କରିଥିଲେ। ସାହାଣୀଙ୍କ ପରିବାର ଲୋକେ ଏ ନେଇ ଏସ୍‌ପିଙ୍କ ପାଖରେ ଅଭିଯୋଗ କରିବେ ବୋଲି କହିଛନ୍ତି।

ଘଟଣା ସମ୍ପର୍କରେ ଫିରିଙ୍ଗିଆ ବ୍ଲକ ଶିକ୍ଷାଧିକାରୀ ବିନୋଦ ଦିଗାଲଙ୍କୁ ପଚାରିବାରୁ ଆମ କାର୍ଯ୍ୟାଳୟର ବରିଷ୍ଠ କିରାଣୀଙ୍କୁ କିଡ୍‌ନାପ କରାଯାଇଛି, ଘଟଣା ନେଇ ତାଙ୍କ ପରିବାର ଲୋକେ ଆମକୁ ଅବଗତ କରିଛନ୍ତି ବୋଲି କହିଥିଲେ। ହେଲେ ସେମାନେ ଥାନାରେ ଅଭିଯୋଗ କରିଛନ୍ତି, ଆମ ପାଖରେ ଆଉ କିଛି ଖବର ନାହିଁ ବୋଲି କହିଛନ୍ତି। ସଦର ଥାନାଧିକାରୀ ରାଧାକାନ୍ତ ସାହୁ କୁହନ୍ତି, ଆମ ପାଖରେ କିଛି ଅଭିଯୋଗ ହୋଇନାହିଁ। ପୁଣି ତାଙ୍କୁ ବିଇଓ କହିବା କଥା କହିବାରୁ ମୁଁ ବାହାରେ ଅଛି, ବୁଝି କହିବି ବୋଲି ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ୨୯ ତାରିଖ ରାତି ପ୍ରାୟ ୨ଟା ବେଳେ କୋର୍ଟ ପରିସର ମାଲ୍‌ଖାନାରୁ ଗଞ୍ଜେଇ ଲୁଟ ହୋଇଥିଲା। ଏହି ଘଟଣାରେ ପୋଲିସ ୭ ଜଣଙ୍କୁ ଧରିଥିଲା। ଘଟଣା ନେଇ ଏସ୍‌ପି ପ୍ରତୀକ ସିଂ ୨ ତାରିଖରେ ଖବରଦାତା ସମ୍ମିଳନୀ ଡକାଇ ଏହା ସ୍ପଷ୍ଟ କରିଥିଲେ। ହେଲେ ସେହିଦିନ ସନ୍ଧ୍ୟାରେ ଗୋଛାପଡା ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କୁ ଫୁଲବାଣୀ ସହରସ୍ଥିତ ଏକ ଏଟିଏମ ପାଖରେ ଦୁର୍ବୃତ୍ତମାନେ ଟାଙ୍ଗିଆରେ ବେକ ପଛକୁ ହାଣି ଦେଇଥିଲେ। ଏବେ ବରିଷ୍ଠ କିରାଣିଙ୍କୁ ଅପହରଣ ନେଇ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି।

# ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ



କୃତୀ ଛାତ୍ରୀଙ୍କୁ ଜିଲାପାଳ ପୁରସ୍କୃତ କରୁଛନ୍ତି ।

**ଛତ୍ରପୁର,୪।୧୧(ଡି.ଏନ.ଏ.)**

ଛାତ୍ରୀଛାତ୍ରଙ୍କ ସ୍ୱହସ୍ତ ନିର୍ମିତ ଚିତ୍ରକଳାକୁ ବିଦ୍ୟାଳୟରେ ପ୍ରଦର୍ଶନ କରାଯିବ ବୋଲି ଗଞ୍ଜାମ ଜିଲପାଳ ବିଜୟ ଅମୃତା କୁଲାଙ୍ଗେ ପ୍ରକାଶ କରିଛନ୍ତି । ଛତ୍ରପୁର ଅନସ୍ଲୋ ହାଇସ୍କୁଲରେ ଅନୁଷ୍ଠିତ ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ସୁରଭିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଞ୍ଜାମ ଜିଲାର ଛାତ୍ରୀଛାତ୍ରମାନଙ୍କ ସୃଜନଶୀଳତାକୁ ପ୍ରଶଂସା କରିଥିଲେ। ଆସନ୍ତା ବର୍ଷଠାରୁ ସୁରଭି କାର୍ଯ୍ୟକ୍ରମ ବୃହତ ଆକାରରେ ଆୟୋଜନ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ । ଶିଶୁ ପ୍ରତିଭା ଲୋକଲୋଚନକୁ ଆଣିବା ପାଇଁ ଗଞ୍ଜାମ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ପ୍ରତ୍ୟେକ ବ୍ଲକରୁ ୨୩ ଜଣ ଲେଖାଏ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିତର୍କ ପ୍ରବନ୍ଧ ଲିଖନ, କୁଇଜ୍ , ଚିତ୍ରାଙ୍କନ, ସୃଜନଶୀଳ ଲେଖନ, ବକ୍ତୃତା, ସଙ୍ଗୀତ, ଓଡିଆ ହସ୍ତାକ୍ଷର, ଗ୍ରୁପ ଡ୍ୟାନ୍ସ, ଚିତ୍ରକଳା ଓ ଶିଳ୍ପକଳା ଏବଂ ମଧ୍ୟାହ୍ନ ଭୋଜନର ସ୍ୱଚ୍ଛତା ପ୍ରଭୃତି ୧୦ ବିଷୟରେ ପ୍ରତିଯୋଗିତା ହୋଇଥିଲା । ଏଥିରେ ଅଷ୍ଟମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଭା ଚୟନ ହୋଇଥିଲ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ। ଏହି ଅବସରରେ ବଳରାମପୁର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମୋ ବିଦ୍ୟାଳୟ ଉପରେ ବାଲୁକା ଚିତ୍ର ପ୍ରଦର୍ଶନ କରିଥିଲେ । ଉଦ୍‌ଘାଟନ ଉତ୍ସବରେ ଡିଆରଡିଏ ପିଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକ ଦେବବ୍ରତ ସାହୁ, ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୀତା ସେନାପତି, ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ଅବିନାଶ ଶତପଥୀ, ଜନଜାତି ଶିକ୍ଷା ସଂଯୋଜକ ସରୋଜ ମୋହନ ପାଳ, ଭିନ୍ନକ୍ଷମ ଶିକ୍ଷା ସଂଯୋଜକ ତପନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଅନସ୍ଲୋ ହାଇସ୍କୁଲ ପ୍ରଧାନଶିକ୍ଷକ ରାଧାକୃଷ୍ଣ ନାୟକ ଏହାକୁ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ସୁଚିତ୍ରା ମହାନ୍ତି ଛାତ୍ରୀଛାତ୍ରଙ୍କୁ ନେଇ ସଂଗୀତ ପରିବେଷଣ କରିଥିଲେ । ଅନସ୍ଲୋ ହାଇସ୍କୁଲକୁ ଆଇଆରଇ ପକ୍ଷରୁ ଦିଆଯାଇଥିବା ଜଳ ବିଶୋଧନ ଯନ୍ତ୍ରକୁ ଜିଲାପାଳ ଉଦ୍‌ଘାଟନ କରିଥିଲେ।



ଉତ୍ତରାଖଣ୍ଡର ବଦ୍ରିନାଥରୁ ଫେରୁଥିବା ବେଳେ ବରଫପାତ ଯୋଗୁ ଧର୍ମଶାଳା ଫସିରହିଥିବା ଭଞ୍ଜନଗର ଅଞ୍ଚଳର ତୀର୍ଥଯାତ୍ରୀମାନେ। ରବିବାର ଏମାନେ ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିଲେ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ




ଭିଜିଲାନ୍ସ ଡିଏସ୍‌ପିଙ୍କ ସହ ଅନ୍ୟମାନେ ।

**ଫୁଲବାଣୀ ଅଫିସ, ୩।୧୧**

ଫୁଲବାଣୀ ପ୍ରେସ କ୍ଲବରେ ଶନିବାର ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଜିଲା ଭିଜିଲାନ୍ସ ଡିଏସ୍‌ପି ରବିକାନ୍ତ ସୁନା ଯୋଗଦେଇ ଦୁର୍ନୀତି କରିବା କିପରି ଆଇନ୍‌ଗତ ଅପରାଧ ଓ ଏହା ପାଇଁ ଥିବା ଦଣ୍ଡବିଧାନର ନିୟମାବଳୀ ଉପରେ ଆଲୋଚନା କରିଥିଲେ। ଫୁଲବାଣୀ କୋର୍ଟ ପବ୍ଲିକ୍ ପ୍ରୋସିକ୍ୟୁଟର ବିଷ୍ଣୁପ୍ରସାଦ ମହାପାତ୍ର, ଆଇନ୍‌ଜୀବୀ ବିଜୟ କୁମାର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦୁର୍ନୀତିର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ରଖିଥିଲେ। ଏଥିସହ କେହି ଲାଞ୍ଚ ମାଗିଲେ ତୁରନ୍ତ ଭିଜିଲାନ୍ସକୁ ଜଣାଇବାକୁ ଉପସ୍ଥିତ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ, ସେଭ୍ ଦି ଚିଲଡ୍ରେନ୍ ଓ ଓଡିଶା ଷ୍ଟେଟ୍ ଏଡସ୍ କଣ୍ଟ୍ରୋଲ ସୋସାଇଟି ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱାତୀ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଶତପଥୀ, ଜିଲା ମୁଖ୍ୟ ଚିକିତ୍ସାଳୟର ନୋଡାଲ୍ ଆଇସିଟିସି କାଉନ୍‌ସିଲର୍ ଦେବାଶିଷ୍ ମିଶ୍ର ଯୋଗଦେଇ ଦୁର୍ନୀତି ବିରୋଧରେ ଲଢିବାକୁ ହେଲେ ଯୁବଗୋଷ୍ଠୀଙ୍କୁ ଅଧିକ ସଚେତନ ହେବାକୁ ପଡିବ ବୋଲି କହିଥିଲେ। ବିଶ୍ୱରଞ୍ଜନ କର, ବୈଦ୍ୟନାଥ ଖଟୁଆ, ପ୍ରଦୀପ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିପ୍ରଚରଣ ସାହୁ, ଶୁଭଶ୍ରୀ ପାତ୍ର, ବିଜୟଲକ୍ଷ୍ମୀ ପଣ୍ଡା, ଅନ୍ନପୂର୍ଣ୍ଣା ପ୍ରଧାନ ଓ ରେହେମା ଖାତୁନ୍ ସହଯୋଗ କରିଥିଲେ ।

## ନାବାଳିକା ଗଣବଳାତ୍କାର ମାମଲା

# ଏସ୍‌ପିଙ୍କୁ ଭେଟିଲା ଭାଜପା ମହିଳା ମୋର୍ଚ୍ଚା

**ଛତ୍ରପୁର,୪।୧୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ପୋଲସରା ବ୍ଲକ ତଥା କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଗଣ ବଳାତ୍କାର ମାମଲାରେ ସମ୍ପୃକ୍ତଙ୍କୁ ଗିରଫ ପାଇଁ ରବିବାର ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ପକ୍ଷରୁ ଦାବି ହୋଇଛି। ସଭାନେତ୍ରୀ ପ୍ରଭାତି ପରିଡାଙ୍କ ନେତୃତ୍ୱରେ ଏକ ଟିମ୍ ଗଞ୍ଜାମ ଏସ୍‌ପିଙ୍କୁ ଭେଟି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଭାଜପା ମହିଳା ମୋର୍ଚ୍ଚା ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ପୁରୁଷୋତ୍ତମପୁର ଏସ୍‌ଡିପିଓଙ୍କ ନେତୃତ୍ୱରେ ୪ଟି ଟିମ ଗଠନ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ହେଉଛି। ଏଥିସହ ଉକ୍ତ ମାମଲାରେ ୮ଜଣଙ୍କୁ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି। ଉକ୍ତ ଅଞ୍ଚଳର ୨୫ରୁ ଉର୍ଦ୍ଧ୍ୱ ଜଣକୁ ପଚରା ଉଚୁରା କରାଯାଇଛି। ପୋଲିସ ପକ୍ଷରୁ ନାବାଳିକାକୁ ପ୍ରକୃତ ନ୍ୟାୟ ପ୍ରଦାନ କରାଯିବ ଓ ପୋଲିସ କୌଣସି ରାଜନୀତି ଚାପରେ କାମ କରୁ ନ ଥିବା ଗଞ୍ଜାମ ଏସ୍‌ପି ବିଜ୍ରେଶ କୁମାର ରଏ କହିଥିଲେ। ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାର, ରାଜ୍ୟ ଭାଜପା ମହିଳାମୋର୍ଚ୍ଚା ସାଧାରଣ ସମ୍ପାଦିକା ବବିତା ପାତ୍ର, ଅହଲ୍ୟା ଜେନା, ଅନିତା ପ୍ରିୟଦର୍ଶିନି, ଜିଲା ସମ୍ପାଦିକା ଭାରତୀ ବେହେରା ଏସପିଙ୍କୁ ଭେଟିଥିଲେ।

ପୂର୍ବ ତଟ ରେଳପଥ
ଟ୍ରାକ୍ ଫିଟିଙ୍ଗ୍‌ଗୁଡ଼ିକର
ଇ-କ୍ରୟ ପ୍ରଣାଳୀ
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ECoRCONTP181906 ଏବଂ ECoRCONTP181907
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ), ପୂର୍ବ ତଟ ରେଳପଥ, ଭୁବନେଶ୍ୱର ଦ୍ୱାରା ବିଭିନ୍ନ ପ୍ରକାର ଟ୍ରାକ୍ ଫିଟିଙ୍ଗ୍‌ଗୁଡ଼ିକର ଉତ୍ପାଦନ ଏବଂ ଯୋଗାଣ ନିମନ୍ତେ ଇ-ଟେଣ୍ଡର-ସାମଗ୍ରୀ ଏବଂ ସର୍ଭିସ୍ ପୋର୍ଟାଲ ଅଧୀନସ୍ଥ ଇ-କ୍ରୟ ପ୍ରଣାଳୀ ୱେବ୍‌ସାଇଟ୍ http://www.ireps.gov.in ମାଧ୍ୟମରେ ଇ-ବିଡ୍ ଆମନ୍ତ୍ରଣ କରାଯାଉଛି । ଇ-ଟେଣ୍ଡର ବିଜ୍ଞପ୍ତି ସଂ. ECoRCONTP181906 ଏବଂ ECoRCONTP181907 ଗୁଡ଼ିକର ବନ୍ଦ ହେବାର ତାରିଖ କ୍ରମଶଃ ତା.19.11.2018ରିଖ ଏବଂ ତା.26.11.2018ରିଖ ଅଟେ ।
ଇଚ୍ଛୁକ ଟେଣ୍ଡରଦାତାମାନେ ଅଧିକ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ : http://www.ireps.gov.in ଅବଲୋକନ କରିବା ସହିତ ସେମାନଙ୍କ ପ୍ରସ୍ତାବ ଦାଖଲ କରିପାରିବେ ।
PR-85/CB/-18-19
ଉପ ମୁଖ୍ୟ ଯନ୍ତ୍ରୀ/ନିର୍ମାଣ/TP/ଭୁବନେଶ୍ୱର

ଧରିତ୍ରୀ
DHARITRI
Puja Quiz- 2018
Quiz No.22
Main Sponsor: TVS
Co-Sponsors: CENTRAL, Nikon
☑ Tick mark the box which is correct
୧. ଜୈନ ଧର୍ମର ଆଦ୍ୟ ପ୍ରବର୍ତ୍ତକ କିଏ ?
କ. ମହାବୀର ☐ ଖ. ଋଷଭ ☐ ଗ. ସିଦ୍ଧାର୍ଥ ☐ ଘ. କେଉଁଟି ନୁହେଁ ☐
୨. ନନ୍ଦ ଶାସନ କିଏ ପ୍ରତିଷ୍ଠା କରିଥିଲେ ?
କ. ଅଶୋକ ନନ୍ଦ ☐ ଖ. ଧନ ନନ୍ଦ ☐ ଗ. ମହାପଦ୍ମ ନନ୍ଦ ☐ ଘ. କେଉଁଟି ନୁହେଁ ☐
୩. ବାବରଙ୍କ ପ୍ରକୃତ ନାମ କ'ଣ ଥିଲା ?
କ. ନାସିରୁଦ୍ଦିନ ମହମ୍ମଦ ☐ ଖ. ଜହିରୁଦ୍ଦିନ ମହମ୍ମଦ ☐ ଗ. କମରୁଦ୍ଦିନ ମହମ୍ମଦ ☐ ଘ. କେଉଁଟି ନୁହେଁ ☐
୪. ଭାରତର 'ବ୍ରଜଭୂମି' କେଉଁ ସ୍ଥାନକୁ ବୁଝାଯାଏ ?
କ. କାଶୀ ☐ ଖ. ମଥୁରା ☐ ଗ. ବୃନ୍ଦାବନ ☐ ଘ. କେଉଁଟି ନୁହେଁ ☐
୫. ଭାରତର କେଉଁ ମନ୍ଦିର ଛ' ମାସ ବନ୍ଦ ରହେ ?
କ. କେଦାରନାଥ ☐ ଖ. ବଦ୍ରିନାଥ ☐ ଗ. ରାମନାଥ ☐ ଘ. କେଉଁଟି ନୁହେଁ ☐
Participant's Name:
Address:
Education
Mobile: Age:
E-mail:
Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.
*Conditions apply
Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 22
B-15, Industrial Estate, Rasulgarh, Bhubaneswar-10


## ସଂକ୍ଷେପରେ

### ମୃତ କନଷ୍ଟେବଳଙ୍କୁ ଶ୍ରଦ୍ଧାଞ୍ଜଳି



**ବ୍ରହ୍ମପୁର ଅଫିସ୍,୪।୧୧:** ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଧିନସ୍ଥ ଲାଞ୍ଜିପଲ୍ଲୀ ଫାଣ୍ଡିରେ କାର୍ଯ୍ୟରତ ଅବସ୍ଥାରେ ଶନିବାର ହୃଦଘାତରେ କନଷ୍ଟେବଳ ସୀମାଞ୍ଚଳ ମହାପାତ୍ରଙ୍କ ମୃତ୍ୟୁ ଘଟିଥିଲା। କାର୍ଯ୍ୟରତ ସମୟରେ ହଠାତ୍ ସୀମାଞ୍ଚଳ ବେହୋସ ହୋଇଯାଇଥିଲେ। ତାଙ୍କୁ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ବଡମେଡିକାଲରେ ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସଙ୍କ ସମେତ ବହୁ ପୋଲିସ ଅଧିକାରୀ ପହଞ୍ଚି ପରିବାର ବର୍ଗଙ୍କୁ ସାନ୍ତ୍ୱନା ଜଣାଇଥିଲେ । ରବିବାର ସୀମାଞ୍ଚଳଙ୍କ ମୃତ ଦେହ ବ୍ୟବଚ୍ଛେଦ ପରେ ବ୍ରହ୍ମପୁର ପୋଲିସ ଜିଲା କାର୍ଯ୍ୟାଳୟକୁ ଅଣାଯାଇଥିଲା । ସେଠାରେ ଏସ୍‌ପି ପିନାକ ମିଶ୍ରଙ୍କ ସମେତ ସମସ୍ତ ଅଧିକାରୀ ପଦାଧିକାରୀ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

### ୫୧.୭୯ କୁଇଣ୍ଟାଲ ଚାଉଳ ଜବତ

**ପାରଳାଖେମୁଣ୍ଡି, ୪।୧୧ (ସ୍ୱ.ପ୍ର.) :** ଶନିବାର ବିଳମ୍ବିତ ରାତିରେ କାଶୀନଗର ବସ୍‌ଷ୍ଟାଣ୍ଡସ୍ଥିତ ଏକ ଗୋଦାମ ଘରେ ଚାଉଳ ଅନ୍‌ଲୋଡ ହେବାକୁ ଯାଉଥିବା ବେଳେ ଜିଲା ଯୋଗାଣ ବିଭାଗ ପକ୍ଷରୁ ଚଢାଉ କରାଯାଇ ତାହାକୁ ଜବତ କରାଯାଇଛି। ଜବତ ଚାଉଳର ପରିମାଣ ୫୧.୭୯କୁଇଣ୍ଟାଲ ବୋଲି ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ପ୍ରକାଶ ଯେ, କାଶୀନଗର ବସ୍‌ଷ୍ଟାଣ୍ଡରେ ଶନିବାର ରାତି ପ୍ରାୟ ୨ଟାରେ ଏକ ଟ୍ରାକ୍ଟର (ଏପି-୩୦ୱାଇ-୪୬୨୧)ରୁ ୧୧୧ବସ୍ତା ଚାଉଳ ଅନଲୋଡିଂ ହେବା ସମୟରେ ପାଟ୍ରୋଲିଂ କରୁଥିବା ପୋଲିସ ଉକ୍ତ ଗାଡିକୁ ସନ୍ଦେହରେ ଅଟକାଇ ଜିଲା ଯୋଗାଣ ବିଭାଗକୁ ଖବର ଦେଇଥିଲା। ଖବର ପାଇ ସହକାରୀ ଯୋଗାଣ ଅଧିକାରୀ ପ୍ରଶନ୍ନ କୁମାର ନାୟକ ଏବଂ ଯୋଗାଣ ନିରୀକ୍ଷକ ସଞ୍ଜୟ ମଲ୍ଲିକ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଟ୍ରାକ୍ଟରରେ ଥିବା ଚାଉଳକୁ ଜବତ କରି କାଶୀନଗର ଥାନାକୁ ଆଣିଛନ୍ତି। ଚାଉଳ ଯେଉଁ ଗୋଦାମରେ ଅନଲୋଡିଂ ପାଇଁ ଯାଉଥିଲା ତାହା ଏମ୍. କେଟେଶ୍ୱର ରାଓଙ୍କର ବୋଲି ଜଣାପଡିଛି। ଏହା ରିଲିଫ ଚାଉଳ ହୋଇପାରେ ବୋଲି ଯୋଗାଣ ବିଭାଗ ପକ୍ଷରୁ ସନ୍ଦେହ କରାଯାଉଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ବଢୁଛି ସହରତଳି ଅଞ୍ଚଳବାସୀଙ୍କ ସମସ୍ୟା

# ତେଜୁଛି ବିଏମ୍‌ସିରେ ସାମିଲ ଦାବି

ବ୍ରହ୍ମପୁର ଅଫିସ,୪।୧୧

ବ୍ରହ୍ମପୁର ସହର ତଳିଅଞ୍ଚଳ ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି)ରେ ସାମିଲ କରିବାକୁ ଦାବି ଜୋର ଧରୁଛି। ୧୧ ମାସ ପୂର୍ବରୁ ଏହି ଦାବି ଉଠିଥିଲେ ମଧ୍ୟ ଏଯାଏ ପ୍ରଶାସନ, ସ୍ଥାନୀୟ ଜନପ୍ରତିନିଧି କିମ୍ବା ରାଜ୍ୟ ସରକାର କେହି ବି ପଦକ୍ଷେପ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଫଳରେ ସହରତଳି ଅଞ୍ଚଳବାସୀଙ୍କ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ରବିବାର ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକରେ ଏହାକୁ ନିନ୍ଦା କରାଯାଇଛି । ସହରତଳି ଅଞ୍ଚଳର ନାଗରିକ ପ୍ରତିନିଧିଙ୍କୁ ନେଇ ଗଠିତ ଏହି କମିଟିର ଦାବି ପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ଆନ୍ଦୋଳନର ଦିଗ ବଦଳାଇ ରାଜନୈତିକ ପନ୍ଥା ଆପଣାଇବାକୁ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି । ଆବଶ୍ୟକ ପଡିଲେ କମିଟି ସମର୍ଥିତ ପ୍ରାର୍ଥୀ ରାଜନୈତିକ ମଇଦାନକୁ ଓହ୍ଲାଇବେ ବୋଲି କମିଟି ଚେତାବନୀ ଦେଇଛି। ବ୍ରଜନଗରସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ମିଳିତ କ୍ରିୟାନୁଷ୍ଠାନ କମିଟିର ଉପସଭାପତି ହରିହର ନାୟକଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ କମିଟି କର୍ମକର୍ତ୍ତାଙ୍କ ପକ୍ଷରୁ ଉପରୋକ୍ତ ଚେତାବନୀ ଦିଆଯାଇଛି। ବିଏମସିରେ ସହରତଳି ଅଞ୍ଚଳଗୁଡିକୁ ସାମିଲ କରିବା ନେଇ ହୋଇ ଆସୁଥିବା ଦାବି ପୂରଣ ପାଇଁ



ବୈଠକରେ ଉପସ୍ଥିତ କମିଟିର କର୍ମକର୍ତ୍ତା ।

୧୧ ତାରିଖରେ ବିଭିନ୍ନ ରାଜନୈତିକ ଦଳକୁ ନେଇ ଏକ ସର୍ବଦଳୀୟ ବୈଠକ ଆୟୋଜନ କରାଯିବ। ଯେଉଁଥିରେ ଦାବି ପୂରଣ ନେଇ କମିଟି ପକ୍ଷରୁ ନିଆଯିବାକୁ ଥିବା ରାଜନୈତିକ ପନ୍ଥା ଉପରେ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପସଭାପତି ସୂଚନା ଦେଇଛନ୍ତି। ଗୋବିନ୍ଦ ବିହାରସ୍ଥିତ ଶାନ୍ତି ମଣ୍ଡପଠାରେ ହେବାକୁ ଥିବା ସର୍ବଦଳୀୟ ବୈଠକରେ ବିଜେଡି, ଭାଜପା, କଂଗ୍ରେସ, ସିପିଆଇ, ସିପିଆଇ(ଏମ), ଆମ ଆଦମୀ ପାର୍ଟିର ଜିଲା ସଭାପତି ତଥା ତାଙ୍କ ଦ୍ୱାରା ମନୋନୀତ ସ୍ୱୀକୃତୀପ୍ରାପ୍ତ ପ୍ରତିନିଧି ଯୋଗ ଦେବେ। ରାଜନୈତିକ ଦଳ ପ୍ରତିନିଧିଙ୍କ ପରାମର୍ଶକ୍ରମେ ରାଜନୈତିକ ପନ୍ଥା ମାଧ୍ୟମରେ ପୁନଃ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ । ଆବଶ୍ୟକ ପଡିଲେ କମିଟି ତାର ନିଜସ୍ୱ ସମର୍ଥୀତ

- ୧୧ ମାସ ପରେ ବି ପଦକ୍ଷେପ ଶୂନ
- ରାଜନୈତିକ ପନ୍ଥା ଗ୍ରହଣ କରିବାକୁ ନିଷ୍ପତ୍ତି
- ୧୧ରେ ବସିବ ସର୍ବଦଳୀୟ ବୈଠକ

ପ୍ରାର୍ଥୀଙ୍କୁ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ କରାଇବାକୁ ପଛାଇବ ନାହିଁ ବୋଲି ବୈଠକରେ ଚେତାବନୀ ଦିଆଯାଇଛି। ବୈଠକରେ ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ, ସୁବାସ ଚନ୍ଦ୍ର ପାତ୍ର, ନଳିନୀକାନ୍ତ ଚୌଧୁରୀ, ନାରାୟଣ ଚନ୍ଦ୍ର ପରିଚ୍ଛା, ଡା. ସାଗର ରଞ୍ଜନ ତ୍ରିପାଠୀ, ରବୀନ୍ଦ୍ର କୁମାର ସାହୁ, ବି. ସୁଦର୍ଶନ ପାତ୍ର, ଦିବାକର ବେହେରା, ଚନ୍ଦ୍ରଶେଖର ରଥ, ଏମ. ପ୍ରକାଶ ପାତ୍ର, କୃଷ୍ଣଚନ୍ଦ୍ର ମିଶ୍ର, କାହ୍ନୁଚରଣ ପତି, ସୁଶାନ୍ତ କୁମାର ମିଶ୍ର, ଶ୍ରୀମନ୍ତ ପାଣିଗ୍ରାହୀ, ବି.ଭି ସାଗର, ଗୋପାଳକୃଷ୍ଣ ପଣ୍ଡା, ଜଗନ୍ନାଥ ପ୍ରଧାନ, ପ୍ରମୋଦ ଚନ୍ଦ୍ର ସାହୁ, ପଦ୍ମଚରଣ ଦାଶ, ପ୍ରଶାନ୍ତ କୁମାର ମହାରଣା, ଡା. ଶିବ ପ୍ରସାଦ ମିଶ୍ର, ବିଷ୍ଣୁ ପ୍ରସାଦ ସାହୁ, ସିଏଚ ରାମକୃଷ୍ଣ ଦାଶ, ସୁବାସ ଚନ୍ଦ୍ର ସେଟ୍ଟୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ରଜନଗର, ଶକ୍ତିନଗର, ଶ୍ରୀମାନଗର, କାଲୁଆ ନଗର, ରାଜୀବ ନଗର, ଗୋବିନ୍ଦ ବିହାର, ବସନ୍ତ ବିହାର, ରାମକୃଷ୍ଣ ନଗର, ଅମରାବତୀ ନଗର, ସଞ୍ଜୀବନୀ ବିହାର, ଖାରବେଳ ନଗର, ବାପୁଜୀ ନଗର, ମେଡିକାଲ ବ୍ୟାଙ୍କ କଲୋନୀ, ବିଜୟ ବିହାର, ବାସୁଦେବ ନଗର ଓ ନୀଳାଞ୍ଚଳ ନଗର ଆଦି ଅଞ୍ଚଳର ଉନ୍ନୟନ କମିଟି ତଥା ଲୋଚାପଡା ନିମଖଣ୍ଡି ଓ ଭାବିନୀପୁର ପଞ୍ଚାୟତର ନାଗରିକ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ଡିଏଲଏସ୍‌ଏର ହସ୍ତକ୍ଷେପ: ଅଗ୍ନିକାଣ୍ଡରେ ବିପନ୍ନଙ୍କୁ ସରକାରୀ ସହାୟତା

ବ୍ରହ୍ମପୁର ଅଫିସ,୪।୧୧

ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣର ହସ୍ତକ୍ଷେପ ପରେ ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ବିପନ୍ନଙ୍କୁ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦିଆଯାଇଥିବା ଜଣାଯାଇଛି । ବିଭିନ୍ନ ଗଣମାଧ୍ୟମରେ ବୁଗୁଡା ବ୍ଲକ ଭଗବାନପୁର ଗ୍ରାମର ଚାରି ପରିବାରଙ୍କ ଘର ଅଗ୍ନିକାଣ୍ଡରେ ଧ୍ୱଂସ ହୋଇଯାଇଥିବା ଖବର ପ୍ରକାଶିତ ପରେ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଜଜ୍ ବିଭୁ ପ୍ରସାଦ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ପ୍ରାଧିକରଣ ସଚିବ ବିଜୟ କୁମାର ଦାସ ତୁରନ୍ତ ବୁଗୁଡା ତହସିଲଦାରଙ୍କୁ ପତ୍ର ଏବଂ ଟେଲିଫୋନ ଦ୍ୱାରା ଆଲୋଚନା କରି ଆର୍ଥିକ ସହାୟତା ଯୋଗାଇବା ପାଇଁ ପ୍ରସ୍ତାବ ଦେଇଥିଲେ। ପ୍ରାଧିକରଣର ହସ୍ତକ୍ଷେପ ପରେ ତହସିଲଦାର ବୁଗୁଡା ଘଟଣାର ଅନୁସନ୍ଧାନ କରି ଶିବ ନାୟକ, ପ୍ରମୋଦ କୁମାର ନାୟକ, ହାଡୁ ନାୟକ ଓ ଟୁନା ନାୟକ ପ୍ରମୁଖ ବିପନ୍ନଙ୍କ ଘର ଅଗ୍ନିକାଣ୍ଡରେ ନଷ୍ଟ ହୋଇଯାଇଥିବା ଜାଣିବାକୁ ପାଇଥିଲେ । ପରେ ପ୍ରଶାସନ ପକ୍ଷରୁ ବିପନ୍ନମାନଙ୍କୁ ପଲିଥିନ୍ ପାଲ ଦେବା ସହ ଶିବ ଏବଂ ପ୍ରମୋଦଙ୍କ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ପ୍ରତ୍ୟେକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୩୨୦୦ ଟଙ୍କାର ଆର୍ଥିକ ସହାୟତା ରାଶି ଯୋଗାଇ ଦିଆଯାଇଥିଲା।

## ୧୭ ୟୁନିଟ୍ ରକ୍ତ ସଂଗ୍ରହ




ଶିବିରରେ ଉପସ୍ଥିତ ସଙ୍ଗଠନର କର୍ମକର୍ତ୍ତା ।

ବ୍ରହ୍ମପୁର ଅଫିସ, ୪।୧୧

ସ୍ୱେଚ୍ଛାସେବୀ ସଙ୍ଗଠନ ବହୁମୁଖୀ ସମାଜ ମଙ୍ଗଳ ଓ ସାଂସ୍କୃତିକ କେନ୍ଦ୍ରର ୪୨ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ପତଞ୍ଜଳି ଯୁବ ଭାରତ ଆନୁକୂଲ୍ୟରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଗେଟ ବଜାରସ୍ଥିତ ଏନ୍‌ଜିଓ ହଲଠାରେ ଅନୁଷ୍ଠିତ ଏହି ଶିବିରକୁ ଏମ୍‌କେସିଜି ମେଡିକାଲ କଲେଜର ଡିନ୍ ତଥା ଅଧ୍ୟକ୍ଷ ଡା. ରାଧାମାଧବ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ସଭାପତି କୃଷ୍ଣଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସଭାପତି ନୀଳକଣ୍ଠ ସାହୁ, ସାଧାରଣ ସମ୍ପାଦକ ମହମ୍ମଦ ଆସଲାମ, ପତଞ୍ଜଳୀର ଜିଲା ପ୍ରଭାରୀ ଅଭି ପ୍ରଧାନ ଡ. କୈଳାସ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ପତଞ୍ଜଳୀ ଯୁବ ଭାରତର ରାଜ୍ୟ ସହ ପ୍ରଭାରୀ ସୁବ୍ରତ କୁମାର ପୂଜାରୀଙ୍କ ସମେତ ସଂଗଠନର ଉପସଭାପତି ଡ. ଚନ୍ଦ୍ରମଣି ସ୍ୱାଇଁ, ଡ. ଶଙ୍କର୍ଷଣ ପାତ୍ର, ଡ. ନୀଳକଣ୍ଠ ସାହୁ ପ୍ରମୁଖ ଉପସ୍ଥିତ ଥଲେ । ସୁବାସ ଚନ୍ଦ୍ର ପଟ୍ଟନାୟକ, ଅରକ୍ଷିତ ଦାଶ ଓ ଏମକେସିଜି ମେଡିକାଲ କଲେଜ ରକ୍ତଭଣ୍ଡାର ଡା. ରଶ୍ମିତା ପାଣିଗ୍ରାହୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ । ଶିବିରରୁ ୧୭ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।

## ୬ରୁ ଶିଳ୍ପାଞ୍ଚଳରେ ମା' ଶ୍ୟାମାକାଳୀ ପୂଜା



ଖବରଦାତା ସମ୍ମିଳନୀରେ ଉପସ୍ଥିତ ପୂଜା କମିଟି କର୍ମକର୍ତ୍ତା ।

ବ୍ରହ୍ମପୁର ଅଫିସ,୪।୧୧

ସ୍ଥାନୀୟ ଶିଳ୍ପାଞ୍ଚଳ ସୁବାସ ନଗରରେ ଚଳିତ ବର୍ଷ ପ୍ରଥମ ଥର ମା' ଶ୍ୟାମାକାଳୀ ପୂଜା ହେବ। ଆସନ୍ତା ୬ ତାରିଖରୁ ପୂଜା ଆରମ୍ଭ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ସେଥିପାଇଁ ସାଜସଜ୍ଜା ଚାଲିଛି । ବଦାନ୍ୟ ବ୍ୟକ୍ତି ଓ ସାହିବାସିନ୍ଦାଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ହେଉଛି। ପୂଜା ପାଇଁ ପ୍ରଶାସନ, ପୋଲିସ ଓ ମହାନଗର ନିଗମର ସହଯୋଗ ମିଳିଛି । ରବିବାର ପୂଜା କମିଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି । ସ୍ଥାନୀୟ କାରିଗରଙ୍କ ଦ୍ୱାରା ୧୦ ଫୁଟ ଉଚ୍ଚ ଓ ୮ ଫୁଟ ଓସାରର ମା' କାଳୀଙ୍କ ମୂର୍ତ୍ତି ନିର୍ମିତ ହୋଇଛି । ମୁଖ୍ୟରାସ୍ତାରୁ ପୂଜା ମଣ୍ଡପ ପର୍ଯ୍ୟନ୍ତ ଆକର୍ଷଣୀୟ ଆଲୋକ ବ୍ୟବସ୍ଥା କରାଯାଇଛି । ପ୍ରଥମ ଦିନ କଳସ ଯାତ୍ରା ଅନୁଷ୍ଠିତ ହେବ। ପ୍ରତିଦିନ ସୂର୍ଯ୍ୟପୂଜା, ହୋମଯଜ୍ଞ, ସନ୍ଧ୍ୟା ଆଳତି କରାଯିବ । ଶେଷ ଦିବସରେ ଭକ୍ତଙ୍କ ପାଇଁ ଆନନ୍ଦ ବଜାର ଖୋଲାଯିବ । ୧୧ ତାରିଖ ସନ୍ଧ୍ୟାରେ ବିସର୍ଜନ ଉତ୍ସବ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି। ଖବରଦାତା ସମ୍ମିଳନୀରେ ଗଞ୍ଜାମ ଜିଲା ବିଜେଡି ଉପସଭାପତି ତଥା ଅଞ୍ଚଳର ପୂର୍ବତନ କାଉନସିଲର ଉମା ଚରଣ ନାୟକ, ପୂଜା କମିଟି ସଭାପତି ଭିକି ସେଠୀ, ଉପସଭାପତି ସୁମିତ ପାତ୍ର, ସାଧାରଣ ସମ୍ପାଦକ ଶ୍ରୀକାନ୍ତ ବିଶ୍ୱାଳ, ଶିବ ଶଙ୍କର ନାୟକ, ଅମିତ ପାତ୍ର, ରାଜେଶ ସିଂହ, ସୁଶାନ୍ତ ପାତ୍ର, ସୁନୀଲ ନାୟକ, ସୁଜିତ ପାଢ଼ୀ, ଅମିତ ପାଢ଼ୀ ଯୋଗ ଦେଇଥିଲେ । ଉପଦେଷ୍ଟା ଦିବାକର ଗୌଡ଼, ମଳୟ ବିଷୋୟୀ, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ଗୀତୁ ପାତ୍ର, ଆଇନ ଉପଦେଷ୍ଟା ସୁଭ୍ରାଂଶୁ ଶେଖର ସାବତ ଓ ଶ୍ୟାମାକାଳୀ ଯୁବକ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ବିଶ୍ୱକର୍ମା ପୂଜା କମିଟି ନୂତନ କର୍ମକର୍ତ୍ତା ମନୋନୀତ

ହିଞ୍ଜିଳିକାଟୁ,୪।୧୧(ଡି.ଏନ୍.ଏ)

ପୂର୍ବଖଣ୍ଡ ତାଲୁକା ବିଶ୍ୱକର୍ମା ପୂଜା କମିଟି ପକ୍ଷରୁ ରବିବାର ହିଞ୍ଜିଳିକାଟୁ ବରାହୀ ପାହାଡ଼ ବିଶ୍ୱକର୍ମା ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ହୋଇଥିଲା। ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ନୂତନ ବିଶ୍ୱକର୍ମା ପୂଜା କମିଟି ଗଠନ ହୋଇଥିଲା। ସର୍ବ ସମ୍ମତିକ୍ରମେ ସଭାପତି ଭାବେ ସୀମାଞ୍ଚଳ ମହାରଣା(କ), ସମ୍ପାଦକ ପ୍ରଭାତ କୁମାର ମହାରଣା, ଉପସଭାପତି ଭାବେ ଜୀବନଜ୍ୟୋତି ମହାରଣା, ସୀମାଞ୍ଚଳ ମହାରଣା(ଖ), କୋଷାଧ୍ୟକ୍ଷ ଭାବେ ଗୋପାଳ କୃଷ୍ଣ ମହାରଣା ମନୋନୀତ ହୋଇଥିଲେ । ଚିତ୍ତରଞ୍ଜନ ମହାରଣା, ଅଜୟ କୁମାର ମହାରଣା ଓ ଶଙ୍କର ମହାରଣାଙ୍କୁ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ମନୋନୀତ କରାଯାଇଥିଲା। ନବନିଯୁକ୍ତ ସଦସ୍ୟମାନେ ଶପଥ ପାଠ କରିଥିଲେ। ଆଗାମୀ ବୈଠକରେ କମିଟିର ସମ୍ପ୍ରସାରଣ କରାଯିବ ବୋଲି ଉପଦେଷ୍ଟା ଚିତ୍ତରଞ୍ଜନ କହିଛନ୍ତି।

## ଆନ୍ତଃ ମହାବିଦ୍ୟାଳୟ ବକ୍ତୃତା ପ୍ରତିଯୋଗିତା ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୪।୧୧:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ତିନିଦିନ ଧରି ଚାଲିଥିବା ଆନ୍ତଃ ମହାବିଦ୍ୟାଳୟ ବକ୍ତୃତା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି । ପ୍ରତିଯୋଗିତାର ପ୍ରଥମ ଦିନରେ ଚାନ୍‌ସେଲର ଆୱାର୍ଡ, ଦ୍ୱିତୀୟ ଦିନରେ ୟୁନିଭର୍ସିଟି ଆୱାର୍ଡ ପାଇଁ ପ୍ରତିଯୋଗିତା ହୋଇଥିବା ବେଳେ ଶେଷ ଦିନରେ ପଣ୍ଡିତ ନୀଳକଣ୍ଠ ଦାସ ସ୍ମାରକୀ ଆୱାର୍ଡ ପାଇଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଫେସର ରାମ ନାରାୟଣ ପଣ୍ଡା, ପ୍ରଫେସର ବଳଭଦ୍ର ତ୍ରିପାଠୀ, ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ପ୍ରଫେସର ସଦାନନ୍ଦ ନାୟକ, ଡ. ପି. ଶ୍ରୁତି ଦାଶ, ଡ. ଦେବଶ୍ରପ୍ରସାଦ ଶତପଥୀ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । ସହକୁଳସଚିବ ଡ. ସରୋଜ କୁମାର ଦାଶ, ଡ. ମିହିର କୁମାର ତ୍ରିପାଠୀ ଓ ଦେବୀ ପ୍ରସାଦ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଚାନସେଲର ଆୱାର୍ଡ ପାଇଁ ଅନୁଷ୍ଠିତ ପ୍ରତିଯୋଗିତାରେ ଶୁଭଶ୍ରୀ ଜେନା ପ୍ରଥମ, କିରଣ କୁମାର ପାଢୀ ଦ୍ୱିତୀୟ, ପୃଥ୍ୱୀରାଜ ଚେରୁକୁରୁ ଏବଂ ପ୍ରଣୟ ପ୍ରିତମ ସାହୁ ତୃତୀୟ ହୋଇଥିଲେ । ୟୁନିଭର୍ସିଟି ଆୱାର୍ଡ ପାଇଁ ଅନୁଷ୍ଠିତ ପ୍ରତିଯୋଗିତାରେ କିରଣ ପାଢୀ ପ୍ରଥମ, ରାଜେଶ ରାୟ ଦ୍ୱିତୀୟ ଓ ସୁଦୀପ୍ତା ପାଣିଗ୍ରାହୀ ତୃତୀୟ ହୋଇଛନ୍ତି । ଶେଷ ଦିନରେ ପଣ୍ଡିତ ନୀଳକଣ୍ଠ ଦାଶ ସ୍ମାରକୀ ଆୱାର୍ଡ ପାଇଁ ଅନୁଷ୍ଠିତ ପ୍ରତିଯୋଗିତାରେ ଅମିତ କୁମାର ସେଠୀ ପ୍ରଥମ, ଅର୍ଚ୍ଚନା ପଣ୍ଡା ଦ୍ୱିତୀୟ, ରାଜେଶ ରାୟ ତୃତୀୟ ହୋଇଛନ୍ତି । କୃତୀ ଛାତ୍ରୀଛାତ୍ରଙ୍କୁ ୨୦୧୯ ଜାନୁୟାରୀ ୨ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୫୩ତମ ପ୍ରତିଷ୍ଠା ଦିବସରେ ପୁରସ୍କୃତ କରାଯିବ।

## ନାଟ୍ୟୋତ୍ସବ ଉପଲକ୍ଷେ ପ୍ରତିଯୋଗିତା

ବ୍ରହ୍ମପୁର ଅଫିସ,୪।୧୧

ସାଂସ୍କୃତିକ ଅନୁଷ୍ଠାନ ଅନ୍ୟଦୃଷ୍ଟି ପକ୍ଷରୁ ୧୧ ତାରିଖରେ ବ୍ରହ୍ମପୁର ଟାଉନ ହଲ୍‌ରେ ହେବାକୁ ଥିବା ଏକାଦଶ ଶିଶୁ-କିଶୋର ନାଟ୍ୟୋତ୍ସବ ଉପଲକ୍ଷେ ସ୍କୁଲ ଓ କଲେଜସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଗୋଷାଣୀନୂଆଗାଁ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ବିଭିନ୍ନ ବର୍ଗରେ ଚିତ୍ରାଙ୍କନ, ସଙ୍ଗୀତ, ଏକକ ଅଭିନୟ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ବ୍ରହ୍ମପୁର ସହରର ବିଭିନ୍ନ ସ୍କୁଲ ଓ କଲେଜରୁ ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ । କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ରବିବାର ଶିଶୁ-କିଶୋର ନାଟ୍ୟୋତ୍ସବରେ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି । ପ୍ରତିଯୋଗିତାକୁ ଅନ୍ୟଦୃଷ୍ଟିର ସମ୍ପାଦକ ସୋମନାଥ ବେହେରା, ସଭାପତି ପି. ଶିବ ପ୍ରସାଦ ରେଡ୍ଡୀ, ରଞ୍ଜନ ସେଠୀ, କିଶାନ ସାହୁ, କାମରାଜ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।



ଚିତ୍ରାଙ୍କନ ପ୍ରତିଯୋଗିତା ଚାଲିଛି।

## ୫ମ ବର୍ଷରେ ଗେଟ୍‌ବଜାର ଦକ୍ଷିଣକାଳୀ ପୂଜାମଣ୍ଡପ

# ୭୫ ଫୁଟ ଉଚ୍ଚତା, ତୋରଣ ମୁଖ୍ୟ ଆକର୍ଷଣ

ବ୍ରହ୍ମପୁର ଅଫିସ,୪।୧୧



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା ।

ପାଖେଇ ଆସୁଛି ଆଲୋକର ପର୍ବ ଦୀପାବଳି । ଏହି ଅବସରରେ ବ୍ରହ୍ମପୁର ସହରର ବିଭିନ୍ନ ପୂଜା କମିଟି ପକ୍ଷରୁ ଆୟୋଜିତ ହେବ ମା' କାଳୀଙ୍କ ପୂଜା । ସହରରେ ଏହି ପୂଜା କ୍ୱଚିତ୍ ମଣ୍ଡପରେ ଆୟୋଜିତ ହେଉଥିବା ବେଳେ ଗେଟବଜାରରେ ଦୀର୍ଘ ୪ ବର୍ଷ ଧରି ମା' ଦକ୍ଷିଣକାଳୀ ପୂଜା କମିଟି ପକ୍ଷରୁ ଆୟୋଜିତ ମଣ୍ଡପର ସ୍ୱତନ୍ତ୍ରତା ରହିଛି । ସହରର ସବୁଠାରୁ ବୃହତ୍ତର ପୂଜା ମଣ୍ଡପ ଚଳିତ ବର୍ଷ ୫ମ ବର୍ଷରେ ପଦାର୍ପଣ କରିଛି । ଚଳିତ ବର୍ଷ ପୂଜା ମଣ୍ଡପର ୭୫ ଫୁଟ ଉଚ୍ଚତା ଓ ୧୦୦ ଫୁଟ ଓସାରର ଢେଙ୍କାନାଳ କାରିଗର ଇନ୍ଦ୍ରଜିତ ଦେଉରୀଙ୍କ ଦ୍ୱାରା ନିର୍ମିତ ମାଡ୍ରାସ ରାଜମହଲ ମୁଖ୍ୟ ଅକର୍ଷଣ ହେବ ବୋଲି ଶନିବାର ମଣ୍ଡପରେ କମିଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି । ଚଳିତ ବର୍ଷ ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିର ଉଚ୍ଚତା ୨୨ ଫୁଟ ଥିବା ବେଳେ କଟକର କାରିଗର ଗୋବିନ୍ଦ ସାହୁଙ୍କ ଦ୍ୱାରା ଏହା ନିର୍ମିତ ହେଉଛି। ଏହା ବ୍ୟତୀତ ମଣ୍ଡପରେ ବ୍ରହ୍ମପୁର କାରିଗର ରାଜୀବ ନାୟକଙ୍କ ଦ୍ୱାରା ନିର୍ମିତ ମା' କାଳୀଙ୍କ ଦଶ ମହାବିଦ୍ୟା କଳାକୁଞ୍ଜ ଦେଖିବାକୁ ମିଳିବ ବୋଲି କମିଟି ସଭାପତି କେ. ରବି ସୂଚନା ଦେଇଛନ୍ତି । ନଭେମ୍ବର ୬ରେ ମା'ଙ୍କ ଜଳଯାତ୍ରା ଅନୁଷ୍ଠିତ ହେବ । ନଭେମ୍ବର ୭ ଦୀପାବଳିରୁ ୨୫ ପର୍ଯ୍ୟନ୍ତ ମା'ଙ୍କ ପୂଜା ଗେଟବଜାର ସ୍ଥିତ ଗୋକର୍ଣ୍ଣେଶ୍ୱର ମନ୍ଦିର ପାର୍ଶ୍ୱରେ ନିର୍ମିତ ମଣ୍ଡପରେ ଅନୁଷ୍ଠିତ ହେବ । ଚଳିତ ବର୍ଷ ମା'ଙ୍କ ଉଗ୍ରପୂଜା ହେବ । ପୂଜାରେ ୧୮ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ସଭାପତି ସୂଚାଇଥିଲେ । ଏନେଇ ପ୍ରଶାସନ, ପୋଲିସ ଓ ମହାନଗର ନିଗମ ପକ୍ଷରୁ ସହଯୋଗ ପ୍ରଦାନ କରାଯିବାକୁ ପ୍ରତିଶ୍ରୁତି ମିଳିଥିବା ସେ କହିଥିଲେ । ୨୪ରେ ହନୁମାନ ଚାଳିଶା ପାଠ ମଧ୍ୟାହ୍ନରେ ସାମୂହିକ ପ୍ରସାଦ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଥିବା କୁହାଯାଇଥିଲା । ୨୫ ସନ୍ଧ୍ୟାରେ ମା' କାଳୀଙ୍କୁ ପଟୁଆରରେ ନିଆଯାଇ ବିସର୍ଜନ କରାଯିବ ବୋଲି ସୂଚନା ଦିଆଯାଇଛି । ତେବେ ଟ୍ରାଫିକ ସମସ୍ୟାକୁ ଦୂରେଇବା ପାଇଁ ଗୋକର୍ଣ୍ଣେଶ୍ୱର ମନ୍ଦିର ପାର୍ଶ୍ୱରେ ଗାଡି ପାର୍କିଂ ବ୍ୟବସ୍ଥା କରାଯାଇଥିବା ଉପସଭାପତି ସୁଶାନ୍ତ କୁମାର ସେଠୀ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ କେ. ମହେଶ କୁମାର, ସମ୍ପାଦକ ଏନ.ଜଗାରାଓ, ମୁଖ୍ୟ ସହଯୋଗୀ ଏମ. ରବି କୁମାର ଏବଂ କାଳୀପୂଜା କର୍ତ୍ତାମାନେ କେ. ଅନିଲ କୁମାର, ଲୋହିତ କୁମାର ମଙ୍ଗରାଜ, ଲଳିତ ମୋହନ ମଙ୍ଗରାଜ, ଆର. ମୁରଲୀ ମୋହନ, ପ୍ରଶାନ୍ତ ପଟ୍ଟନାୟକ ଓ ତମ୍ବରୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

- ମଣ୍ଡପରେ ଶୋଭାପାଇବ ଦଶମହାବିଦ୍ୟା କଳାକୁଞ୍ଜ
- ଖର୍ଚ୍ଚ ହେଉଛି ୧୮ ଲକ୍ଷ

## ସଂକ୍ଷେପରେ

### ଆଇଆରଇ ପ୍ଲାଣ୍ଟରେ ସତର୍କତା ଜାଗୃତି ସପ୍ତାହ

**ଛତ୍ରପୁର,୪।୧୧(ଡି.ଏନ.ଏ.) :** ଛତ୍ରପୁରସ୍ଥିତ ଆଇଆରଇ ପ୍ଲାଣ୍ଟ ପରିସରରେ ଏକ ସପ୍ତାହ ଧରି ସତର୍କତା ଜାଗୃତି ସପ୍ତାହ ପାଳନ କରାଯାଇଛି। ଦୁର୍ନୀତି ନିବାରଣ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ସକାଶେ କର୍ମଚାରୀ, ମହିଳା ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗୀତା ହୋଇଥିଲା। ଏଥିସହ ବିଭିନ୍ନ କଲେଜରେ ଭ୍ରଷ୍ଟାଚାର ନିରାକରଣ ନୂତନ ଭାରତର ନିର୍ମାଣ ବିଷୟରେ ପ୍ରତିଯୋଗୀତା କରାଯାଇଥିଲା। ଆଇଆରଇ ପ୍ରଶିକ୍ଷଣ ବିଭାଗ ସେମିନାର ହଲରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବ ପ୍ଲାଣ୍ଟର ମହାପ୍ରବନ୍ଧକ ଅକ୍ଷୟ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଓସକମର ମୁଖ୍ୟ ମହାପ୍ରବନ୍ଧକ ଏ ଜେ ଜନାର୍ଦ୍ଦନନ୍, ଅନ୍ୟତମ ଅତିଥି ଭାବେ ମହିଳା କଲ୍ୟାଣ କେନ୍ଦ୍ରର ପୃଷ୍ଠପୋଷକ ଜେ ରାମଲକ୍ଷ୍ମୀ ଯୋଗଦେଇଥିଲେ। ଉପ ମହାପ୍ରବନ୍ଧକ ହରିହର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସୁରେଶ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ ହୋଇଥିଲା। ଉପ ମହାପ୍ରବନ୍ଧକ (ମାନବ ସମ୍ବଳ) ସ୍ଥିତପ୍ରଜ୍ଞ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ଡ୍ରେନରୁ ଗାଈ ଉଦ୍ଧାର



**ବ୍ରହ୍ମପୁର ଅଫିସ୍,୪।୧୧:** ବ୍ରହ୍ମପୁର ଖୋଡାସିଙ୍ଗି ପେଟ୍ରୋଲ ପମ୍ପ୍ ସମ୍ମୁଖ ରାସ୍ତା ପାର୍ଶ୍ୱରେ ଥିବା ଡିପ୍ ଡ୍ରେନ୍‌ରେ ପଡିଯାଇଥିବା ଏକ ଗାଈକୁ ରବିବାର ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇଛି । ଅପରାହ୍ନ ଗାଈଟି ରାସ୍ତା ପାର୍ଶ୍ୱରେ ଥିବା ୬ ଫୁଟ ଗଭୀରର ଡ୍ରେନରେ ପଡିଯାଇଥିଲା । ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରି ନ ପାରିବାରୁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅତିରିକ୍ତ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବିଭାଗୀୟ କର୍ମଚାରୀମାନେ ପହଞ୍ଚି ଗାଈଟିକୁ ଉଦ୍ଧାର କରିଥିଲେ ।

### ସତର୍କ ସଚେତନତା ସପ୍ତାହ

**ଖଲ୍ଲିକୋଟ, ୪।୧୧(ଡି.ଏନ୍.ଏ.):** ଖଲ୍ଲିକୋଟ ସ୍ଥିତ ରାମଚନ୍ଦ୍ର ବିଜ୍ଞାନ କଲେଜରେ ଶୁକ୍ରବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ସତର୍କ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଅଧକ୍ଷ ଡ.ବିମଳ ପ୍ରସାଦ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁରରୁ ଆସିଥିବା ଭିଜିଲାନ୍ସ ଆଡିସିନାଲ ଏସ୍‌ପି ଶାନ୍ତନୁ କୁମାର ପାଢ଼ୀ ମୁଖ୍ୟ ଅତିଥି, ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ତ୍ରିପାଠୀ ମୁଖ୍ୟବକ୍ତା, କୈଳାସ ଚନ୍ଦ୍ର ତ୍ରିପାଠୀ ସମ୍ମାନୀତ ଅତିଥି ରୂପେ ଯୋଗଦେଇ ଭ୍ରଷ୍ଟାଚାର, ଦୁର୍ନୀତିର ବିଲୋପ ପାଇଁ ସଚେତନତା ଜରୁରୀ ବୋଲି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ କହିଥିଲେ ।

## ନାବାଳିକା ଗଣବଳାତ୍କାର ନେଇ ଜୋର ଧରିଲା ରାଜନୀତି

# ଡିଆଇଜିଙ୍କୁ ଭେଟିଲା ଭାଜପା ମହିଳା ମୋର୍ଚ୍ଚା

**ବ୍ରହ୍ମପୁର ଅଫିସ,୪।୧୧**



ବଡ଼ ମେଡିକାଲରେ ଭାଜପା ନେତ୍ରୀ ଓ ନେତାମାନେ।

ଗଞ୍ଜାମ ଜିଲା ପୋଲସରା ଅଞ୍ଚଳରେ ଘଟିଥିବା ନାବାଳିକା ଗଣ ବଳାତ୍କାର ଘଟଣାକୁ ନେଇ ରାଜନୀତି ଜୋର ଧରିଛି। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ବିରୋଧୀ ଦଳ ପକ୍ଷରୁ ଏହାକୁ ଏବେ ପ୍ରସଙ୍ଗ କରାଯାଇଛି । ଶନିବାର ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ଫ୍ୟାକ୍ଟ ଫାଇଣ୍ଡିଂ ଟିମ ବ୍ରହ୍ମପୁର ଗସ୍ତରେ ଆସି ବଡ଼ ଡ଼ାକ୍ତରଖାନାରେ ପୀଡ଼ିତାଙ୍କ ପରିବାର ସହ ଆଲୋଚନା କରିବା ସହିତ ଡିଆଇଜିଙ୍କୁ ଭେଟି ଦାବି ଉପସ୍ଥାପନ କରିଥିଲେ । ରବିବାର ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନାବାଳିକାଙ୍କ ଗାଁକୁ ଯାଇ ଅନୁଧ୍ୟାନ କରିଥିଲେ। ସେମାନେ ଅପରାହ୍ନରେ ବଡ଼ ମେଡିକାଲକୁ ଯାଇ ପୀଡ଼ିତାଙ୍କ ମା' ଓ ବାପାଙ୍କୁ ଭେଟି ତଥ୍ୟ ସଂଗ୍ରହ କରିଥିଲେ। ପରେ ଡିଆଇଜି ଆଶିସ ସିଂଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରିଥିଲେ। ପ୍ରତିନିଧି ଦଳରେ ଲେଖାଶ୍ରୀ ସାମନ୍ତ ସିଂହାର, ସୁରମା ପାଢ଼ୀ, ବବିତା ପାତ୍ର, ଅନିତା ଶୁଭଦର୍ଶନୀ ପଟ୍ଟନାୟକ, ଜୟନ୍ତୀ ପଢ଼ିଆରୀ ପ୍ରମୁଖ ଥିଲେ ।

ଗଣମାଧ୍ୟମ ସହ ଆଲୋଚନା ପ୍ରସଙ୍ଗରେ ପ୍ରଭାତୀ କହିଥିଲେ ବଳାତ୍କାରୀମାନଙ୍କୁ ଗିରଫ କରିବାରେ ବିଫଳ ହୋଇଛି ପୋଲିସ। ଅନ୍ୟପକ୍ଷରେ ଏଭଳି ଦୁଃଖଦ ଘଟଣା ବେଳେ ନାବାଳିକାଙ୍କ ଗାଁରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଜିଲାରେ ଘଟିଥିବା ନାରକୀୟ କାଣ୍ଡ ତାଙ୍କ ଶାସକ ଦକ୍ଷତାର ପାରିବା ପଣିଆକୁ ପଦାରେ ପକାଇଛି। ଡିଆଇଜିଙ୍କ ସହିତ ଆଲୋଚନା ବେଳେ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରାଯାଇଥିଲା । ଧରା ପଡ଼ିବାର ୧୫ ଦିନ ମଧ୍ୟରେ ବିଚାର ପ୍ରକ୍ରିୟା ସାରି ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ ଦେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଲୋମଟାଙ୍କୁରା ଗଣ ବଳାତ୍କାର ପ୍ରତିବାଦରେ ସୋମବାର ସମସ୍ତ ଜିଲା ସଦର ମହକୁମାରେ ଆନ୍ଦୋଳନ ସହ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯିବ ବୋଲି ପ୍ରଭାତୀ ସୂଚାଇଥିଲେ । ବ୍ରହ୍ମପୁର ଗସ୍ତ ବେଳେ ଗଞ୍ଜାମ ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତି, ରାଜ୍ୟ ସମ୍ପାଦକ ବିଭୁତି ଜେନା ଓ ଜିଲା ଉପସଭାପତି ପ୍ରଭାତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର



@ ସ୍ୱାଗତ



@ ତ୍ରିଲୋଚନ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ଘରୋଇ ବିଦ୍ୟାଳୟ ମହାସଂଘର ଜୋନସ୍ତରୀୟ ସମ୍ମିଳନୀ

# ୫ ବର୍ଷିଆ ସ୍ୱୀକୃତି ପ୍ରଦାନ ଦାବି

**ବ୍ରହ୍ମପୁର ଅଫିସ, ୪।୧୧**

ରାଜ୍ୟ ଘରୋଇ ବିଦ୍ୟାଳୟ ଶିକ୍ଷକ ଓ କର୍ତ୍ତୃପକ୍ଷ ମହାସଂଘର ଦକ୍ଷିଣାଞ୍ଚଳ ଜୋନସ୍ତରୀୟ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଲାଞ୍ଜିପଲ୍ଲୀସ୍ଥିତ ଗୁରୁକୁଳ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲ ପରିସରରେ ଆୟୋଜିତ ଏହି ସମ୍ମିଳନୀକୁ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଜୋନ ସଭାପତି ପ୍ରଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୂର୍ବତନ ବିଧାୟକ ସୀମାଞ୍ଚଳ ବେହେରା, ସଂଘର ରାଜ୍ୟ ସଭାପତି ରଘୁନାଥ ସାହୁ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କୋଷାଧକ୍ଷ ହରିହର ସାହୁ, ସମ୍ପାଦକ ସୁରେନ୍ଦ୍ର ନାରାୟଣ ସାହୁ, ସମ୍ପାଦକ ସିଏଚ ଲକ୍ଷ୍ମଣ ରାଓ ଆଚାରୀ, ସଂଗଠନ ସମ୍ପାଦକ ପ୍ରଦୀପ ପାଣି, ରାଜ୍ୟ ସମ୍ପାଦକ ଯଯାତି କୁମାର ସ୍ୱାଇଁ, ଅରୁଣ ଷଡଙ୍ଗୀ, ରାଜ କିଶୋର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟର ୧୦,୫୦୦ ଘରୋଇ ବିଦ୍ୟାଳୟକୁ ୫ ବର୍ଷିଆ ସ୍ୱୀକୃତି ପ୍ରଦାନ କରାଯିବାକୁ ବୈଠକରେ ଦାବି ଉପସ୍ଥାପନ କରାଯାଇଥିଲା । ଦାବି ପୂରଣ ନେଇ ୨୬ ତାରିଖରେ ବିଧାନସଭା ସମ୍ମୁଖରେ ରାଜ୍ୟର ସମସ୍ତ ଘରୋଇ ବିଦ୍ୟାଳୟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏହାପୂର୍ବରୁ ଦକ୍ଷିଣାଞ୍ଚଳ ଜୋନ ଓ ରାଜ୍ୟର ସମସ୍ତ ଜିଲାର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ। ଏଥିସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ପ୍ରତିଭାର ବିକାଶ ପାଇଁ ରାଜ୍ୟସ୍ତରୀୟ 'ବର୍ଣ୍ଣାଳି' କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏ ନେଇ ଡିସେମ୍ବର ୧୫ ରୁ ୩୦ ତାରିଖ ମଧ୍ୟରେ ପ୍ରତ୍ୟେକ ଜିଲାର ଘରୋଇ ବିଦ୍ୟାଳୟମାନଙ୍କୁ ନେଇ ଜିଲାସ୍ତରୀୟ ବର୍ଣ୍ଣାଳି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଉପସ୍ଥିତ ଶିକ୍ଷକ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଥିଲା । କାର୍ଯ୍ୟକ୍ରମ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ସଙ୍ଗୀତ, ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବ। ଜାନୁୟାରୀ ୧୦ ତାରିଖ ମଧ୍ୟରେ ହେବାକୁ ଥିବା ରାଜ୍ୟସ୍ତରୀୟ ବର୍ଣ୍ଣାଳୀ କାର୍ଯ୍ୟକ୍ରମକୁ ପ୍ରତିଜିଲାରୁ ୧୨ କୃତୀ ପ୍ରତିଯୋଗୀ ଚୟନ କରାଯିବ। ସେମାନଙ୍କୁ ରାଜ୍ୟସ୍ତରୀୟ ବର୍ଣ୍ଣାଳୀ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ଜୋନ ସଭାପତି ମହାପାତ୍ର ସୂଚାନା ଦେଇଛନ୍ତି। ଏହି ଅବସରରେ ଦକ୍ଷିଣାଞ୍ଚଳ ଜୋନ ସ୍ତରୀୟ ଓ ଜିଲାସ୍ତରୀୟ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଥିଲା। ଏଥିରେ ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ବୌଦ୍ଧ ଆଦି ଜିଲାରେ ଥିବା ଘରୋଇ ବିଦ୍ୟାଳୟର ଶିକ୍ଷକ ଓ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ ।

## ନାବାଳିକାଙ୍କୁ ଅଶ୍ଳୀଳ ଇଙ୍ଗିତ ମାମଲା

# ମା'-ବାପାଙ୍କୁ ଆକ୍ରମଣ, ଅଭିଯୁକ୍ତ ଫେରାର

**ଦିଗପହଣ୍ଡି/ ପାଟପୁର,୪।୧୧(ଡି.ଏନ୍.ଏ.)**

ପାଟପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅଶ୍ଳୀଳ ଇଙ୍ଗିତ ସହ ତାଙ୍କ ମା' ବାପାଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ମା'ଙ୍କ ଏତଲା କ୍ରମେ ରବିବାର ସନ୍ଧ୍ୟାରେ ଥାନା ନଂ. ୨୧୪/୧୮ ରେ ଅଭିଯୁକ୍ତ ବିରୋଧରେ ମାମଲା ରୁଜୁ କରାଯାଇଛି। ଗିରଫ ଭୟରେ ଅଭିଯୁକ୍ତ ଗ୍ରାମରୁ ଫେରାର ହୋଇଯାଇଥିବା ପୋଲିସ କହିଛି। ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ବାରମ୍ବାର ଅଶ୍ଳୀଳ ଇଙ୍ଗିତ କରୁଥିଲେ। ମାତା ପିତା ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ଜଣକ ତାଙ୍କୁ ମାଡ଼ ମାରିବା ସହ ସମସ୍ତ ପରିବାର ସଦସ୍ୟଙ୍କୁ ହତ୍ୟା ଧମକ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି।

# ଜିଲାସ୍ତରୀୟ ପେନ୍‌ସନ ଅଦାଲତ





ପେନସନ ଅଦାଲତରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

**ବ୍ରହ୍ମପୁର ଅଫିସ୍,୪।୧୧**

ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ରବିବାର ସ୍କୁଲ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ଜିଲା ସ୍ତରୀୟ ପେନ୍‌ସନ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ଡ. ସନାତନ ପଣ୍ଡା, ବିଇଓ ପ୍ରଭାତି ମହାପାତ୍ର, ସର୍ବଶିକ୍ଷା ଅଭିଯାନର ଟେକ୍ନିକାଲ୍ କନସଲଣ୍ଟାଣ୍ଟ ନୀଳକଣ୍ଠ ସୁନ୍ଦରରାୟ ପ୍ରମୁଖଙ୍କ ସମେତ ବହୁ ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏଥିରେ ଶିକ୍ଷା ବିଭାଗର ଅବସରପ୍ରାପ୍ତ ୨୬୫ କର୍ମଚାରୀଙ୍କ ପେନସନ ଜନିତ ସମସ୍ୟାର ସମାଧାନ କରାଯାଇଥିଲା । ଅବସର ନେବାକୁ ଥିବା କର୍ମଚାରୀମାନେ ଆଗୁଆ ନିଜ କାଗଜପତ୍ର ବିଭାଗୀୟ କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ଚଳିତ ବର୍ଷ ଶେଷରେ ୧୧୦ କର୍ମଚାରୀ ଅବସର ନେବାକୁ ଥିବା ବେଳେ ୪୨ ଜଣ କାଗଜପତ୍ର ଦାଖଲ କରିଥିବା ସୂଚନା ଦିଆଯାଇଛି । ଜିଲା ଶିକ୍ଷାଧିକାରୀ କାର୍ଯ୍ୟାଳୟର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ନାବାଳିକାଙ୍କୁ ଅପହରଣ, ବଳାତ୍କାର ଅଭିଯୋଗ: ଜଣେ ଗିରଫ

**ଦାରିଙ୍ଗବାଡ଼ି,୪।୧୧(ଡି.ଏନ.ଏ)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ପର୍ତ୍ତିମାହା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ପ୍ରଥମେ ଅପହରଣ ଏବଂ ପରେ ବଳାତ୍କାର ନେଇ ବୁଧବାର ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ପକ୍ଷରୁ ନଂ.୧୪୯/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ରବିବାର ସନ୍ଧ୍ୟାରେ ତୁମୁଡ଼ିବନ୍ଧ ଥାନା କୁର୍ତ୍ତମଗଡ଼ ଅଞ୍ଚଳରୁ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଆଇଆଇସି ଅଲେଖ ଗରଡିଆ କହିଛନ୍ତି। ଗିରଫ ଅଭିଯୁକ୍ତ ହେଲେ କୋଟଗଡ଼ ବ୍ଲକ ବାଲିଗୁଡ଼ା ଥାନା ପାରିଗଡ଼ ଅଞ୍ଚଳର ପପୁନା ନାୟକ(୨୧)। ଉଭୟ ନାବାଳିକା ଏବଂ ଅଭିଯୁକ୍ତ ପପୁନାଙ୍କ ଡାକ୍ତର ମାଇନା କରାଯାଇଥିବା ପୋଲିସ କହିଛି। ପ୍ରକାଶ ଯେ, ନାବାଳିକା ଜଣକ ଘରୁ ବାହାରି ଦୋକାନକୁ ଯାଉଥିବାବେଳେ ତାଙ୍କୁ ପପୁନା ଅପହରଣ କରିନେଇଥିଲେ। ଝିଅ ଘରକୁ ନଫେରିବାରୁ ପରିବାର ଲୋକ ଖୋଜାଖୋଜି କରିବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ ବୋଲି ତଦନ୍ତକାରୀ ଅଧିକାରୀ ଚନ୍ଦ୍ରୀକା ସ୍ୱାଇଁ କହିଛନ୍ତି। ଘଟଣାର ଅଧିକା ତଦନ୍ତ ଚାଲିଥିବା ସେ କହିଛନ୍ତି।

# ଆଇଏନଟିୟୁସି ସମର୍ଥିତ ୨ ଶ୍ରମିକ ସଂଘ ବିଜୁ ଶ୍ରମିକ ସାମ୍ମୁଖ୍ୟରେ ସାମିଲ

**ବ୍ରହ୍ମପୁର ଅଫିସ,୪।୧୧**





ମଞ୍ଚାସୀନ ବିଧାୟକ ଓ ବିଜେଡି ନେତାମାନେ।

ଆଇଏନଟିୟୁସି (ଇଣ୍ଡିଆନ ନ୍ୟାଶନାଲ ଟ୍ରେଡ ୟୁନିୟନ କଂଗ୍ରେସ) ସମର୍ଥିତ ଜୟଶ୍ରୀ କେମିକାଲ୍ସ ୱାର୍କର୍ସ ୟୁନିୟନ ଓ ଗୋପାଳପୁର ପୋର୍ଟ କର୍ମଚାରୀ ସଂଘ ସଦସ୍ୟ ଏବଂ କର୍ମକର୍ତ୍ତାମାନେ ଗଞ୍ଜାମ ଜିଲା ଶାଖା ବିଜୁ ଶ୍ରମିକ ସାମ୍ମୁଖ୍ୟରେ ସାମିଲ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ରୁତ ଶିଳ୍ପାୟନ ନୀତି ଏବଂ ବହୁମୁଖୀ ଶ୍ରମିକ କଲ୍ୟାଣ ଯୋଜନାରେ ଅନୁପ୍ରାଣିତ ହୋଇ ଆଇଏନଟିୟୁସିରୁ ଦୀର୍ଘବର୍ଷର ସମ୍ପର୍କ ଛିନ୍ନ କରିଛନ୍ତି। ରବିବାର ବ୍ରହ୍ମପୁରସ୍ଥିତ ଜିଲା ବିଜେଡି କାର୍ଯ୍ୟାଳୟ ପରିସରରେ ହୋଇଥିବା ଶ୍ରମିକ ସମାବେଶରେ ଦୁଇ ସଂଗଠନର ପୁରୁଖା ନେତାମାନେ ଏହି ସୂଚନା ଦେଇଛନ୍ତି । ବିଜୁ ଶ୍ରମିକ ସାମ୍ମୁଖ୍ୟ ଗଞ୍ଜାମ ଜିଲା ଶାଖା ସଭାପତି ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ସମାବେଶରେ ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଗୋପାଳପୁର ବିଧାୟକ ତଥା ଜିଲା ବିଜେଡି ସଭାପତି ଡ଼. ପ୍ରଦୀପ ପାଣିଗ୍ରାହୀ ଓ ଛତ୍ରପୁର ବିଧାୟକ ଡ଼ା. ପ୍ରିୟାଂଶୁ ପ୍ରଧାନ ଯୋଗ ଦେଇଥିଲେ। ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ ଓ ଆଦିକନ୍ଦ ସେଠୀଙ୍କ ସମେତ ବିସିସି ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ, ବିଜେଡି ନେତା ବିକ୍ରମ ପଣ୍ଡା, ମହିଳା ବିଜେଡି ଜିଲା ସଭାନେତ୍ରୀ ସଂଘମିତ୍ରା ଦଳାଇ, ବରିଷ୍ଠ ଶ୍ରମିକ ନେତା ଡାନିଏଲ ଦାସ, ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ଶଙ୍କର ଦାସ, ଜି. ସୋମେୟା, ଅର୍ଜୁନ ସାହୁ, ସନ୍ତୋଷ ରେଡ୍ଡୀ ପ୍ରମୁଖ ଉଦବୋଧନ ଦେଇଥିଲେ। ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷ ତଥା ବିଜେଡି ଜିଲା ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଜେଡି ନେତାମାନେ ୨ ଶ୍ରମିକ ସଂଗଠନର ନେତା ଓ ସଦସ୍ୟମାନଙ୍କୁ ସ୍ୱାଗତ ଜଣାଇଥିଲେ । ଶିଳ୍ପ କ୍ଷେତ୍ରରେ ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ମୁଖ୍ୟମନ୍ତ୍ରୀ ନବୀନଙ୍କ ସ୍ୱପ୍ନ ଥିବା ଦର୍ଶାଇଥିଲେ । ବିଜେଡି ଆଞ୍ଚଳିକ ଦଳ ଗଠନ ଠାରୁ ଏହାର ଶ୍ରମିକ ସଂଗଠନ କରାଯାଇ ନ ଥିଲା । ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ବିଜୁ ଶ୍ରମିକ ସାମ୍ମୁଖ୍ୟ ଗଠନ କରାଯାଇଛି । ସେମାନଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ହୋଇଛି । ନିର୍ମାଣ ଶ୍ରମିକଙ୍କ ଲାଗି ଅନେକ ସୁବିଧା ଉପଲବ୍ଧ କରାଯାଇଛି ଏବଂ ଶ୍ରମିକଙ୍କ ସର୍ବନିମ୍ନ ମଜୁରି ଦୈନିକ ୨୮୦ ଟଙ୍କାକୁ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଯୁଗାନ୍ତକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ନେତାମାନେ ସୂଚନା ଦେଇଥିଲେ। ଏହି ଅବସରରେ ଡାନିଏଲ ଦାସ ଓ ଅନ୍ୟ ଶ୍ରମିକ ନେତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଯୁବ ବିଜେଡି ଜିଲା ସଭାପତି ଏନ. ଧନଞ୍ଜୟ ରାଓ, ବିଜେଡି ଜିଲା ଉପସଭାପତି ଉମା ଚରଣ ନାୟକ, ସାଧାରଣ ସମ୍ପାଦକ ଜଗନ୍ନାଥ ସାବତ, ଅନୀଲ କୁମାର ସାହୁ, ମହିଳା ବିଜେଡି ରାଜ୍ୟ ଉପସଭାନେତ୍ରୀ ମମତା ବିଶୋୟୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ୪୨ଜଣଙ୍କୁ ମିଳିଲା ବାଣ ବିକ୍ରି ଅନୁମତି

# ପୋଲିସ ଉପସ୍ଥିତିରେ ଖୋଲିଲା ବାଲୁଙ୍କେଶ୍ୱର ବାଣ ବଜାର

**ବ୍ରହ୍ମପୁର ଅଫିସ୍,୪।୧୧**





ବାଲୁଙ୍କେଶ୍ୱର ବାଣ ବଜାର ଖୋଲିବା ପୂର୍ବରୁ ବାହାରେ ଅପେକ୍ଷା କରିଥିବା ବ୍ୟବସାୟୀ ଓ ଗ୍ରାହକ।

ବହୁ ବାଦବିବାଦ ପରେ ପୋଲିସ ପ୍ରଶାସନ ଉପସ୍ଥିତିରେ ରବିବାର ଅପରାହ୍ନରୁ ବ୍ରହ୍ମପୁର ଅନ୍ଧପସରା ରୋଡ୍‌ସ୍ଥିତ ବାଲୁଙ୍କେଶ୍ୱର ବାଣ ବଜାର ଖୋଲିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ବାଣ ବିକ୍ରି କରିବା ଓ ସମସ୍ତ ସର୍ତ୍ତାବଳୀ ମାନିବାକୁ ବ୍ୟବସାୟୀଙ୍କୁ କୁହାଯାଇଛି। ଅଗ୍ନି ନିରାପତ୍ତା ଏବଂ ଫାଷ୍ଟ ଏଡ୍‌କୁ ଗୁରୁତ୍ୱ ଦେବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଶନିବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ୪୨ ବ୍ୟବସାୟୀଙ୍କୁ ବାଣ ବିକ୍ରି କରିବା ପାଇଁ ଅସ୍ଥାୟୀ ଅନୁମତି ପ୍ରଦାନ କରିଥିଲେ। ତେବେ ଆସନ୍ତା ବର୍ଷଠାରୁ ସେଠାରେ ବାଣ ବିକ୍ରି କରା ନଯାଇ ଜନବସତି ଠାରୁ ଦୂର ତଥା ସହର ବାହାରେ ବାଣ ବଜାର ହେବ ବୋଲି କୁହାଯାଇଛି। ଶନିବାର ଅସ୍ଥାୟୀ ଅନୁମତି ପାଇ ରବିବାର ସକାଳୁ ବ୍ୟବସାୟୀମାନେ ବାଣ ମାର୍କେଟ୍ ବାହାରେ ପୋଲିସ ପ୍ରଶାସନକୁ ଅପେକ୍ଷା କରି ରହିଥିଲେ । ଅପରାହ୍ନ ପ୍ରାୟ ୧ଟାରେ ଗୋଷାଣୀ ନୂଆଗାଁ ଥାନା ଆଇଆଇସି କୁଳମଣି ସେଠୀ ସଦଳବଳେ ପହଞ୍ଚି ସମସ୍ତଙ୍କ କାଗଜପତ୍ର ଏବଂ ଅଗ୍ନି ନିରାପତ୍ତା ପରଖିବା ପରେ ବ୍ୟବସାୟୀ ଓ ଗ୍ରାହକମାନଙ୍କୁ ମାର୍କେଟ୍ ମଧ୍ୟକୁ ଛଡ଼ା ଯାଇଥିଲା ।

ସୂଚନାଯୋଗ୍ୟ, ବିନା କାଗଜପତ୍ର ଏବଂ ଅଗ୍ନି ନିରାପତ୍ତାରେ ବାଣ ମହଜୁଦ ଏବଂ ବିକ୍ରି କରିବା ଅଭିଯୋଗରେ ଗୋଷାଣୀ ନୂଆଗାଁ ଏବଂ ଟାଉନ ଥାନା ପୋଲିସ ୭ ବ୍ୟବସାୟୀଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୪ ଜଣ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ପୋଲିସ ଲକ୍ଷାଧିକ ଟଙ୍କାର ବାଣ ଜବତ କରିବା ସହ ବାଲୁଙ୍କେଶ୍ୱର ବାଣ ମାର୍କେଟ୍‌କୁ ସିଲ୍ କରିଥିଲା । ଫଳରେ ଏଠାରୁ ଜିଲା ତଥା ଜିଲା ବାହାରକୁ ବାଣ ଯୋଗାଣ ଠପ୍ ହୋଇଯାଇଥିଲା । ବ୍ୟବସାୟୀମାନେ କ୍ଷତି ସହିବା ନେଇ ଭାଳେଣି ପଡିଥିଲା । ଏହାକୁ ନେଇ ବାଲୁଙ୍କେଶ୍ୱର ବାଣ ବ୍ୟବସାୟୀ ସଂଘ ପକ୍ଷରୁ ଦକ୍ଷିଣାଞ୍ଚଳ ଅଗ୍ନିଶମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଧାରଣା ଦିଆଯାଇଥିଲା। ବ୍ୟବସାୟୀମାନେ ଜିଲା ପ୍ରଶାସନ ନିକଟରେ ଅନୁମତିପତ୍ର ନବୀକରଣ ପାଇଁ ଆବେଦନ କରିଥିଲେ ମଧ୍ୟ ତାହା ହୋଇପାରୁ ନ ଥିବା ଅଭିଯୋଗ କରିଥିଲେ। ପରେ ଜିଲା ପ୍ରଶାସନ, ପୋଲିସ, ମହାନଗର ନିଗମ ଏବଂ ଅଗ୍ନିଶମ ବିଭାଗର ମିଳିତ ବୈଠକ ପରେ ୪୨ ଜଣଙ୍କୁ ବାଣ ବିକ୍ରି କରିବା ପାଇଁ ଅସ୍ଥାୟୀ ଅନୁମତି ମିଳିଥିଲା । ବାଣ ବଜାରରେ ମେଡିକାଲ୍ ଟିମ୍, ଅଗ୍ନିଶମ ବିଭାଗ କର୍ମଚାରୀ ଓ ଆଇନ ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଛନ୍ତି। ୭ ତାରିଖ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବାଣ ବଜାର ଖୋଲା ରହିବ। ବଜାର ବନ୍ଦ ପରେ ଗଚ୍ଛିତ ବାଣର ପରିମାଣ ଦର୍ଶାଇବାକୁ ବ୍ୟବସାୟୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଧରିତ୍ରୀ DHARITRI
ସୋମବାର, ୫ ନଭେମ୍ବର, ୨୦୧୮



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଆନାକୋଣ୍ଡା। ସେ ଆର୍‌ବିଆଇ ଏବଂ ସିବିଆଇ ଭଳି ସଂସ୍ଥାଗୁଡ଼ିକୁ ଗିଳିଦେଲେଣି।
-ଯ୍ୟାନାମାଲା ରାମାକ୍ରିଷ୍ଣୁଡୁ, ଆନ୍ଧ୍ରପ୍ରଦେଶ ଅର୍ଥମନ୍ତ୍ରୀ



## ସଂକ୍ଷେପରେ

### ୨ ଆତଙ୍କବାଦୀ ନିହତ

**ଶ୍ରୀନଗର,୪।୧୧(ପି.ଟି.):** ଜମ୍ମୁ-କଶ୍ମୀରର ଶୋପିଆନ୍ ଜିଲାରେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଖୁଦ୍‌ପୋରାରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ଗୋଇନ୍ଦା ସୂଚନା ମିଳିବା ପରେ ଶନିବାର ବିଳମ୍ବିତ ରାତିରେ ସମ୍ପୃକ୍ତ ଅଞ୍ଚଳରେ ଯବାନମାନେ ତଲାସି ଅଭିଯାନ ଚଳାଇଥିଲେ। ହିଜ୍‌ବୁଲ ମୁଜାହିଦିନ ଆତଙ୍କବାଦୀମାନେ ସେମାନଙ୍କୁ ଟାର୍ଗେଟ କରିବା ପରେ ସୁରକ୍ଷା ବଳ ପାଲଟା ଜବାବ ଦେଇଥିଲା। ଯବାନଙ୍କ ଗୁଳିମାଡ଼ରେ ମହମ୍ମଦ ଇର୍ଫାନ ଭଟ ଓ ଶାହିଦ୍ ମୀର ନାମକ ଦୁଇ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମୃତଦେହ ନିକଟରୁ କେତେକ ଆପତ୍ତିଜନକ କାଗଜପତ୍ର ଓ ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

### ଆଇଏସ୍‌ଆଇକୁ ତଥ୍ୟ ଦେଇ ବିଏସ୍‌ଏଫ୍ ଯବାନ ଗିରଫ

**ଅମୃତସର,୪।୧୧:** ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇକୁ ସମ୍ବେଦନଶୀଳ ତଥ୍ୟ ଯୋଗାଇବା ଅଭିଯୋଗରେ ଜଣେ ବିଏସ୍‌ଏଫ୍ ଯବାନ ଗିରଫ ହୋଇଛନ୍ତି। ଶେଖ୍ ରିଆଜୁଦ୍ଦିନ ନାମକ ଯବାନ ଜଣକ ନିଜ ସନ୍ଦିଗ୍ଧ ଗତିବିଧିକୁ ନେଇ କିଛି ମାସ ହେଲା ବିଏସ୍‌ଏଫ୍ ଗୋଇନ୍ଦା ଶାଖାର ସ୍କାନରରେ ଥିଲେ। ପଞ୍ଜାବର ଫିରୋଜ୍‌ପୁର ସେକ୍ଟରସ୍ଥିତ ୨୯ତମ ବାଟାଲିୟନ୍‌ରେ ସେ କାର୍ଯ୍ୟରତ ଥିବାବେଳେ ରବିବାର ତାଙ୍କୁ ଗିରଫ କରାଯାଇଛି। ରିଆଜୁଦ୍ଦିନ ମହାରାଷ୍ଟ୍ରର ଲାତୁର ଜିଲା ରେନପୁରା ଗ୍ରାମର ବାସିନ୍ଦା ବୋଲି ଜଣାପଡ଼ିଛି। ଅଧିକ ପଚରାଉଚରା ପାଇଁ ପୋଲିସ ତାଙ୍କୁ ରିମାଣ୍ଡରେ ନେଇଛି।

### ଦୁର୍ଘଟଣା ନେଲା ୧୨ ଜୀବନ

ସୋନେପତ୍,୪।୧୧: ହରିୟାଣାର ସୋନେପତ୍ ଜିଲାରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଗୋହାନା-ପାନିପତ ରାଜପଥରେ ସନ୍ଧ୍ୟା ୬ଟାରେ ଏକ ଟ୍ରକ୍ ଗୋଟିଏ ଲେଖାଏ କାର୍ ଓ ଜିପ୍‌କୁ ଧକ୍କା ଦେବା ଫଳରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଦୁର୍ଘଟଣାରେ ୭ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ଖାନ୍‌ପୁରସ୍ଥିତ ପିଜିଆଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## କେନ୍ଦ୍ରକୁ ସନ୍ଥ ସମିତିର ନିର୍ଦ୍ଦେଶ

# ରାମମନ୍ଦିର ପାଇଁ ଅଧ୍ୟାଦେଶ ଆଣ



**ନୂଆଦିଲ୍ଲୀ,୪।୧୧**

ପୁଣିଥରେ ହିନ୍ଦୁତ୍ୱ ରାଜନୀତିର ପ୍ରୟୋଗଶାଳା ପାଲଟିବାକୁ ଯାଉଛି ଉତ୍ତରପ୍ରଦେଶର ଫୈଜାବାଦ ଜିଲାସ୍ଥିତ ଅଯୋଧ୍ୟା। ୨୦୧୯ ସାଧାରଣ ନିର୍ବାଚନକୁ ଆଉ ପ୍ରାୟ ୬ ମାସ ଥିବାବେଳେ ରାମମନ୍ଦିର ନିର୍ମାଣ ଦାବି ଜୋର୍ ଧରିଛି। ଏହି ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାରୁ କେନ୍ଦ୍ର ସରକାର ଖୋଲାଖୋଲି ଭାବେ ମନ୍ଦିର ନିର୍ମାଣ ସପକ୍ଷରେ ଓକିଲାତି କରିପାରୁନାହାନ୍ତି। ହେଲେ ଆର୍‌ଏସ୍‌ଏସ୍ ଏବଂ ଭାଜପା ନେତାମାନେ ମନ୍ଦିର ନିର୍ମାଣ ପାଇଁ ଜନମତ ସୃଷ୍ଟି କରିବାରେ ଲାଗିଛନ୍ତି। ସେହିପରି ହିନ୍ଦୁତ୍ୱ ଭୋଟବ୍ୟାଙ୍କର ଲଗାମ ଧରିଥିବା ସାଧୁସନ୍ଥମାନେ ରବିବାର ଏନେଇ କେନ୍ଦ୍ର ଉପରେ ଏନେଇ ଚାପ ପକାଇଛନ୍ତି। ଆଇନ ପ୍ରଣୟନ କରି ଅଥବା ଅଧ୍ୟାଦେଶ ଆଣି ରାମମନ୍ଦିର ନିର୍ମାଣ କରିବାକୁ ସେମାନେ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରସଙ୍ଗକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଛି।

ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ସକାଶେ ଅଧ୍ୟାଦେଶ ଆଣିବାକୁ ଅଖିଳ ଭାରତୀୟ ସନ୍ଥ ସମିତି ରବିବାର କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛି। ସରକାର ତୁରନ୍ତ ଏନେଇ ଆଇନ ପ୍ରଣୟନ କରନ୍ତୁ ନଚେତ ଅଧ୍ୟାଦେଶ ଜରିଆରେ ରାମମନ୍ଦିର ନିର୍ମାଣର ପଥ ପରିଷ୍କାର କରନ୍ତୁ ବୋଲି ସାଧୁସନ୍ଥମାନେ ଚରମବାଣୀ ଶୁଣାଇଛନ୍ତି। ଏହାବାଦ୍ ଗୋସୁରକ୍ଷା ଓ ଗଙ୍ଗା ସଫେଇ ପାଇଁ ମଧ୍ୟ ନୂଆ ଆଇନ ଅଣାଯିବା ଉପରେ ଏଥିରେ ଗୁରୁତ୍ୱାରୋପ କରାଯାଇଛି। ସନ୍ଥମାନଙ୍କ ଏହି ବୃହତ୍ ସମିତିର ଦୁଇଦିନିଆ ସମ୍ମିଳନୀରେ ସାରାଦେଶର ୩୦୦୦ରୁ ଊର୍ଦ୍ଧ୍ୱ ସାଧୁଙ୍କ ସମାଗମ ହୋଇଥିଲା। ସଙ୍ଗଠନର ଉଦ୍ୟୋକ୍ତା ରାମାନନ୍ଦ ହଂସଦେବାଚାର୍ଯ୍ୟ କାର୍ଯ୍ୟକ୍ରମର ସମାପନୀ ଭାଷଣରେ କହିଥିଲେ, ରାମମନ୍ଦିର ନିର୍ମାଣ ପାଇଁ ଆଇନ ଅଥବା ଅଧ୍ୟାଦେଶ ଆଣିବାକୁ କେନ୍ଦ୍ର ସରକାରଙ୍କୁ ଆମେ ନିର୍ଦ୍ଦେଶ ଦେଉଛୁ। ଏହାବାଦ୍ ଆସନ୍ତା ସାଧାରଣ ନିର୍ବାଚନରେ ଭାଜପାକୁ ସମର୍ଥନ କରି ପୁନଃ କ୍ଷମତାସୀନ କରାଇବାକୁ ମଧ୍ୟ ଅଖିଳ ଭାରତୀୟ ସନ୍ଥ ସମିତିରେ ସହମତି ପ୍ରକାଶ ପାଇଛି। ପ୍ରକାଶ ଯେ, ଗତମାସ ସୁପ୍ରିମକୋର୍ଟ ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ଜମି ବିବାଦ ମାମଲାର ଶୁଣାଣି କରି ଜାନୁୟାରୀ ପ୍ରଥମ ସପ୍ତାହରେ ଉପଯୁକ୍ତ ଖଣ୍ଡପୀଠ ଏହାର ବିଚାର କରିବେ ବୋଲି ସ୍ପଷ୍ଟ କରିଥିଲେ। ସେବେଠୁ ରାମମନ୍ଦିର ନିର୍ମାଣ ନେଇ ଦାବି ଜୋର୍ ଧରିଛି। ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ ସୋମବାର ରାମମନ୍ଦିର ନିର୍ମାଣ ସପକ୍ଷରେ ମତବ୍ୟକ୍ତ କରିଥିଲେ। ମନ୍ଦିର ନିର୍ମାଣ ହେଲେ ଦେଶରେ ସଦିଚ୍ଛା ଓ ସଂହତିର ବାତାବରଣ ସୃଷ୍ଟି ହେବ ବୋଲି ସେ କହିଥିଲେ।

### ‘ଭଲ ଖବର ଆସୁଛି’

**ହରିଦ୍ୱାର,୪।୧୧(ପି.ଟି.):** ରାମଭକ୍ତମାନଙ୍କୁ ଆଉ ଅଧିକ ସମୟ ଅପେକ୍ଷା କରିବାକୁ ପଡ଼ିବ ନାହିଁ। କାରଣ ରାମମନ୍ଦିର ନିର୍ମାଣ ନେଇ ଆଗକୁ ଏକ ଭଲ ଖବର ଆସୁଛି ବୋଲି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି। ହରିଦ୍ୱାରରେ ପତଞ୍ଜଳି ଯୋଗପୀଠ ପକ୍ଷରୁ ଆୟୋଜିତ ଜ୍ଞାନକୁମ୍ଭ ସମ୍ମିଳନୀର ସମାପନୀ ଉତ୍ସବରେ ସମ୍ବୋଧିତ କରି ଯୋଗୀ ଏହି ମନ୍ତବ୍ୟ ଦେଇଛନ୍ତି।



### ଆତ୍ମାହୁତି ଧମକ ଦେଲେ ପରମହଂସ

**ଅଯୋଧ୍ୟା,୪।୧୧(ପି.ଟି.):** ଆଯୋଧ୍ୟାରେ ରାମମନ୍ଦିର ନିର୍ମାଣ ନେଇ ଡିସେମ୍ବର ୬ ସୁଦ୍ଧା କେନ୍ଦ୍ର ସରକାର ଘୋଷଣା ନ କଲେ ଆତ୍ମାହୁତି ଦେବାକୁ ଧମକ ଦେଇଛନ୍ତି ତପସ୍ୱୀ ଚାଓ୍ୱନି ମନ୍ଦିର ମହନ୍ତ ସ୍ୱାମୀ ପରମହଂସ ଦାସ। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାମମନ୍ଦିର ନିର୍ମାଣ ନେଇ ଡିସେମ୍ବର ୫ ସୁଦ୍ଧା ଘୋଷଣା କରନ୍ତୁ। ପ୍ରକାଶ ଯେ ମୋଦି ସରକାର ରାମମନ୍ଦିର ନିର୍ମାଣ ପାଇଁ ଆଇନ ଆଣନ୍ତୁ ବୋଲି ଦାବିକରି ପରମହଂସ ଅକ୍ଟୋବର ୬ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନରେ ବସିଥିଲେ। ସପ୍ତାହେ ପରେ ପୋଲିସ ତାଙ୍କୁ ବୁଝାଶୁଝା କରି ଅନଶନରୁ ଉଠାଇଦେଇଥିଲେ।



### ହିନ୍ଦୁଙ୍କୁ ଅସହିଷ୍ଣୁ କରିଛି ମସ୍‌ଜିଦ୍ ନିର୍ମାଣ ଚର୍ଚ୍ଚା

**ଅଯୋଧ୍ୟା,୪।୧୧(ପି.ଟି.):** ରାମମନ୍ଦିର ନିକଟରେ ଏକ ମସ୍‌ଜିଦ୍ ନିର୍ମାଣ ନେଇ ଚାଲିଥିବା ଚର୍ଚ୍ଚା ହିନ୍ଦୁମାନଙ୍କୁ ଅତ୍ୟଧିକ ଅସହିଷ୍ଣୁ କରିଦେଇଛି ବୋଲି ରବିବାର କେନ୍ଦ୍ରମନ୍ତ୍ରୀ ଉମା ଭାରତୀ କହିଛନ୍ତି। ସେ ରାମମନ୍ଦିରର ଶିଳାନ୍ୟାସ ଦେବାକୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ନିମନ୍ତ୍ରଣ କରିଛନ୍ତି। ରାହୁଲ ଏପରି କରିବା ଦ୍ୱାରା ତାଙ୍କ ଦଳର ପାପ ଧୋଇହୋଇଯିବ ବୋଲି ସେ କଟାକ୍ଷ କରିଛନ୍ତି।



## ଭାରତରେ ଦକ୍ଷିଣ କୋରିଆ ପ୍ରଥମ ମହିଳା

**ନୂଆଦିଲ୍ଲୀ,୪।୧୧(ପି.ଟି.)**



ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍ ଜାଏ-ଇନ୍‌ଙ୍କ ଧର୍ମପତ୍ନୀ ତଥା ସେଠାକାର ପ୍ରଥମ ମହିଳା କିମ୍ ଜଙ୍ଗ୍-ସୁକ୍ ରବିବାର ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ତାଙ୍କୁ ପାଛୋଟି ଆଣିବା ପାଇଁ କେନ୍ଦ୍ରମନ୍ତ୍ରୀ ହରସିମରତ୍ କୌର ବାଦଲ ବିମାନବନ୍ଦରକୁ ଯାଇଥିଲେ। ଦୀପାବଳି ଅବସରରେ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ଆୟୋଜିତ ହେବାକୁ ଥିବା ‘ଦୀପୋତ୍ସବ’ରେ କିମ୍ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହାପୂର୍ବରୁ ସେ ସୋମବାର ରାଷ୍ଟ୍ରପତି ଭବନରେ ତାଙ୍କ ଭାରତୀୟ ପ୍ରତିପକ୍ଷଙ୍କୁ ସାକ୍ଷାତ୍ କରିବେ। କିମ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ସହ ମଧ୍ୟ ସାକ୍ଷାତ୍ ଆଲୋଚନ କରିବାର କାର୍ଯ୍ୟକ୍ରମ ରହିଛି।

## ଭାରତ-ପାକ୍ ଶାନ୍ତି ଆଲୋଚନା

# ମୁଣ୍ଡ ଖେଳାଇଲା ଚାଇନା

**ବେଜିଂ,୪।୧୧(ପି.ଟି.)**



ଭାରତ ଓ ପାକିସ୍ତାନ ମଧ୍ୟରେ ଶାନ୍ତି ଆଲୋଚନା ପାଇଁ ମୁଣ୍ଡ ଖେଳାଇବାକୁ ଆଗ୍ରହ ପ୍ରକାଶ କରିଛି ଚାଇନା। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ଚାଇନା ଗସ୍ତ ଅବସରରେ ରବିବାର ବେଜିଂ ପକ୍ଷରୁ ଏନେଇ ଏକ ବିବୃତି ଜାରି କରାଯାଇଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ବେଜିଂରେ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ଓ ସେଠାକାର ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗ୍‌ଙ୍କ ସହ ସାକ୍ଷାତ୍ କରିଛନ୍ତି। ଆଲୋଚନା ପରେ ପାକିସ୍ତାନ ଓ ଚାଇନା ପକ୍ଷରୁ ଏକ ମିଳିତ ବିବୃତି ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଭାରତ ସହ ପାକିସ୍ତାନର ସମ୍ପର୍କରେ ସୁଧାର ଆଣିବା ପାଇଁ ଇସ୍‌ଲାମାବାଦର ପଦକ୍ଷେପକୁ ବେଜିଂ ସମର୍ଥନ କରେ।

## ବିଷକ୍ରିୟାରେ ୩୧ ହରିଣ ମୃତ

**ତିରୁଚିରାପଲ୍ଲୀ,୪।୧୧(ପି.ଟି.)**


ତାମିଲନାଡୁର ତିରୁଚିରାପଲ୍ଲୀ ନିକଟସ୍ଥ ଏକ ପାର୍କରେ ୩ ଦିନ ମଧ୍ୟରେ ୩୧ ହରିଣଙ୍କ ମୃତ୍ୟୁ ଘଟିଛି। ହରିଣମାନେ ଅତ୍ୟଧିକ ସୁବାବୁଲ୍ ପତ୍ର ଖାଇବା ପରେ ଖାଦ୍ୟରେ ବିଷକ୍ରିୟା ହୋଇ ଏଭଳି ଦଶା ଭୋଗିଥିବା ବଣ୍ୟପ୍ରାଣୀ ବିଶେଷଜ୍ଞମାନେ ମତ ଦେଇଛନ୍ତି। ମିଳିଥିବା ସୂଚନାନୁସାରେ ଶନିବାର ୧୭, ରବିବାର ୧୮ ଓ ସୋମବାର ୬ ହରିଣଙ୍କ ପ୍ରାଣହାନି ଘଟିଛି। ସେମାନଙ୍କ ମଧ୍ୟରୁ ୨୫ ହରିଣ ଗର୍ଭବତୀ ଥିଲେ ବୋଲି ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ପାର୍କରେ ମୋଟ ୧୮୦ ହରିଣ ଥିଲେ। ଅନ୍ୟ ହରିଣଙ୍କ ଉପରେ ନଜର ରଖାଯାଇଥିବା ପାର୍କ କର୍ତ୍ତୃପକ୍ଷ କହିଛନ୍ତି।



## ଫୁର୍‌ସତ

### ଉଦ୍ଧାର କାର୍ଯ୍ୟରେ ସହାୟକ ହେବ ଡ୍ରୋନ୍

**ନ୍ୟୁୟର୍କ:** ମାସାଚୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମଆଇଟି)ର ଗବେଷକମାନେ ଏକ ସ୍ୱୟଂଚାଳିତ ଡ୍ରୋନ୍‌ର ବିକାଶ କରିଛନ୍ତି। ଏହା ଘଞ୍ଚ ଜଙ୍ଗଲରେ ନିଖୋଜ ବ୍ୟକ୍ତିଙ୍କ ଅନୁସନ୍ଧାନରେ ସାହାଯ୍ୟ କରିପାରିବ। କୌଣସି ଅନୁସନ୍ଧାନକାରୀ ମାନବ ବଦଳରେ ଏହି ଡ୍ରୋନ୍‌କୁ କାର୍ଯ୍ୟରେ ଲଗାଯାଇପାରିବ। ଏହା ଅନୁସନ୍ଧାନ ଓ ଉଦ୍ଧାର ପ୍ରକ୍ରିୟାକୁ ଅଧିକ ଦକ୍ଷ କରିପାରିବ ବୋଲି ଏମ୍‌ଆଇଟି ଏରୋନଟିକ୍ସ ଆଣ୍ଡ ଆଷ୍ଟ୍ରୋନଟିକ୍ସ (ଏରୋଆଷ୍ଟ୍ରୋ) ବିଭାଗର ଗବେଷକ ତଥା ପ୍ରମୁଖ ଲେଖକ ୟୁଲୁନ୍ ଟାୟନ୍ ପ୍ରକାଶ କରିଛନ୍ତି। ଏ ସମ୍ପର୍କିତ ଗବେଷଣାଲବ୍ଧ ଫଳାଫଳ ଆର୍ଜେଣ୍ଟିନାର ବୁଏନ୍‌ସ ଏରିସ୍‌ରେ ନଭେମ୍ବର ୫ରୁ ୮ ମଧ୍ୟରେ ହେବାକୁ ଥିବା ଅନ୍ତର୍ଜାତୀୟ ରୋବୋଟିକ୍ସ ସମ୍ମିଳନୀରେ ଉପସ୍ଥାପନ କରାଯିବ।



### ପ୍ରଦୂଷିତ ହୋଇପଡ଼ିଛି ପୁଣ୍ୟତୋୟା ଯମୁନା

**ମଥୁରା/ଆଗ୍ରା:** ବୃନ୍ଦାବନ ଏବଂ ମଥୁରାରେ ଯମୁନା ନଦୀ ବହୁ ଭାବରେ ପ୍ରଦୂଷିତ ହୋଇପଡିଛି। ହଜାର ହଜାର ମାଛ ମରି ଭାସୁଥିବାରୁ ତୀର୍ଥଯାତ୍ରୀ ଏବଂ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିପାଇଁ ସେମାନେ ସରକାରୀ ସଂସ୍ଥାକୁ ଦାୟୀ କରିଛନ୍ତି। ଦିୱାଳି ଅବସରରେ ଲକ୍ଷଲକ୍ଷ ଭକ୍ତ ମଥୁରା ପରିଭ୍ରମଣ କରନ୍ତି। ଏଠାରେ ଗୋବର୍ଦ୍ଧନ ଓ ଯମୁନାଙ୍କ ସ୍ୱତନ୍ତ୍ର ପୂଜା କରାଯାଏ। ଉତ୍ତରପ୍ରଦେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କଳକାରଖାନାରୁ ପ୍ରଦୂଷିତ ଜଳ ଯମୁନାକୁ ଛାଡିଦିଆଯାଉଥିବାରୁ ଲକ୍ଷଲକ୍ଷ ଜଳଜୀବ ଅମ୍ଳଜାନ ଅଭାବରୁ ମୃତ୍ୟୁବରଣ କରି ଭାସୁଛନ୍ତି। ଏହାଦ୍ୱାରା ଏହି ପୁଣ୍ୟତୋୟା ନଦୀ ବହୁମାତ୍ରାରେ ପ୍ରଦୂଷିତ ହୋଇପଡିଛି। ସେହିପରି ବୃନ୍ଦାବନ ନିକଟବର୍ତ୍ତୀ ଯମୁନାରେ ହଜାର ହଜାର ମାଛ ଭାସୁଥିବାର ଦେଖାଯାଉଛି। ବୃନ୍ଦାବନ ଓ ମଥୁରାକୁ ପ୍ରତ୍ୟେକ ଦିନ ହଜାର ହଜାର ତୀର୍ଥଯାତ୍ରୀ ବୁଡ ପକାଇବାକୁ ଯାଉଥିବା ବେଳେ ପ୍ରଦୂଷିତ ନଦୀ ସେମାନଙ୍କ ପାଇଁ ସମସ୍ୟାର କାରଣ ହୋଇଛି। ଯମୁନା ବ୍ରଜମଣ୍ଡଳର ଜୀବନ ରେଖା ହୋଇଥିବା ବେଳେ ଏହା ଆଗ୍ରା ଅଞ୍ଚଳର ପର୍ଯ୍ୟଟନ ସ୍ଥଳ। ଯମୁନା କୂଳରେ ବହୁ ଐତିହାସିକ କୀର୍ତ୍ତିରାଜି ରହିଛି। ଯମୁନା ପ୍ରଦୂଷିତ ହେଲେ ତାଜମହଲ ଭଳି ଐତିହାସିକ ସ୍ମାରକୀ ପ୍ରଭାବିତ ହେବ ବୋଲି ପରିବେଶବିତ୍ ରଞ୍ଜନ ଶର୍ମା ପ୍ରକାଶ କରିଛନ୍ତି। ଯମୁନା ନଦୀକୁ ପ୍ରଦୂଷଣରୁ ମୁକ୍ତ କରା ନ ଗଲେ ଇତିହାସର ସ୍ମାରକୀ ବହନ କରୁଥିବା ଏହି ପୁଣ୍ୟତୋୟା ନର୍କକୁଣ୍ଡରେ ପରିଣତ ହେବ ବୋଲି ପରିବେଶବିତ୍‌ମାନେ ସତର୍କ କରାଇଦେଇଛନ୍ତି।



## ଇତିହାସର ଆଇନାରେ


### ନଭେମ୍ବର ୫ର ପ୍ରମୁଖ ଘଟଣା

#### ଆମେରିକାରେ ଗୃହଯୁଦ୍ଧ

୧୮୬୨, ନଭେମ୍ବର ୫ରେ ଆମେରିକାରେ ଗୃହଯୁଦ୍ଧ ଆରମ୍ଭ ହୋଇଥିଲା। ଏହା ୧୮୬୫ ପର୍ଯ୍ୟନ୍ତ ଜାରି ରହିଥିଲା। ଆମେରିକା ଇତିହାସରେ ଏହାକୁ ଦୀର୍ଘ ଦିନର ବିବାଦ ଭାବରେ ବର୍ଣ୍ଣନା କରାଯାଏ। କାରଣ କୃଷ୍ଣକାୟ ଲୋକଙ୍କୁ କ୍ରୀତଦାସ ଭଳି ରଖିବାର ମାନସିକତା ପ୍ରତ୍ୟାହାର ପାଇଁ ଏହି ଗୃହଯୁଦ୍ଧ ସୃଷ୍ଟି ହୋଇଥିଲା।

#### ଲଣ୍ଡନରେ ଟ୍ରେନ୍ ଦୁର୍ଘଟଣା

୧୯୬୭, ନଭେମ୍ବର ୫ରେ ଆଜିର ଦିନରେ ଲଣ୍ଡନର ହାଇଦର ଗ୍ରୀନ୍‌ଠାରେ ଏକ କମ୍ୟୁଟର ଏକ୍ସପ୍ରେସ୍ ଦୁର୍ଘଟଣାଗ୍ରସ୍ତ ହୋଇ ୫୩ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିବା ସହିତ ଶତାଧିକ ଆହତ ହୋଇଥିଲେ।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ରହିବ ବୋଲି ଅନୁମାନ କରାଯାଉଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୪ | ୨୨.୫ |
| ଚାନ୍ଦବାଲି | ୩୨.୫ | ୨୨.୪ |
| କଟକ | ୩୨.୨ | ୨୧.୫ |
| ପାରାଦ୍ୱୀପ | ୩୨.୦ | ୨୨.୬ |
| ଭୁବନେଶ୍ୱର | ୩୩.୨ | ୨୨.୦ |
| ଗୋପାଳପୁର | ୩୪.୦ | ୨୨.୮ |
| ପୁରୀ | ୩୩.୦ | ୨୩.୫ |
| ଅନୁଗୋଳ | ୩୪.୧ | ୨୦.୬ |
| ବାରିପଦା | ୩୧.୬ | ୨୨.୫ |
| ଝାରସୁଗୁଡ଼ା | ୩୪.୮ | ୨୧.୫ |
| କେନ୍ଦୁଝର | ୩୧.୩ | ୧୯.୪ |
| ସମ୍ବଲପୁର | ୩୬.୦ | ୨୧.୮ |
| ସୁନ୍ଦରଗଡ଼ | --- | ୨୧.୦ |
| ହୀରାକୁଦ | ୩୩.୬ | ୨୦.୬ |
| ତାଳଚେର | ୩୩.୮ | ୨୨.୩ |
| ଭବାନୀପାଟଣା | ୩୧.୬ | ୨୦.୮ |
| ବଲାଙ୍ଗୀର | --- | ୨୦.୫ |
| କୋରାପୁଟ | ୩୨.୬ | ୧୮.୬ |
| ଫୁଲବାଣୀ | ୩୩.୫ | ୧୬.୪ |
| ଟିଟିଲାଗଡ଼ | --- | ୧୯.୦ |
| ମାଲକାନଗିରି | ୩୪.୮ | ୨୪.୬ |
| ସୋନପୁର | ୩୫.୨ | ୨୦.୮ |
| ଦାରିଙ୍ଗିବାଡ଼ି | --- | ୧୬.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ବହୁବାର ଆତ୍ମହତ୍ୟା ଉଦ୍ୟମ କରିଥିଲେ ଏ.ଆର. ରହମନ୍

**ଚେନ୍ନାଇ:** ବିଶିଷ୍ଟ ଚଳଚ୍ଚିତ୍ର ସଙ୍ଗୀତ ନିର୍ଦ୍ଦେଶକ ଏ.ଆର. ରହମନ୍ ଅନେକ ଥର ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ତାଙ୍କ ଆତ୍ମଜୀବନୀମୂଳକ ପୁସ୍ତକରେ ବର୍ଣ୍ଣନା କରିଛନ୍ତି। ଉକ୍ତ ପୁସ୍ତକରେ ତାଙ୍କ ଜୀବନ ସଂଗ୍ରାମ ବିଷୟ ବର୍ଣ୍ଣନା କରାଯାଇଛି। ତାଙ୍କୁ ୨୫ବର୍ଷ ବୟସ ହେବା ପର୍ଯ୍ୟନ୍ତ ସେ ଅତି କଠିନ ପରିସ୍ଥିତି ଦେଇ ଗତି କରୁଥିଲେ। ତାଙ୍କ ଜୀବନରେ ଏପରି ପର୍ଯ୍ୟାୟ ଆସିଥିଲା, ଯେଉଁ ପରିସ୍ଥିତିରେ ସେ ସବୁବେଳେ ଆତ୍ମହତ୍ୟା କରିଦେବାକୁ ଚିନ୍ତା କରୁଥିଲେ। ପରେ ତାଙ୍କ ପ୍ରତିଭାର ପରିସ୍ଫୁଟନ ହୋଇଥିଲା। ସେ ଜୀବନଯାତ୍ରାରେ କଳାର ଜୟଗାନ କରି ଓସ୍କାର ବିଜୟୀ ହୋଇପାରିଥିଲେ। ପିଲାଦିନୁ ସେ ପିତାଙ୍କୁ ହରାଇଥିଲେ। ଏହା ତାଙ୍କ ଜୀବନରେ ଏକ ଶୂନ୍ୟତା ସୃଷ୍ଟି କରିଥିଲା। ମୃତ୍ୟୁ ପ୍ରତ୍ୟେକଙ୍କ ପାଇଁ ଏକ ନିଷ୍ଠୁର ସତ୍ୟ। ପ୍ରତ୍ୟେକ ଜିନିଷର ସମାପ୍ତି ରହିଛି। ତେଣୁ ଜୀବନରେ ଯାହା ବି ପ୍ରତିବନ୍ଧକ ଆସୁ ତାହାକୁ ସାମ୍ନା କରିବାକୁ ପଡିବ। ଏହି ଚିନ୍ତନ ହିଁ ତାଙ୍କୁ ବଞ୍ଚି ରହିବା ଲାଗି ସାହସ ଯୋଗାଇଥିଲା ବୋଲି ରହମନ୍ ପ୍ରକାଶ କରିଛନ୍ତି। ଆତ୍ମଜୀବନୀମୂଳକ ପୁସ୍ତକ ‘ନୋଟ୍ସ ଅଫ୍ ଏ ଡ୍ରିମ୍’ରେ ରହମନ୍ ତାଙ୍କ ଜୀବନର କଠୋର ସମୟ ବିଷୟରେ ବର୍ଣ୍ଣନା କରିଛନ୍ତି। ରହମନ୍‌ଙ୍କ ଆତ୍ମଜୀବନୀ ରଚନା କରିଛନ୍ତି ଲେଖକ କ୍ରିଷ୍ଣ ତ୍ରିଲୋକ। ଲ୍ୟାଣ୍ଡମାର୍କ ଏବଂ ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ଶନିବାର ଲଞ୍ଚ୍ ହୋଇଛି।



**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

## ସଂକ୍ଷେପରେ

### ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ

ବୁଗୁଡ଼ା,୪।୧୧(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ସୁବୁଦ୍ଧିପଲ୍ଲୀ ଗ୍ରାମରେ ୯ ଦିନ ଧରି ଚାଲିଥିବା ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟେକ ଦିନରେ ରାମଚରିତ ମାନସ ପାରାୟଣ ହେଉଥିବା ବେଳେ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁପମା ଦେବୀ ପ୍ରବଚନ ପ୍ରଦାନ କରିଥିଲେ। ସୁବୁଦ୍ଧିପଲ୍ଲୀ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଶିଶିର ମିଶ୍ର ପୂଜନ କାର୍ଯ୍ୟ କରିଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ପ୍ରବଚନ ଶ୍ରବଣ କରିବାକୁ ଆଖପାଖ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହେଉଥିଲା।

### ଜିରୋ ପିରିୟଡରେ ସାଂସ୍କୃତିକ କାର୍ଯ୍ୟକ୍ରମ

ବୁଗୁଡ଼ା,୪।୧୧(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ତାକରଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦେବହରି ଚୌଧୁରୀଙ୍କ ସଭାପତିତ୍ୱରେ ଶୁକ୍ରବାର ଜିରୋ ପିରିୟଡରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମ ଶ୍ରେଣୀଠାରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ନୃତ୍ୟ, ସଂଗୀତ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟର ଶିକ୍ଷକ ବାଳକୃଷ୍ଣ ପ୍ରଧାନ, ସମରଜିତ ସାହୁ, ଶିକ୍ଷୟିତ୍ରୀ ପୁଷ୍ପିତା ସାହୁ, ଜେ. ସୁଜାତା ଦୋରା, ଜ୍ୟୋତ୍ସ୍ନାରାଣୀ କହଁର ପ୍ରମୁଖ ଉପସ୍ଥିତ ଥିଲେ।

### ଆଦର୍ଶ ଶିକ୍ଷକ ରୂପେ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



କବିସୂର୍ଯ୍ୟନଗର,୪।୧୧: କବିସୂର୍ଯ୍ୟନଗର ନନ୍ଦିଆପଡ଼ା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦଣ୍ଡପାଣି ରେଡ୍ଡୀଙ୍କୁ ବିଇଓ କାର୍ଯ୍ୟାଳୟ, ଏସ୍ଏମ୍ସି କମିଟି, ଗ୍ରାମବାସୀ ଓ ସହଯୋଗୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପକ୍ଷରୁ ଆଦର୍ଶ ଶିକ୍ଷକ ରୂପେ ସମ୍ବର୍ଦ୍ଧିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଆରସିସି ତଥା ଏବିଇଓ ନିରଞ୍ଜନ ସାହୁ, ମୁଖ୍ୟବକ୍ତା ଏବିଇଓ ବିଷ୍ଣୁପ୍ରିୟା ନାୟକ, ସମ୍ମାନିତ ଅତିଥି ଏବିଇଓ କୈଳାସ ବେହେରା, ସିଆରସିସି ପ୍ରତାପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ରାଷ୍ଟ୍ରୀୟ ଏକତା ସମ୍ପର୍କିତ ସଚେତନତା ଶୋଭାଯାତ୍ରା

ଦିଗପହଣ୍ଡି,୪।୧୧(ଡି.ଏନ.ଏ.): ଦିଗପହଣ୍ଡିସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଶୁକ୍ରବାର ରାଷ୍ଟ୍ରୀୟ ଏକତା ସମ୍ପର୍କିତ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଛି। ବିଦ୍ୟାଳୟ ଅଧ୍ୟକ୍ଷ ବଳରାମ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଅନଙ୍ଗ ପଣ୍ଡା, ଶିକ୍ଷକ ପ୍ରିୟାଂଶୁ ଶର୍ମା, ଚନ୍ଦ୍ରଭୂଷଣ ପଣ୍ଡିତ ଓ କ୍ରୀଡ଼ା ଶିକ୍ଷକ ଅନୀଲ ସାହା ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନେ ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତା ସମ୍ପର୍କରେ ବିଭିନ୍ନ ଧ୍ୱନି ଦେଇ ସହର ପରିକ୍ରମା କରିଥିଲେ।

### ୨ ବାଇକ ଚୋରି

କନିଷି,୪।୧୧(ଡି.ଏନ.ଏ.)- ଗୋଳନ୍ଥରା ଥାନା ରଣ୍ଡା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ରୁନା ଦାଶଙ୍କ ବାଇକ୍ (ନଂ. ଓଡି୦୭କେ-୫୬୧୫) ଓ ସୁନୀଲ କୁମାର ସାମନ୍ତରାୟଙ୍କ ବାଇକ୍ (ନଂ. ଓଡି୦୭ସି-୩୯୦୦) ଚୋରି ହୋଇଯାଇଛି। ଏନେଇ ରବିବାର ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ଗୋଳନ୍ଥରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଦୁଇଜଣ ବ୍ୟକ୍ତି ବାରଣ୍ଡାରେ ବାଇକ ଚାବି ପକାଇ ରଖିଥିବା ବେଳେ ରାତିରେ କେହି ଦୁର୍ବୃତ୍ତ ଚୋରି କରି ନେଇ ଯାଇଥିଲେ। ଉକ୍ତ ଅଞ୍ଚଳରେ ରାତିରେ ପୋଲିସ ପକ୍ଷରୁ ପାଟ୍ରୋଲିଂ ହେଉ ନ ଥିବା ଯୋଗୁ ଚୋରି ବୃଦ୍ଧି ପାଉଥିବା ସାଧାରଣରେ ଅଭିଯୋଗ ହେଉଛି। ହେଲେ ପୋଲିସ ଲୁଟେରାଙ୍କ ଟେର୍ ପାଉନାହିଁ।

■ ୯ଟାରୁ ସ୍କୁଲ ବନ୍ଦ

# ହାତୀମୁଣ୍ଡା ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିଛି

ଦାରିଙ୍ଗବାଡ଼ି,୪।୧୧(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ଭୁଶୁଡ଼ିବାରେ ଲାଗିଛି । ଶନିବାର ଉକ୍ତ ପଞ୍ଚାୟତର ଏକାଧିକ ବିଦ୍ୟାଳୟ ଖୋଲି ନ ଥିବା ବେଳେ ଆଉ କିଛି ବିଦ୍ୟାଳୟ ସକାଳ ୭ ରୁ ୯ ଟା ପର୍ଯ୍ୟନ୍ତ ଖୋଲାଯାଇ ଛୁଟି ହୋଇଥିଲା । ଉକ୍ତ ପଞ୍ଚାୟତର ଗାହେଜୁ ସମେତ ବିଜାଲିରେ ଛାତ୍ରୀଛାତ୍ର ଆସି କିଛି ସମୟ ପରେ ଫେରିଥିଲେ। ଶିକ୍ଷକମାନେ ପାଳି କରି ଯାଉଥିବା ବେଳେ ନିୟମିତ ଠିକ ଭାବେ ବିଦ୍ୟାଳୟ ଖୋଲାଯାଉ ନ ଥିବା ଗାହେଜୁ ଗ୍ରାମର ରଘୁନାଥ ପାଟମାଝି କହିଛନ୍ତି। ସକାଳୁ ଦୁଇଜଣ ଶିକ୍ଷକ ଥିବା ବେଳେ ଜଣେ ଆସି କିଛି ସମୟ ପରେ ତାଲା ପକାଇ ପଳେଇଥିଲେ ବୋଲି କହିଛନ୍ତି । ସେହିପରି ଉକ୍ତ ପଞ୍ଚାୟତର ବିଜାଲି ବିଦ୍ୟାଳୟରେ ମଧ୍ୟ ଏକାବସ୍ଥା । ସକାଳ ୭ରୁ ସ୍କୁଲ ଖୋଲିଲା ଏବଂ ୯ଟାରେ ବନ୍ଦ କରିଦିଆଗଲା ବୋଲି ଗ୍ରାମର ସାମନ୍ତ ମଳିକ ଓ ଆମସନ ମଳିକ ପ୍ରମୁଖ କହିଛନ୍ତି। ପଞ୍ଚାୟତ ଅଞ୍ଚଳର ସମସ୍ତ ବିଦ୍ୟାଳୟରେ ଏଭଳି ପରିସ୍ଥିତି ଉପୁଜି ଥିବାବେଳେ ଏନେଇ ସିଆରସିସି ଅଜୟ ବଳିଆୟର ସିଂଙ୍କୁ ପଚାରିବାରୁ ପଞ୍ଚାୟତ ଅଞ୍ଚଳରେ ଥିବା ସମସ୍ତ ସ୍କୁଲ ଶିକ୍ଷକଙ୍କୁ ହାତୀମୁଣ୍ଡାରେ ଥିବା ସେବାଶ୍ରମରେ ପୂର୍ବାହ୍ନ ୧୦ଟାରେ ଏକ ଆଲୋଚନା ଚକ୍ରକୁ ଡକାଯାଇଥିଲା । ଶିକ୍ଷକମାନେ ଠିକ ସମୟରେ ପହଞ୍ଚିବା ପାଇଁ ବିଦ୍ୟାଳୟ ବନ୍ଦ କରି ଆସିଥିବା ସେ କହିଛନ୍ତି। ଏନେଇ ଦାରିଙ୍ଗବାଡ଼ି ବିଇଓ ପୁରେନ୍ଦ୍ର ବେହେରା କହିଛନ୍ତି, ବିଦ୍ୟାଳୟ ବନ୍ଦ କରାଇବା କ୍ଷମତା ବିଇଓଙ୍କର ନାହିଁ । ବିନା ଅନୁମତିରେ କାହିଁକି ବନ୍ଦ କରାଯାଇଛି ତା'ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଶିକ୍ଷା ବିଭାଗ ଅଧିକାରୀଙ୍କ କଥାରେ ତାଳମେଳ ନାହିଁ । ପିଲାମାନେ ପାଠପଢାରୁ ବଞ୍ଚିତ ।



ଗାହେଜୁ ବିଦ୍ୟାଳୟରେ ତାଲା ପଡ଼ିଛି ।

**ବିଭାଗୀୟ ଅଧିକାରୀଙ୍କ କଥାରେ ତାଳମେଳ ନାହିଁ**

# ଗଜପତି ଜିଲାପାଳଙ୍କ ବାତ୍ୟାଞ୍ଚଳ ପରିଦର୍ଶନ

ରାମଗିରି,୪।୧୧(ଡି.ଏନ.ଏ.)

ଗଜପତି ଜିଲାପାଳ ଅନୁପ କୁମାର ଶାହା ଶନିବାର ତିତ୍‌ଲିରେ କ୍ଷତିଗ୍ରସ୍ତ ହୋଇଥିବା ଆର.ଉଦୟଗିରି ବ୍ଲକ ଗ୍ରାମଗୁଡ଼ିକ ବୁଲି ଲୋକଙ୍କ ସହ ଆଲୋଚନା କରିଥିଲେ। ପ୍ରଥମେ ମଙ୍ଗରାଜପୁର ପଞ୍ଚାୟତର ଦୁର୍ଗମ ଅଞ୍ଚଳ ଅଞ୍ଚରବା ଗ୍ରାମକୁ ଯାଇ ଲୋକଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ଅଭିଯୋଗ ଶୁଣିବା ପରେ ଗ୍ରାମରେ ଥିବା ୮୦ ପରିବାରକୁ କମ୍ବଳ ବଣ୍ଟନ କରିଥିଲେ। ଗ୍ରାମର ୫ ଜଣ କର୍କଟ ରୋଗୀଙ୍କୁ ମେଡିକାଲ ଟିମ୍ ପଠାଇ ବ୍ରହ୍ମପୁର ନେଇ ଚିକିତ୍ସା କରିବା ପାଇଁ କହିଥିଲେ । ସବୁ ଖର୍ଚ୍ଚ ସରକାର ବହନ କରିବା ସହ ଅନ୍ୟ ୨ଜଣ ଅସୁସ୍ଥ ଥିବା ଲୋକଙ୍କୁ ରାମଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଅନଘା ପଞ୍ଚାୟତର ଭୂୟାଁପଡ଼ାରେ କିମ୍ବସିଂ, ତିଳିବାଙ୍ଗ, ଦଳେଇସାହି, ବଢ଼ିଆର ଗ୍ରାମର ୬୦ ପରିବାରକୁ ସାକ୍ଷାତ କରି ଦୁଇଟି ଲେଖାଏ କମ୍ବଳ ଦେବା ସହ ମୃତ୍ୟୁ ହୋଇଥିବା ଶୁକ୍ରୁ ଦଳାଇଙ୍କ ସ୍ତ୍ରୀଙ୍କୁ ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏହି ଚାରୋଟି ଗ୍ରାମର ୬୦ ପରିବାରକୁ ଭୂୟାଁପଡ଼ା, ଅନଘା ଓ କଡ଼ମାସିଂ ଗ୍ରାମରେ ଥିବା ପର୍ବତ କିସମର ଜାଗାକୁ ଚିହ୍ନଟ କରି ତୁରନ୍ତ ଘରବାରି ପଟ୍ଟା ଦେବା ପାଇଁ ଅତିରିକ୍ତ ତହସିଲଦାରଙ୍କୁ କହିଥିଲେ । ବାହାରେ ପଲିଥିନରେ ଆଶ୍ରୟ ନେଉଥିବା ଲୋକଙ୍କୁ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ରହିବା ପାଇଁ କହିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଏଡିଏମ୍‌ଓ ଲକ୍ଷ୍ମୀକାନ୍ତ ସେଠୀ, ଆର.ଉଦୟଗିରି ବିଡିଓ ପ୍ରଦୀପ କୁମାର ନାୟକ, ଅତିରିକ୍ତ ତହସିଲଦାର ଶୁଭାଶିଷ ପଣ୍ଡା, ବ୍ଲକ ଅଧ୍ୟକ୍ଷ ଅନିତା ମଣ୍ଡଳ, ସରପଞ୍ଚ କୃଷ୍ଣଚନ୍ଦ୍ର ବଡ଼ମୁଣ୍ଡି, ଆଦିକନ୍ଦ କାର୍ଯ୍ୟୀ, ସମିତିସଭ୍ୟ ସାବିତ୍ରୀ ନାୟକ ଓ ପୂର୍ବତନ ସରପଞ୍ଚ ଗୋବିନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ବାତ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି ଜିଲାପାଳ ।

## ଭତ୍ତା ସହ ରାଶନ କାର୍ଡ ବଣ୍ଟନ

ଆସିକା,୪।୧୧(ଡି.ଏନ୍.ଏ)

ଆସିକା ବ୍ଲକର ବାବନପୁର ଓ ବରଗାଁ ପଞ୍ଚାୟତରେ ଶନିବାର ମଧୁବାବୁ ପେନ୍‌ସନ ଯୋଜନାରେ ବିଭିନ୍ନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା ବେଳେ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଖାଉଟିଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି । ଉଭୟ ପଞ୍ଚାୟତରେ ପୃଥକ ପୃଥକ ଭାବେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଆସିକା ବିଧାୟକ ଦେବରାଜ ମହାନ୍ତି ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ବିଡିଓ ଗାୟତ୍ରୀଦତ୍ତ ନାୟକ, ଯୋଗାଣ ନିରୀକ୍ଷକ ଜୟରାମ ଲେଙ୍କା, ସାମାଜିକ ସୁରକ୍ଷା ଅଧିକାରୀ ପି. ପଦ୍ମା ପ୍ରମୁଖ ଯୋଗ ଦେଇଥିଲେ । ବାବନପୁର ପଞ୍ଚାୟତରେ ସରପଞ୍ଚ ସୌଦାମିନୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୩୫ଜଣଙ୍କୁ ଭତ୍ତା ବଣ୍ଟନ କରାଯାଇଥିବା ବେଳେ ୧୦୫ ପରିବାରଙ୍କୁ ଖାଉଟି କାର୍ଡ ବଣ୍ଟନ କରାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟା ନର୍ମଦା ମୁନି, ଅନିଲ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ବରଗାଁ ପଞ୍ଚାୟତରେ ସରପଞ୍ଚ ତ୍ରିବେଣୀ ନାହାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମିତି ସଭ୍ୟ ଶିବ ନାହାକ, ଜିଲା ପରିଷଦ ସଦସ୍ୟ ଶିବଶଙ୍କର ମହାନ୍ତି, ବିଦ୍ୟାନ୍ତ ଚର୍ଚ୍ଚି, ବିପିନି ପାଢୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସେହି ପଞ୍ଚାୟତର ୪୦ଜଣଙ୍କୁ ବିଭିନ୍ନ ଯୋଜନାରେ ଭତ୍ତା ବଣ୍ଟନ କରାଯାଇଥିବା ବେଳେ ୧୮୫ ପରିବାରଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଥିଲା ।

# ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଦିଗପହଣ୍ଡି,୪।୧୧(ଡି.ଏନ.ଏ.)

ଦିଗପହଣ୍ଡିସ୍ଥିତ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ନୋଡାଲ ସଂଯୋଜିକା ତଥା ଖେମୁଣ୍ଡି କଲେଜ ସହକାରୀ ଅଧ୍ୟକ୍ଷା ଡ. ହରପ୍ରିୟା ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ହାସଲ କରିପାରିଲେ ନାରୀ ସମାଜ ଉପରେ ବଢୁଥିବା ନିର୍ଯ୍ୟାତନାକୁ ଲଗାମ ଦିଆଯାଇପାରିବ ବୋଲି ମୁଖ୍ୟଅତିଥି ତାଙ୍କ ଉଦ୍‌ବୋଧନରେ କହିଥିଲେ। ଯୁକ୍ତ ୨ କଳା ବିଭାଗର ୧୨୦ ଛାତ୍ରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ତାଲିମ ଦିଆଯିବ ବୋଲି ଜଣାପଡ଼ିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୁକ୍ତ ୨ କଲେଜ ଅଧ୍ୟକ୍ଷା ସସ୍ମିତା ପାଠୀ, ଅଧ୍ୟାପକ ଡ. ପ୍ରକାଶ ପାଣିଗ୍ରାହୀ, ଅଧ୍ୟାପିକା ଗୀତାଞ୍ଜଳି ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମାଷ୍ଟର ଟ୍ରେନର ଭାବେ ଖେମୁଣ୍ଡି କଲେଜ ଛାତ୍ରୀ ରୀନା ପ୍ରଧାନ ଓ ରାକ୍ଷୀ କୁମାରୀ ସାହୁ ଛାତ୍ରୀଙ୍କୁ ଆତ୍ମରକ୍ଷା ସମ୍ପର୍କିତ ବିଭିନ୍ନ ଜ୍ଞାନ କୌଶଳ ଶିକ୍ଷା ପ୍ରଦାନ କରିଥିଲେ। ୧୨ ଦିନ ବ୍ୟାପୀ ହେବାକୁ ଥିବା ଏହି ଶିବିର ଚଳିତ ମାସ ୧୭ରେ ଉଦ୍‌ଯାପିତ ହେବ ବୋଲି ଜଣାପଡ଼ିଛି। ଏଥିରେ ଅଧ୍ୟାପିକା ସବିତା ପଣ୍ଡା, ମଞ୍ଜୁଳା ସାମନ୍ତରା ଓ କର୍ମଚାରୀ ଶ୍ରୀକାନ୍ତ ମହାନ୍ତି ସହଯୋଗ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ୮ମ ବାଟାଲିୟନ ହାବିଲଦାର, ସିପାହି ସଂଘ ବାର୍ଷିକୋତ୍ସବ



ସଭାରେ ଉପସ୍ଥିତ ଅତିଥି ।

ଛତ୍ରପୁର,୪।୧୧(ଡି.ଏନ.ଏ.)

ଛତ୍ରପୁର ଅଷ୍ଟମ ବାଟାଲିୟନ ହାବିଲଦାର ଓ ସିପାହୀ ସଂଘର ବାର୍ଷିକୋତ୍ସବ ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ପାଳିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଉପବାଚସ୍ପତି ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ରାମଚନ୍ଦ୍ର ପଣ୍ଡା ଯୋଗଦେଇ ଅଷ୍ଟମ ବାଟାଲିୟନ କିଭଳି ଏଠାରେ ହେଲା ସେ ସମ୍ପର୍କରେ କହିବା ସହ ପାଣି ଆଦି ବିଭିନ୍ନ ସମସ୍ୟା ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ ତିତ୍‌ଲି ବାତ୍ୟା ଓ ବନ୍ୟାରେ ଅଷ୍ଟମ ବାଟାଲିୟନର ଓଡ୍ରାଫ୍ ଟିମ୍ କାର୍ଯ୍ୟ ପ୍ରଶଂସନୀୟ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ସୁବାସ ଚନ୍ଦ୍ର ବେହେରା ଓ ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, ବାଟାଲିୟନ କମାଣ୍ଡାଣ୍ଟ ଉଦୟ କୁମାର ରଥ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅଷ୍ଟମ ବାଟାଲିୟନରେ ପାଣି ସମସ୍ୟା ଥିବାରୁ ହଂସପୁର ପ୍ରକଳ୍ପରୁ ଏଠାକୁ ପାଣି ଯୋଗାଣ ପାଇଁ ଉଦ୍ୟମ କରାଯିବ ବୋଲି ବକ୍ତାମାନେ କହିଥିଲେ । ଅଷ୍ଟମ ବାଟାଲିୟନକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତୀକରଣ, ଆଲୋକ ବ୍ୟବସ୍ଥା ଓ ଏମ୍‌ଜିଏନଆରଇଜିଏସ୍‌ରେ ପୋଖରୀ ଖନନ କାର୍ଯ୍ୟ ବ୍ଲକ ପକ୍ଷରୁ କରାଯାଇପାରିବ ବୋଲି ଅଧ୍ୟକ୍ଷ ରେଡ୍ଡୀ କହିଥିଲେ । ଅଷ୍ଟମ ବାଟାଲିୟନର ବିଭିନ୍ନ ସମସ୍ୟା ଦୂର ପାଇଁ ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଜଣାଇବୁ ବୋଲି ରାଜ୍ୟ ପୋଲିସ ମହାସଂଘ ସଭାପତି ସନ୍ତୋଷ କୁମାର ଶତପଥୀ ଓ ସାଧାରଣ ସମ୍ପାଦକ ପଞ୍ଚାନନ ବେହେରା କହିଥିଲେ । ଛତ୍ରପୁର ଅଷ୍ଟମ ବାଟାଲିୟନ ହାବିଲଦାର ଓ ସିପାହି ସଂଘ ସଭାପତି ପ୍ରଭାକର ବେହେରା, ଉପସଭାପତି ତୋଫାନ କୁମାର ସୁର, ସମ୍ପାଦକ ନୀଳାଦ୍ରି ନାୟକ, ସହ ସମ୍ପାଦକ ସଂଗ୍ରାମ କୁମାର ସେଠୀ, କୋଷାଧ୍ୟକ୍ଷ ବସନ୍ତ କୁମାର ଜାନି, କାର୍ଯ୍ୟକାରୀ କମିଟି ସଦସ୍ୟ ଜି. ପିଣ୍ଟୁ ରେଡ୍ଡୀ, ବିକ୍ରମ କୁମାର ସେଠୀ, କେ. ଦେବରାଜ ରେଡ୍ଡୀ, ଲିଟୁ ମହାନ୍ତି ଓ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର




ମଞ୍ଚାସୀନ ଅତିଥିବୃନ୍ଦ ।

ଗୋପାଳପୁର,୪।୧୧

ଗୋପାଳପୁର କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଶୁକ୍ରବାର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ହିଞ୍ଜିଳିକାଟୁ ବିଜ୍ଞାନ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଅମୂଲ୍ୟ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଭାରତ କିପରି ଆନ୍ତର୍ଜାତିକ ସ୍ତରରେ ଆତଙ୍କବାଦୀଙ୍କୁ ଦମନ କରିବା ପାଇଁ ସଂଗ୍ରାମ ଜାରି ରଖିଛି ଏବଂ ମୂଳୋତ୍ପାଟନ ପାଇଁ ସମସ୍ତେ ଦାୟୀ ବୋଲି କହିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ଉମାକାନ୍ତ ଚୌଧୁରୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସହିଷ୍ଣୁ ହେବା ପାଇଁ କହିଥିଲେ। ବିଭାଗୀୟ ମୁଖ୍ୟ ଡ. ରାମଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ଆତଙ୍କବାଦ ଏବଂ ତା'ର ପରିଣାମ ସନ୍ଦର୍ଭ ଛାତ୍ରୀ ବୈଷ୍ଣବୀ ସାମଲ ପାଠ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡ. ବିପ୍ର ଚରଣ ମହାଳୁଡ଼, ଡ. ପୀତାମ୍ବର ବିଷୋୟୀ, ଅଧ୍ୟାପିକା କଳ୍ପନା ନାୟକ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଟି. କୁମାର ସ୍ୱାମୀ, ପ୍ରଦୀପ୍ତ କୁମାର ପଟ୍ଟନାୟକ, ଜି. ଗଣେଶ ପ୍ରମୁଖ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ସୁରଭି ୨୦୧୮ ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ।

ଆର.ଉଦୟଗିରି,୪।୧୧(ଡି.ଏନ.ଏ.)

ଗଜପତି ଜିଲା ଆର.ଉଦୟଗିରି ବିଇଓ କାର୍ଯ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୧୮ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅନିତା ମଣ୍ଡଳ, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟ ଯାକବ ମାଝୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ପ୍ରତିଭା ଲୋକଲୋଚନକୁ ଆସିଥାଏ ବୋଲି କହିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ, ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି ବିଇଓ ଭୂୟାଁ କହିଥିଲେ। କାର୍ଯ୍ୟକ୍ରମରେ ୧୮ ପଞ୍ଚାୟତରେ କାର୍ଯ୍ୟରତ ସିଆରସିସି ଓ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭଞ୍ଜ ଜୟନ୍ତୀ

ଭଞ୍ଜନଗର,୪।୧୧(ଡି.ଏନ.ଏ.)

ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରବିବାର ସ୍ଥାନୀୟ ନିୟନ୍ତ୍ରୀତ ବଜାର କମିଟି ସମ୍ମିଳନୀ କକ୍ଷରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ଏବଂ ଓଡିଆ କାବ୍ୟ ସାହିତ୍ୟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରଜନୀକାନ୍ତ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦୂରଦର୍ଶନର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ସୁଶାନ୍ତ ଦାସ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ। ଆଲୋଚନାଚକ୍ରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କବି ପ୍ରଶାନ୍ତ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡ. କୂଳମଣି ଓଝା, ଡ. ସୁରେଶ ଚନ୍ଦ୍ର ପଣ୍ଡା, ଡ. ରାଜେନ୍ଦ୍ର ଷଡ଼ଙ୍ଗୀ ପ୍ରବନ୍ଧ ପାଠ କରିଥିଲେ। ଆଲୋଚକ ଭାବେ ଡ. ପ୍ରଦୀପ କୁମାର ପଟ୍ଟନାୟକ, ଲୋକନାଥ ମହାନ୍ତି ଓ ଅନନ୍ତ କର ଯୋଗ ଦେଇଥିଲେ। ଉଦଯାପନି ଉତ୍ସବରେ ଶୁଳପାଣି ଶତପଥୀ ସଭା ସଂଯୋଜନା କରିଥିବାବେଳେ ଡ. ହୃଷିକେଶ ପଣ୍ଡା ପ୍ରବନ୍ଧ ପାଠ କରିଥିଲେ। ସରୋଜ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡ. ଅଜୟ ତ୍ରିପାଠୀ, ଡ. ଅନନ୍ତରାମ କର ଆଲୋଚକ ଭାବେ ଯୋଗ ଦେଇଥିଲେ। ଚିନ୍ମୟ କୁମାର ବେବର୍ତ୍ତା ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱାସ୍ଥି ସିଦ୍ଧି ସଙ୍ଗୀତ ଅନୁଷ୍ଠାନର କଳାକାର ମାନେ ଭଞ୍ଜ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ତପସ୍ୱିନୀ ଦାଶଙ୍କ ଦ୍ୱାରା ଲିଖିତ ରାଜକବି ଜଗନ୍ନାଥ ଦେବବର୍ମା ଶିର୍ଷକ ପୁସ୍ତକଟି ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କବି ପ୍ରଭାତ ଆଚାର୍ଯ୍ୟ, ବିମ୍ବାଧର ଷଡ଼ଙ୍ଗୀ, ଅଶୋକ ସାହୁ, ମୋତିଲାଲ ପତି, ଅଶୋକ ସ୍ୱାଇଁ, ଦିପ୍ତିମିତା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ମଞ୍ଚାସିନ ଅତିଥି ।

## ସଂକ୍ଷେପରେ

### ଶହୀଦ ଯବାନ, ଖବରଦାତାଙ୍କୁ ଶ୍ରଦ୍ଧାଞ୍ଜଳି

**ଫୁଲବାଣୀ ଅଫିସ, ୪।୧୧:** ଛତିଶଗଡ଼ର ଦାନ୍ତେୱାଡ଼ାରେ ମାଓବାଦୀଙ୍କ ଗୁଳିମାଡ଼ରେ ଶହୀଦ ହୋଇଥିବା ଖବରଦାତା (କ୍ୟାମେରାମ୍ୟାନ) ଅଚ୍ୟୁତାନନ୍ଦ ସାହୁ, ପୋଲିସ ରୁଦ୍ର ପ୍ରତାପ ସିଂ, ଯବାନ ମଙ୍ଗଳରାମଙ୍କୁ ଫୁଲବାଣୀ ପ୍ରେସ୍ କ୍ଲବ ଓ କନ୍ଧମାଳ ପୋଲିସ୍ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଗୋପବନ୍ଧୁ ଛକରେ ଆୟୋଜିତ ସଭାରେ ଖବରଦାତା, ଏସ୍ପି ପ୍ରତୀକ ସିଂଙ୍କ ସମେତ ଅନ୍ୟ ପୋଲିସ୍ ଅଧିକାରୀମାନେ ସାମିଲ୍ ହୋଇଥିଲେ। ପ୍ରାରମ୍ଭରେ ଶହୀଦଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଜଳାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା । ମାଓବାଦୀମାନେ ନିଜର ସତ୍ତା ହରାଇବାକୁ ଯାଉଥିବାରୁ ଦିଗହରା ହୋଇ ଏଭଳି ଅମାନୁଷିକ ଆକ୍ରମଣ କରୁଛନ୍ତି। ଏଥିରେ ଯବାନ କିମ୍ବା ଗଣମାଧ୍ୟମର ମନୋବଳ ଦୁର୍ବଳ ହେବନାହିଁ । ସବୁସ୍ତରରେ ମାଓବାଦୀଙ୍କ ଦମନ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍ପି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍ପି ଉତ୍କଳ ରଞ୍ଜନ ଦାସ, ବିଷ୍ଣୁପଦ ମହନ୍ତ, ଡି.ଏସ୍.ପି. (ପ୍ରୋବେଶନ) ଏସ୍.ହେମ୍ବ୍ରମ୍, ଡ଼ିଏସ୍ପି(ଡ଼ିଆଇବି) ସୀତାକାନ୍ତ ଗନ୍ତାୟତ, ସଦର ଏସ୍ଡ଼ିପିଓ ସୁରେନ୍ଦ୍ର ନାଥ ମୁର୍ମୁ, ଟାଉନ ଥାନାଧିକାରୀ ସତ୍ୟବ୍ରତ ରାଉତ, ରିଜର୍ଭ ଇନ୍ସପେକ୍ଟର ଧର୍ମେନ୍ଦ୍ର ପ୍ରଧାନ, ପ୍ରେସ୍ କ୍ଲବ ସଭାପତି ଗୋପାଳ ପଟ୍ଟନାୟକ, ସମ୍ପାଦକ ଅଜିତ ମହାରଣାଙ୍କ ସମେତ ଖବରଦାତା, ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ ।

### ଦୁର୍ନୀତି ନିବାରଣ ସପ୍ତାହ ପାଳିତ

**ଦାରିଙ୍ଗବାଡ଼ି,୪।୧୧(ଡି.ଏନ.ଏ):** ଦାରିଙ୍ଗବାଡ଼ିସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗ ଅଦାଲତରେ ଶନିବାର ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି । ବିଚାରପତି ଲିପା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦାରିଙ୍ଗବାଡ଼ି ଓକିଲ ସଂଘ ଓ କୋର୍ଟ କର୍ମଚାରୀମାନେ ଯୋଗ ଦେଇଥିଲେ। ଅଞ୍ଚଳରେ କିଭଳି ଦୁର୍ନୀତି ନିବାରଣ ହୋଇପାରିବ, ଗରୀବମାନେ ନ୍ୟାୟ, ମାଗଣା ଆଇନ ସହାୟତା ପାଇବେ ସେ ନେଇ ଆଲୋଚନା କରାଯାଇଥିଲା । ଅଞ୍ଚଳରେ ଦୁର୍ନୀତିକୁ ପ୍ରଶ୍ରୟ ନ ଦେବାକୁ ବିଚାରପତି ମହାନ୍ତିଙ୍କ ସମେତ ଅନ୍ୟମାନେ ଶପଥ ପାଠ କରିଥିଲେ । ପ୍ରିୟଜନ କହଁର, ଷ୍ଟେନୋ ସୁଶେନ ମାଝି, ବଦ୍ରୀନାଥ ମିଶ୍ର, ଶ୍ରବଣ ବେହେରା, ଭୀଷ୍ମ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ମରଣଯନ୍ତା ପାଲଟିଛି ତାଜୁଙ୍ଗିଆ ରାସ୍ତା

**ଦାରିଙ୍ଗବାଡ଼ି,୪।୧୧(ଡି.ଏନ.ଏ)**


ମରଣଯନ୍ତା ପାଲଟିଛି ତାଜୁଙ୍ଗିଆ ପଞ୍ଚାୟତ ମୁଖ୍ୟାଳୟ ରାସ୍ତା ।

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ତାଜୁଙ୍ଗିଆ ପଞ୍ଚାୟତ ମୁଖ୍ୟାଳୟକୁ ଯିବାକୁ ସବୁଦିନିଆ ରାସ୍ତା ନାହିଁ। ଅଞ୍ଚଳବାସୀ ବାରମ୍ବାର ଦାବିକରି ଆସୁଥିଲେ ସୁଦ୍ଧା ପ୍ରଶାସନ ଶୁଣୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆସନ୍ତା ୬ତାରିଖ ରାଜରାସ୍ତାକୁ ଓହ୍ଲାଇବାକୁ ଅଞ୍ଚଳବାସୀ ବୈଠକ କରି ନିଷ୍ପତ୍ତି ନେଇଥିବା ଗ୍ରାମର ଲିଓ ନାୟକ, ସୁଦାମ ହାଓ୍ବଡ଼ା କହିଛନ୍ତି। ଉକ୍ତ ବ୍ଲକର ୨୫ ପଞ୍ଚାୟତ ମଧ୍ୟରୁ ତାଜୁଙ୍ଗିଆ ସବୁଠାରୁ ଅବହେଳିତ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତାଜୁଙ୍ଗିଆ ଯିବାକୁ ପୂର୍ତ୍ତ ବିଭାଗରୁ ପ୍ରାୟ ୬ କି.ମି. ଦୂର ହେଉଛି। ମୁଖ୍ୟ ରାସ୍ତାରେ ବଡ଼ ବଡ଼ ପଥର ସବୁ ବାହାରିବା ସହ ଖାଲଖମା ଯୋଗୁ କୌଣସି ଛୋଟବଡ଼ ଗାଡ଼ି ଯାତାୟାତ କରୁନାହିଁ। ଆମ୍ବୁଲାନ୍ସ ସମେତ ଚାରିଚକିଆ, ଏବଂ ତା'ଠାରୁ ବଡ଼ ଗାଡ଼ି ଉକ୍ତ ରାସ୍ତାରେ ଯାତାୟାତ ସମ୍ଭବ ହେଉନାହିଁ। ଲୋକେ ପଞ୍ଚାୟତ ମୁଖ୍ୟାଳୟକୁ ରାସ୍ତା ନ ଥିବାରୁ ସାଧାରଣ ବଣ୍ଟନ ସାମଗ୍ରୀ ନେବାକୁ ଆସିବା କଷ୍ଟ ହେଉଛି। ଏଥି ସହ ରୋଗୀସେବା ଶିକ୍ଷା ବ୍ୟବସ୍ଥା ସବୁ ବାଧାପ୍ରାପ୍ତ ହେଉଛି। ଶୀଘ୍ର ପ୍ରଶାସନ ପଦକ୍ଷେପ ନେଉ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମର ପ୍ରଦୀପ ନାୟକ କହିଛନ୍ତି। ଏନେଇ ସରପଞ୍ଚଙ୍କ ପ୍ରତିନିଧି ତଥା ପୂର୍ବତନ ସରପଞ୍ଚ ଜୋହନ ମୁଠାମାଝି କହିଛନ୍ତି, ବ୍ଲକ ପ୍ରଶାସନ ଖୁବ୍ ଶୀଘ୍ର ଉକ୍ତ ରାସ୍ତା କାର୍ଯ୍ୟ ଆରମ୍ଭ କରିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୧୦ଲକ୍ଷ ଟଙ୍କା ଅନୁଦାନ ରହିଥିବା ସେ କହିଛନ୍ତି। ସେପଟେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ରାମକୃଷ୍ଣ ପାଣିଗ୍ରାହୀ କହିଛନ୍ତି, ଉକ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନରାରେ କାର୍ଯ୍ୟ କରାଯିବ। ସର୍ଭେ ଆରମ୍ଭ କରାଯାଉଛି। ଡିସେମ୍ବର ସୁଦ୍ଧା ଟେଣ୍ଡର ପ୍ରକ୍ରିୟା କରାଯିବାକୁ ଚେଷ୍ଟା କରାଯାଉଛି।

# ୭ କିମି ରାସ୍ତା ମରାମତି କଲେ ଗ୍ରାମବାସୀ

**ଦାରିଙ୍ଗବାଡ଼ି, ୪।୧୧(ଡି.ଏନ.ଏ.)**



କହମପଡ଼ି ଗ୍ରାମକୁ ଥିବା ରାସ୍ତା ।

ଦାରିଙ୍ଗବାଡ଼ି ବ୍ଲକ ପର୍ତ୍ତମାହା ପଞ୍ଚାୟତ କହମପଡ଼ି ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ । ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ହେଲେ ୭ କିମି ପାହାଡ଼ ରାସ୍ତା ଅତିକ୍ରମ କରିବାକୁ ପଡୁଛି। ସ୍ୱାସ୍ଥ୍ୟକେନ୍ଦ୍ର ହେଉ କି ସାଧାରଣ ବଣ୍ଟନ ସାମଗ୍ରୀ ଆଣିବା ପାଇଁ ହେଉ ପାହାଡ଼ ଉପର ଦେଇ ଚାଲିକି ଯିବାକୁ ପଡୁଛି। ରାସ୍ତା ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି କରୁଥିଲେ ସୁଦ୍ଧା ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ତିତ୍ଲି ବାତ୍ୟା ବେଳେ ହୋଇଥିବା ବର୍ଷାରେ ପାଦଚଲା ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଥିଲା । ତେବେ ଗ୍ରାମବାସୀ ବୈଠକ କରି ନିଜ ପାଇଁ ନିଜେ ରାସ୍ତା ମରାମତି କରିଛନ୍ତି । ଏହାକୁ ସବୁଦିନିଆ ରାସ୍ତା ପାଇଁ କହମପଡ଼ିଠାରୁ ଆଗକୁ ପର୍ତ୍ତମାହା ପର୍ଯ୍ୟନ୍ତ ୭କି.ମି ଏବଂ କହମପଡ଼ି ଠାରୁ କାଡ଼ିପାଙ୍ଗା ପଛକୁ ୨ କି.ମି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରିବାକୁ ଗ୍ରାମ୍ୟ କମିଟିର ସଭାପତି ପ୍ରଶାନ୍ତ ପ୍ରଧାନ, ସମ୍ପାଦକ ସୁଶାନ୍ତ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି । କିରିକୁଟି ପଞ୍ଚାୟତ କୁମ୍ଭାରମୁଣ୍ଡା ଠାରୁ କାଡ଼ିପାଙ୍ଗା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ରାସ୍ତା କାର୍ଯ୍ୟ ଚାଲିଛି, ଆଗକୁ ଆଉ ୨ କି.ମି ରାସ୍ତା କରାଗଲେ ଗ୍ରାମର ଅନେକ ସମସ୍ୟା ଦୂର ହୋଇପାରିବ ବୋଲି ୱାର୍ଡ଼ ସଭ୍ୟ ସାଞ୍ଜିରା ପ୍ରଧାନ, ଉପସଭାପତି ରାଣିଙ୍ଗା ପ୍ରଧାନ ପ୍ରମୁଖ କହିଛନ୍ତି ।

# ଆଦର୍ଶ ଡିଗ୍ରୀ କଲେଜ ପାଇଁ ଜମି ଚିହ୍ନଟ

**କ.ନୂଆଗାଁ,୪।୧୧(ଡି.ଏନ୍.ଏ.)**

କ.ନୂଆଗାଁ ବ୍ଲକ କଞ୍ଚାମେଣ୍ଡି ପଞ୍ଚାୟତର ସୁରାପଙ୍ଗାଠାରେ ଆଦର୍ଶ ଡିଗ୍ରୀ କଲେଜ ପାଇଁ ଜମି ଚିହ୍ନଟ କରାଯାଇଛି। ଉଚ୍ଚ ଶିକ୍ଷା ନିମନ୍ତେ କ.ନୂଆଗାଁରେ କୌଣସି ସୁବିଧା ନ ଥିବାରୁ ଛାତ୍ରୀଛାତ୍ର, ଅଭିଭାବକମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଦୀର୍ଘ ଦିନ ଧରି ଅଭିଭାବକମାନେ ସରକାରଙ୍କଠାରେ ଦାବି କରୁଥିଲେ ମଧ୍ୟ କାର୍ଯ୍ୟକାରୀ ହେଉ ନ ଥିଲା କିନ୍ତୁ ବର୍ତ୍ତମାନ ଏଠାରେ ଡିଗ୍ରୀ କଲେଜ ଖୋଲିବା ପାଇଁ ପ୍ରକ୍ରିୟା ଆରମ୍ଭ ହେଉଥିବାରୁ ଅଞ୍ଚଳବାସୀଙ୍କ ନିକଟରେ ଆନନ୍ଦ ଦେଖାଯାଇଛି। ଜମି ଚିହ୍ନଟ ସମୟରେ ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉଶାହା, ତହସିଲ ଦାର ଅନୀତା ସାହୁ, ବ୍ଲକ ସହକାରୀ ଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀ, ପୂର୍ବତନ ବିଧାୟକ କରେନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

### ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର

# ସାମାଜିକ, ଅର୍ଥନୀତି କାରଣରୁ ଶିଶୁ ଶ୍ରମିକ ବଢୁଛି

**ଭଞ୍ଜନଗର,୪।୧୧(ଡି.ଏନ.ଏ.)**

ପୃଥିବୀର ସବୁଠାରୁ ଅଧିକ ଶିଶୁ ଶ୍ରମିକ ଭାରତରେ ଦେଖିବାକୁ ମିଳୁଛି। ଶିଶୁ ଶ୍ରମିକ ସମସ୍ୟାକୁ ରୋକିବା ପାଇଁ ସମ୍ବିଧାନରେ ଅନେକ ଆଇନ ଅଛି, କିନ୍ତୁ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ସାମାଜିକ, ଅର୍ଥନୀତୀ କାରଣରୁ ଶିଶୁ ଶ୍ରମିକ ସଂଖ୍ୟା ଦିନକୁ ଦିନ ବଢୁଛି, ଯାହାକି ଚିନ୍ତାଜନକ ବିଷୟ। ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ଆବଶ୍ୟକ ପ୍ରଚାର ପ୍ରସାର ଆବଶ୍ୟକ। ଲୋକଙ୍କ ଆର୍ଥିକସ୍ଥିତିରେ ଉନ୍ନତି ଆଣାଯିବା ସହ ସଚେତନତା କରିବାକୁ ପଡିବ। ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ରାଜନିତୀ ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ଏକ ଆଲୋଚନାଚକ୍ରରେ ଭାଗନେଇ ବକ୍ତାମାନେ ତାହା ମତବ୍ୟକ୍ତ କରିଥିଲେ। କଲେଜ ଅଧ୍ୟକ୍ଷ ଡ଼.ନୀଳାଞ୍ଚଳ ମୁନି ଉତ୍ସବରେ ସଭାପତିତ୍ୱ କରିଥିଲେ। ଷ୍ଟେଟବ୍ୟାଙ୍କ ଚିଫ୍ ଅଡ଼ିଟ୍ ଅଫିସର ଅଭିନ୍ନ ମୋହନ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଅଣାଯିବା ସହ ଅଭିଭାବକଙ୍କୁ ଶିକ୍ଷିତ କରାଯାଇ ପାରିଲେ ଶିଶୁ ଶ୍ରମିକ ସମସ୍ୟା କମିପାରିବ ବୋଲି କହିଥିଲେ। ଶିଶୁ ଶ୍ରମିକ ଆଇନ ଉପରେ ଲିଖିତ ସନ୍ଦର୍ଭଟିକୁ ଛାତ୍ର ଓମ୍ ପ୍ରକାଶ ସେନାପତି ପଠନ କରିଥିଲେ। ତାଙ୍କୁ ବିଭାଗୀୟ ଅଧ୍ୟାପିକା ମନ୍ଦାକିନି ପଣ୍ଡା ସହଯୋଗ କରିଥିଲେ। ଅଧ୍ୟାପକ ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. ନୃସିଂହ ଚରଣ ସୁଆର ପାଠଚକ୍ରର ଆବଶ୍ୟକତା ଉପରେ କହିଥିଲେ। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡ. ସୁବାସ ଚନ୍ଦ୍ର ପ୍ରଧାନ, ରବୀନ୍ଦ୍ର ନାଥ ପାଳ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବିଭାଗୀୟ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଆନ୍ତଃ ବିଶ୍ୱ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା

# ବାଲିଗୁଡ଼ାର ୯ ଛାତ୍ରୀଛାତ୍ରଙ୍କ କୃତିତ୍ୱ


କୃତି ହକି ଖେଳାଳି ।

**ବାଲିଗୁଡା,୪।୧୧(ଡି.ଏନ୍.ଏ.)**

ଆନ୍ତଃ ବିଶ୍ୱ ବିଦ୍ୟାଳୟ ବ୍ରହ୍ମପୁର ଆନୁକୂଲ୍ୟରେ ସ୍ଥାନୀୟ ଆଦିବାସୀ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଗଙ୍ଗାଧର ପଣ୍ଡାଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ୯ ଜଣ ଛାତ୍ରୀଛାତ୍ର ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ସ୍ଥାନକୁ ଯାଇ କ୍ରୀଡା କୌଶଳ ପ୍ରଦର୍ଶନ କରି ଫେରିଛନ୍ତି। ପ୍ରକାଶ ଯେ, ଭୁବନେଶ୍ୱର ସ୍ଥିତ କିଟ୍ ବିଶ୍ୱ ବିଦ୍ୟାଳୟ ପରିସରରେ ଆୟୋଜିତ ଆନ୍ତଃ ବିଶ୍ୱ ବିଦ୍ୟାଳୟ ମହିଳା ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାରେ ସ୍ଥାନୀୟ ମହାବିଦ୍ୟାଳୟର ତୃତୀୟ ବର୍ଷ କଳା ଛାତ୍ରୀ ନେହ୍ନା ମଲିକ, ଓ ସଙ୍ଗିତା ମଲିକ ସଫଳତା ହାସଲ କରିଥିବା ବେଳେ ପୁରୁଷ ହକି ପ୍ରତିଯୋଗିତାରେ ତୃତୀୟ ବର୍ଷ କଳା ଛାତ୍ର ସୀତାରାମ ପ୍ରଧାନ, ଦ୍ୱିତୀୟ ବର୍ଷ କଳାଛାତ୍ର ସତ୍ୟରଞ୍ଜନ ଜାନୀ, ସୁଶିଲ୍ ଏକ୍କା ସେହିପରି ପୁରୁଷ କବାଡି ପ୍ରତିଯୋଗିତାରେ ବିଲାସପୁର ସି.ଭି. ରମଣ ବିଶ୍ୱବିଦ୍ୟାଳୟ ଠାରେ ଆୟୋଜିତ ଉତ୍ସବରେ ପ୍ରଥମ ବର୍ଷ କଳା ଛାତ୍ର ରାମେଶ୍ୱର କହଁର ଏବଂ ବାଲେଶ୍ୱର ଫକିର ମୋହନ ବିଶ୍ୱ ବିଦ୍ୟାଳୟଠାରେ ମହିଳା କବାଡ଼ି ପ୍ରତିଯୋଗିତାରେ ସ୍ଥାନୀୟ ମହାବିଦ୍ୟାଳୟର ତୃତୀୟ ବର୍ଷ କଳା ଛାତ୍ରୀ କୁମୁଦିନୀ ମଲିକ, ଜୟନ୍ତି ମଲିକ ଓ ବାଣିଜ୍ୟ ଛାତ୍ରୀ ଶିବାନୀ ମଲିକ ପ୍ରମୁଖ କୃତୀତ୍ୱ ହାସଲ କରି ଫେରିଛନ୍ତି। ଏହି ୯ ଜଣ ଛାତ୍ରୀଛାତ୍ରଙ୍କୁ କଲେଜ କ୍ରୀଡା ବିଭାଗ ସମେତ ସମସ୍ତ ବିଭାଗର ଛାତ୍ରୀଛାତ୍ରୀ ଅଧ୍ୟାପକ ଅଧ୍ୟାପିକା ଓ ଅଧ୍ୟକ୍ଷଙ୍କ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଶ୍ରୀମଦ୍ ଭାଗବତ ପାରାୟଣ ଉଦ୍ଯାପିତ

**ଜି.ଉଦୟଗିରି,୪।୧୧(ଡି.ଏନ.ଏ.)**

ଜି.ଉଦୟଗିରି ବଡ଼ସାହିସ୍ଥିତ ରାଧାକୃଷ୍ଣ ମନ୍ଦିରରେ ୭ଦିନ ଧରି ଚାଲିଥିବା ଶ୍ରୀମଦ୍ ଭାଗବତ୍ ପାରାୟଣ ରବିବାର ସନ୍ଧ୍ୟାରେ ଉଦ୍ଯାପିତ ହୋଇଯାଇଛି । ସୋମବାରରୁ ଆରମ୍ଭ ହୋଇଥିବା ଏହି ଭାଗବତ ପାରାୟଣରେ ପଣ୍ଡିତ ସୁଦର୍ଶନ ତ୍ରିପାଠୀ ପ୍ରବଚନ ଦେବା ସହ ପାରାୟଣ ପାଠ କରିଥିଲେ । ରମେଶ ଜେନା, ଚନ୍ଦ୍ରକାନ୍ତ ପଣ୍ଡା, କେ. ରାମକୃଷ୍ଣ ପାତ୍ରଙ୍କ ସମେତ ଶ୍ରଦ୍ଧାଳୁମାନେ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । କିଛି ଶିଶୁ କଳାକାର ବିଭିନ୍ନ ବେଶ ହୋଇଥିଲେ ।


**GOVERNMENT OF ODISHA** No.952-O

**OFFICE OF THE EXECUTIVE ENGINEER, RWS&S DIVISION, RAYAGADA**

Email ID eerwss_rgd@nic.in, Mobille No.8280408061

**e-procurement Notice for PWS works**

**Identification No Online tender /12/RWSS/RGD/2018-19**

**1) Name of works:-**
1. Supplying & laying of rising main and distribution system pipe line of UPVC/DI/GI, construction of Compound wall RCC OGR/ESR, SV/NRV Chamber, Air Valve Pillar stand post etc. for different PWS projects in Rayagada District.
2) Total Number of works : 12 Nos. (Detailed list available in the website)
3) Estimated cost : Rs.50.23 to 230.52 lakh
4) Class of contractor : B & A
5) Period of completion : 09 to 12 months

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Water Supply & Sanitation Division, Rayagada | Online Tender /12/ RWSS/RGD/2018-19 | 08.11.2018 at 10.00 AM | 28.11.2018 upto 5.00 PM |

**NB:-** Further details can be seen from the website **www.tendersodisha.gov.in**.

25007/11/0019/1819 **Sd./- Executive Engineer, RWS&S Division, Rayagada**



idco Your power to grow ISO 9001 & 14001 CORPORATION | ODISHA NEW OPPORTUNITIES

**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

**OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR.**
**Tender Call Notice No. EST- 50 /2018-19/ 22063** Dt. 31.10.2018

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of the Work | Procurement Officer | Bid Identification No. | Period of Completion | Value of Work | Availability of Tender on-Line for Bidding | |
|---|---|---|---|---|---|---|---|
| | | | | | | From | To |
| 1 | 2 | 3 | 4 | 5 | 6 | 7 | 8 |
| 1 | Balance Work for Construction of Auditorium Building and Ancillary Works for Mission Shakti Bhawan at Pokhariput, Bhubaneswar. | CGM (Civil), IDCO, IDCO Tower, Janpath, Bhubaneswar | Bid ID.No. Civil -EST - E -50 / 2018-19 | 06 (Six) Calendar Months | Rs. 5,80,98,991.00 | 18.00 Hours of 05.11.2018 | 17.00 Hours of 19.11.2018. |

Further details can be seen from the e - procurement portal. **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

Sd/-
Chief General Manager (Civil), I/C
IDCO, Bhubaneswar



OFFICE OF THE EXECUTIVE ENGINEER,
RWS&S DIVISION, PURI – 752002
Phone (06752) 251276, Fax :- (06752) 251276, E-mail:-eerwss_puri@nic.in

**NATIONAL COMPETITIVE BIDDING THROUGH E-PROCUREMENT**

**Bid Identification No. RWSSPURI 57 /2018-19**

No.953-O: The Executive Engineer, RWS&S Division, Puri on behalf of Governor of Odisha invites lump sum price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | Piped Water Supply Scheme |
|---|---|---|
| 1. | No. of works: | 3(Three) |
| 2. | Time for completion: | Six months |
| 3. | Cost of bidding document: | Rs.10000/- |
| 4. | Class of Contractors eligible: | B & A |
| 5. | Availability of bids on-line: | From 17.00 hour of 08.11.2018 to 17.00 hours of 24.11.2018 |
| 6. | Last date and time for seeking clarification: | 17.00 hours of 19.11.2018 |
| 7. | Date & time of opening of technical bids: | On dt 26.11.2018 at 12.00 Hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 8. | Date and time of opening of financial bids: | To be decided |

Further details can be seen from the website **https://www.tendersorissa.gov.in.**

25017/11/0077/1819 **Sd./- Executive Engineer, RWS&S Division, Puri**



No. XXXV-39

## ଓଡ଼ିଶା ସରକାର
## ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଘୋଷଣା

File No. XIV–46/18 742 Dated : 16.08.2018

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା– ବିଡାପାକୁ, ଥାନା– ଦଶପଲ୍ଲା ନଂ–୨୯, ତହସିଲ– ଦଶପଲ୍ଲା, ଜିଲ୍ଲା– ନୟାଗଡରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଖୋରଧା ରୋଡ–ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୭୦୦୮, ତା. ୧୮.୦୮.୨୦୧୭ ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା– ବିଡାପାକୁ, ଥାନା– ଦଶପଲ୍ଲା ନଂ–୨୯, ଜିଲ୍ଲା–ନୟାଗଡ ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ କମିଶନର– ପୁନର୍ବାସ ଓ ଥଇଥାନ ଦ୍ୱାରା ଧାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ, ଏଥି ସହିତ ସଂଲଗ୍ନ କରାଗଲା। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍ସାଇଟ୍ www.nayagarh.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ–ଅର୍ଜନ ମଣ୍ଡଳ ଅଧିକାରୀ, ନୟାଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ–କ**
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା : ନୟାଗଡ ତହସିଲ : ଦଶପଲ୍ଲା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବିଡାପାକୁ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୧୧.୧୮୦ | ୮.୬୩୦ | ଏଥି ସହିତ ସଂଲଗ୍ନ |

**ତଫସିଲ–ଖ**
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା : ନୟାଗଡ ତହସିଲ : ଦଶପଲ୍ଲା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବିଡାପାକୁ | ଉକ୍ତ ମୌଜାରେ ପ୍ରଯୁଜ୍ୟ ନୁହେଁ। | | | | | | |

ଅଧିସୂଚନାର ବୈଧ ତାରିଖ :

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, ନୟାଗଡ

**ଜମିର ତାଲିକା**
ଗ୍ରାମ– ବିଡାପାକୁ, ତହସିଲ– ଦଶପଲ୍ଲା, ଥାନା– ଦଶପଲ୍ଲା ନଂ ୨୯, ଜିଲ୍ଲା– ନୟାଗଡ

ବ୍ୟକ୍ତିଗତ ଜମି :

| କ୍ରମିକ ସଂଖ୍ୟା | ଖତିଆନ ନଂ | ପ୍ଲଟ ନଂ | ମୋଟ ରକବା | ଅର୍ଜିତ ରକବା | କିସମ | ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧ | ୨୨୯ | ୦.୪୫୦ | ୦.୪୫୦ | ଶାରଦ–୩ | କରୁଣାକର ବାଘ, ପି– ରାଜନ ବାଘ, ବା– ବିଡାପାକୁ |
| ୨ | | ୨୩୦ | ୦.୧୧୦ | ୦.୧୧୦ | ଶାରଦ–୩ | |
| ୩ | | ୨୪୦ | ୦.୧୩୦ | ୦.୧୩୦ | ଶାରଦ–୩ | |
| ୪ | ୨ | ୨୩୨ | ୦.୨୪୦ | ୦.୨୪୦ | ଶାରଦ–୩ | ଗଦାଧର ବେହେରା, ମହେଶ୍ୱର ବେହେରା, ଆଦି ବେହେରା, ଜୟ ବେହେରା, ବୁଧେଇ ବେହେରା, ପି– ଜଗ ବେହେରା |
| ୫ | ୭ | ୩୦ | ୦.୫୫୦ | ୦.୫୫୦ | ଶାରଦ–୨ | ଦତରାମ ବାଘ, ପି– ଭୋବନି ବାଘ |
| ୬ | | ୩୧ | ୦.୧୪୦ | ୦.୧୪୦ | ତଲା–୨ | |
| ୭ | | ୬୭ | ୦.୪୨୦ | ୦.୪୨୦ | ଶାରଦ–୨ | |
| ୮ | | ୭୩ | ୦.୬୯୦ | ୦.୫୦୦ | ଶାରଦ–୨ | |
| ୯ | | ୨୪୩ | ୦.୨୧୦ | ୦.୨୧୦ | ଶାରଦ–୩ | |
| ୧୦ | | ୨୪୪ | ୦.୨୨୦ | ୦.୨୨୦ | ଶାରଦ–୩ | |
| ୧୧ | | ୨୪୫ | ୦.୧୧୦ | ୦.୧୧୦ | ପଡିତ | |
| ୧୨ | | ୨୪୬ | ୦.୧୩୦ | ୦.୧୩୦ | ଶାରଦ–୩ | |
| ୧୩ | | ୨୪୮ | ୦.୩୪୦ | ୦.୩୪୦ | ଶାରଦ–୩ | |
| ୧୪ | | ୨୪୯ | ୦.୨୪୦ | ୦.୨୪୦ | ଶାରଦ–୨ | |
| ୧୫ | | ୨୫୩ | ୦.୫୦୦ | ୦.୦୮୦ | ଶାରଦ–୨ | |
| ୧୬ | | ୨୫୪ | ୦.୧୦୦ | ୦.୧୦୦ | ପଡିତ | |
| ୧୭ | ୧୦ | ୨୬ | ୦.୩୯୦ | ୦.୩୯୦ | ଶାରଦ–୨ | ଧନୁସିଂହ ବାଘ, ପି– ରାଜନ ବାଘ |
| ୧୮ | | ୩୩ | ୦.୧୩୦ | ୦.୧୩୦ | ତଲା–୨ | |
| ୧୯ | | ୪୧ | ୦.୨୩୦ | ୦.୨୩୦ | ଶାରଦ–୨ | |
| ୨୦ | | ୬୪ | ୦.୧୬୦ | ୦.୦୧୦ | ଶାରଦ–୨ | |
| ୨୧ | | ୪୫ | ୦.୦୯୦ | ୦.୦୯୦ | ତଲା–୨ | |
| ୨୨ | ୧୧ | ୨୩ | ୦.୦୯୦ | ୦.୦୧୦ | ତଲା–୩ | ବଳଭଦ୍ର ବାଘ, ପି– ରାଜନ ବାଘ |
| ୨୩ | | ୨୪ | ୦.୩୨୦ | ୦.୨୩୦ | ଶାରଦ–୨ | |
| ୨୪ | | ୪୨ | ୦.୧୪୦ | ୦.୧୪୦ | ଶାରଦ–୨ | |
| ୨୫ | | ୪୩ | ୦.୦୬୦ | ୦.୦୬୦ | ଶାରଦ–୨ | |
| ୨୬ | | ୪୪ | ୦.୦୧୦ | ୦.୦୧୦ | ପଡିତ | |
| ୨୭ | | ୪୬ | ୦.୧୪୦ | ୦.୧୪୦ | ତଲା–୨ | |
| ୨୮ | | ୫୧ | ୦.୨୪୦ | ୦.୦୪୦ | ଶାରଦ–୨ | |
| ୨୯ | | ୪୭ | ୦.୨୨୦ | ୦.୨୨୦ | ଶାରଦ–୩ | |
| ୩୦ | | ୪୯ | ୦.୦୩୦ | ୦.୦୩୦ | ପଡିତ | |
| ୩୧ | | ୫୦ | ୦.୧୧୦ | ୦.୧୧୦ | ପଡିତ | |
| ୩୨ | | ୬୩ | ୦.୭୬୦ | ୦.୦୬୦ | ଶାରଦ–୧ | |
| ୩୩ | | ୬୬ | ୦.୧୫୦ | ୦.୧୫୦ | ଶାରଦ–୨ | |
| ୩୪ | ୧୨ | ୨୨୮ | ୦.୨୪୦ | ୦.୨୪୦ | ଶାରଦ–୩ | ବାନାମ୍ବର ବାଘ, ପି– ରାଜନ ବାଘ |
| ୩୫ | | ୨୩୧ | ୦.୧୯୦ | ୦.୧୯୦ | ଶାରଦ–୩ | |
| ୩୬ | | ୨୩୩ | ୦.୧୦୦ | ୦.୧୦୦ | ଶାରଦ–୩ | |
| ୩୭ | ୧୫ | ୧୯ | ୦.୬୫୦ | ୦.୧୨୦ | ଶାରଦ–୨ | ସିଦ୍ଧେଶ୍ୱର ବାଘ, ପି– ରାଜନ ବାଘ |
| ୩୮ | | ୪୮ | ୦.୩୧୦ | ୦.୨୫୦ | ଶାରଦ–୩ | |
| ୩୯ | | ୬୫ | ୦.୩୧୦ | ୦.୩୧୦ | ଶାରଦ–୨ | |
| ୪୦ | ୧୬ | ୨୫୦ | ୦.୩୦୦ | ୦.୨୫୦ | ଶାରଦ–୨ | ସୁବାସ ବାଘ, ହରିଶ୍ଚନ୍ଦ୍ର ବାଘ, ଅଭିମନ୍ୟୁ ବାଘ, ପି– ଠାକୁର ବାଘ, ନେପୁର ବାଘ, ସ୍ୱା– ଠାକୁର ବାଘ |
| | | ମୋଟ | ୯.୯୫୦ | ୭.୪୮୦ | | |

| ବ୍ୟକ୍ତିଗତ ଜମିର ଗୋଚର ବଦଳି | | | | | | |
|---|---|---|---|---|---|---|
| ୧ | ୭ | ୨୫୩ | ୦.୫୦୦ | ୦.୪୨୦ | ଶାରଦ–୨ | ଦତରାମ ବାଘ, ପି– ଭୋବନି ବାଘ |
| ୨ | ୧୦ | ୨୬୦ | ୦.୩୩୦ | ୦.୩୩୦ | ଶାରଦ–୨ | ଧନୁସିଂହ ବାଘ, ପି– ରାଜନ ବାଘ |
| ୩. | ୧୫ | ୨୬୬ | ୦.୪୦୦ | ୦.୪୦୦ | ଶାରଦ–୨ | ସିଦ୍ଧେଶ୍ୱର ବାଘ, ପି– ରାଜନ ବାଘ |
| | | ମୋଟ | ୧.୨୩୦ | ୧.୧୫୦ | | |
| | | ବ୍ୟକ୍ତିଗତ ଜମି | | ୭.୪୮୦ | | |
| | | ବ୍ୟକ୍ତିଗତ ଜମିର ଗୋଚର ବଦଳି | | ୧.୧୫୦ | | |
| | | ମୋଟ | | ୮.୬୩୦ | | |

ସ୍ୱା./– ଭୂ–ଅର୍ଜନ ମଣ୍ଡଳ ଅଧିକାରୀ,
ଖୋରଧା ରୋଡ–ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ନୟାଗଡ

24009/14/0031/1819



**ଯୋଗଗୁରୁ ରାମଦେବଙ୍କ ବିବାଦୀୟ ମନ୍ତବ୍ୟ ନେଇ ଏବେ ଆରମ୍ଭ ହୋଇଛି ଚର୍ଚ୍ଚା। ରବିବାର ହରିଦ୍ୱାରରେ ଆୟୋଜିତ ଏକ ସଭାରେ ସେ କହିଛନ୍ତି ଯେ, ଦେଶର ଜନସଂଖ୍ୟା କ୍ରମାଗତ ବୃଦ୍ଧି ପାଉଥିବାବେଳେ ବିବାହ ନ କରି କୁମାରୀ କିମ୍ବା କୁମାର ରହୁଥିବା ଲୋକଙ୍କୁ ସମ୍ମାନ ଦେବାର ଆବଶ୍ୟକତା ରହିଛି। ଅପରପକ୍ଷରେ ୨ରୁ ଅଧିକ ସନ୍ତାନ ଥିବା ବ୍ୟକ୍ତିଙ୍କୁ ସଚେତନ କରାଇବା ପାଇଁ ସେମାନଙ୍କର ଭୋଟଦାନ ଅଧିକାର ଛଡ଼ାଇ ନିଆଯାଉ। ରାମଦେବଙ୍କ ଏଭଳି ମନ୍ତବ୍ୟ ନେଇ ବିଭିନ୍ନ ମହଲରୁ ଭିନ୍ନଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି।**

# ୮ ବାଣ କାରଖାନାରେ ଚଢ଼ାଉ, ୫ ଗିରଫ

**କଟକ ଅଫିସ୍, ୪।୧୧:** ଦୀପାବଳିକୁ ଆଉ ୩ ଦିନ ବାକି ଥିବାବେଳେ ରବିବାର ଜଗତପୁର ଥାନା ଅନ୍ତର୍ଗତ ତ୍ରିଲୋଚନପୁର, ମହାରାଜନଗର ଅଞ୍ଚଳର ୮ଟି ବେଆଇନ ବାଣ କାରଖାନା ଉପରେ ଚଢାଉ କରିଛି କମିଶନରେଟ ପୋଲିସର ସ୍ପେଶାଲ ଟିମ୍। ବାରୁଦକୁ ମିଶାଇ ୧୨ କୁଇଣ୍ଟାଲ ୭୦ କେଜି ବାଣ ତିଆରି ସାମଗ୍ରୀ ଜବତ କରାଯାଇଛି। ଉକ୍ତ କାରଖାନାରୁ ପୋଲିସ ୫ ଜଣଙ୍କୁ ଗିରଫ କରିଥିବାବେଳେ ୪ ଜଣଙ୍କୁ ଅଟକ ରଖିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଗତପୁର ଥାନା ଅନ୍ତର୍ଗତ ହାତିକଣ ଅଞ୍ଚଳର କିଶୋର ସାହୁ ଓରଫ୍ ମକରା(୨୧), ତ୍ରିଲୋଚନପୁର ଅଞ୍ଚଳର ଗିଲି ନାୟକ(୩୫), ଲକ୍ଷ୍ମୀଧର ବିଶ୍ୱାଳ ଓରଫ କାବୁଲି(୪୨), ରବି ନାରାୟଣ ସ୍ୱାଇଁ(୨୩), ମହାଜନପୁର ଅଞ୍ଚଳର ରଘୁନାଥ ଭୋଇ(୨୫)। ଏନେଇ ଆଇପିସି ଦଫା ୨୮୬, ୩୪ ଏବଂ ଏକ୍ସପ୍ଲୋସିଭ୍ ସବ୍‌ଷ୍ଟାନ୍ସ ଆକ୍ଟ ୪, ୫ ଅନୁଯାୟୀ ୮ଟି ମାମଲା ରୁଜୁ କରାଯାଇଛି। ବେଆଇନ ଭାବେ ଚାଲିଥିବା ଏହି କାରବାରରେ ଆଉ କେତେଜଣଙ୍କ ସମ୍ପୃକ୍ତି ରହିଥିବାବେଳେ ସେମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

**୨୪ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ**

# ସାମୂହିକ ବିକାଶରେ ବାସ୍ତବ ଲକ୍ଷ୍ୟ ହାସଲ କରିହେବ

**ରାଉରକେଲା ଅଫିସ,୪।୧୧:** ରାଉରକେଲାର ବିକାଶ ପାଇଁ ରାଜ୍ୟ ସରକାର ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି। ରାଜ୍ୟବାସୀଙ୍କ ସାମୂହିକ ବିକାଶରେ ହିଁ ବାସ୍ତବ ଲକ୍ଷ୍ୟ ହାସଲ କରାଯାଇ ପାରିବ ବୋଲି ରବିବାର ସ୍ଥାନୀୟ ଉଦିତନଗର ପଡ଼ିଆରେ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ଆୟୋଜିତ ଶିଳାନ୍ୟାସ ଓ ଉଦ୍‌ଘାଟନ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ରବିବାର ଦିନିକିଆ ରାଉରକେଲା ଗସ୍ତରେ ଆସି ପ୍ରଥମେ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଓଡ଼ିଶା ଓ ନିଉ ସାଉଥ ୱେଲ୍ସ ମଧ୍ୟରେ ଅନୁଷ୍ଠିତ ପ୍ରଦର୍ଶନୀ ମ୍ୟାଚ୍ ଉଦ୍‌ଘାଟନ କରିଥିଲେ। ପରେ ସେ ଉଦିତନଗର ପଡ଼ିଆରେ ଆୟୋଜିତ ସମାରୋହରେ ଯୋଗଦେଇ ୨୪ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିପିୟୁଟିରେ ଆଲୋକୀକରଣ, ପାନପୋଷ ଛକରୁ ଆମ୍ବେଡକର ଛକ ପର୍ଯ୍ୟନ୍ତ ସ୍ମାର୍ଟ ରୋଡ୍ ନିର୍ମାଣ, ଉଦିତନଗର ନେତାଜୀ ପାର୍କ, ସଞ୍ଜୀବନୀ ପାର୍କ, ରୋଟାରି ପାର୍କର ଉନ୍ନତୀକରଣ, ବିର୍ସା ମୁଣ୍ଡା ଷ୍ଟାଡିୟମଠାରେ ବହୁତଳ ବିଶିଷ୍ଟ କାର୍ ପାର୍କିଂ ସ୍ଥଳ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ସେହିପରି ଛେଣ୍ଡ, କୋଏଲନଗର, ସେକ୍ଟର-୬ ଆଦି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବାସନ୍ତୀ କଲୋନୀ ପାର୍କ (ସିଏଲ୍/୩୪), ବାସନ୍ତୀ କଲୋନୀ ପାର୍କ (ଏଫ୍‌ଏଲ୍/୧୭) ଓ କୋଏଲନଗରଠାରେ ଦୁଇଟି ପାର୍କ ସମେତ ଅନ୍ୟ କେତେକ ପ୍ରକଳ୍ପର ଲୋକାର୍ପଣ କରିଥିଲେ ମୁଖ୍ୟମନ୍ତ୍ରୀ। ଏଥିରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ବିଧାୟକ ସୁବ୍ରତ ତରାଇ, ଆର୍‌ଡିଏ ଅଧ୍ୟକ୍ଷ ସାରଦା ନାୟକ, ସୁନ୍ଦରଗଡ଼ ଜିଲାପାଳ ସୁରେନ୍ଦ୍ର କୁମାର ମୀନା, ଆର୍‌ଏମ୍‌ସି କମିଶନର ରଶ୍ମିତା ପଣ୍ଡା, ଏଡିଏମ୍ ମୋନିଷା ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଘୋଷଣା

File No. L.A IX-2/2017/14051 Dated 04.09.18

No.-XXXIII-10: ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ଗାଡକଣ, ଥାନା- ନିଉ କ୍ୟାପିଟାଲ, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧାରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଖୋର୍ଦ୍ଧା ଜିଲ୍ଲାର ଡମଣା ସ୍କୋୟାର ଠାରୁ ନେତାଜୀ ସୁଭାଷ ଏନକ୍ଲେଭ ପର୍ଯ୍ୟନ୍ତ ୧୦୦ ଫୁଟ ଓସାରିଆ ମାଷ୍ଟର ପ୍ଲାନ ରୋଡ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୮୭୭୭ ତା୧୧।୦୬।୨୦୧୮ ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ଗାଡକଣ, ଥାନା- ନିଉ କ୍ୟାପିଟାଲ, ଜିଲ୍ଲା- ଖୋର୍ଦ୍ଧାରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ http://www.khordha.nic.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳ, ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ଖୋର୍ଦ୍ଧା** **ତହସିଲ: ଭୁବନେଶ୍ୱର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗାଡକଣ | ସହରାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୨.୭୯୫ | ୦.୫୭୧ | ଏଥି ସହିତ ସଂଲଗ୍ନ |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ଖୋର୍ଦ୍ଧା** **ତହସିଲ: ଭୁବନେଶ୍ୱର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୨୦।୦୬।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ଖୋର୍ଦ୍ଧା

ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା

ମୌଜା- ଗାଡକଣ ଜିଲ୍ଲା- ଖୋର୍ଦ୍ଧା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗାଡକଣ | ସହରାଞ୍ଚଳ | ୯୫୬ | ୨୮୧ | ଘରବାରି | ୦.୦୫୦ | ୦.୦୦୬ | ଗୋବିନ୍ଦ ଚନ୍ଦ୍ର ସାହୁ, ପିତା- ବାଞ୍ଛାନିଧି ସାହୁ, ଗ୍ରା- ଡମଣା, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର |
| | | ୭୪୫ | ୨୮୨ | ବଗାୟତ-୨ | ୦.୨୦୦ | ୦.୧୮୬ | କୈଳାଶ ଚନ୍ଦ୍ର ଜେନା, ବୈକୁଣ୍ଠନାଥ ଜେନା, ପିତା- କୃଷ୍ଣଚନ୍ଦ୍ର ଜେନା, ଉଗ୍ରସେନ ଜେନା, ପିତା- ଚିନ୍ତାମଣି ଜେନା, ଚକ୍ରଧର ଜେନା, ପିତା- ଜୟକୃଷ୍ଣ ଜେନା, ଶ୍ୟାମସୁନ୍ଦର ଜେନା, ପିତା- ବନମାଳୀ ଜେନା, ଗ୍ରା- ଗାଡକଣ, ମଞ୍ଚେଶ୍ୱର, ଭୁବନେଶ୍ୱର |
| | | | ୨୮୭ | ବଗାୟତ-୨ | ୧.୧୫୦ | ୦.୧୨୪ | |
| | | | ୨୯୯ | ରାସ୍ତା | ୦.୨୨୦ | ୦.୦୨୦ | |
| | | | ୩୨୦ | ବଗାୟତ-୨ | ୦.୨୮୫ | ୦.୦୧୬ | |
| | | ୧୨୯୮ | ୨୮୩ | ବଗାୟତ-୨ | ୦.୦୮୫ | ୦.୦୪୮ | ତ୍ରିଲୋଚନ ମଲ୍ଲିକ, ପିତା- ରାମଚନ୍ଦ୍ର ମଲ୍ଲିକ, ଗ୍ରା- ଟିମୋର, ଥାନା- କାକଟପୁର, ଜିଲ୍ଲା- ପୁରୀ |
| | | ୪୪୨୭ | ୨୮୪ | ବଗାୟତ-୨ | ୦.୪୮୦ | ୦.୦୩୨ | ଶୁଭ୍ରାସୀମା ନାୟକ, ସ୍ୱା- ଦୀପକ କୁମାର ନାୟକ, ଗ୍ରା- ଦେଉଳା, ଥାନା- ତିହିଡି, ଜିଲ୍ଲା- ଭଦ୍ରକ |
| | | ୩୪୯୪ | ୨୯୮ | ବଗାୟତ-୨ | ୦.୦୭୦ | ୦.୦୪୦ | ରହେନା ଖାତୁନ, ସ୍ୱା- ଅବଦୁଲ ଅଲ୍ଲି, ଗ୍ରା-ଏନ-୨/୮୨, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର |
| | | ୧୮୮ | ୩୦୬ | ବଗାୟତ-୨ | ୦.୦୭୦ | ୦.୦୩୭ | ଅମୀୟ ଶଙ୍କର ମଜୁମଦାର, ପିତା- ହଳଧର ମଜୁମଦାର, ଗ୍ରା- ଧୂମାତ ପଟନା, ଜିଲ୍ଲା- କେନ୍ଦ୍ରାପଡା |
| | | ୪୧୫୦ | ୩୦୭ | ଘରବାରି | ୦.୧୨୫ | ୦.୦୩୦ | ସବିତା ସିଂ, ସ୍ୱା- ଅବନୀନ୍ଦ୍ର ସିଂ, ଫ୍ଲାଟ ନଂ.-୬, ୮ ଲର୍ଡ ସିହ୍ନା ରୋଡ, କଲିକତା |
| | | ୩୭୨୫ | ୩୧୩ | ଘରବାରି | ୦.୦୬୦ | ୦.୦୩୨ | ଶକୁନ୍ତଳା ମିଶ୍ର, ସ୍ୱା- ବିରଜା ଶଙ୍କର ମିଶ୍ର, ପ୍ଲଟ ନଂ.- ୩୧, ଅଶୋକ ନଗର, ଭୁବନେଶ୍ୱର |

ମୋଟ ୦.୫୭୧

24013/14/0011/1819 ସ୍ୱା./- ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା

## GOVERNMENT OF ODISHA
## "e"-PROCUREMENT NOTICE
## WORKS DEPARTMENT

No.793-B

E-mail: ceroads.bbsr@gmail.com
**Bid Identification No. CE-DPI & R-49/2018-19**

1. The Chief Engineer (DPI & Roads), Odisha on behalf of Governor of Odisha invites **percentage rate bids** in double cover system in **ONLINE MODE** form eligible contractors for Road/ Bridge works as mentioned below:
2. Nature of work : Bridge works
3. No. of work : 3 Nos.
4. Tender Paper cost : Rs. 10,000.00
5. Class of Contractor : 'A' Class/ Special Class/ Super Class as noted against each work
6. Available of bid document in the website : From 10.00 A.M. of 14.11.2018 to 5.00 PM of 04.12.2018
7. Date of opening of Bid : Dt.05.12.2018 at 11.30 AM
8. The Bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any addendum / corrigendum / cancellation of tender can also be seen in the said website.

34117/11/0137/1819 **OSD-cum-Chief Engineer (DPI & Roads), Odisha**

## DISTRICT EDUCATION OFFICE, GANJAM, BERHAMPUR

Letter No. 16267 Dated : 02.11.2018

### ADVERTISEMENT
**ENGAGEMENT OF JUNIOR CLERK-CUM-ACCOUNTANT IN ODISHA ADARSHA VIDYALAYAS OF GANJAM DISTRICT**

Pursuant to Advt. No. 9451 Dated : 20.07.2018, the application forms received from candidates are available in the District Website www.ganjam.nic.in in two list-Draft Eligible list and Draft Ineligible List. The candidates are directed to go through the lists and the file their objections if any in the prescribed form (Attached) with relevant enclosures in person at Govt. Queen of the Mission High School, Babajitota Street, Near City Hospital, Berhampur or by post before 16.11.2018. Objections received after Date : 16.11.2018 will not be entertained. The candidates are also directed to go through the detail instructions available in the website.

**Sd./- District Education Officer**
**Ganjam, Berhampur**

GOVERNMENT OFODISHA
## OFFICE OF THE EXECUTIVE ENGINEER
## RURAL WORKS DIVISION-II, KENDRAPARA
**INVITATION FOR BIDS (SHORT NOTICE)**

No.950-O:- eerw_kendraparat@yahoo.co.in

**'E' PROCUREMENT NOTICE NO.RWD-II/KPD-06/18-19 DTD 30.10.2018.**

| | | | |
|---|---|---|---|
| 1. | Name of work | : | Construction of building and repair of road work in the District of Kendrapara for the year 2018-19. |
| 2. | Total No. of road | : | 1 No. of road & 1 No. of Building |
| 3. | Estimated Cost | : | Rs. 51.86 lakhs & 61.88 lakhs |
| 4. | Period of Completion | : | 4 (Four) months to 9 (Nine) Months |
| 5. | Class of contactors | : | A & B class |
| **Other details as follows:** | | | |
| a) | Procurement officer | : | Executive Engineer Rural Works Division-II, Kendrapara |
| b) | Availability of tender online & submission of bid | : | 08.11.2018 at 11.00 A.M. to 22.11.2018 upto 5.00 P.M. |
| c) | Last date & time of seeking of tender clarification | : | 20.11.2018 upto 5.00 P.M. |
| d) | Opening of Technical Bid | : | 24.11.2018 at 11.00 A.M. |
| e) | Opening of Financial Bid | | 29.11.2018 at 11.00 A.M. |

Further details can be seen from the Govt. website www.tendersorissa.gov.in.

**Executive Engineer,**
**Rural Works Division-II,**
**Kendrapara**

**25098/11/0012/1819**

GOVERNMENT OF ODISHA
RURAL WATER SUPPLY & SANITATION ORGANISATION
## OFFICE OF THE EXECUTIVE ENGINEER
## RWS&S DIVISION DHENKANAL
**E-mail- eerwss-dkl@nic.in**
**INVITATIONS FOR BIDS THROUGH e-Procurement**
**Bid Identification No – 16/E.E/RWSS/2018-19/ Dhenkanal/Dt. 25.10.2018**

**No.925-O:-** The Executive Engineer, RWS&S Division, Dhenkanal on behalf of Governor of Odisha invites Item Rate/Percentage bid through e-procurement in Double cover system from contractors having experience in similar nature of work for the Projects according to norm of e-Procurement system in on-line mode.
Nature of Work: - Execution of Rural Piped Water Supply Schemes & Const. of ESR in Different Blocks under Dhenkanal District.

| | | | |
|---|---|---|---|
| 1. | No. of Tenders | : | 13 Nos. |
| 2. | Tender Paper Cost | : | 6,000/- to 10,000/- (Online Mode) |
| 3. | Value of work | : | 16.50 Lakh to 481.85 Lakh |
| 4. | Class of Contractor | : | D, C, B, A & Special Class |
| 5. | Date & time of availability of bid document in portal | : | 08.11.2018 at 11.00 A.M 22.11.2018 Up to 5.00 P.M |
| 6. | Date & time of seeking tender clarification | : | 19.11.2018 up to 05.00 P.M |
| 7. | Date & time of opening of tender | : | 24.11.2018 at 11.00 A.M in the office of the Executive Engineer, RWS&S Division, Dhenkanal. |
| 8. | Time of completion | : | Four Months to Eight Months |
| 9. | The bidders have to participate in online biding only. Further details can be seen from the website https://www.tendersorissa.gov.in. | | |
| 10. | Corrigendum if any shall be published in the above website only. | | |

**Sd./- Executive Engineer,**
**RWS&S Division, Dhenkanal**

**25029/11/0009/1819**

## ଓଡ଼ିଶା ସରକାର
# ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଘୋଷଣା

**File No. XIV-16/2018 706 dated 16.08.18**

**No.XXXV-36:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ଗୁରା, ଥାନା-ଦଶପଲ୍ଲା ନଂ-୧୭୧, ତହସିଲ-ଦଶପଲ୍ଲା, ଜିଲ୍ଲା-ନୟାଗଡ଼ରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଖୋରଧା ରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୬୯୯୬ ତା୧୮।୦୮।୨୦୧୭ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ଗୁରା, ଥାନା-ଦଶପଲ୍ଲା ନଂ-୧୭୧, ଜିଲ୍ଲା-ନୟାଗଡ଼ ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ କମିଶନର-ପୁନର୍ବାସ ଓ ଥଇଥାନ ଦ୍ୱାରା ଧାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ ଏଥି ସହିତ ସଂଲଗ୍ନ କରାଗଲା। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ।

ଏହା ମଧ୍ୟ ଜିଲ୍ଲା ୱେବସାଇଟ www.nayagarh.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ନୟାଗଡ଼ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ନୟାଗଡ଼ ତହସିଲ: ଦଶପଲ୍ଲା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୁରା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୨୯.୧୪୦ | ୧୪.୦୯୦ | ଏଥି ସହିତ ସଂଲଗ୍ନ |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ନୟାଗଡ଼ ତହସିଲ: ଦଶପଲ୍ଲା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୁରା | ଗ୍ରାମାଞ୍ଚଳ | ୬୮ | ୨୪ | ପତିତ | ୦.୮୦୦ | ୦.୧୦୦ | ଦ୍ରୌପଦୀ ନାଏକ, ସ୍ୱା: ତ୍ରିନାଥ ନାଏକ |
| | | ୬୮ | ୨୪ | ପତିତ | ୦.୮୦୦ | ୦.୧୦୦ | ପୁନିଆ ନାଏକ, ପି: ମହାରଥି ନାଏକ |
| | | ୬୮ | ୨୪ | ପତିତ | ୦.୮୦୦ | ୦.୧୦୦ | ରମାକାନ୍ତ ନାଏକ, ପି: ପୁନିଆ ନାଏକ |
| | | ୬୮ | ୨୪ | ପତିତ | ୦.୮୦୦ | ୦.୧୦୦ | ନମିତା ନାଏକ, ପି: ପୁନିଆ ନାଏକ |
| | | ୬୮ | ୨୪ | ପତିତ | ୦.୮୦୦ | ୦.୧୦୦ | ସନ୍ୟାସୀ ମଳିକ, ପି: କନିଷ୍ଠ ମଳିକ |
| | | ୬୮ | ୨୪ | ପତିତ | ୦.୮୦୦ | ୦.୧୦୦ | ବୁଧୁବାରୀ ମଳିକ, ପି: କନିଷ୍ଠ ମଳିକ |
| | | ୬୮ | ୨୪ | ପତିତ | ୦.୮୦୦ | ୦.୧୦୦ | ନିତ୍ୟାନନ୍ଦ ନାଏକ |
| | | ୬୮ | ୨୪ | ପତିତ | ୦.୮୦୦ | ୦.୧୦୦ | ମଳୟ ନାଏକ, ପି: ନିତ୍ୟାନନ୍ଦ ନାଏକ |

ଅଧିସୂଚନାର ବୈଧ ତାରିଖ:-

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ନୟାଗଡ଼

**ଜମିର ତାଲିକା**
ଗ୍ରାମ: ଗୁରା, ତହସିଲ: ଦଶପଲ୍ଲା, ଥାନା: ଦଶପଲ୍ଲା ନଂ-୧୭୧, ଜିଲ୍ଲା: ନୟାଗଡ଼

ବ୍ୟକ୍ତିଗତ ଜମି:-

| କ୍ରମିକ ସଂଖ୍ୟା | ଖତିଆନ ନଂ | ପ୍ଲଟ ନଂ | ମୋଟ ରକବା | ଅର୍ଜିତ ରକବା | କିସମ | ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧ | ୨୧୭ | ୦.୧୪୦ | ୦.୧୪୦ | ଶାରଦ-୨ | ଅନନ୍ତ ମଳିକ, ପି: ନିଧି ମଳିକ, ବା: ଗୁରା |
| ୨ | | ୨୨୩ | ୦.୦୫୦ | ୦.୦୫୦ | ଶାରଦ-୨ | |
| ୩ | | ୨୩୬ | ୦.୦୫୦ | ୦.୦୫୦ | ଶାରଦ-୩ | |
| ୪ | | ୨୩୭ | ୦.୦୭୦ | ୦.୦୪୦ | ତଳା-୨ | |
| ୫ | ୬ | ୩୧୪ | ୦.୦୪୦ | ୦.୦୧୦ | ଶାରଦ-୨ | ଉଦ୍ୟନାଥ ନାଏକ, ନଖିଆ ନାଏକ, ପି: ଧିବର ନାଏକ, ମହାରଥା ନାଏକ, କାର୍ତ୍ତିକ ନାଏକ, ପି: ବୈରାଗୀ ନାଏକ |
| ୬ | ୭ | ୨୨୦ | ୦.୨୬୦ | ୦.୨୬୦ | ଶାରଦ-୨ | କନିଷ୍ଠ ମଳିକ, ପି: ଦୁତିଆ ମଳିକ |
| ୭ | ୬୨/ ୪୦୧୦ | ୧୩୩ | ୦.୩୩୦ | ୦.୦୭୦ | ତଳା-୨ | କାଶୀନାଥ ନାଏକ, ତ୍ରିଲୋଚନ ନାଏକ, ପଞ୍ଚାନନ ନାଏକ, ପି: ପୁରୁଷୋତ୍ତମ ନାଏକ, ଭାନୁ ନାଏକ, ସ୍ୱା: ପୁରୁଷୋତ୍ତମ ନାଏକ, ଉପେନ୍ଦ୍ର ନାଏକ, ନରେନ୍ଦ୍ର ନାଏକ, ପି: ଗୋବର୍ଦ୍ଧନ ନାଏକ, ଜେମା ନାଏକ, ସ୍ୱା: ଗୋବର୍ଦ୍ଧନ ନାଏକ |
| ୮ | | ୧୨୬ | ୧.୩୩୦ | ୦.୬୦୦ | ଶାରଦ-୧ | ଗଣେଶ ବେହେରା, ପି: ପୂର୍ଣ୍ଣଚନ୍ଦ୍ର ବେହେରା, ମଞ୍ଜୁ ବେହେରା, ସ୍ୱା: ଗଣେଶ ବେହେରା |
| ୯ | | ୩୦୪ | ୦.୨୭୦ | ୦.୨୭୦ | ତଳା-୨ | |
| ୧୦ | | ୧୨୬/ ୯୬୧ | ୦.୨୫୦ | ୦.୨୫୦ | ଶାରଦ-୧ | |
| ୧୧ | | ୧୩୨/ ୯୬୨ | ୦.୭୫୦ | ୦.୧୪୦ | ତଳା-୨ | |
| ୧୨ | ୧୮ | ୧୩୫ | ୧.୯୧୦ | ୦.୪୦୦ | ତଳା-୨ | ଜୟ ଜାନି, ପି: ମହାପାତ୍ର ଜାନି |
| ୧୩ | | ୧୫୦ | ୦.୦୪୦ | ୦.୦୪୦ | ଶାରଦ-୩ | |
| ୧୪ | | ୧୫୧ | ୦.୦୨୦ | ୦.୦୨୦ | ଶାରଦ-୨ | |
| ୧୫ | | ୩୦୧ | ୦.୦୮୦ | ୦.୦୮୦ | ତଳା-୨ | |
| ୧୬ | | ୧୩୭ | ୨.୩୬୦ | ୦.୫୨୦ | ତଳା-୧ | |
| ୧୭ | | ୩୦୨ | ୦.୩୦୦ | ୦.୩୦୦ | ତଳା-୨ | |
| ୧୮ | ୨୩ | ୨୩୦ | ୦.୨୩୦ | ୦.୧୩୦ | ତଳା-୨ | ଦୀନବନ୍ଧୁ ମଳିକ, ପି: ସୁନାସାରୀ ମଳିକ, ନିକିତା ମଳିକ, ସ୍ୱା: ସୁନାସାରୀ ମଳିକ |
| ୧୯ | | ୨୩୧ | ୦.୩୬୦ | ୦.୧୮୦ | ପତିତ | |
| ୨୦ | | ୨୩୩ | ୦.୨୨୦ | ୦.୦୮୦ | ତଳା-୨ | |
| ୨୧ | | ୨୧୬ | ୦.୧୪୦ | ୦.୧୪୦ | ଶାରଦ-୩ | |
| ୨୨ | | ୨୧୯ | ୦.୧୦୦ | ୦.୧୦୦ | ଶାରଦ-୨ | |
| ୨୩ | | ୨୨୨ | ୦.୦୭୦ | ୦.୦୭୦ | ଶାରଦ-୨ | |
| ୨୪ | | ୨୨୬ | ୦.୦୫୦ | ୦.୦୫୦ | ଶାରଦ-୨ | |
| ୨୫ | | ୨୪୫ | ୦.୨୨୦ | ୦.୧୫୦ | ତଳା-୨ | |
| ୨୬ | | ୩୦୬ | ୦.୧୦୦ | ୦.୧୦୦ | ତଳା-୨ | |
| ୨୭ | | ୩୦୭ | ୦.୨୨୦ | ୦.୨୨୦ | ଶାରଦ-୧ | |
| ୨୮ | ୨୭ | ୧୫୩ | ୦.୪୦୦ | ୦.୨୪୦ | ଶାରଦ-୩ | ନରହରି ମଳିକ, କିଶୋର ମଳିକ, ପି: ରାମ ସିଂହ ମଳିକ, ମଇଁଧା ମଳିକ, ସ୍ୱା: ରାମ ସିଂହ ମଳିକ, ପ୍ରମୋଦ କୁମାର ମଳିକ, ପି: ଝପଟ ମଳିକ, ସୁଲୋଚନା ମଳିକ, ସ୍ୱା: ଝପଟ ମଳିକ |
| ୨୯ | ୩୦ | ୨୨୯ | ୦.୬୯୦ | ୦.୬୯୦ | ଶାରଦ-୨ | ପରମେଶ୍ୱର ମଳିକ, ବିଶ୍ୱମ୍ଭର ମଳିକ, ପି: ରାଘବ ମଳିକ, ଚନ୍ଦ୍ର ମଳିକ, ପି: ଖଗେଶ୍ୱର ମଳିକ, ମହାରାଜି ମଳିକ, ସ୍ୱା: ଖଗେଶ୍ୱର ମଳିକ |
| ୩୦ | ୩୧ | ୨୨୧ | ୦.୧୪୦ | ୦.୧୪୦ | ଶାରଦ-୨ | ପାରେଶ୍ୱର ମଳିକ, ପି: ଦଶନାମ ମଳିକ |
| ୩୧ | | ୨୩୫ | ୦.୦୯୦ | ୦.୦୬୦ | ତଳା-୨ | |
| ୩୨ | | ୨୪୧ | ୦.୧୫୦ | ୦.୧୧୦ | ତଳା-୨ | |
| ୩୩ | | ୨୪୨ | ୦.୧୩୦ | ୦.୦୭୦ | ତଳା-୨ | |
| ୩୪ | ୩୩ | ୩୦୮ | ୦.୨୦୦ | ୦.୨୦୦ | ଶାରଦ-୧ | ବିଜୟ କୁମାର ପ୍ରଧାନ, ନିରଞ୍ଜନ ପ୍ରଧାନ, ପି: ବୈଷ୍ଣବ ଚରଣ ପ୍ରଧାନ |
| ୩୫ | | ୩୦୯ | ୦.୨୭୦ | ୦.୨୭୦ | ପତିତ | |
| ୩୬ | | ୩୧୦ | ୦.୧୭୦ | ୦.୧୭୦ | ଶାରଦ-୧ | |
| ୩୭ | | ୩୧୧ | ୦.୧୭୦ | ୦.୧୦୦ | ପତିତ | |
| ୩୮ | | ୩୧୩ | ୦.୧୪୦ | ୦.୧୪୦ | ଶାରଦ-୨ | |
| ୩୯ | | ୩୨୧ | ୩.୨୫୦ | ୦.୦୭୦ | ଶା.ଦୋ.ଫ-୧ | |
| ୪୦ | | ୩୨୨ | ୦.୦୭୦ | ୦.୦୭୦ | ନାଳ | |
| ୪୧ | | ୩୨୪ | ୦.୩୧୦ | ୦.୩୧୦ | ପତିତ | |
| ୪୨ | | ୩୨୫ | ୦.୦୭୦ | ୦.୦୭୦ | ତଳା-୧ | |
| ୪୩ | | ୩୨୬ | ୦.୯୬୦ | ୦.୮୫୦ | ଶା.ଦୋ.ଫ-୨ | |
| ୪୪ | | ୩୨୮ | ୦.୬୭୦ | ୦.୨୨୦ | ଶା.ଦୋ.ଫ-୧ | |
| ୪୫ | ୩୭ | ୨୩୮ | ୦.୦୮୦ | ୦.୦୫୦ | ତଳା-୨ | ଭାବଗ୍ରାହୀ ମଳିକ, ତୋଫାନ ମଳିକ, ପି: ପ୍ରହ୍ଲାଦ ମଳିକ, ପଞ୍ଚାନନ ମଳିକ, ରାଧା ମଳିକ, ପି: ବାହାନ ମଳିକ, ହାରାବତୀ ମଳିକ, ସ୍ୱା: ବାହନ ମଳିକ |
| ୪୬ | ୩୯ | ୩୨୭/ ୯୭୫ | ୦.୧୩୦ | ୦.୧୩୦ | ଶାରଦ-୧ | ମନୋରଞ୍ଜନ ପ୍ରଧାନ, ପି: ନରୋତ୍ତମ ପ୍ରଧାନ |
| ୪୭ | ୪୨ | ୩୨୭ | ୦.୩୦୦ | ୦.୦୯୦ | ଶା.ଦୋ.ଫ-୨ | ମୃତ୍ୟୁଞ୍ଜୟ ପ୍ରଧାନ, ପି: ନରୋତ୍ତମ ପ୍ରଧାନ |
| ୪୮ | ୪୫ | ୨୫୪ | ୦.୦୬୦ | ୦.୦୬୦ | ରାସ୍ତା | ରସବତୀ ଜାନି, ସ୍ୱା: ମହାରଥା ଜାନି |
| ୪୯ | | ୨୫୫ | ୦.୩୧୦ | ୦.୩୧୦ | ଶାରଦ-୨ | |
| ୫୦ | | ୨୫୭ | ୦.୪୬୦ | ୦.୪୬୦ | ତଳା-୨ | |
| ୫୧ | | ୨୫୮ | ୦.୧୧୦ | ୦.୦୧୦ | ଘରବାରି | |
| ୫୨ | | ୨୬୩ | ୦.୦୪୦ | ୦.୦୧୦ | ରାସ୍ତା | |
| ୫୩ | | ୨୯୯ | ୦.୪୬୦ | ୦.୩୧୦ | ଶାରଦ-୨ | |
| ୫୪ | ୫୦ | ୨୪୬ | ୦.୪୧୦ | ୦.୨୯୦ | ତଳା-୨ | ରୁଷି ମଳିକ, ଜଗଦିଶ ମଳିକ, ପି: ଧନପତି ମଳିକ, ଶୁକୁମାରୀ ମଳିକ, ସ୍ୱା: ଧନପତି ମଳିକ, ଅପନା ମଳିକ, ପି: ଭର୍ଦ ମଳିକ |
| ୫୫ | ୫୧ | ୨୦୧ | ୦.୧୬୦ | ୦.୧୬୦ | ଶାରଦ-୨ | ରୁଷି ମଳିକ, ଜଗଦିଶ ମଳିକ, ପି: ଧନପତି ମଳିକ |
| ୫୬ | | ୨୨୪ | ୦.୦୨୦ | ୦.୦୨୦ | ଶାରଦ-୨ | |
| ୫୭ | | ୨୨୫ | ୦.୦୭୦ | ୦.୦୭୦ | ଶାରଦ-୨ | |
| ୫୮ | ୫୪ | ୨୫୦ | ୦.୨୦୦ | ୦.୧୬୦ | ପତିତ | ସଂକୀର୍ତ୍ତନ କଅଁର, ପି: ପରମେଶ୍ୱର କଅଁର |
| ୫୯ | | ୨୫୬ | ୦.୨୩୦ | ୦.୧୮୦ | ଘରବାରି | |
| ୬୦ | | ୨୯୫ | ୦.୧୮୦ | ୦.୦୨୦ | ତଳା-୨ | |
| ୬୧ | | ୩୦୦ | ୧.୧୫୦ | ୧.୦୦୦ | ପତିତ | |
| ୬୨ | ୫୬ | ୧୯୫ | ୦.୬୬୦ | ୦.୨୦୦ | ଶାରଦ-୨ | ସାଧବ ଜାନି: ପି: ବେନୁ ଜାନି |
| ୬୩ | | ୨୫୨ | ୦.୧୭୦ | ୦.୧୭୦ | ତଳା-୨ | |
| ୬୪ | | ୨୫୩ | ୦.୦୬୦ | ୦.୦୬୦ | ରାସ୍ତା | |
| ୬୫ | | ୪୩୯ | ୦.୧୦୦ | ୦.୦୧୦ | ଶାରଦ-୨ | |
| ୬୬ | ୫୭ | ୨୧୧ | ୦.୭୭୦ | ୦.୦୫୦ | ତଳା-୨ | ଶ୍ରୀପତି ବେହେରା, ବାସୁମତି ବେହେରା, ଆସୁମତି ବେହେରା, ପି: କରୁଣା ବେହେରା, କଇନା ବେହେରା, ସ୍ୱା: କରୁଣା ବେହେରା |
| ୬୭ | ୬୨/୪ | ୧୨୭ | ୦.୧୪୦ | ୦.୧୦୦ | ଶାରଦ-୧ | ବିରନଚି ମଳିକ, ପି: ଭାର୍ଜନ ମଳିକ |
| ୬୮ | | ୧୨୮ | ୦.୪୧୦ | ୦.୨୭୦ | ଶାରଦ-୨ | |
| ୬୯ | ୬୨/୭ | ୨୦୨ | ୦.୫୯୦ | ୦.୩୪୦ | ତଳା-୨ | ସୂର୍ଯ୍ୟମଣି ସାହୁ, ପି: ମଦନ ସାହୁ |
| ୭୦ | | ୨୦୩/ ୯୮୪ | ୦.୪୧୦ | ୦.୦୮୦ | ଶାରଦ-୨ | |
| ୭୧ | ୬୨/୩୫ | ୨୦୦ | ୦.୧୬୦ | ୦.୧୬୦ | ଶାରଦ-୨ | କୃଷ୍ଣଚନ୍ଦ୍ର ମିଶ୍ର, ପି: ଗୋବର୍ଦ୍ଧନ ମିଶ୍ର |
| ୭୨ | | ୪୪୦ | ୦.୫୫୦ | ୦.୦୭୦ | ଶାରଦ-୨ | |
| ୭୩ | ୬୨/୭୩ | ୨୧୩ | ୦.୨୮୦ | ୦.୧୮୦ | ଶାରଦ-୨ | ବିଦେଶୀ ଓରଫ ବିଦ୍ୟାଧର ସାହୁ, ପି: ଉଦ୍ୟନାଥ ସାହୁ |
| ୭୪ | | ୨୧୪ | ୦.୪୫୦ | ୦.୪୫୦ | ତଳା-୨ | |
| ୭୫ | | ୨୧୫ | ୦.୦୪୦ | ୦.୦୪୦ | ପତିତ | |
| ୭୬ | | ୨୨୭ | ୦.୨୧୦ | ୦.୨୧୦ | ପତିତ | |
| ୭୭ | ୬୨/୭୮ | ୨୬୦ | ୦.୧୮୦ | ୦.୦୧୦ | ତଳା-୨ | ଅଭିମନ୍ୟୁ ନାୟକ, ଶାନ୍ତନୁ କୁମାର ନାୟକ, ପି: ରାହାସ ବିହାରୀ ନାୟକ |
| ୭୮ | ୬୨/୭୯ | ୧୫୨ | ୦.୧୩୦ | ୦.୧୩୦ | ଶାରଦ-୨ | ରମେଶ ନାଏକ, ପି: ବିଶ୍ୱନାଥ ନାଏକ |
| | | ମୋଟ:- | ୨୯.୪୧୦ | ୧୪.୦୯୦ | | |

24009/14/0026/1819 ସ୍ୱା./- ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ଖୋରଧା ରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ନୟାଗଡ଼

# ଡେଉଁ ନ ଥିବା ରୋଗ



ଡା. ଅନନ୍ତ କୁମାର ଆଚାର୍ଯ୍ୟ

ଦିନଥିଲା ଡିଆଁ ରୋଗରେ ଆକ୍ରାନ୍ତ ହୋଇ ଶହଶହ ସଂଖ୍ୟାରେ ଲୋକ ମୃତ୍ୟୁବରଣ କରୁଥିଲେ, ମାତ୍ର ଏବେ ବ୍ୟକ୍ତିଗତ ସ୍ୱାସ୍ଥ୍ୟରକ୍ଷା ତଥା ସରକାରୀ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଦ୍ୱାରା ଏଥିରେ ଯଥେଷ୍ଟ ହ୍ରାସ ଘଟିଛି। କିନ୍ତୁ ଏମିତି କେତେକ ରୋଗ ଅଛି, ଯାହା ଜଣକଠାରୁ ଅନ୍ୟକୁ ଡିଏଁ ନାହିଁ। ତନ୍ମଧ୍ୟରୁ ମଧୁମେହ, ଉଚ୍ଚରକ୍ତଚାପ, ହୃଦ୍‌ରୋଗ, କର୍କଟ, ସ୍ନାୟୁ ଓ ମସ୍ତିଷ୍କସ୍ରାବଜନିତ ରୋଗ, ପୃଥୁଳତା, ଶ୍ୱାସ, ମୋତିଆବିନ୍ଦୁ, ଅର୍ଶ, କିଡ୍‌ନୀ ରୋଗ ଇତ୍ୟାଦି ଅନ୍ୟତମ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଅନୁସାରେ ଭାରତରେ ସମୁଦାୟ ମୃତ୍ୟୁର ଶତକଡା ୬୦ଭାଗ ମୃତ୍ୟୁ ଏହି ଅଣସଂକ୍ରାମକ ରୋଗ ଦ୍ୱାରା ହିଁ ହୋଇଥାଏ। ଡେଉଁ ନ ଥିବା ରୋଗ ବା ଅଣସଂକ୍ରାମକ ରୋଗକୁ ମୁଖ୍ୟତଃ ବ୍ୟକ୍ତିଗତ ଜୀବନଶୈଳୀ ସଂପର୍କିତ ରୋଗ କହିଲେ ଅତ୍ୟୁକ୍ତି ହେବନାହିଁ। କମ୍‌ମାତ୍ରାରେ ଶାରୀରିକ ପରିଶ୍ରମ, ମଦ୍ୟପାନ, ତମାଖୁସେବନ, ଅତ୍ୟଧିକ ଚିନ୍ତାଗ୍ରସ୍ତହେବା, ଫାଷ୍ଟଫୁଡ୍ ସେବନ, ଫଳ-ପନିପରିବା କମ୍ ଖାଇବା, ଅତ୍ୟଧିକ ଲୁଣ ଓ ତୈଳଯୁକ୍ତ ଖାଦ୍ୟସେବନ, ରାତିଅନିଦ୍ରା, ଅନିୟମିତ ଖାଦ୍ୟଗ୍ରହଣ ଓ ମେଦବହୁଳତା କାରଣରୁ ହୋଇଥାଏ। ତେଣୁ ପ୍ରତ୍ୟେକଙ୍କର ଏହି ରୋଗଗୁଡିକ ବିଷୟରେ ସଚେତନତା ସୃଷ୍ଟି ହେଲେ ରୋଗୀ ସଂଖ୍ୟା ଓ ରୋଗର ପ୍ରାଦୁର୍ଭାବକୁନିୟନ୍ତ୍ରଣରେ ରଖାଯାଇପାରିବ। ସେଗୁଡିକରୁ କେତେକ ଆଲୋଚନା କରିବାକୁ ଉଚିତ ମନେକରୁଛି।

**ମଧୁମେହ:** ମଧୁମେହ ଦ୍ୱାରା ଆକ୍ରାନ୍ତ ହେଲେ ବାରମ୍ବାର ପରିସ୍ରା ହେବା, ଅଧିକ ଶୋଷଲାଗିବା, ଅଧିକ ଭୋକଲାଗିବା, ହାଲିଆ ଲାଗିବା, ଦେହର ଘା' ଶୀଘ୍ର ନ ଶୁଖିବା ଇତ୍ୟାଦି ଲକ୍ଷଣ ଦେଖାଯାଏ। ଖାଲିପେଟରେ ରକ୍ତରସ (ପ୍ଲାଜ୍‌ମା) ପରୀକ୍ଷାକଲେ ଶତକଡା ୭୦-୧୧୦ମିଲିଗ୍ରାମ୍ ମଧ୍ୟରେ ନ ରହି ତା'ଠାରୁ ଅଧିକ ରହିଲେ ଏବଂ ଖାଦ୍ୟ ଗ୍ରହଣର ଦୁଇଘଣ୍ଟା ପରେ ରକ୍ତ ପରୀକ୍ଷା କଲେ ରକ୍ତଶର୍କରାର ମାତ୍ରା ୧୫୦ମିଲିଗ୍ରାମ୍‌ରୁ ଅଧିକ ରହିଲେ ମଧୁମେହର ଆଶଙ୍କା କରିପାରିବା।

**ଉଚ୍ଚ ରକ୍ତଚାପ:** ଉଚ୍ଚ ରକ୍ତଚାପରେ ମୁଣ୍ଡବିନ୍ଧା, ମୁଣ୍ଡ ବୁଲାଇବା, ଆଖିକୁ ଭଲ ଦେଖା ନ ଯିବା, ଛାତିରେ ଯନ୍ତ୍ରଣା, ହୃଦ୍‌ଗତିରେ ଅନିୟମିତତା, ଶ୍ୱାସକ୍ରିୟାରେ କଷ୍ଟ, ପରିସ୍ରାରେ ରକ୍ତ ପଡିବା, କୌଣସି ଅଙ୍ଗ ଅଚଳ ହେବା ଏବଂ ଆନୁଷଙ୍ଗିକ ଅନ୍ୟାନ୍ୟ ଲକ୍ଷଣ ଦେଖାଯାଇଥାଏ। ସିଷ୍ଟୋଲିକ୍ ଓ ଡାଏଷ୍ଟୋଲିକ୍ ରକ୍ତଚାପ ଯଥାକ୍ରମେ ୧୨୦/୮୦ମି.ମି. ପାରଦରୁ ଅଧିକ ରହିଲେ ବିଶେଷଜ୍ଞଙ୍କ ପରାମର୍ଶ ଆବଶ୍ୟକ ହୁଏ।

**ହୃଦ୍‌ରୋଗ:** ହୃତ୍‌ପିଣ୍ଡ, ଧମନୀ ଓ ଶିରାସମୂହର ଅସ୍ୱାଭାବିକତା ହୃଦ୍‌ରୋଗର ଅନ୍ତର୍ଗତ। ହୃଦରୋଗରେ ଶରୀରର ଜୀବନ ରକ୍ଷାକାରୀ ମୁଖ୍ୟଅଙ୍ଗକୁ ରକ୍ତ ସଂଚାଳନ କାର୍ଯ୍ୟରେ ବାଧା ଉପୁଜିଥାଏ। ପରିଶ୍ରମ କଲେ ଛାତିରେ ଯନ୍ତ୍ରଣା ଏବଂ ବିଶ୍ରାମରେ ଉପଶମ ହେବା ପୁଣି ଏହି ଯନ୍ତ୍ରଣା ବେକ, କାନ୍ଧ ହାତ ଓ ପିଠିକୁ ବ୍ୟାପି ଛାତିରେ ସଙ୍କୋଚନ ଅନୁଭବ ହେଲେ ତାହାକୁ ଆଞ୍ଜାଇନା କୁହାଯାଏ। ସେହିପରି ୩୦ ମିନିଟ୍‌ରୁ ଅଧିକ ଛାତିରେ ଭୀଷଣ ଯନ୍ତ୍ରଣା ଯାହାକି କ୍ରମେ ବାମହାତ ଆଡକୁ ମାଡିଥାଏ ଏବଂ ସାଧାରଣ ପେନ୍‌କିଲର ଦ୍ୱାରା ଉପଶମ ହୁଏ ନାହିଁ। ଏହାସହିତ ଝାଳ ବାହାରିବା, ବାନ୍ତି ଲାଗିବା, ବାନ୍ତି ହେବା ଆଦିକୁ ହୃଦ୍‌ଘାତର କାରଣ ଭାବରେ ନିଆଯାଇଥାଏ।

**କ୍ୟାନ୍‌ସର:** କ୍ୟାନ୍‌ସରର ଲକ୍ଷଣକୁ କେତେକ ବାକ୍ୟରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ। ସାଧାରଣଭାବେ ବିନା କାରଣରେ ଓଜନ କମିବା, ଥକ୍କାଲାଗିବା, ଜ୍ୱର ଲାଗିରହିବା, ଝାଡାରେ ପରିବର୍ତ୍ତନ, ଅସ୍ୱାଭାବିକ ରକ୍ତସ୍ରାବ, ଶରୀରରେ ଗୁଟୁଳି ଦେଖାଯିବା, ଭାତୁଡି ବା କଳାଜାଇରେ ଆଖିଦୃଶିଆ ପରିବର୍ତ୍ତନ, ଘା' ନ ଶୁଖିବା, ସ୍ୱରରେ ପରିବର୍ତ୍ତନ ହେବା ବା କାଶ ଲାଗି ରହିବା ଇତ୍ୟାଦି ଲକ୍ଷଣ ଲକ୍ଷ୍ୟ କଲେ କ୍ୟାନ୍‌ସର ବୋଲି ସନ୍ଦେହ କରିପାରିବା।

**ଷ୍ଟ୍ରୋକ୍ :** ଷ୍ଟ୍ରୋକ୍‌ର ଆକ୍ଷରିକ ଅର୍ଥ ହେଲା ପ୍ରହାର (ମାଡ)। ଏହି ମାଡ ମସ୍ତିଷ୍କ ଭିତରେ ଥିବା ରକ୍ତବାହୀ ନଳୀରେ ରକ୍ତ ପ୍ରବାହ ବନ୍ଦ କିମ୍ବା ମସ୍ତିଷ୍କରେ ରକ୍ତସ୍ରାବ ଯୋଗୁଁ ହୋଇଥାଏ। ମସ୍ତିଷ୍କରେ ଶରୀରର ସବୁ ଅଙ୍ଗ ପାଇଁ ସ୍ନାୟବିକ ଅଙ୍ଗ ରହିଛି। ମସ୍ତିଷ୍କରେ ରକ୍ତପ୍ରବାହର ଅସ୍ୱାଭାବିକତା ଯୋଗୁଁ ଶରୀରର ବିଭିନ୍ନ ଅଙ୍ଗ ଅଚଳ ହୋଇ ପାରାଲିସିସ୍ ହୋଇଯାଇଥାଏ। ଷ୍ଟ୍ରୋକ୍ ହେଲେ ମସ୍ତିଷ୍କ ଆଘାତର ସ୍ଥାନ ଓ ପରିମାଣ ଅନୁସାରେ ଅଧା ଅଙ୍ଗ ଅଚଳ ହୋଇପଡ଼େ। ରୋଗୀ କଥା କହିପାରେ ନାହିଁ, ସ୍ପର୍ଶଶକ୍ତି ନ ଥାଏ, ଲେଖାପଢା କରିପାରେ ନାହିଁ। ମନେରଖିବା ଶକ୍ତି ହ୍ରାସ ପାଏ। ସ୍ଥାନ କାଳ ପାତ୍ର ଜାଣିପାରେ ନାହିଁ। ଗୋଟିଏ ଆଖିରେ ଝାପ୍‌ସା ଦେଖାଯିବା ବା ଆଦୌ ଦେଖା ନ ଯିବା ଜଣାଯାଏ। ଜୋର୍‌ରେ ମୁଣ୍ଡବ୍ୟଥା ହେବା ବା ବେହୋସ୍ ହେବା ଦେଖାଯାଏ।

ଅଣ ସଂକ୍ରାମକ ରୋଗଗୁଡିକ ପାଇଁ ଦୁଇଟି ଜିନିଷ ପ୍ରତି ଧ୍ୟାନ ଦେବାକୁ ହୁଏ। ରୋଗକୁ ପ୍ରତିରୋଧ କରିବା ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ଓ ରୋଗକୁ ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟୀକରଣ କରି ଚିକିତ୍ସା ବ୍ୟବସ୍ଥା ଗ୍ରହଣକରିବା।

ପ୍ରତିଦିନ ତଟକା ପନିପରିବା, ଋତୁକାଳୀନ ପନିପରିବା ଓ ଫଳ, ଗଜାମୁଗ, ଡାଲି, ଶାଗ ଇତ୍ୟାଦି ଖାଦ୍ୟଭାବେ ଗ୍ରହଣ କରିବା ଉଚିତ୍। ଫାଷ୍ଟଫୁଡ୍, ପ୍ୟାକେଟ୍‌ରେ ମିଳୁଥିବା ଖାଦ୍ୟ, ଅତ୍ୟଧିକ ତେଲଯୁକ୍ତ ଖାଦ୍ୟ, ଅଧିକ ଲୁଣର ବ୍ୟବହାର ବର୍ଜନ କରିବା ଉଚିତ। ପ୍ରତିଦିନ ସୁସ୍ଥ ରହିବା ପାଇଁ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି, ସୌନ୍ଦର୍ଯ୍ୟବୃଦ୍ଧି, ମାନସିକ ଉଦ୍‌ବେଗ ଓ ଅବସାଦ ଦୂର କରିବା ପାଇଁ ଏବଂ ଶରୀରର ଓଜନକୁ ନିୟନ୍ତ୍ରଣରେ ରଖିବା ଲାଗି ନିୟମିତ ବ୍ୟାୟାମ କରିବା ଉଚିତ। ପ୍ରତିଦିନ ଚାଲିବା, ନିଜ କାମ ନିଜେ କରିବା, ଘରକାମ କରିବା, ସାଇକେଲ ଚଳାଇବା, ପହଁରିବା, ବଗିଚା କାମ କରିବା ଇତ୍ୟାଦି ଶାରୀରିକ କାର୍ଯ୍ୟ ଦ୍ୱାରା, ବ୍ୟାୟାମ କାର୍ଯ୍ୟ ମଧ୍ୟ ସାଧିତ ହୋଇଥାଏ। ମଦ୍ୟପାନ, ବିଡି, ସିଗାରେଟ୍, ଗଞ୍ଜେଇ, ଖଇନି, ଭାଙ୍ଗସେବନ ସର୍ବାଦୌ ବର୍ଜନୀୟ। ୪୦ବର୍ଷ ପରେ ସମସ୍ତେ ନିଜ ନିଜର ରକ୍ତ ଶର୍କରା, ରକ୍ତଚାପ, ରକ୍ତଚର୍ବିର ମାନ ନିର୍ଦ୍ଧାରଣ କରାଇ ଉପଦେଶ ଗ୍ରହଣ କରିବା ଉଚିତ। ପ୍ରତ୍ୟେକ ସରକାରୀ ଚିକିତ୍ସାଳୟରେ ଏଥି ନିମନ୍ତେ ଦେୟମୁକ୍ତ ସମସ୍ତ ଔଷଧ ଓ ସେବା ଉପଲବ୍ଧ। ଆୟୁର୍ବେଦ ଶାସ୍ତ୍ରରେ କୁହାଯାଇଥିବା ଦିନଚର୍ଯ୍ୟା, ଋତୁଚର୍ଯ୍ୟା, ବ୍ୟାୟାମ, ଖାଦ୍ୟଗ୍ରହଣ, ରସାୟନ ସେବନ ଓ ଆଚାର ରସାୟନ ପ୍ରଣୟନ ଓ ଔଷଧ ଦ୍ୱାରା ଅଣସଂକ୍ରାମକ ରୋଗକୁ ଅନେକାଂଶରେ ନିୟନ୍ତ୍ରଣରେ ରଖାଯାଇପାରିବ। ଏଥିନିମନ୍ତେ ସମସ୍ତ ସ୍ୱାସ୍ଥ୍ୟକର୍ମୀ, ଚିକିତ୍ସକ, ଜନସାଧାରଣ ତଥା ବିଭାଗୀୟ ସମନ୍ୱୟର ଆବଶ୍ୟକତା ରହିଛି।

*- ସରକାରୀ ଆୟୁର୍ବେଦ ଚିକିତ୍ସାଧିକାରୀ*
*ବଳଦମାଳ, ସୁନ୍ଦରଗଡ଼*
*ମୋ : ୯୪୩୭୨୨୧୭୧୬*



**ପ୍ରତିବର୍ଷ ନଭେମ୍ବର ୫କୁ 'ଜାତୀୟ ଆୟୁର୍ବେଦ ଦିବସ' ଭାବରେ ପାଳନ କରାଯାଇଥାଏ। ଏହି ଅବସରରେ ଡେଉଁ ନ ଥିବା କେତେକ ପ୍ରମୁଖ ରୋଗ ସମ୍ପର୍କରେ ଆଲୋଚନା...**

# ପାର୍ବଣଜନିତ ପ୍ରଦୂଷଣ



ଡ. ମାନସ ରଞ୍ଜନ ସେନାପତି

ପାର୍ବଣ ଋତୁରେ ପ୍ରଦୂଷଣର ମାତ୍ରାଧିକ ବୃଦ୍ଧି ପରିବେଶବିତ୍‌ଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଆମ ରାଜ୍ୟରେ ଗଣେଶ ପୂଜା, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଲକ୍ଷ୍ମୀପୂଜା, କାଳୀପୂଜା, କାର୍ତ୍ତିକେଶ୍ୱର ପୂଜା, ଖୁଦୁରୁକୁଣୀ ଓ ସରସ୍ୱତୀ ପୂଜା ପ୍ରାୟତଃ ଛଅମାସ ମଧ୍ୟରେ ଅନୁଷ୍ଠିତ ହୋଇଥାଏ। ସହସ୍ରାଧିକ ମୃଣ୍ମୟ ମୂର୍ତ୍ତି ପୂଜା ପାଇଥାନ୍ତି। ପୂର୍ବରୁ ମୂର୍ତ୍ତିଗୁଡ଼ିକ କେବଳ ମାଟିରେ ତିଆରି ହେଉଥିଲା ଏବଂ ସେଥିରେ ଜୈବିକ ସୂତ୍ରରେ ପ୍ରସ୍ତୁତ ରଙ୍ଗ ବ୍ୟବହାର ହେଉଥିଲା। ବର୍ତ୍ତମାନ ମୂର୍ତ୍ତିଗୁଡ଼ିକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରତିଯୋଗିତା ମନୋଭାବ ଯୋଗୁ ସିମେଣ୍ଟ, ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ଏବଂ ଅତ୍ୟଧିକ ମାତ୍ରାରେ ଶସ୍ତା ରାସାୟନିକ ରଙ୍ଗ ବ୍ୟବହୃତ କରାଯାଉଛି। ମୂର୍ତ୍ତି ବିସର୍ଜନ ସମୟରେ ଏହିସବୁ ରାସାୟନିକ ପଦାର୍ଥ ନଦୀଜଳ ମଧ୍ୟରେ ପ୍ରବେଶ କରି ଜଳକୁ ବିଷାକ୍ତ କରିଦେଇଥାଏ। ପରିତାପର ବିଷୟ ହେଉଛି ଯେ ଆମ ନଦୀ ଜଳ ପ୍ରଦୂଷଣ ହେବାର ଏହା ଅନ୍ୟ ଏକ ଉଦାହରଣ। ପ୍ଲାଷ୍ଟର ଅଫ୍ ପ୍ୟାରିସ ବିସର୍ଜନ ସମୟରେ ନଦୀଜଳ ମଧ୍ୟକୁ ଯାଇ କ୍ରମଶଃ ଜମା ହୋଇ ଏକ ଆସ୍ତରଣ ସୃଷ୍ଟି କରିଥାଏ, ଯାହା କି ଜଳଚର ପ୍ରାଣୀ ଓ ଜଳଜ ଉଦ୍ଭିଦ ଉପରେ କୁପ୍ରଭାବ ପକାଇଥାଏ। ଏହା ଦୀର୍ଘଦିନ ପରେ ମଧ୍ୟ ଜଳରେ ଦ୍ରବୀଭୂତ ହୋଇ ନ ଥାଏ। ମୂର୍ତ୍ତିରେ ବ୍ୟବହାର ହୋଇଥିବା ଯାବତୀୟ ରଙ୍ଗରେ ଭାରି ଧାତୁ ତଥା ଆର୍ସେନିକ, ସୀସା, କ୍ରୋମିୟମ ଆଦି ଥାଏ। ବିସର୍ଜନ ଦ୍ୱାରା ଏଗୁଡ଼ିକ ନଦୀଜଳକୁ ଦୂଷିତ କରିଥାଏ। ଏହିସବୁ ଭାରି ଧାତୁ ମନୁଷ୍ୟ ଶରୀରରେ ବିଭିନ୍ନ ମାରାତ୍ମକ ରୋଗ ସୃଷ୍ଟି କରିଥାଏ।

ଆମ ରାଜ୍ୟରେ ୧୯୭୦ ମସିହାରେ ଯେତେ ମୂର୍ତ୍ତି ପୂଜା ପାଉଥିଲେ ବର୍ତ୍ତମାନ ତାହାର ସଂଖ୍ୟା ତିନିଗୁଣରୁ ଅଧିକ ହେଲାଣି। ଦେଖାଯାଏ ଯେ କେବଳ ଦୁଇ ପ୍ରମୁଖ ସହର କଟକ ଓ ଭୁବନେଶ୍ୱରରେ ପ୍ରାୟ ୫୦୦ରୁ ଅଧିକ ଦୁର୍ଗା ମୂର୍ତ୍ତି ଦଶହରା ଅବସରରେ ପୂଜା ପାଇଥାନ୍ତି। ଏହି ମୂର୍ତ୍ତି ସବୁ ମୁଖ୍ୟତଃ ଦୁଇଟି ବା ତିନୋଟି ନଦୀରେ ବିସର୍ଜନ ହୋଇଥାନ୍ତି। ଗୋଟିଏ ମୂର୍ତ୍ତି ପ୍ରାୟ ଦେଢ଼ ଟନ୍ ଓଜନ ବିଶିଷ୍ଟ ହୋଇଥାଏ। ତେଣୁ ବିସର୍ଜନ ସମୟରେ କଠିନ ଆବର୍ଜନା ମଧ୍ୟ ଏକ ସମସ୍ୟା ହୋଇଥାଏ। ଏହାଛଡ଼ା ସୁଉଚ୍ଚ ତୋରଣଗୁଡ଼ିକ ମଧ୍ୟ ଆବର୍ଜନାର କାରଣ ହୋଇଥାଏ। ବର୍ତ୍ତମାନ ପ୍ରଶାସନ ପକ୍ଷରୁ କୃତ୍ରିମ ପୁଷ୍କରିଣୀରେ ବିସର୍ଜନର ବ୍ୟବସ୍ଥା କରାଯାଉଛି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ଏହାର ତଦାରଖ କରିବା ଆବଶ୍ୟକ, ତେବେ ନଦୀରେ ମୂର୍ତ୍ତି ବିସର୍ଜନ ସମ୍ପୂର୍ଣ୍ଣ ବାରଣ ହେବା ଉଚିତ। ଗ୍ରାମାଞ୍ଚଳରେ ବିସର୍ଜନ ସେହିପରି ନଦୀନାଳରେ ଚାଲିଛି। ଏହାପ୍ରତି କର୍ତ୍ତୃପକ୍ଷଙ୍କର ଦୃଷ୍ଟି ନାହିଁ। ଗ୍ରାମପଞ୍ଚାୟତ ଏ ଦିଗ ପ୍ରତି ଦୃଷ୍ଟିଦେବା ଉଚିତ। ଦଶହରା ସମୟରେ ରାବଣ ପୋଡ଼ି ଅନ୍ୟ ଏକ କାର୍ଯ୍ୟକ୍ରମ। ଦେଶସାରା ପ୍ରାୟ ହଜାର ହଜାର ରାବଣପୋଡ଼ି କରାଯାଇଥାଏ। ଏହାଦ୍ୱାରା ପ୍ରଚୁର ପରିମାଣରେ ବିଷାକ୍ତ ବାଷ୍ପ ବାୟୁମଣ୍ଡଳରେ ପ୍ରବେଶ କରିଥାଏ। ଆମେ ଆନନ୍ଦ ଉଲ୍ଲାସରେ ରାବଣ ପୋଡ଼ିଥାଉ। ଅପରପକ୍ଷେ ପ୍ରଦୂଷଣ ରାକ୍ଷସକୁ ଜନ୍ମ ଦେଇଥାଏ। ପାର୍ବଣ ସମୟରେ ଏହିସବୁ ଦିଗପ୍ରତି ସଚେତନ ନ ହେଲେ ଦେବଦେବୀଙ୍କର ପୂଜା ଆମ ପାଇଁ ଆଶୀର୍ବାଦ ପରିବର୍ତ୍ତେ ଅଭିଶାପ ପାଲଟିଯିବ।



*- ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ*
*ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଟେକ୍ନୋଲୋଜି, ଭୁବନେଶ୍ୱର,*
*ମୋ: ୯୪୩୭୨୩୭୭୯୭*

## ଆଞ୍ଚଳିକ ଖବର

**ଅଚ୍ୟୁତାନନ୍ଦଙ୍କ ମୃତ୍ୟୁକୁ ସପ୍ତାହେ ପୂରିଲା**

# ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଲାନି ସହାୟତା

**ଭୁବନେଶ୍ୱର,୪।୧୧(ବ୍ୟୁରୋ)**

ଛତିଶଗଡ଼ ନିର୍ବାଚନୀ ପରିସ୍ଥିତିର ଖବର ସଂଗ୍ରହ କରିବାକୁ ଯାଇ ମାଓବାଦୀ ଗୁଳିର ଶିକାର ହୋଇଥିବା ଓଡ଼ିଆ ଫଟୋ ଖବରଦାତା ଅଚ୍ୟୁତାନନ୍ଦ ସାହୁଙ୍କ ମୃତ୍ୟୁକୁ ୬ ଦିନ ବିତିଗଲାଣି। ମୃତ ଅଚ୍ୟୁତାନନ୍ଦ ପରିବାରକୁ ସମବେଦନା ଜଣାଇବାକୁ ରାଜନେତା ଏବଂ ଅନ୍ୟାନ୍ୟ ବର୍ଗର ଲୋକଙ୍କ ସୁଅ ଛୁଟୁଛି। କେନ୍ଦ୍ର ସରକାର ଅଚ୍ୟୁତାନନ୍ଦଙ୍କ ମୃତ୍ୟୁ ପରେ ତାଙ୍କୁ ଛତିଶଗଡ ସରକାର ଶହୀଦ ଘୋଷଣା କରିଥିଲେ। ଏଥିସହିତ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୫ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରାଯାଇଛି। ମାତ୍ର, ଆଶ୍ଚର୍ଯ୍ୟର କଥା ରାଜ୍ୟ ସରକାରଙ୍କ ତରଫରୁ ଏପର୍ଯ୍ୟନ୍ତ କୌଣସି ସହାୟତା ରାଶିର ଘୋଷଣା ହୋଇନାହିଁ।

ସାମାନ୍ୟ ଦୁର୍ଘଟଣାରେ ମୃତାହତ ହେଉଥିବା ବ୍ୟକ୍ତିବିଶେଷକୁ ସରକାର ତୁରନ୍ତ ସହାୟତା ରାଶି ପ୍ରଦାନ କରୁଥିବାର ନଜିର ରହିଛି। ହେଲେ ଜଣେ କାର୍ଯ୍ୟରତ ଫଟୋ ଖବରଦାତାଙ୍କୁ ଗୁଳିକରି ହତ୍ୟା କରାଯିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପକ୍ଷରୁ ସହାୟତା ରାଶି ଘୋଷଣା କରା ନ ଯିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ଘଟଣାରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ ମଧ୍ୟ ବିଭିନ୍ନ ମହଲରୁ ପ୍ରଶ୍ନ ଉଠାଯାଇଛି। ଅପରପକ୍ଷରେ ନିଜର ଯୁବ ଏବଂ ରୋଜଗାରିଆ ପୁଅକୁ ହରାଇଥିବା ଅଚ୍ୟୁତାନନ୍ଦଙ୍କ ବୁଢା ମା' ବାପା ଓ ସ୍ତ୍ରୀ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ମୃତ୍ୟୁର କିଛିଦିନ ପୂର୍ବରୁ ଅଚ୍ୟୁତାନନ୍ଦ ନିଜ ହୃଦରୋଗ ଏବଂ କିଡନୀ ବ୍ୟାଧିରେ ପୀଡିତା ମା'ଙ୍କୁ ଦିଲ୍ଲୀ ନେଇ ଚିକିତ୍ସା କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଅକାଳରେ ପୁତ୍ର ବିୟୋଗ ସେଥିରେ ଅନ୍ତରାୟ ସାଜିଲା। ରାଜ୍ୟ ପ୍ରଶାସନ ପକ୍ଷରୁ ସହାୟତା ସମ୍ପର୍କରେ ପଚାରିବାରୁ ତାଙ୍କ ମା ତୁଳସୀ ସାହୁ କହିଛନ୍ତି ଯେ, ଓଡ଼ିଶା ସରକାର ଏଯାବତ୍ କୌଣସି ସହାୟତାର ହାତ ବଢାଇ ନାହାନ୍ତି। ପୁଅର ମୃତ୍ୟୁ ପରେ ଆମେ ସର୍ବସ୍ୱାନ୍ତ ହୋଇଯାଇଛୁ। ପୁଅ ଦେଶ କାମରେ ନିଯୁକ୍ତି ହୋଇଥିବା ସତ୍ତ୍ୱେ ରାଜ୍ୟ ସରକାର ସହାୟତା କରି ନ ଥିବା ତୁଳସୀ କହିଛନ୍ତି। ସେହିପରି ସ୍ଥାନୀୟ ବିଜେଡି ଏମ୍‌ପି କଳିକେଶ ନାରାୟଣ ସିଂଦେଓ ମୃତ ଅଚ୍ୟୁତାନନ୍ଦଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ରାଜ୍ୟ ସରକାରଙ୍କ ତରଫରୁ ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

**■ ତନ୍ତ୍ର ସାଧନା ପାଇଁ ସ୍ତ୍ରୀଙ୍କୁ ହତ୍ୟା ଘଟଣା**

# ଅଭିଯୁକ୍ତ ସ୍ୱାମୀ ଗିରଫ

**ନାକଟିଦେଉଳ, ୪।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅନ୍ତର୍ଗତ ବାଟଗାଁ ଗ୍ରାମ ପଞ୍ଚାୟତ ହିତସରା ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ତନ୍ତ୍ର ସାଧନା ପାଇଁ ସ୍ତ୍ରୀଙ୍କ ହାତପାପୁଲି କାଟି ବଳି ଦେବା ଓ ପରେ ତାଙ୍କୁ ହତ୍ୟା କରିଥିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣା ଗତ ୨୯ତାରିଖରେ ଘଟିଥିଲେ ମଧ୍ୟ ଶନିବାର ଲୋକଲୋଚନକୁ ଆସିଛି। ରବିବାର ପୋଲିସ ମହିଳାଙ୍କ ଗଳିତ ମୃତଦେହ ରେଢାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ ପାଇଁ ରଖିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ କରାଯାଇଛି। ପୋଲିସ ରବିବାର ସକାଳେ ଅଭିଯୁକ୍ତଙ୍କୁ ଜଙ୍ଗଲକୁ ନେଇ ବଳି ପକାଇଥିବାସ୍ଥଳ ଦେଖିବା ସହ ମହିଳାଙ୍କ କଟାଯାଇଥିବା ହାତପାପୁଲି ଖୋଜାଖୋଜି କରିଥିଲା। ହେଲେ ହାତପାପୁଲି ମିଳି ନ ଥିଲା। ପୋଲିସ ଅଭିଯୁକ୍ତ ସ୍ୱାମୀ ଚଗଲା ସେଠୀ(୪୪)ଙ୍କୁ ଗିରଫ କରିଛି। ଏହି ଘଟଣାରେ ପୋଲିସ ଦିନତମାମ ତାଙ୍କୁ ପଚରାଉଚରା କରିଥିଲା। ତନ୍ତ୍ର ସାଧନା ପାଇଁ ସ୍ତ୍ରୀ ସୁଲୋଚନାଙ୍କୁ ବଳି ଦେଇଥିବା ଅଭିଯୁକ୍ତ ସ୍ୱୀକାର କରିଥିବା ଆଇଆଇସି ବିନୋଦ ଲାକ୍ରା କହିଛନ୍ତି।



ଅଭିଯୁକ୍ତ ଚଗଲା ସେଠୀ

**■ ହାତପାପୁଲି କାଟି ବଳି ଦେଇଥିଲେ**
**■ ଚିତ୍କାର କରିବାରୁ ସ୍ତ୍ରୀଙ୍କ ତଣ୍ଟି ଚିପି ଦେଇଥିଲେ**
**■ ପ୍ରମାଣ ନଷ୍ଟ ପାଇଁ ଜଙ୍ଗଲରେ ପକାଇ ଦେଇଥିଲେ**

ଚଗଲା ଗ୍ରାମବାସୀଙ୍କର ଗୋରୁ ଚରାଉଥିଲେ। ମଝିରେ ମଝିରେ ସେ ତନ୍ତ୍ର ସାଧନା କରି ଆସୁଥିଲେ। ତେବେ ତାଙ୍କୁ ପୁତ୍ର କିମ୍ବା କନ୍ୟା ସନ୍ତାନର ରକ୍ତ ବଳି ଦେବାକୁ କୁଆଡ଼େ ସ୍ୱପ୍ନାଦେଶ ହୋଇଥିଲା। ଏହାପରେ ଚଗଲା ସ୍ତ୍ରୀଙ୍କୁ ଏ ବାବଦରେ କହିବାରୁ ସ୍ତ୍ରୀ ସୁଲୋଚନା (୪୦) ମୋର ରକ୍ତ ନେଇଯାଅ ପଛେ ପିଲାଙ୍କର କିଛି କ୍ଷତି କରନାହିଁ ବୋଲି କହିଥିଲେ। ଏହା ପରେ ଗତ ୨୯ତାରିଖରେ ଉଭୟ ସ୍ତ୍ରୀସ୍ୱାମୀ ନିକଟସ୍ଥ ରତାଖଣ୍ଡି ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିଲେ। ଚଗଲା ଜଙ୍ଗଲରେ ପୂଜାପାଠ ମଧ୍ୟ କରିଥିଲେ। ସ୍ତ୍ରୀଙ୍କ ବାମହାତର ପାପୁଲିକୁ ଟାଙ୍ଗିଆରେ କାଟି ଆରାଧ୍ୟ ଦେବୀ କାଳୀଙ୍କ ନିକଟରେ ବଳି ଦେଇଥିଲେ। ହାତ କଟିଯିବା ପରେ ସୁଲୋଚନା ଚିତ୍କାର କରିବାରୁ ଚଗଲା ତାଙ୍କ ତଣ୍ଟି ଚିପି ହତ୍ୟା କରି ଜଙ୍ଗଲରେ ଫୋପାଡି ଦେଇଥିଲେ। ଏହା ପରେ ଚଗଲା ଗ୍ରାମକୁ ଆସି ସ୍ତ୍ରୀ ନିଖୋଜ ଥିବା ନେଇ ଖବର ପ୍ରଚାର କରିଥିଲେ। ତେବେ ହତ୍ୟାକାଣ୍ଡର ପରଦିନ ଅର୍ଥାତ ୩୦ତାରିଖରେ ମୃତାଙ୍କ ଭାଇ ଭଉଣୀ ନିଖୋଜ ଥିବା ନେଇ ନାକଟିଦେଉଳ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଶୁକ୍ରବାର ଅର୍ଥାତ୍ ୨ ତାରିଖ ସନ୍ଧ୍ୟାରେ ଗ୍ରାମର କେତେକ ବ୍ୟକ୍ତି ରତାଖଣ୍ଡି ଜଙ୍ଗଲରେ ସୁଲୋଚନାଙ୍କ ଗଳିତ ମୃତଦେହ ପଡିଥିବା ଦେଖିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ଶନିବାର ସକାଳେ ରେଢ଼ାଖୋଲ ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ, ନାକଟିଦେଉଳ ଥାନା ଅଧିକାରୀ ଲାକ୍ରା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଥିଲେ। ତେବେ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନ ଆଣିବା ଯାଏ ମୃତଦେହ ବ୍ୟବଚ୍ଛେଦ ପାଇଁ ଛାଡିବେ ନାହିଁ ବୋଲି ଗ୍ରାମର ମହିଳାମାନେ ପୋଲିସକୁ ବିରୋଧ କରିଥିଲେ। ତେବେ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା ପରେ ୩ ତାରିଖ ଶନିବାର ସନ୍ଧ୍ୟାରେ ଲୋକେ ଗଳିତ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଛାଡିଥିଲେ। ତେବେ ସବିଶେଷ ଖବର ଅନୁସାରେ ଅଧିକ ପଚିଶଢି ଯାଇଥିବାରୁ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ସୋମବାର ଏ ନେଇ ନାକଟିଦେଉଳ ଥାନାରେ ଏକ ମାମଲା(ନଂ.୧୦୦/୧୮)ରୁଜୁ ହୋଇଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲିଆଇଆଇସିଲାକ୍ରା କହିଛନ୍ତି।

## ବୁଧବାରଠାରୁ ପୁଣି ଆରମ୍ଭ ହେବ ଉଡାନ୍ ସେବା

**ଝାରସୁଗୁଡ଼ା ଅଫିସ,୪।୧୧**

ଏକ ମାସ ବନ୍ଦ ରହିବା ପରେ ନଭେମ୍ବର ୭ ତାରିଖ ବୁଧବାରଠାରୁ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ବିମାନବନ୍ଦରରୁ ପୁଣିଥରେ ଆରମ୍ଭ ହେବ ଉଡାନ୍ ସେବା। ଏନେଇ ବିମାନବନ୍ଦରର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ବୁଧବାରଠାରୁ ବିମାନ ସେବା ଆରମ୍ଭ କରିବାକୁ ଏୟାର ଓଡ଼ିଶା ଲିଖିତ ଭାବେ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ଜଣାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବିମାନବନ୍ଦର ଉଦ୍‌ଘାଟନ କରିଥିଲେ। ଏହାପରେ ଆରମ୍ଭ ହୋଇଥିବା ଉଡାନ୍ ସେବା ଅକ୍ଟୋବର ୬ ତାରିଖରୁ ବନ୍ଦ ହୋଇଯାଇଛି। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ଆନ୍ଦୋଳନକୁ ଓହ୍ଲାଇଥିଲେ। ବିମାନ ସେବା ବନ୍ଦ ନେଇ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଏୟାର ଓଡ଼ିଶାକୁ କାରଣଦର୍ଶାଅ ନୋଟିସ୍ ଜାରି କରିଥିଲା। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ମଧ୍ୟ ଚିଠି ଲେଖିଥିଲେ। ଶେଷରେ ନଭେମ୍ବର ୭ରୁ ଉଡାନ୍ ଆରମ୍ଭ ହେବା ନେଇ ବିମାନବନ୍ଦରକୁ ସୂଚନା ପ୍ରଦାନ କରାଯାଇଛି।

# ଭେଷଜ ମହାବିଦ୍ୟାଳୟ, ସଂଯୁକ୍ତ ହସପିଟାଲର ନିର୍ମାଣ କାର୍ଯ୍ୟ ବିଳମ୍ବ

## ଅସନ୍ତୋଷ ଜଣାଇଲା କେନ୍ଦୁଝର ବିକାଶ ପରିଷଦ

**ଭୁବନେଶ୍ୱର,୪।୧୧(ବ୍ୟୁରୋ)**

କେନ୍ଦୁଝର ଜିଲାର ପ୍ରସ୍ତାବିତ ଭେଷଜ ମହାବିଦ୍ୟାଳୟ ଓ ସଂଯୁକ୍ତ ହସ୍‌ପିଟାଲର ନିର୍ମାଣ କାର୍ଯ୍ୟ କଚ୍ଛପ ଗତିରେ ଚାଲିଛି। ଏନେଇ ଭୁବନେଶ୍ୱରସ୍ଥିତ କେନ୍ଦୁଝର ବିକାଶ ପରିଷଦ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ଏଥିପାଇଁ ଜିଲାର ନିର୍ବାଚିତ ଲୋକ ପ୍ରତିନିଧିଙ୍କ ଉଦାସୀନତାକୁ ପରିଷଦ ପକ୍ଷରୁ ଦାୟୀ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲାରେ ନିର୍ମାଣ କରାଯାଇଥିବା ଭେଷଜ ମହାବିଦ୍ୟାଳୟ ପାଇଁ ସରକାର ଅର୍ଥ ଯୋଗାଇ ଦେଇଥିବାବେଳେ କେନ୍ଦୁଝର ଜିଲାର ପ୍ରସ୍ତାବିତ ଭେଷଜ ମହାବିଦ୍ୟାଳୟ ଓ ତା'ର ସଂଯୁକ୍ତ ହସ୍‌ପିଟାଲ ଲାଗି ସରକାର ଟଙ୍କାଟିଏ ମଧ୍ୟ ଦେଉ ନାହାନ୍ତି। ଉପରୋକ୍ତ ନିର୍ମାଣ ଲାଗି ଆବଶ୍ୟକ ସମସ୍ତ ଖର୍ଚ୍ଚ ଜିଲା ଖଣିଜ ପାଣ୍ଠିରୁ ଯୋଗାଇ ଦିଆଯାଉଛି। ସରକାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ ନକରି ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି। ଏହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଜିଲାର ବିଧାୟକ, ଏମ୍‌ପି, ମନ୍ତ୍ରୀଙ୍କ ଉଦାସୀନତା ନିର୍ମାଣ କାର୍ଯ୍ୟ ବିଳମ୍ବର ମୂଳ କାରଣ ବୋଲି ପରିଷଦ ପକ୍ଷରୁ ଦୋଷାରୋପ କରାଯାଇଛି। ଉଭୟ ହସ୍‌ପିଟାଲ ଓ ମହାବିଦ୍ୟାଳୟ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ତ୍ୱରାନ୍ୱିତ କରିବାକୁ ପରିଷଦ ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯାଇଛି। ଆଗାମୀ ଶିକ୍ଷା ବର୍ଷରେ ଯେମିତି କଲେଜରେ ଛାତ୍ରୀଛାତ୍ର ନାମ ଲେଖାଇ ପାରିବେ ସେନେଇ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ପରିଷଦ ଦାବି କରିଛି।

ପ୍ରସ୍ତାବିତ ମହାବିଦ୍ୟାଳୟକୁ କେନ୍ଦୁଝର ରାଜ୍ୟର ପ୍ରତିଷ୍ଠାତା ରାଜା ଜ୍ୟୋତି ଭଞ୍ଜଦେଓ ନାମରେ ନାମିତ କରିବାକୁ ପରିଷଦ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏହା ସହିତ ଦୀର୍ଘଦିନରୁ ପଡ଼ି ରହିଥିବା ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଆଦିବାସୀ ସଂଗ୍ରହାଳୟ, ପ୍ରେକ୍ଷାଳୟ ଓ ପ୍ଲାନେଟୋରିୟମର ନିର୍ମାଣ ତୁରନ୍ତ କରିବାକୁ ଦାବି କରାଯାଇଛି।

# ବିବାହ କରିପାରିଲେ ନାହିଁ, ବେକରେ ରଶି ଲଗାଇ ଝୁଲିପଡ଼ିଲେ ପ୍ରେମୀଯୁଗଳ

**ନୂଆପଡ଼ା ଅଫିସ, ୪।୧୧**

ରବିବାର ନୂଆପଡା ଜିଲା ଧରମବନ୍ଧା ଥାନା ଅନ୍ତର୍ଗତ ପାୱାରତଲା ଗାଁରେ ଏହି ଦୁଃଖଦ ଘଟଣା ଘଟିଛି। ପାୱାରତଲା ଗାଁର ଶିବ ମାଝି (୨୪)ନାମକ ଜନୈକ ଯୁବକଙ୍କର ସେହି ଗାଁର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଦୁହେଁ ବିବାହ କରିବାକୁ ଚାହୁଁଥିଲେ। ହେଲେ ଦୁଇ ପରିବାର କୌଣସି କାରଣରୁ ଏଥିରେ କୁଆଡେ ରାଜି ନ ଥିଲେ। ଶନିବାର ରାତିରେ ଦୁହେଁ ଘରେ ନ ଥିବା ଦେଖି ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଦେଇଥିଲେ। ରବିବାର ସକାଳେ ଗାଁ ନିକଟସ୍ଥ ଚାଷ ଜମିରେ ଥିବା ଏକ ଗଛରେ ଉଭୟଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଧରମବନ୍ଧା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହଦ୍ୱୟ ଜବତ କରିଥିଲା। ଅପରାହ୍ନରେ ଜିଲା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ମୃତଦେହକୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଧରମବନ୍ଧା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୭/୧୮) ରୁଜୁ ହୋଇଛି।

ପରସ୍ପର ବୈଦିକ ରୀତିରେ ବିବାହ କରିବାକୁ ଚାହୁଁଥିଲେ। ହେଲେ ଉଭୟଙ୍କ ପରିବାର ଏଥିରେ କୁଆଡେ ରାଜି ନ ଥିଲେ। ବିବାହ କରି ନ ପାରିବା ଦୁଃଖରେ ଶେଷରେ ବେକରେ ରଶି ଲଗାଇ ଝୁଲିପଡ଼ିଲେ ପ୍ରେମୀଯୁଗଳ।

## ସଂକ୍ଷେପରେ

### ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ୫୪ହଜାର କୋଟି ସହାୟତା ଦେବ କେନ୍ଦ୍ର

**ନୂଆଦିଲ୍ଲୀ,୪-୧୧:** ଗତ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୂକ୍ଷ୍ମ,ଲଘୁ ଓ ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ) ପାଇଁ ଏକ ପୋର୍ଟାଲ ଲଞ୍ଚ କରିଛନ୍ତି। ଏହି ଉଦ୍ୟୋଗ ଚାହିଁଲେ ଉକ୍ତ ପୋର୍ଟାଲ ଜରିଆରେ ମାତ୍ର ୫୯ମିନିଟ୍‌ରେ ୧ କୋଟି ଟଙ୍କାର ଋଣ ପାଇବେ। ତେବେ ଅନାଦାୟ ଋଣ ଯୋଗୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଆର୍ଥିକ ସ୍ଥିତି ଦୁର୍ବଳ ହୋଇଯାଇଥିବାରୁ କେନ୍ଦ୍ର ସରକାର ସେମାନଙ୍କୁ ଆର୍ଥିକ ସହାୟତା ଦେବାକୁ ସ୍ଥିର କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ସହାୟତା ସ୍ୱରୂପ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ କେନ୍ଦ୍ର ୫୪ ହଜାର କୋଟି ଟଙ୍କାର ସହାୟତା ଦେବ। ତେବେ ଚଳିତ ସପ୍ତାହ ଶେଷ ସୁଦ୍ଧା ବ୍ୟାଙ୍କଗୁଡିକର ଆର୍ଥିକ ଫଳାଫଳ ପ୍ରକାଶ ପରେ ସରକାର କାହାକୁ କେତେ ସହାୟତା ଦିଆଯିବ ସେ ନେଇ ସ୍ଥିର କରିବେ। ଚଳିତ ମାସ ଶେଷ ଅଥବା ଡିସେମ୍ବର ପ୍ରଥମ ସପ୍ତାହ ଶେଷ ସୁଦ୍ଧା ବ୍ୟାଙ୍କଗୁଡିକୁ ଏହି ସହାୟତା ପ୍ରଦାନ କରାଯିବ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ସୁଧ ଦେୟ ଭରଣା ପାଇଁ କେନ୍ଦ୍ର ସରକାର ପ୍ରଥମ ପର୍ଯ୍ୟାୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ୧୧,୩୩୬କୋଟି ଟଙ୍କାର ସହାୟତା ପ୍ରଦାନ କରିଥିଲେ।

### ୧୪ ଲକ୍ଷ ଋଣ ନେଇପାରିବେ ପେନ୍‌ସନଧାରୀ

**ନୂଆଦିଲ୍ଲୀ,୪-୧୧:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପେନ୍‌ସନଧାରୀଙ୍କ ପାଇଁ ଦୀପାବଳି ଉପହାର ନେଇ ଆସିଛି। ଚଳିତ ମାସ ୩୦ ତାରିଖ ଯାଏ ପେନ୍‌ସନଧାରୀମାନେ ଏସ୍‌ବିଆଇରୁ ୧୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରିବେ। ଏଥିପାଇଁ ଏସ୍‌ବିଆଇ କୌଣସି ପ୍ରୋସେସିଂ ଫି ନେବ ନାହିଁ। ଏହା ବ୍ୟାଙ୍କର ଏକ ପର୍ସନାଲ ଋଣ ବ୍ୟବସ୍ଥା, ଯାହାକି ଜଣେ ପେନ୍‌ସନଧାରୀଙ୍କୁ ମିଳିଥାଏ। ଘରୋଇ ସଂସ୍ଥାରୁ ପେନ୍‌ସନ ପାଉଥିବା କର୍ମଚାରୀଙ୍କୁ ଏହି ସୁବିଧା ମିଳିବ ନାହିଁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ ପେନ୍‌ସନ ପାଉଥିବା କର୍ମଚାରୀ କିମ୍ବା ତାଙ୍କ ମନୋନୀତ ପରିବାରବର୍ଗ ଏହି ସୁବିଧା ପାଇବେ।

### ସାମିଲ ହେଲେ ୭୫ ଲକ୍ଷ ନୂଆ ଟିକସଦାତା

**ନୂଆଦିଲ୍ଲୀ,୪-୧୧:** ଚଳିତ ବର୍ଷ ୭୫ ଲକ୍ଷ ନୂଆ ଟିକସଦାତାଙ୍କୁ ସାମିଲ କରାଯାଇପାରିଛି। ଗତ ଆର୍ଥିକ ବର୍ଷ ୨୦୧୭-୧୮ରେ ଆୟକର ବିଭାଗ ପକ୍ଷରୁ ୧.୬ କୋଟି ନୂଆ ଟିକସଦାତାଙ୍କୁ ସାମିଲ କରାଯାଇଥିଲା ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ମୋଟ୍ ୧.୨୫ କୋଟି ନୂଆ ଟିକସଦାତାଙ୍କୁ ସାମିଲ କରିବାକୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ(ସିବିଡିଟି) ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

### ଉର୍ଜିତଙ୍କୁ ସିଆଇସିଙ୍କ କାରଣ ଦର୍ଶାଅ ନୋଟିସ

**ନୂଆଦିଲ୍ଲୀ,୪-୧୧:** ଜାଣିଶୁଣି ଋଣଖିଲାପୀଙ୍କ ତାଲିକା ପ୍ରକାଶ ନ କରି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅମାନ୍ୟ କରିବା ଅଭିଯୋଗରେ ସେଣ୍ଟ୍ରାଲ ଇନଫରମେଶନ କମିଶନ(ସିଆଇସି) ରିଜର୍ଭ ବ୍ୟାଙ୍କ ଗଭର୍ନର ଉର୍ଜିତ ପଟେଲଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଅନାଦାୟ ଋଣ ସମ୍ପର୍କରେ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ ଦେଇଥିବା ତାଲିକାକୁ ପ୍ରକାଶ କରିବା ଲାଗି ସିଆଇସି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଓ ରିଜର୍ଭ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି। ୫୦ କୋଟି ଟଙ୍କାରୁ ଅଧିକ ଋଣ ନେଇଥିବା ଜାଣିଶୁଣି ଋଣଖିଲାପୀଙ୍କ ତାଲିକା ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ଉର୍ଜିତ ପଟେଲ ଏହାକୁ ଅଣଦେଖା ଏବଂ ନିର୍ଦ୍ଦେଶ ଅମାନ୍ୟ କରିବାରୁ ସିଆଇସି ପକ୍ଷରୁ ଉର୍ଜିତଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

### ଲାଗୁ ହେଲା ଇରାନ ବିରୋଧରେ କଟକଣା

**ନୂଆଦିଲ୍ଲୀ,୪-୧୧:** ଇରାନ ବିରୋଧରେ ଆମେରିକାର କଟକଣା ଲାଗୁ କରିଛି। ଏହାର ପ୍ରଭାବ କ'ଣ ରହିବ ତାହା ଆସନ୍ତା ସପ୍ତାହରେ ଜଣାପଡ଼ିବ। ସେ ନେଇ ଅଶୋଧିତ ତୈଳ ବଜାର ତଟସ୍ଥ ରହିଛି। ଇରାନ ବ୍ୟତୀତ ଏବେ ସୌଦି ଆରବ ଉପରେ ସମସ୍ତଙ୍କ ନଜର ରହିଛି। ତେବେ ଆମେରିକାର କଟକଣାକୁ ଭ୍ରୂକ୍ଷେପ ନ କରି ଇରାନ ଲୁଚାଚୋରାରେ ଅନ୍ୟ ଦେଶକୁ ତେଲ ବିକ୍ରି କରୁଛି କି ନା ତାହାକୁ ନେଇ ସମସ୍ତେ ସତର୍କ ବୋଲି ତୈଳ ବିଶେଷଜ୍ଞ ରିକ୍କୋ ଫାବିୟାନୀ ପ୍ରକାଶ କରିଛନ୍ତି। ତେଲରୁ ଇରାନ ଆୟ ରୋକିବାକୁ ଆମେରିକା ଅନ୍ୟ ପଦକ୍ଷେପ ନେଇପାରେ। ଏଣୁ ଆସନ୍ତା ସପ୍ତାହ ଅଶୋଧିତ ତୈଳ ବଜାର ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି।

---

> ଦୃଢ଼ ସୁରକ୍ଷା ବ୍ୟବସ୍ଥା ସହ ଭାରତର ଡିଜିଟାଲ ଯାତ୍ରା ଆହୁରି ତ୍ୱରାନ୍ୱିତ ହେବ।
> **– ଅଜୟ ଭୂଷଣ ପାଣ୍ଡେ, ୟୁଆଇଡିଏଆଇ ସିଇଓ**



> ଆଗାମୀ ୨ ବର୍ଷରେ ଲିଜ୍ ଅବଧି ଶେଷ ହେଉଥିବା ଖଣିଗୁଡ଼ିକରୁ ଉତ୍ତୋଳନ କାର୍ଯ୍ୟ ସାରିବାକୁ ରାଜ୍ୟଗୁଡିକୁ କୁହାଯାଇଛି।
> **– ଅନିଲ ମୋକିମ୍, ଖଣି ସଚିବ**



# ଗୋଟିଏ କ୍ଲିକ୍‌ରେ ଜାଣିହେବ ଋଣ ତଥ୍ୟ

**ନୂଆଦିଲ୍ଲୀ,୪-୧୧**

ନିଜ ବିଷୟରେ ତଥ୍ୟ ଲୁଚାଇ ବ୍ୟାଙ୍କରୁ ଋଣ ନେବାର ଯୁଗ ଶେଷ ହେବାକୁ ଯାଉଛି। ମାତ୍ର ଗୋଟିଏ କ୍ଲିକ୍‌ରେ ଜଣେ ଋଣଗ୍ରହୀତାଙ୍କ ସମ୍ପର୍କରେ ବ୍ୟାଙ୍କଗୁଡିକ ଏଣିକି ଜାଣିପାରିବ। ଫଳରେ ସେମାନଙ୍କୁ ଆଉ ଠକାମିର ଶିକାର ହେବାକୁ ପଡିବ ନାହିଁ। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଖୁବଶୀଘ୍ର ଦେଶର ସମସ୍ତ ଋଣଗ୍ରହିତା(ବ୍ୟକ୍ତିଗତ ଏବଂ କମ୍ପାନୀ)ଙ୍କ ତଥ୍ୟକୁ ଗୋଟିଏ ପ୍ଲାଟଫର୍ମରେ ରଖିବାର ବନ୍ଦୋବସ୍ତ କରୁଛି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଡିଜିଟାଲ ସାର୍ବଜନୀନ ଋଣ ତଥ୍ୟ ପାଞ୍ଜି ବା ପବ୍ଲିକ୍ କ୍ରେଡିଟ୍ ରେଜିଷ୍ଟ୍ରି (ପିସିଆର୍) ତିଆରି କରିବାକୁ ଯାଉଛି। ଜାଣିଶୁଣି ଋଣ ପରିଶୋଧ କରୁ ନ ଥିବା ଖିଲାପୀ (ୱିଲ୍‌ଫୁଲ୍ ଡିଫଲ୍ଟର) ଏବଂ ଋଣ ପରିଶୋଧଜନିତ ଅନିୟମିତତା କାରଣରୁ ବିଭିନ୍ନ ଅଦାଲତରେ ଚାଲିଥିବା ମାମଲାଗୁଡିକୁ ମଧ୍ୟ ଏଥିରେ ସାମିଲ କରାଯିବ। ଏହାଦ୍ୱାରା ଆର୍ଥିକ ବଜାରରେ ଋଣ ଜାଲିଆତିକୁ ରୋକିବା ରିଜର୍ଭ ବ୍ୟାଙ୍କର ଉଦ୍ଦେଶ୍ୟ।

ଷ୍ଟକ୍ ବଜାର ନିୟନ୍ତ୍ରକ ସେବୀ, କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ, ସାମଗ୍ରୀ ଓ ସେବା ଟିକସ ନେଟ୍‌ୱର୍କ(ଜିଏସ୍‌ଟିଏନ୍) ତଥା ଦେବାଳିଆ ଏବଂ ଋଣ ସମାଧାନ ବୋର୍ଡ(ଆଇବିବିଆଇ) ଭଳି ସଂସ୍ଥାରୁ ପ୍ରାପ୍ତ ସୂଚନାକୁ ପିସିଆର୍‌ରେ ସାମିଲ କରାଯିବ। ଏହାଦ୍ୱାରା ବ୍ୟାଙ୍କ ଏବଂ ଆର୍ଥିକ ସଂସ୍ଥାକୁ ବର୍ତ୍ତମାନର ଋଣଗ୍ରହୀତାଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ମିଳିଯିବ। ଡିଜିଟାଲ ସାର୍ବଜନୀନ ଋଣ ତଥ୍ୟ ପାଞ୍ଜି ତିଆରି କରିବାକୁ ଆଗ୍ରହୀ କମ୍ପାନୀଙ୍କ ଠାରୁ ଆର୍‌ବିଆଇ ଇତିମଧ୍ୟରେ ଆଗ୍ରହପତ୍ର (ଇଓଆଇ) ଆମନ୍ତ୍ରଣ କରିଛି। ଗତ ୩ ବର୍ଷ ଧରି ବାର୍ଷିକ ୧୦୦ କୋଟି ଟଙ୍କାରୁ ଅଧିକ କାରବାର କରିଥିବା କମ୍ପାନୀ ଏଥିଲାଗି ଆବେଦନ କରିପାରିବେ। କେନ୍ଦ୍ରୀୟ ବ୍ୟାଙ୍କ ସୂଚନା ପ୍ରଦାନରେ ଥିବା ତ୍ରୁଟି, ଋଣଗ୍ରହୀତାଙ୍କ ନିକଟରେ ପହଞ୍ଚିବା ତଥା ଅର୍ଥନୀତିରେ ଋଣପ୍ରଦାନର ସଂସ୍କୃତିକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଚଳିତ ବର୍ଷ ଜୁନ୍‌ରେ ପିସିଆର୍ ଗଠନ କରାଯିବ ବୋଲି ଘୋଷଣା କରିଥିଲେ। ଋଣଗ୍ରହଣ ସଂକ୍ରାନ୍ତ ତଥ୍ୟ ମହଜୁଦ ଥିବା ସମ୍ପର୍କରେ ଜାଣିବା ପାଇଁ ଆର୍‌ବିଆଇ ଏଥିପୂର୍ବରୁ ଏକ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନ କରିଥିଲେ। ତଥ୍ୟର ଅଭାବ ଏବଂ ଏହାକୁ ଦୂର କରିବାର ଉପାୟ ସମ୍ପର୍କରେ ଜଣାଇବା ପାଇଁ ଏହି ଟାସ୍କଫୋର୍ସକୁ କୁହାଯାଇଥିଲା। ଇଓଆଇରେ କୁହାଯାଇଛି ଯେ, ପିସିଆର୍ ଏକ ଡିଜିଟାଲ ପାଞ୍ଜି ହେବ ଯେଉଁଥିରେ ଋଣଗ୍ରହୀତାଙ୍କ ସମ୍ପର୍କରେ ସୂଚନା ମହଜୁଦ୍ ରହିବ। ବିଭିନ୍ନ ସଂସ୍ଥାରେ ଉପଲବ୍ଧ ତଥ୍ୟକୁ ଆଧାର କରି ଏହି ପାଞ୍ଜି ତିଆରି କରାଯିବ। ଋଣର ପରିମାଣ ଯେତେ ହେଉନା କାହିଁକି ପିସିଆର ପ୍ରତ୍ୟେକ ଋଣ ସମ୍ପର୍କରେ ସୂଚନା ଦାଖଲ କରିବାର ଏକମାତ୍ର କେନ୍ଦ୍ର ରୂପେ କାମ କରିବ। ସୂଚନାଥାଉ କି, ଋଣଗ୍ରହୀତାଙ୍କ ସମ୍ପର୍କରେ ବର୍ତ୍ତମାନ ଏଭଳି କୌଣସି ବ୍ୟବସ୍ଥା ନାହିଁ। ଆର୍‌ବିଆଇରେ ସିଆର୍‌ଆଇଏଲ୍‌ସି ରହିଛି। ଏହା ଋଣ ସମ୍ବନ୍ଧୀୟ ତଥ୍ୟକୁ ଏକତ୍ରିତ କରିଥାଏ। କିନ୍ତୁ ଏହା ୫ କୋଟି ଟଙ୍କାରୁ ଅଧିକ ଋଣ ସମ୍ପର୍କରେ ତଥ୍ୟ ରଖିଥାଏ। ଉଲ୍ଲେଖଥାଉ କି, ଏବେ ଦେଶର ଅନାଦାୟ ଋଣର ପରିମାଣ ୧୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଗଲାଣି।

**ଡିଜିଟାଲ ଡାଟା ତିଆରି କରୁଛି ଆର୍‌ବିଆଇ**

- ଗୋଟିଏ ପ୍ଲାଟଫର୍ମରେ ରହିବ ସବୁ ତଥ୍ୟ
- ଇଓଆଇ ଆହ୍ୱାନ କଲା ରିଜର୍ଭ ବ୍ୟାଙ୍କ






## ବଜାରରେ ସୋନିର ନୂଆ ଭିଡିଓ କ୍ୟାମେରା

**ଭୁବନେଶ୍ୱର,୪-୧୧**

ପ୍ରମୁଖ କମ୍ପାନୀ ସୋନି ପକ୍ଷରୁ ଏହାର ନୂଆ ଭିଡିଓ କ୍ୟାମେରା ଏଚ୍ଏକ୍ସଆର୍-ଏନ୍ଏକ୍ସ ୨୦୦ ଓଡିଶା ବଜାରରେ ପ୍ରବେଶ କରିଛି। ଏହା ଦ୍ୱାରା କମ୍ପାନୀ ଏହାର ପ୍ରୋ- କ୍ୟାମେରା ରେଞ୍ଜକୁ ଆଉ ପାଦେ ଆଗକୁ ନେବାକୁ ସକ୍ଷମ ହୋଇଥିବା ସୂଚନା ଦେଇଛି। ଗ୍ରାହକଙ୍କ ଭିଡିଓଗ୍ରାଫି ଆବଶ୍ୟକତା ଆଧାରରେ କମ୍ପାନୀ ଏହି ନୂଆ ଟେକ୍ନୋଲୋଜି ଆଧାରିତ ମଡେଲକୁ ବଜାରକୁ ଛାଡିଛି। ଗ୍ରାହକମାନେ ଏଥିରେ ୪କେ ଭିଡିଓରେକର୍ଡିଂ ସହ ଏକ୍ସମୋର-ଆର୍, ୧.୦ ଟାଇପ୍ ସେନସର, ସୋନିର ପ୍ରସିଦ୍ଧ ଜି ଲେନ୍ସ ପାଇପାରିବେ। ଏହା ସୋନିର ପ୍ରଥମ ଏଣ୍ଟ୍ରି ଲେଭଲ ୪କେ ଭିଡିଓକ୍ୟାମେରା। ଭିଡିଓ କ୍ୟାମେରା ସେଗମେଣ୍ଟରେ ଏହା ନୂଆ ଦିଗନ୍ତ ସୃଷ୍ଟି କରିବ ବୋଲି କମ୍ପାନୀ କହିଛି।

## ଗୁପ୍ତା ଡିଷ୍ଟ୍ରିବ୍ୟୁଟରରେ ଖୋଲିଲା ଏଚ୍‌ପି ୱାର୍ଲ୍ଡ



**ଭୁବନେଶ୍ୱର,୪-୧୧**

ପ୍ରମୁଖ ଇଲେକଟ୍ରୋନିକ୍ସ ରିଟେଲ୍ ଚେନ୍ ଗୁପ୍ତା ଡିଷ୍ଟ୍ରିବ୍ୟୁଟର ପକ୍ଷରୁ ଏହାର ପଟିଆ ଶୋ'ରୁମଠାରେ ଏଚ୍‌ପି ୱାର୍ଲ୍ଡର ଶୁଭାରମ୍ଭ ହୋଇଛି। ଏହାକୁ ଏଚ୍‌ପିର ଏଏସ୍ଏମ୍ ଦିନେଶ ତରାଇ, ଶୋ'ରୁମର ସ୍ୱତ୍ୱାଧିକାରୀ ରାଜେଶ ଗୁପ୍ତା, ପ୍ରେରିତ ଗୁପ୍ତା ଏବଂ ସାଭେକ୍ସ ଟେକ୍ନୋଲୋଜିର ଓନର ଜ୍ଞାନେନ୍ଦ୍ର କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ଏହା ରାଜଧାନୀରେ ଏଚ୍‌ପି ୱାର୍ଲ୍ଡର ୪ର୍ଥ ଆଉଟ୍‌ଲେଟ୍। ଏହି ପ୍ଲାଟଫର୍ମରେ କମ୍ପାନୀ ରାଜ୍ୟରେ ୧୩ଟି ସ୍ୱତନ୍ତ୍ର ଆଉଟଲେଟ୍ ସ୍ଥାପନ କରିଛି। ଏଚ୍‌ପିର ବିଭିନ୍ନ ରେଞ୍ଜର ପ୍ରଡକ୍ଟଗୁଡିକ ଏଠାରେ ଉପଲବ୍ଧ ହେଉଥିବା ଏଏସ୍ଏମ୍ ଦିନେଶ ତରାଇ ସୂଚନା ଦେଇଛନ୍ତି। ୨୦ ହଜାରଠାରୁ ୨ ଲକ୍ଷ ରେଞ୍ଜର ଉତ୍ପାଦ ଏଠାରେ ଉପଲବ୍ଧ।

ପଟିଆରେ ଏଚ୍‌ପି ୱାର୍ଲ୍ଡ ଦ୍ୱାରା ଛାତ୍ରୀଛାତ୍ର ତଥା ଅନ୍ୟାନ୍ୟ ଗ୍ରାହକ ଉପକୃତ ହେବେ ବୋଲି ରାଜେଶ ଗୁପ୍ତା କହିଛନ୍ତି। କମ୍ପାନୀ ପକ୍ଷରୁ ବର୍ତ୍ତମାନ ଅଫର ଅନୁସାରେ ଛାତ୍ରୀଛାତ୍ର ପ୍ରାୟ ୩୯,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ସୁବିଧା ଲାଭ କରି ପାରିବେ। ପ୍ରତ୍ୟେକ କ୍ରୟ ଉପରେ କମ୍ପାନୀ ତଥା ଶୋ'ରୁମ ପକ୍ଷରୁ ବିଭିନ୍ନ ଅଫର ଗ୍ରାହକଙ୍କ ଲାଗି ଉପଲବ୍ଧ ହେଉଥିବା ସୂଚନା ରହିଛି। ଏଠାରେ ଗ୍ରାହକ ମାନେ ଓମେନ୍ ରେଞ୍ଜର ଲାପଟପ୍, ଏଚ୍‌ପିର ଆସେସୋରିଜ୍, ଗେମିଂ ଲାପଟପ୍, ପାଭିଲିୟନ ଲାପଟପ୍, ୨୪ ଅନ୍ ଇନ୍ ୱାନ ଡେକ୍ସଟପ, ପ୍ରିଣ୍ଟର ଭଳି ପ୍ରଡକ୍ଟ ପାଇପାରିବେ।

## ଅକ୍ଟୋବରରେ ହିରୋ ମୋଟୋକର୍ପର ବିକ୍ରି ୭ ଲକ୍ଷ ୟୁନିଟ୍ ଟପିଲା

**ଭୁବନେଶ୍ୱର,୪-୧୧**

ପ୍ରମୁଖ ଦୁଇ ଚକିଆ ଯାନ ନିର୍ମାତା କମ୍ପାନୀ ହିରୋ ମୋଟୋକର୍ପର ଅକ୍ଟୋବର ମାସର ବିକ୍ରି ୭ ଲକ୍ଷ ଟପିଛି। ଅକ୍ଟୋବରରେ ୭.୩୪ ଲକ୍ଷ ୟୁନିଟ୍ ଯାନ ବିକ୍ରି ସହ କମ୍ପାନୀ ୧୬% ଅଭିବୃଦ୍ଧି ହାସଲ କରିଛି। ଏହା ସହ ବଜାରକୁ ନୂଆ ୧୨୫ ସିସି ସ୍କୁଟର ଡେଷ୍ଟିନିକୁ କମ୍ପାନୀ ଆଣିଛି। ଗତ ବର୍ଷ ସମାନ ସମୟରେ କମ୍ପାନୀ ମୋଟ୍ ୬.୩୧ ଲକ୍ଷ ୟୁନିଟ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଥିଲା। ୨୦୧୯ ଆର୍ଥିକ ବର୍ଷରେ କମ୍ପାନୀ ଚତୁର୍ଥ ଥର ଲାଗି ମାସିକ ୭ ଲକ୍ଷରୁ ଅଧିକ ଯାନ ବିକ୍ରି କରି ପାରିଛି। ସେହିଭଳି ମୋଟ ଷଷ୍ଠ ଥର ଲାଗି ଗୋଟିଏ ମାସରେ ଏଭଳି ବିକ୍ରି ସଫଳତା ହାସଲ କରିଥିବା ଏହା ପ୍ରକାଶ କରିଛି। ସେପ୍ଟେମ୍ବରରେ ହିରୋମୋଟୋ କର୍ପ ୭.୬୯ ଲକ୍ଷ ୟୁନିଟ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଥିଲା। ଦୀପାବଳିରେ ଉନ୍ନତ ବିକ୍ରିଧାରା ବଜାୟ ରହିବ ବୋଲି କମ୍ପାନୀ ପକ୍ଷରୁ ପ୍ରକାଶ। ବଜାରକୁ ଆସିଥିବା ନୂଆ ଡେଷ୍ଟିନି ମଡେଲ ଆଗାମୀ ୩ରୁ୪ ସପ୍ତାହ ମଧ୍ୟରେ ସାରା ଦେଶରେ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ରିହାତି

**ଭୁବନେଶ୍ୱର,୪-୧୧**

ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ 'ବେଷ୍ଟ ଏଭର ଧନତେରସ' ଅଫର ଶୁଭାରମ୍ଭ ହୋଇଛି। ଏଥିରେ ଅଗ୍ରିମ ବୁକିଂରେ ଏକ୍ସଟ୍ରା ଗୋଲ୍ଡ କଏନ୍ ପ୍ରଦାନ ବ୍ୟବସ୍ଥା ରହିଛି। ୯୧୬ ସୁନା ଅଳଙ୍କାର ଉପରେ ଅଗ୍ରିମ ବୁକିଂରେ ଗୋଲ୍ଡ କଏନ ଏବଂ ସିଲଭର କଏନ ବାଦ୍ ୨୫୦୦ ଟଙ୍କା ପର୍ଯ୍ୟନ୍ତ ଆକର୍ଷଣୀୟ ରିହାତି ଉପଲବ୍ଧ ହେଉଛି। ଗ୍ରାହକଙ୍କ ଲାଗି ଲଣ୍ଡନ ବୁଲିବାର ସୁଯୋଗ ମଧ୍ୟ ରହିଛି। ହୀରା ଗହଣାର ସମ୍ପୂର୍ଣ୍ଣ ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି, ରୂପା ଗହଣାର ଗଢାମୂଲ୍ୟ ଉପରେ ଫ୍ଲାଟ୍ ୫୦% ରିହାତି ସୁବିଧା ପ୍ରଦାନ କରାଯାଉଛି। ଏହି ଅଫରର ଅବଧି ଚଳିତ ମାସ ୧୧ ଯାଏ ରହିବ। ସୁନା ଗହଣାର ଗଢା ମୂଲ୍ୟ ମାତ୍ର ୨୪୯ ଟଙ୍କାରୁ ଆରମ୍ଭ ହେଉଛି। ଗ୍ରାହକଙ୍କ ଲାଗି ଇଟାଲିଆନ ବେଙ୍ଗଲ, ଦୁବାଇ ନେକଲେସ, ଆଣ୍ଟିକ ସୁନା ଗହଣା, ପାରମ୍ପରିକ ସୁନା ଗହଣାର ବିସ୍ତୃତ ଭେରାଇଟି ଏବଂ ଆକର୍ଷଣୀୟ କଲେକ୍ସନ ପ୍ରଦାନ କରାଯାଉଥିବା ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ସୂଚନା ଦେଇଛନ୍ତି।

## ନୂତନ ପରିସରରେ ଆଦିତ୍ୟ କେୟାର ହସ୍ପିଟାଲ

**ଭୁବନେଶ୍ୱର,୪-୧୧**




ଆଦିତ୍ୟ କେୟାର ହସ୍ପିଟାଲ ନୂଆ ପରିସରକୁ ସ୍ଥାନାନ୍ତରିତ ହୋଇଛି। ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ପ୍ରାଚୀ ଏନ୍‌କ୍ଲେଭରେ ଥିବା କେୟାର ହସ୍ପିଟାଲକୁ ଏହା ସ୍ଥାନାନ୍ତର ହୋଇଛି। ନଭେମ୍ବର ପହିଲାଠାରୁ ଏହା ପ୍ରାଚୀ ଏନକ୍ଲେଭରେ ସେବା ଦେଉଥିବା ହସ୍ପିଟାଲ ପକ୍ଷରୁ ସୂଚନା ରହିଛି। ବର୍ତ୍ତମାନ ଆଦିତ୍ୟ କେୟାର ୧୦୦ ଶଯ୍ୟା କ୍ଷମତା ସହ ସ୍ୱାସ୍ଥ୍ୟ ସେବା ଯୋଗାଉଛି। ଗୋଟିଏ ଛାତ ତଳେ ମଲ୍ଟି ସ୍ପେଶିଆଲିଟି ସେବା ଉପଲବ୍ଧ। ହସ୍ପିଟାଲରେ ବର୍ତ୍ତମାନ କାର୍ଡିଆକ ସାଇନ୍ସ, ନ୍ୟୁରୋ ସାଇନ୍ସ, ରେନାଲ ସାଇନ୍ସ, କ୍ୟାନସରକେୟାର, ମେଡିକାଲ ଆଣ୍ଡ ସର୍ଜିକାଲ ଗ୍ୟାଷ୍ଟ୍ରୋ, ଅର୍ଥୋପେଡିକ, ଆଡଭାନ୍ସ କ୍ରିଟିକାଲ କେୟାର, ୧୦୦ ବେଡ ଆଇସିୟୁ, ଆଡଭାନ୍ସ ଏମର୍ଜେନ୍ସି କେୟାର, ପ୍ଲାଷ୍ଟିକ ସର୍ଜରୀ ଭଳି ଅନ୍ୟାନ୍ୟ ବିଭାଗରେ ସେବା ଯୋଗାଣ ହେଉଛି। ନୂଆ ଫାସିଲିଟିରେ ମଧ୍ୟ ରୋଗୀ ସେବାକୁ ଧ୍ୟାନରେ ରଖାଯିବ ବୋଲି କେୟାର ହସ୍ପିଟାଲ ପକ୍ଷରୁ ସୂଚନା ରହିଛି।

## ସୌମିକ୍‌ରେ ସେନ୍‌କୋ ସୁନା ଶୋ'ରୁମ୍ ଉଦ୍‌ଘାଟିତ



**ଯାଜପୁରରୋଡ,୪।୧୧(ନି.ପ୍ର.)**

ବାଇକ୍ ଶୋ'ରୁମ୍ ଭାବେ ପରିଚିତ ସୌମିକ୍ ଏବେ ଗହଣା ବଜାରରେ ପ୍ରବେଶ କରିଛି। ପ୍ରମୁଖ ଗହଣା କମ୍ପାନୀ ସେନ୍‌କୋ ପକ୍ଷରୁ ଯାଜପୁରରୋଡ ଠାରେ ରବିବାର ନୂଆ ଶୋ'ରୁମ ଶୁଭାରମ୍ଭ ହୋଇଛି। ସୌମିକର ପରାମର୍ଶଦାତା ବେଣୁଧର ସାମଲ ଓ ତାଙ୍କ ସ୍ତ୍ରୀ ପଦ୍ମିନୀ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ଉତ୍ସବରେ ବଲିଉଡ ଅଭିନେତ୍ରୀ ଅମିଷା ପଟେଲ ଯୋଗ ଦେଇଥିଲେ। ସେନ୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶଙ୍କର ସେନ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ କମ୍ପାନୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଦେଶରେ ସେନ୍‌କୋର ୯୭ଟି ଶୋ'ରୁମ୍ ରହିଛି। ଏହି ନୂଆ ଆଉଟଲେଟ ସହ ଓଡିଶାରେ ମୋଟ ୬ ଟି ଶୋ'ରୁମ କମ୍ପାନୀ ସ୍ଥାପନ କରିଛି। ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ସେନ୍‌କୋର ଅଫର ଗ୍ରାହକ ଲାଭ କରି ପାରିବେ। ସେହିଭଳି ସୌମିକ୍ ପକ୍ଷରୁ ସ୍ୱତନ୍ତ୍ର ଅଫର ଆସନ୍ତା ୩ ମାସ ପର୍ଯ୍ୟନ୍ତ ରହିବ। ସେନ୍‌କୋର ଅଫର୍ ଦ୍ୱାରା ପ୍ରତ୍ୟେକ ୧୦ ଗ୍ରାମ୍ ଗହଣା ଉପରେ ୧ ହଜାର ଟଙ୍କା ଛାଡ, ନିର୍ଦ୍ଧାରିତ ମୂଲ୍ୟରେ ଗହଣା କ୍ରୟରେ ସୁନା କଏନ୍, ଲକ୍ଷପତି ସ୍କିମ୍, ହୀରା ଗହଣା ଉପରେ ୨୦% ରିହାତି ଏବଂ ଗଢା ମଜୁରିରେ ୧୦% ରିହାତି ସୁବିଧା ରହିଛି। ସୌମିକ୍ ପକ୍ଷରୁ ଏକ ଲଟେରି ସ୍କିମ୍ ମଧ୍ୟ ରହିଛି। ସୌମିକର ବାଦଲ କୁମାର ସାମଲ, ବଛନ କୁମାର ସାମଲ ଏଥିରେ ଉପସ୍ଥିତ ଥିଲେ।

# ୧୮ ଦିନରେ ପେଟ୍ରୋଲ ୪.୦୫, ଡିଜେଲ ୨.୩୩ଟଙ୍କା ଶସ୍ତା

**ନୂଆଦିଲ୍ଲୀ,୪-୧୧**

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇବାର ପ୍ରଭାବ ଘରୋଇ ବଜାରରେ ଦେଖିବାକୁ ମିଳୁଛି। ରବିବାର ମଧ୍ୟ ପେଟ୍ରୋଲ ଓ ଡିଜେଲ ଦର ହ୍ରାସ ପାଇଛି। ଫଳରେ ବିଗତ ୧୮ ଦିନ ମଧ୍ୟରେ ପେଟ୍ରୋଲ ଲିଟର ପିଛା ୪.୦୫ ଟଙ୍କା ଏବଂ ଡିଜେଲ ଲିଟର ପିଛା ୨.୩୩ଟଙ୍କା ହ୍ରାସ ପାଇଛି। ଅଗଷ୍ଟ ମଧ୍ୟଭାଗରେ ଏଭଳି ଦ୍ରୁତ ଗତିରେ ତେଲ ଦର ହ୍ରାସ ପାଇଥିଲା। ତେବେ ଚଳିତ ଥର ହ୍ରାସ ପାଇବାର ଗତି ଅତି ଦ୍ରୁତ ହୋଇଛି। ତୈଳ କମ୍ପାନୀଙ୍କ ପକ୍ଷରୁ ରବିବାର ଜାରି ତଥ୍ୟ ଅନୁଯାୟୀ ପେଟ୍ରୋଲ ଲିଟର ପିଛା ୨୧ ପଇସା ଏବଂ ଡିଜେଲ ୧୭ ପଇସା କମିଛି। ଦିଲ୍ଲୀରେ ରବିବାର ପେଟ୍ରୋଲ ଲିଟର ପିଛା ଦର ୭୮.୭୮ ଟଙ୍କା ଏବଂ ଡିଜେଲ ଲିଟର ପିଛା ଦର ୭୩.୩୬ ଟଙ୍କା ରହିଛି। ଅଗଷ୍ଟ ୧୬ରୁ ଅକ୍ଟୋବର ୪ ମଧ୍ୟରେ ପେଟ୍ରୋଲ ୬.୮୬ ଟଙ୍କା ଏବଂ ଡିଜେଲ ଲିଟର ପିଛା ୬.୭୩ ଟଙ୍କା ବଢ଼ିଛି। ଏହାପରେ ଗ୍ରାହକଙ୍କୁ ଆଶ୍ୱସ୍ତ କରିବାକୁ ଯାଇ କେନ୍ଦ୍ର ଉଭୟ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ଅଢ଼େଇ ଟଙ୍କା ହ୍ରାସ ଘୋଷଣା କରିଥିଲା। ଅକ୍ଟୋବର ୧୭ରେ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୮୨.୮୩ ଟଙ୍କା ଏବଂ ଡିଜେଲ ଲିଟର ପିଛା ୭୫.୬୯ ଟଙ୍କା ରହିଥିଲା। ତେବେ ଅକ୍ଟୋବର ୧୮ରୁ ତେଲ ଦର କମିବା ଆରମ୍ଭ କରିଥିଲା। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର କମୁଥିବାରୁ ଆଗାମୀ ଦିନରେ ପେଟ୍ରୋଲ ଓ ଡିଜେଲ ଦର ଆହୁରି ହ୍ରାସ ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

## ଟଙ୍କା ୭୬ ସ୍ତର ଛୁଇଁପାରେ

**ମୁମ୍ବାଇ,୪-୧୧**

ନିକଟ ଭବିଷ୍ୟତରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବଢ଼ିବା ସମ୍ଭାବନା ରହିଛି। ଫଳରେ ଭାରତୀୟ ମୁଦ୍ରା ଟଙ୍କା ଉପରେ ଏହାର ଚାପ ବଢ଼ିବ। ଆମେରିକା ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଭବିଷ୍ୟତରେ ୭୬ ସ୍ତର ଛୁଇଁବ ବୋଲି ଅନୁମାନ କରାଯାଇଛି। ଡଲାର ପ୍ରବାହ କମିଯିବା, ଡଲାର ମୂଲ୍ୟ ବଢ଼ିବା ଏବଂ ଅଶୋଧିତ ତେଲ ଦର ବୃଦ୍ଧି ପାଇବା କାରଣରୁ ଘରୋଇ ବଜାରରେ ଟଙ୍କାର ମୂଲ୍ୟ ଏକ ସମୟରେ ୭୪ ସ୍ତର ପାର୍ କରିଯାଇଥିଲା। ଚଳିତ ଆର୍ଥିକ ବର୍ଷରେ ଟଙ୍କାର ମୂଲ୍ୟ ୧୫% ହ୍ରାସ ପାଇଛି। ସୁଇଜରଲାଣ୍ଡର ବ୍ରୋକରେଜ କମ୍ପାନୀ ୟୁବିଏସ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଟଙ୍କାର ମୂଲ୍ୟ ଆହୁରି ହ୍ରାସ ପାଇବା ନେଇ ଆଶଙ୍କା ବ୍ୟକ୍ତ କରାଯାଇଛି।

> ଠିକଣାରୂପେ ମାର୍କେଟିଂ କରାଯାଇ ପାରିଲେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଖେଳପ୍ରେମୀଙ୍କ ନିକଟରେ ଆଦୃତ ହୋଇପାରିବ।
> –ଡେଭିଡ ଗାୱାର, ପୂର୍ବତନ ଇଂଲଣ୍ଡ କ୍ରିକେଟ ଅଧିନାୟକ



> ଭାରତରେ ବିଶ୍ୱକପ୍ ବେଳେ ଆମ ଖେଳାଳିମାନେ ଯଦି ବିଶୃଙ୍ଖଳା କରନ୍ତି ତେବେ ତାହା ବରଦାସ୍ତ କରାଯିବ ନାହିଁ।
> –ହସନ ସର୍ଦ୍ଦାର, ପାକିସ୍ତାନ ହକି କୋଚ୍



## ସଂକ୍ଷେପରେ

### ଜୋକୋଭିଚ୍‌ଙ୍କଠାରୁ ହାରିଲେ ଫେଡେରର

**ପ୍ୟାରିସ,୪।୧୧:** କ୍ୟାରିୟରର ୧୦୦ତମ ଏଟିପି ଟାଇଟଲ ଲକ୍ଷ୍ୟରେ ଥିବା କିମ୍ବଦନ୍ତୀ ପୁରୁଷ ସିଙ୍ଗଲ୍ସ ଖେଳାଳି ରୋଜର ଫେଡେରର ଏଠାରେ ଚାଲିଥିବା ପ୍ୟାରିସ୍ ମାଷ୍ଟର୍ସ ଟୁର୍ନାମେଣ୍ଟର ସେମିଫାଇନାଲରୁ ବିଦାୟ ନେଇଛନ୍ତି। ଏହି ଖେଳାଳିଙ୍କୁ ପୂର୍ବତନ ଶୀର୍ଷ ର୍‌ୟାଙ୍କଧାରୀ ଖେଳାଳି ନୋଭାକ ଜୋକୋଭିଚ୍ ପରାସ୍ତ କରିଛନ୍ତି। ଶନିବାର ମଧରାତ୍ରିରେ ଖେଳାଯାଇଥିବା ଐତିହାସିକ ମ୍ୟାଚ୍‌ରେ ଜୋକୋଭିଚ୍ ୭-୬(୮/୬), ୫-୭, ୭-୬(୭/୩) ସେଟ୍‌ରେ ଜିତି ନେଇଛନ୍ତି। ଏହା ସର୍ବିୟା ଖେଳାଳିଙ୍କ ଚଳିତ ସିଜନରେ କ୍ରମାଗତ ୨୨ତମ ବିଜୟ। ସେହିଭଳି ପୁରୁଷ ସିଙ୍ଗଲ୍ସ ବର୍ଗରେ ସର୍ବାଧିକ ଗ୍ରାଣ୍ଡସ୍ଲାମ ଜିତିଥିବା ସୁଇଜରଲାଣ୍ଡ ଖେଳାଳି ଫେଡେରର (୨୦)ଙ୍କ ବିପକ୍ଷରେ ୱିମ୍ବେଲଡନ ଓପନ ଚାମ୍ପିୟନଙ୍କ କ୍ରମାଗତ ୪ର୍ଥ ବିଜୟ। ଗତ ୧୨ ବର୍ଷ ମଧରେ ଏହା ପ୍ରଥମ ଥର। ଦୁଇ କିମ୍ବଦନ୍ତୀ ଖେଳାଳିଙ୍କ ମଧରେ ଏହା ଥିଲା ୪୭ତମ ମ୍ୟାଚ୍। ଏଥିରୁ ଫେଡେରର ୨୨ଥର ବିଜୟ ହାସଲ କରିଛନ୍ତି। ଆସନ୍ତା ସପ୍ତାହରେ ଶୀର୍ଷ ର୍‌ୟାଙ୍କ ଅଧିକାର କରିବାକୁ ଥିବା ଜୋକୋଭିଚ୍ ଚଳିତ ପ୍ରତିଯୋଗିତା ଫାଇନାଲରେ କାରେନ ଖାଚନୋଭଙ୍କୁ ଭେଟିବେ।

### ରେଡ୍ ବଲ କ୍ରିକେଟରୁ ରାୟୁଡୁଙ୍କ ଅବସର

**ହାଇଦ୍ରାବାଦ,୪।୧୧:** ମଧଭାଗର ଅଭିଜ୍ଞ ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ରେଡ୍ ବଲ କ୍ରିକେଟରୁ ଅବସର ନେଇଛନ୍ତି। ରେଡ୍ ବଲରେ ଖେଳାଯାଉଥିବା ପ୍ରଥମ ଶ୍ରେଣୀ ଓ ରଣଜୀ ଟ୍ରଫିରେ ସେ ଆଉ ଖେଳିବେ ନାହିଁ। ଏଭଳି ନିଷ୍ପତ୍ତି ନେଇ ସଭିଙ୍କୁ ଚକିତ କରି ଦେଇଛନ୍ତି। ଏ ସମ୍ପର୍କରେ ହାଇଦ୍ରାବାଦ କ୍ରିକେଟ ଆସୋସିଏଶନ (ଏଚ୍‌ସିଏ) ପକ୍ଷରୁ ସୂଚନା ଦିଆଯାଇଛି। ୩୩ ବର୍ଷୀୟ ରାୟୁଡୁ ଏବେ ସୀମିତ ଓଭର କ୍ରିକେଟକୁ ଧ୍ୟାନ ଦେବା ଲାଗି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ''ମୁଁ ଅନ୍ତର୍ଜାତୀୟ ଓ ଘରୋଇ କ୍ରିକେଟରେ ସୀମିତ ଓଭର କ୍ରିକେଟ ଖେଳିବି। ମୋତେ ବର୍ଷ ବର୍ଷ ଧରି ଖେଳିବାକୁ ସୁଯୋଗ ଦେଇଥିବାରୁ ବିସିସିଆଇ, ଏଚ୍‌ସିଏ, ଭଦୋଦରା କ୍ରିକେଟ ଆସୋସିଏଶନ ଓ ବିଦର୍ଭ କ୍ରିକେଟ ଆସୋସିଏଶନକୁ ଧନ୍ୟବାଦ ଜଣାଉଛି। ହାଇଦ୍ରାବାଦ ପାଇଁ ଖେଳିବା ମୋ ପାଇଁ ସମ୍ମାନର ବିଷୟ। ମୋତେ ସାଥୀ ଖେଳାଳି, କୋଚ୍ ଓ ଅଫିସିଆଲଙ୍କଠାରୁ ଯେଉଁଭଳି ସମର୍ଥନ ମିଳିଛି, ତାହାକୁ କଦାପି ଭୁଲିବି ନାହିଁ'' ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ରାୟୁଡୁଙ୍କୁ କଦାପି ଅନ୍ତର୍ଜାତୀୟ ସ୍ତରରେ ଟେଷ୍ଟ ଖେଳିବାକୁ ସୁଯୋଗ ମିଳିନାହିଁ। ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିନିକିଆ ସିରିଜ୍‌ରେ ଖେଳୁଥିବାରୁ ସେ ଚଳିତ ରଣଜୀ ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ସେ ଖେଳି ପାରି ନ ଥିଲେ। ଆଶା କରାଯାଉଥିଲା, ସେ ଦ୍ୱିତୀୟ ମ୍ୟାଚ୍‌ଠାରୁ ହାଇଦ୍ରାବାଦ ଦଳ ପାଇଁ ଉପଲବ୍ଧ ହେବେ। କିନ୍ତୁ ସେ ପ୍ରଥମ ଶ୍ରେଣୀ କ୍ରିକେଟରୁ ଅବସର ନେଇଛନ୍ତି। ସେ ମୋଟ ଉପରେ ୯୭ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୪୫ ହାରରେ ୬,୦୦୦ ରନ୍ କରିଛନ୍ତି। ଏଥିରେ ୧୬ ଶତକ ରହିଛି।

### କିଙ୍ଗ୍ସ ଏକାଦଶଠାରୁ ଅଲଗା ହେଲେ ବୀରୁ

**ଚଣ୍ଡିଗଡ,୪।୧୧:** ପୂର୍ବତନ ବିସ୍ଫୋରକ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗ (ବୀରୁ) ଆଇପିଏଲ ଫ୍ରାଞ୍ଚାଇଜ୍ କିଙ୍ଗ୍ସ ଏକାଦଶ ପଞ୍ଜାବଠାରୁ ସମସ୍ତ ସମ୍ପର୍କ ଛିନ୍ନ କରିଛନ୍ତି। ଏ ନେଇ କିଙ୍ଗ୍ସ ଏକାଦଶ ଦଳ ପକ୍ଷରୁ ଘୋଷଣା ହୋଇଯାଇଛି। ପୂର୍ବତନ ଭାରତୀୟ ଅଧିନାୟକ ଦଳ ସହ ମେଣ୍ଟର ଭାବେ ଯୋଡ଼ି ହୋଇଥିଲେ। ଚଳିତ ବର୍ଷ ଫ୍ରାଞ୍ଚାଇଜ ପକ୍ଷରୁ ପୂର୍ବତନ ନ୍ୟୁଜିଲାଣ୍ଡ କୋଚ୍ ମାଇକ ହେସନଙ୍କୁ ଦୁଇ ବର୍ଷ ଲାଗି ନିଯୁକ୍ତ କରାଯିବା ପରେ ସେହ୍ୱାଗଙ୍କ ଭୂମିକା ଅସ୍ପଷ୍ଟ ହୋଇଯାଇଥିଲା। ପୂର୍ବରୁ ଅଷ୍ଟ୍ରେଲିଆର ବ୍ରାଡ ହଜ ଦଳର କୋଚ୍ ଦାୟିତ୍ୱରେ ଥିଲେ। ''ସବୁ କିଛିର ଅନ୍ତ ଅଛି। କିଙ୍ଗ୍ସ ଏକାଦଶ ସହ ଦୁଇ ସିଜନରେ ଖେଳାଳି ଭାବେ ଓ ୩ ସିଜନରେ ମେଣ୍ଟର ଭାବେ ମୋ ପାଇଁ ବହୁତ ଭଲ ଥିଲା। ମୁଁ ଏହି ଫ୍ରାଞ୍ଚାଇଜ୍‌ଠାରୁ ଅଲଗା ହେଉଛି। ମୋତେ ଦଳ ଜଡ଼ିତ ହେବାର ସୁଯୋଗ ଦେଇଥିବାରୁ ଧନ୍ୟବାଦ। ଆଗାମୀ ସିଜନରେ ଦଳ ଭଲ ପ୍ରଦର୍ଶନ କରୁ ବୋଲି ମୋର ଆଶା'' ବୋଲି ଟୁଇଟର ଜରିଆରେ ସେହ୍ୱାଗ କହିଛନ୍ତି। ଉଲ୍ଲେଖଥାଉ କି, ଦୁଇ ବର୍ଷ ଧରି କିଙ୍ଗ୍ସ ଏକାଦଶ ପକ୍ଷରୁ ଖେଳିବା ପରେ ସେହ୍ୱାଗ ୨୦୧୬ରେ ମେଣ୍ଟର ଦାୟିତ୍ୱ ନେଇଥିଲେ। ଏହି ଦଳ କଦାପି ଆଇପିଏଲ ଚାମ୍ପିୟନ ହୋଇନାହିଁ। ୨୦୧୪ରେ ଦଳ ଫାଇନାଲରେ କୋଲକାତା ନାଇଟ ରାଇଡର୍ସଠାରୁ ହାରି ରନର୍ସଅପ୍ ହୋଇଥିଲା।

# ଓଡ଼ିଶା ସହ ସମ୍ପର୍କ ମଧୁର: ଭେଙ୍ଗସରକାର

ଭୁବନେଶ୍ୱର, ୪।୧୧(କ୍ରୀଡ଼ା ପ୍ରତିନିଧି)

ଇଣ୍ଡିଆନ ମେଟାଲ୍ସ ପବ୍ଲିକ୍ ଚାରିଟେବଲ୍ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ଚଳିତ ବର୍ଷର ସମ୍ମାନଜନକ ଏକଲବ୍ୟ ପୁରସ୍କାର ପ୍ରଦାନ ଉତ୍ସବ ରବିବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ହକି ଦଳର ଅନ୍ୟତମ ନିର୍ଭରଯୋଗ୍ୟ ସଦସ୍ୟା ଲିଲିମା ମିଞ୍ଜ୍ ଏହି ପୁରସ୍କାର ପାଇଛନ୍ତି। ଏହି ଅବସରରେ ବ୍ୟାଡ୍‌ମିଣ୍ଟନ ପ୍ରତିଭା ଋତୁପର୍ଣ୍ଣା ପଣ୍ଡା ଓ ଭାରୋତ୍ତୋଳନକାରୀ ଝିଲି ଦଲବେହେରାଙ୍କୁ ସମ୍ମାନିତ କରାଯାଇଛି। ଲିଲିମାଙ୍କୁ ମାନପତ୍ର, ଫଳକ ସହ ୫,୦୦,୦୦୦ ଏବଂ ଋତୁପର୍ଣ୍ଣା ଓ ଝିଲିଙ୍କୁ ୫୦,୦୦୦ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ''ଏପରି ପୁରସ୍କାର ପାଇବା ପାଇଁ ମୋର ସ୍ୱପ୍ନ ଥିଲା। କଠିନ ପରିଶ୍ରମ ଫଳରେ ଏହା ଏବେ ସାର୍ଥକ ହୋଇଛି। ଏହା ମୋତେ ଆଗାମୀ ଦିନରେ ଆହୁରି ଅଧିକ ଭଲ ଖେଳିବା ପାଇଁ ଉତ୍ସାହିତ କରିଛି'' ବୋଲି ଲିଲିମା ପ୍ରକାଶ କରିଛନ୍ତି। ଏସିଆନ ଗେମ୍ସରେ ଭାଗନେବାର ସ୍ମୃତି ଅଭୁଲା। ସେହିପରି ଓଡ଼ିଶାର ପ୍ରଥମ ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ କୌଣସି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଟାଇଟଲ ଜିତିଥିବାରୁ ମୁଁ ଖୁବ୍ ଆନନ୍ଦିତ ବୋଲି ଋତୁପର୍ଣ୍ଣା ପ୍ରକାଶ କରିଥିଲେ। ଜାତୀୟ ସିନିୟର ଭାରୋତ୍ତୋଳନ ପ୍ରତିଯୋଗିତାରେ ଅଂଶଗ୍ରହଣ ଯୋଗୁ ଝିଲି ଉତ୍ସବରେ ଅନୁପସ୍ଥିତ ରହିଥିଲେ। ତାଙ୍କ ପାଇଁ କୋଚ୍ ପି. ଧର୍ମାରାଓ ପୁରସ୍କାର ଗ୍ରହଣ କରିଥିଲେ।

ଏକଲବ୍ୟ ପୁରସ୍କାର ପ୍ରଦାନ ଉତ୍ସବର ମୁଖ୍ୟଅତିଥି ତଥା ଆକର୍ଷଣ ଥିଲେ ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଦିଲୀପ ଭେଙ୍ଗସରକାର। 'ଓଡ଼ିଶା ସହ ମୋର ସମ୍ପର୍କ ଅତି ମଧୁର। କଟକର ବାରବାଟୀ ଷ୍ଟାଡିୟମରେ ମୁଁ ମୋ ଟେଷ୍ଟ କ୍ୟାରିୟରର ସର୍ବାଧିକ ସ୍କୋର କରିଥିଲି। ୧୯୮୭ରେ ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ଏହି ଟେଷ୍ଟରେ ମୁଁ ୧୬୬ ରନ୍‌ର ଇନିଂସ୍ ଖେଳିଥିଲି। ତେଣୁ ସ୍ୱାଭାବିକ ଭାବେ ଏହା ମୋ ଜୀବନରେ ସବୁଦିନ ପାଇଁ ସ୍ମରଣୀୟ ଏବଂ ମଧୁର ସ୍ମୃତି ବହନ କରୁଛି। ଏହି ମ୍ୟାଚ୍‌କୁ ଭାରତ ୧ ଇନିଂସ୍ ଏବଂ ୮୭ ରନ୍‌ରେ ଜିତିଥିଲା। ଏହି ଟେଷ୍ଟରେ ୩୦୦ ଉଇକେଟ ପୂରଣ କରିଥିବାରୁ କପିଳ ଦେବଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା, ଯାହା ମୋତେ ସାମାନ୍ୟ ନିରାଶ କରିଥିଲା' ବୋଲି କହିଥିଲେ ୧୯୮୩



ପୁରସ୍କାର ଗ୍ରହଣ ଉତ୍ସବରେ ଅତିଥିଙ୍କ ସହ ଋତୁପର୍ଣ୍ଣା ପଣ୍ଡା ଓ ଲିଲିମା ମିଞ୍ଜ (ବାମରୁ ତୃତୀୟ ଓ ଚତୁର୍ଥ) ।

## ଲିଲିମା ପାଇଲେ ଏକଲବ୍ୟ ପୁରସ୍କାର

ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଦିଲୀପ। ସୁଯୋଗର ସଦ୍‌ବ୍ୟବହାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ମୁଁ ଯେତେବେଳେ କ୍ୟାରିୟର ଆରମ୍ଭ କଲି, ସେତେବେଳେ ଦଳରେ ସୁନୀଲ ଗାଭାସ୍କର, ଗୁଣ୍ଡାପ୍ପା ବିଶ୍ୱନାଥଙ୍କ ପରି ଅନେକ ନାମୀ ଖେଳାଳି ଥିଲେ। ମାତ୍ର ମୁଁ ସୁଯୋଗ ଅପେକ୍ଷାରେ ଥିଲି। ସୁଯୋଗ ପାଇଲା ମାତ୍ରେ ତାହାର ସଦ୍‌ବ୍ୟବହାର କଲି ଏବଂ ଭାରତୀୟ ଦଳର ଜଣେ ନିର୍ଭରଯୋଗ୍ୟ ଖେଳାଳି ହେବାର ଗୌରବ ମିଳିଲା। କ୍ରିକେଟକୁ କ୍ୟାରିୟର କରିବାକୁ ଚାହୁଁଥିବା ପିଲାମାନେ କଠିନ ପରିଶ୍ରମ କରିବା ଆବଶ୍ୟକ। କାରଣ ପରିଶ୍ରମ କେବେ ବ୍ୟର୍ଥ ହୁଏନି କିମ୍ବା ଏହାର ବିକଳ୍ପ ନାହିଁ। ସୁଯୋଗ ଯେତେବେଳେ ମିଳୁଛି ତା'ର ଶତପ୍ରତିଶତ ସଦ୍‌ବ୍ୟବହାର କର। ଏହା ବ୍ୟତୀତ ଖେଳ ପ୍ରତି ଉତ୍କଣ୍ଠା, ଜାଣିବାର ଇଚ୍ଛା, ଉତ୍ସର୍ଗୀକୃତ ମନୋଭାବ, ଶୃଙ୍ଖଳା ଏବଂ ଏକାଗ୍ର ମନୋଭାବ ରହିଲେ ନିଶ୍ଚିତ ସଫଳ ହେବ। ସାମ୍ପ୍ରତିକ ସମୟରେ ଶିକ୍ଷା ବହୁତ ଗୁରୁତ୍ୱପୂର୍ଣ୍ଣ। ଖେଳିବା ସହିତ ଶିକ୍ଷିତ ହେବା ମଧ ଅତ୍ୟନ୍ତ ଜରୁରୀ ବୋଲି ଭେଙ୍ଗ୍‌ସରକାର ପ୍ରକାଶ କରିଛନ୍ତି। ଉତ୍ସବରେ ଅନ୍ୟମାନଙ୍କ ମଧରେ ଇମ୍ପାକ୍ଟର ଟ୍ରଷ୍ଟି ବୈଜୟନ୍ତ ପଣ୍ଡା, ଅର୍ଜୁନ ପୁରସ୍କାରପ୍ରାପ୍ତ ବଡବିଲ୍ଲର ସୁନୀଲ ପାତ୍ର, ମକ୍‌ବୁଲ ଅଲ୍ଲୀ, ଅଶୋକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ମାର୍କ୍ୱେଜ ଜିତିଲେ ମାଲେସିଆନ ମୋଟୋ ଜିପି

କୁଆଲାଲମ୍ପୁର, ୪।୧୧ (ପି.ଟି.)

ନୂଆ ବିଶ୍ୱ ଚାମ୍ପିୟନ ସ୍ପେନର ମାର୍କ ମାର୍କ୍ୱେଜ ଏଠାରେ ମାଲେସିଆନ ମୋଟୋ ଜିପି ଜିତିଛନ୍ତି। ଚଳିତ ସିଜନରେ ଏହା ତାଙ୍କର ୯ମ ବିଜୟ। ରବିବାର ଅନୁଷ୍ଠିତ ଏହି ରେସ୍‌ର ୧୬ ତମ ଲାପ୍‌ରେ ଭାଲେଣ୍ଟିନୋ ରୋସି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ମାର୍କ୍ୱେଜ ଏହାର ସୁଯୋଗ ନେଇଥିଲେ। ଶନିବାର ବର୍ଷା ପରିବେଶରେ ଅନୁଷ୍ଠିତ କ୍ୱାଲିଫାଇଙ୍ଗ୍ ରେସ୍‌ରେ ତ୍ରୁଟି ପାଇଁ ଦଣ୍ଡିତ ହୋଇଥିବା ମାର୍କ୍ୱେଜ ରବିବାର ୭ମ ସ୍ଥାନରୁ ରେସ୍ ଆରମ୍ଭ କରିଥିଲେ। ରୋସି ରେସ୍‌ର ପ୍ରଥମ ଭାଗରେ ପ୍ରାଧାନ୍ୟ ବିସ୍ତାର କରି ଅଗ୍ରଣୀ ରହିଥିବା ବେଳେ ମାର୍କ୍ୱେଜ ଦ୍ୱିତୀୟ ସ୍ଥାନରେ ତାଙ୍କୁ ଅନୁସରଣ କରୁଥିଲେ। ଆଉ ୪ଟି ଲାପ ବାକି ଥିବାବେଳେ ୧୬ ତମ ଲାପ୍‌ର ପ୍ରଥମ ଟର୍ନରେ ରୋସି ସ୍ଲିପ୍ କରିଯାଇଥିଲେ। ଏହାର ଫାଇଦା ଉଠାଇ ମାର୍କ୍ୱେଜ ପ୍ରଥମ ସ୍ଥାନକୁ ଚାଲି ଆସିଯାଇଥିଲେ। ମାର୍କ୍ୱେଜ ଅକ୍ଟୋବରରେ ଜାପାନରେ ବିଶ୍ୱ ଟାଇଟଲ କବ୍‌ଜା କରିନେଇଥିଲେ। ହୋଣ୍ଡା ଟିମ୍‌ମେଟ୍ ଡାନି ପେଡ୍ରୋସା ୫ମ ସ୍ଥାନ ସହ ତାଙ୍କ ରେସ୍ ଶେଷ କରିଥିବାବେଳେ ପେପ୍‌ସୋଲ ହୋଣ୍ଡା କନଷ୍ଟ୍ରକ୍ଟର୍ସ ଟାଇଟଲ ଜିତିଥିଲେ। ସୂଚନାଯୋଗ୍ୟ, ଅଷ୍ଟ୍ରେଲିଆନ ଜିପିରେ ଦୁର୍ଘଟଣା ଯୋଗୁ ରେସ୍‌ରୁ ଆଉଟ ହୋଇଥିବା ମାର୍କ୍ୱେଜ ୪୦.୩୦.୩୭୨ ମିନିଟ ଟାଇମିଂ ସହ ଚାମ୍ପିୟନ ହୋଇଥିବାବେଳେ ରୋସି ୫୮.୨୮୮ ସେକେଣ୍ଡ ଟାଇମିଂ ସହ ୧୮ତମ ସ୍ଥାନରେ ରହିଥିଲେ। ଟିମ୍ ସୁଜୁକି ଏକ୍‌ଷ୍ଟାର୍ସର ଆରିନ୍ସ ଦ୍ୱିତୀୟ ହୋଇଥିବାବେଳେ ୟାମାହାର ଜେ. ଜାର୍କୋ ତୃତୀୟ ସ୍ଥାନରେ ରହିଥିଲେ।

# ସର୍ବଭାରତୀୟ କ୍ରିକେଟ୍ ଉଦ୍‌ଘାଟିତ

ଧର୍ମଶାଳା, ୪।୧୧(ଡି.ଏନ୍.ଏ.)

ଧର୍ମଶାଳା ବ୍ଳକ ଜାରକାସ୍ଥିତ ଅଂଶୁମାନ ମେମୋରିଆଲ୍ ଆନୁକୂଲ୍ୟରେ ନବମ ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଧର୍ମଶାଳା ମହୋତ୍ସବ ପଡିଆରେ ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ଏସ୍‌ପି ଚରଣ ସିଂ ମୀନା ଉଦ୍‌ଘାଟନ କରିଥିଲେ । କ୍ୱାଟର ଫାଇନାଲ ମ୍ୟାଚରେ ରାଇଜିଙ୍ଗ୍ ଷ୍ଟୁଡେଣ୍ଟ କଟକ ଓ ଝାଡଖଣ୍ଡର ଜାମ୍‌ସେଦପୁର ସୁପରକିଙ୍ଗ ମଧରେ ଖେଳାଯାଇଥିଲା। ରାଇଜିଙ୍ଗ ଷ୍ଟୁଡେଣ୍ଟ ବିଜୟୀ ହୋଇ ପ୍ରଥମ ସେମି ଫାଇନାଲରେ ପ୍ରବେଶ କରିଛି। ଜାମସେଦପୁର ଟିମ୍ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୩୦ଓଭର ମଧ୍ୟରୁ ୨୪.୪ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୫୭ ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ଉଜ୍ୱଳ ପାଳ ୪୨ ବଲରୁ ୮୩ରନ୍ ଓ ରାଜା ଗୁପ୍ତା ୩୦ ବଲ୍‌ରୁ ୩୫ରନ୍ ସଂଗ୍ରହ କରିଥିଲେ। ବିପକ୍ଷ କଟକ ଦଳର ଅଭିଜିତ ଗଣା ଓ ସିଦ୍ଧାର୍ଥ ସିହ୍ନା ୩ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଜବାବରେ ରାଇଜିଙ୍ଗ ଷ୍ଟୁଡେଣ୍ଟ କଟକ ୨୬.୪ ଓଭରରେ ୪ ଉଇକେଟ୍ ହରାଇ ବିଜୟୀ ହୋଇଛି। ଦଳପକ୍ଷରୁ ସିଦୀପ ପାତ୍ର ୪୫ବଲ୍ ଖେଳି ୬୩ ଓ ପି ରୋଶନ୍ ରାଓ ୪୭ବଲରୁ ୪୬ ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ଜାମସେଦପୁର ଦଳରୁ ଅଶ୍ୱିନୀ ୨ଟି ଓ ବିକାଶ ପଟେଲ୍ ୧ଟି ଉଇକେଟ୍ ପାଇଥିଲେ। ଖଗେଶ୍ୱର ମଲ୍ଲିକ, ମାନସ ବେହୁରା ଖେଳ ପରିଚାଳନା କରିଥିଲେ। ବିଜୟୀ ଦଳର ସୁଦୀପ ପାତ୍ରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଛି। ଅତିଥି ଭାବେ ଧର୍ମଶାଳା ଥାନା ଅଧିକାରୀ ଉମାକାନ୍ତ ନାୟକ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅବିନାଶ ସାମଲ, କାହ୍ନୁ ଚରଣ ସେଠୀ ଭାଷ୍ୟକାର ଭାବେ ଯୋଗ ଦେଇଥିଲେ। ସୋମବାର ଆଦ୍ରା ରେଲୱେ ଓ ଖଡ଼ଗପୁର ରେଲୱେ ମଧରେ ଦ୍ୱିତୀୟ କ୍ୱାର୍ଟରଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବାନେଇ ସମ୍ପାଦକ ହିମାଂଶୁ ଶେଖର ସାହୁ ସୂଚନା ଦେଇଛନ୍ତି।


କ୍ରିକେଟ ଟୁର୍ନାମେଣ୍ଟକୁ ଯାଜପୁର ଏସ୍‌ପି ଚରଣ ସିଂ ମୀନା ଉଦ୍‌ଘାଟନ କରୁଛନ୍ତି ।

# ମୁମ୍ବାଇକୁ ହରାଇ ଆସାମ ଚାମ୍ପିୟନ

ଖୁଣ୍ଟା,୪।୧୧

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ ଭୋଲାଗଡ଼ିଆ ମିନି ଷ୍ଟାଡିୟମରେ ଶିମିଳିପାଳ ସ୍ପୋର୍ଟ୍ସ ଆଣ୍ଡ ଆଥଲେଟିକ ଆସୋସିଏଶନର ୧୩ ତମ ବାର୍ଷିକ ତିନି ଦିନିଆ ସର୍ବ ଭାରତୀୟ ଫୁଟବଲ ମହୋତ୍ସବ ରବିବାର ଉଦଯାପିତ ହୋଇଯାଇଛି। ଏଥିରେ ଭାରତର ବିଭିନ୍ନ ରାଜ୍ୟରୁ ମୋଟ ୧୨ ଗୋଟି ଫୁଟବଲ ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ ଖେଳଟି ଓଏଲ ଇଣ୍ଡିଆ ଆସାମ ଓ ଓଏନଜିସିସି ମୁମ୍ବାଇ ଦଳ ମଧରେ ଅନୁଷ୍ଠିତ ହୋଇଥିଲା। ତେବେ ନିର୍ଦ୍ଧାରିତ ସମୟ ସୀମା ମଧରେ ଖେଳଟି ଅମୀମାଂସିତ ରହିବାରୁ ଟ୍ରାଇବେକର ଜରିଆରେ ଆସାମ ଦଳ ମୁମ୍ବାଇ ଦଳକୁ ୪--୩ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲ। ଉଦ୍‌ଯାପନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଜିଲା ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦର ଅଧକ୍ଷ ଦେବାଶିଷ ମାର୍ଣ୍ଡି ,ବିଧାୟକ ସୁଦାମ ମାର୍ଣ୍ଡି , ଭାଦବ ହାଁସଦା, ଗଣେଶ୍ୱର ପାତ୍ର, ମୟୂରଭଞ୍ଜ ଜିଲାପରିଷଦ ଅଧକ୍ଷା ସୁଜାତା ମୁର୍ମୁ , ପୂର୍ବତନ ଅଧକ୍ଷ ପ୍ରକାଶ ସୋରେନ, ଭାଜପା ଦଳର ଜିଲାସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର ,ଖୁଣ୍ଟା ବ୍ଲକ ଅଧକ୍ଷା ପୁଷ୍ପଲତା ମାର୍ଣ୍ଡି, ସ୍ଥାନୀୟ ସରପଞ୍ଚ ସାବିତ୍ରୀ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇ ବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଫୁଟବଲ ଖେଳକୁ ଜିଲାପରିଷଦ ଅଧକ୍ଷା ସୁଜାତା ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ।ଏହି ମହୋତ୍ସବକୁ ଆୟୋଜକ ଆସୋସିଏଶନ ସଭାପତି ସର୍ଦ୍ଦାର ହେମ୍ବ୍ରମ ଓ ସମ୍ପାଦକ ସୁକେନ୍ଦୁ ଦାସ,ଉପଦେଷ୍ଟା ଠାକୁର ମୁର୍ମୁ ଓ ଅନ୍ୟ ସଦସ୍ୟ ମାନେ ପରିଚାଳନା କରିଥିଲେ ।


ଚାମ୍ପିୟନ ଆସାମ ଦଳ ଟ୍ରଫି ସହ ।

# ବିପ୍ଳବଙ୍କ ଶତକ, ମ୍ୟାଚ ଡ୍ର'

ଭୁବନେଶ୍ୱର, ୪।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ଅଧିନାୟକ ବିପ୍ଳବ ସାମନ୍ତରାୟ (୧୦୩) ଙ୍କ ଅପରାଜିତ ଶତକ ଯୋଗୁ ସ୍ଥାନୀୟ କିଟ୍ ଷ୍ଟାଡିୟମଠାରେ ଚାଲିଥିବା ହରିୟାଣା ବିପକ୍ଷ ରଣ୍‌ଜୀ ଟ୍ରଫି ଏଲିଟ୍ ଗ୍ରୁପ୍–ସି'ର ଏକ ପ୍ରଥମ ରାଉଣ୍ଡ ମ୍ୟାଚକୁ ଓଡ଼ିଶା ଡ୍ର' ରଖିପାରିଛି। ଏଥିଯୋଗୁ ପଏଣ୍ଟ ବଣ୍ଟୁଆରା ହୋଇଛି। ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ହରିୟାଣା ୩ ପଏଣ୍ଟ ଲାଭ କରିଥିବା ବେଳେ

## ସଂକ୍ଷିପ୍ତ ସ୍କୋର

- ଓଡ଼ିଶା ପ୍ରଥମ ଇନିଂସ: ୩୨୪
- ହରିୟାଣା ପ୍ରଥମ ଇନିଂସ: ୪୪୨
- ଓଡ଼ିଶା ଦ୍ୱିତୀୟ ଇନିଂସ: ୨୬୭/୭ (ବିପ୍ଳବ ସାମନ୍ତରାୟ-୧୦୩*, ଶୁଭ୍ରାଂଶୁ ସେନାପତି-୪୫, ଅନୁରାଗ ଷଡ଼ଙ୍ଗୀ-୨୯, ସାନ୍ତନୁ ମିଶ୍ର-୨୪, ଗୋବିନ୍ଦ ପୋଦ୍ଦାର-୨୨; ଜୟନ୍ତ ଯାଦବ-୨/୪୫, ଟିନୁ କୁଣ୍ଡୁ-୨/୬୪)।

## ରଣଜୀ ଟ୍ରଫି : ଓଡ଼ିଶା-ହରିୟାଣା

ଓଡ଼ିଶାକୁ ୧ ପଏଣ୍ଟ ମିଳିଛି। ରବିବାର ଥିଲା ମ୍ୟାଚର ଚତୁର୍ଥ ତଥା ଅନ୍ତିମ ଦିବସ। ପ୍ରଥମ ଇନିଂସରେ ୧୧୮ ରନରେ ପଛୁଆ ଥିବା ଘରୋଇ ଦଳ ସକାଳେ ଏହାର ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୫୦/୧ରୁ ଏହାର ଖେଳ ଆରମ୍ଭ କରିଥିଲା। ଷ୍ଟମ୍ପ ଅପସାରଣ ବେଳକୁ ଦଳ ୭ଉଇକେଟ ହରାଇ ୨୬୭ ରନ କରିଥିଲା। ବିପ୍ଳବଙ୍କ ବ୍ୟତୀତ ଅନ୍ୟମାନଙ୍କ ମଧରେ ଶୁଭ୍ରାଂଶୁ ସେନାପତି ୪୫ ରନ କରିଥିଲେ। ଶୁଭ୍ରାଂଶୁ ତାଙ୍କ ଶତକୀୟ ଇନିଂସରେ ୨୧୦ ବଲ୍ ସାମ୍ନା କରିଥିଲେ। ସେ ୧୪ଟି ଚୌକା ଓ ୨ଟି ଛକା ଲଗାଇଥିଲେ। ହରିୟାଣା ପକ୍ଷରୁ ଟିନୁ କୁଣ୍ଡୁ ଓ ଜୟନ୍ତ ଯାଦବ ୨ଟି ଲେଖାଏଁ ଉଇକେଟ ନେଇଥିବାବେଳେ ହର୍ଶଲ ପଟେଲ, ମୋହିତ ଶର୍ମା ଓ ଚୈତନ୍ୟ ବିଶ୍ନୋଇ ଗୋଟିଏ ଲେଖାଏଁ ଉଇକେଟ ପାଇଥିଲେ।



ଶତକ ହାସଲ ପରେ ବିପ୍ଳବ ସାମନ୍ତରାୟ । ରାକେଶ ମହାନ୍ତିଙ୍କୁ ଟିପ୍ସ ଦେଉଛନ୍ତି ହରିୟାଣା ଅଧିନାୟକ ମୋହିତ ଶର୍ମା । **(ଫଟୋ–ମୌସମ)**

## ଡେଲ୍ ପୋଟ୍ରୋଙ୍କ ସ୍ଥାନରେ ନିଶିକୋରି

ଲଣ୍ଡନ,୪।୧୧(ଏଏଫ୍‌ପି)

ଜାପାନର କେଇ ନିଶିକୋରି ଲଣ୍ଡନରେ ଖେଳାଯିବାକୁଥିବା ଏଟିପି ଫାଇନାଲ୍ସରେ ଅଂଶଗ୍ରହଣ କରିବେ। ଜୁଆନ ମାର୍ଟିନ ଡେଲ୍ ପୋଟ୍ରୋଙ୍କ ଡାହାଣ ଆଣ୍ଠୁରେ ଆଘାତ ଲାଗିଥିବାରୁ ସେ ଏହି ପ୍ରତିଯୋଗିତାରୁ ଓହରିଯିବା ଫଳରେ ନିଶିକୋରୀଙ୍କୁ ସୁଯୋଗ ମିଳିଛି। ୮ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ନଭେମ୍ବର ୧୧ରୁ ଏଟିପି ଫାଇନାଲ୍ସ ଅନୁଷ୍ଠିତ ହେବ। ଏଥିରେ ନିଶିକୋରିଙ୍କ ବ୍ୟତୀତ ନୋଭାକ ଜୋକୋଭିଚ୍, ରାଫାଲ ନାଡାଲ, ରୋଜର ଫେଡେରର, ଆଲେକଜାଣ୍ଡର ଜେଭରେଭ, କେଭିନ ଆଣ୍ଡରସନ, ମାରିନ୍ ସିଲିକ୍ ଏବଂ ଡୋମିନିକ୍ ଥିମ୍ ପ୍ରମୁଖ ଭାଗ ନେବେ। ଡେଲ୍ ପୋଟ୍ରୋ ଏହି ସିଜନ ପ୍ରାରମ୍ଭରେ କ୍ୟାରିୟର ଶ୍ରେଷ୍ଠ ୩ ନମ୍ବର ସ୍ଥାନ ଅଧିକାର କରିପାରିଥିଲେ। ଗତ ମାସରେ ସାଂଘାଇ ମାଷ୍ଟର୍ସରେ ଖେଳୁଥିବାବେଳେ ତାଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା। ଅନ୍ୟପକ୍ଷରେ ୨୮ ବର୍ଷୀୟ ନିଶିକୋରି ସିଜନ ଫାଇନାଲ୍ସରେ ଚତୁର୍ଥ ଥର ପାଇଁ ଖେଳିବାକୁ ଯାଉଛନ୍ତି। ପୂର୍ବରୁ ସେ ୨୦୧୪ ଓ ୨୦୧୬ରେ ଏହି ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଥିଲେ।



" ସିଜନର ଆରମ୍ଭରେ ରିଅଲ ମାଡ୍ରିଡ ନାନା ସମସ୍ୟାର ସମ୍ମୁଖୀନ ହୋଇଥିଲେ ମଧ୍ୟ ଏଥର ଟ୍ରଫି ଜିତିବାର ସାମର୍ଥ୍ୟ ରଖିଛି।
– ସାଣ୍ଟିଆଗୋ ସୋଲାରି, ରିୟଲ ମାଡ୍ରିଡ କାମଚଳା ମ୍ୟାନେଜର



" ସାର୍ ଡନ୍ ବ୍ରାଡ୍‌ମ୍ୟାନଙ୍କ ଆଭରେଜକୁ ଛାଡ଼ିଦେଲେ ବିରାଟ କୋହଲି ଅନ୍ୟ ସମସ୍ତ ରେକର୍ଡକୁ ଭଙ୍ଗ କରିଦେଇପାରିବେ।
–ଷ୍ଟିଭ ୱ', ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ବିବାହ କଲେ ମୋର୍ଗାନ

**ଲଣ୍ଡନ,୪।୧୧:** ଇଂଲଣ୍ଡ ଦିନିକିଆ ଦଳର ଅଧିନାୟକ ଇଆନ ମୋର୍ଗାନ ଶନିବାର ଦୀର୍ଘଦିନର ବାନ୍ଧବୀ ତାରା ରିଡ୍‌ଗୱେଙ୍କୁ ବିବାହ କରିଛନ୍ତି। ଏହି ନୂଆ ଦମ୍ପତି ସମରସେଟ୍‌ସ୍ଥିତ ଐତିହାସିକ ବାବିଙ୍ଗଟନ ହାଉସଠାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏହି ହାଇପ୍ରୋଫାଇଲ ବିବାହ ଉତ୍ସବରେ ନ୍ୟୁଜିଲାଣ୍ଡ ଦଳର ପୂର୍ବତନ ଅଧିନାୟକ ବ୍ରେଣ୍ଡନ ମ୍ୟାକୁଲମ, ନିକଟରେ ଅବସର ନେଇଥିବା ଇଂଲଣ୍ଡ ଓପନର ଆଲିଷ୍ଟର କୁକ୍, ଜାସୋନ ରୟ୍ ଓ ଜୋସ ବଟଲର ଯୋଗ ଦେଇଥିଲେ। ବିବାହ ସମ୍ପର୍କରେ ମୋର୍ଗାନଙ୍କ ବ୍ୟତୀତ ମ୍ୟାକୁଲମ ମଧ୍ୟ ଟୁଇଟ୍ କରି ସୂଚନା ଦେଇଛନ୍ତି। ପୂର୍ବରୁ ଆୟର୍ଲାଣ୍ଡ ପକ୍ଷରୁ ଖେଳିଥିବା ମୋର୍ଗାନ ଏପର୍ଯ୍ୟନ୍ତ ଇଂଲଣ୍ଡ ପାଇଁ ୧୬ ଟେଷ୍ଟ, ୨୧୨ ଦିନିକିଆ ଓ ୭୭ ଟି୨୦ ଖେଳି ସାରିଛନ୍ତି। ତାଙ୍କ ନେତୃତ୍ୱରେ ଇଂଲଣ୍ଡ ଆଗାମୀ ବିଶ୍ୱକପ୍ ଖେଳିବ।

### ୬ ଉଇକେଟରେ ଜିତିଲା ଦ. ଆଫ୍ରିକା

**ପର୍ଥ,୪।୧୧(ଏଏଫ୍‌ପି):** ଏଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଦିନିକିଆକୁ ଦକ୍ଷିଣ ଆଫ୍ରିକା ଦଳ ୬ ଉଇକେଟରେ ଜିତି ନେଇଛି। ପେସର ଡେଲ ଷ୍ଟେଇନ ଏହି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଁ ବିବେଚିତ କରାଯାଇଛି। ମାତ୍ର ୧୫୩ ରନ୍‌ର ବିଜୟ ଲକ୍ଷ୍ୟକୁ ନେଇ ଓହ୍ଲାଇଥିବା ଦ. ଆଫ୍ରିକା ପକ୍ଷରୁ ଦୁଇ ଓପନର କୁଇଣ୍ଟନ ଡି'କକ୍ (୪୭) ଓ ରିଜା ହେଣ୍ଡ୍ରିକ୍ସ (୪୪) ଦଳ ପାଇଁ ୯୪ ରନ୍ ଯୋଗ କରିଥିଲେ। ଉଭୟ ଆଉଟ୍ ହେବା ପରେ ଆଡିଏମ ମାର୍କାମଙ୍କ ୩୬ ଓ ଅଧିନାୟକ ଫାଫ ଡୁ'ପ୍ଲେସ୍‌ଙ୍କ ଅପରାଜିତ ୧୦ ରନ୍ ଯୋଗୁ ଭ୍ରମଣକାରୀ ଦଳ ୨୯.୨ ଓଭରରେ ୧୫୩ ରନ୍ କରି ବିଜୟ ଲାଭ କରି ନେଇଥିଲା। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଅଷ୍ଟ୍ରେଲିଆ ଦଳ ୪୮ ରନ୍‌ରେ ୫ ଉଇକେଟ ହରାଇ ୧୦୦ ରନ୍ ମଧ୍ୟରେ ଅଲ୍‌ଆଉଟ୍ ହୋଇଯିବା ନେଇ ଆଶଙ୍କା ସୃଷ୍ଟି ହୋଇଥିଲା। ମାତ୍ର ଆଲେକ୍ସ କାରେ (୩୩) ଓ ନାଥନ କୁଲ୍ଟରନାଇଲ (୩୪)ଙ୍କ ଯୋଗୁ ଦଳ ୩୮.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୫୨ ରନ୍ କରିପାରିଥିଲା। ବିଜୟୀ ଦଳ ପାଇଁ ଆଣ୍ଡିଲେ ଫେଲୁକ୍ୱାୟୋ ୩ ଉଇକେଟ ନେଇଥିବାବେଳେ ଷ୍ଟେଇନ ଓ ଲୁଙ୍ଗି ଏନ୍‌ଗିଡି ୨ ଲେଖାଏ ସଫଳତା ପାଇଥିଲେ।

### ଟି୨୦ ସିରିଜ୍‌ରୁ ରସେଲ ଆଉଟ୍

**କୋଲକାତା,୪।୧୧:** ଟେଷ୍ଟ ଓ ଦିନିକିଆ ସିରିଜ୍ ପରାଜୟ ପରେ ଟି୨୦ ଫର୍ମାଟରେ ଭଲ ପ୍ରଦର୍ଶନ କରିବାକୁ ଆଶା ରଖିଥିବା ୱେଷ୍ଟଇଣ୍ଡିଜ୍ ଦଳକୁ ରବିବାର ଶକ୍ତ ଧକ୍କା ଲାଗିଛି। ଦଳର ମୁଖ୍ୟ ଅଲରାଉଣ୍ଡର ଆଣ୍ଡ୍ରେ ରସେଲ ସିରିଜ୍‌ରୁ ଓହରି ଯାଇଛନ୍ତି। ଆହତ ସମସ୍ୟା ଯୋଗୁ ତାଙ୍କୁ ଏଭଳି ନିଷ୍ପତ୍ତି ନେବାକୁ ପଡ଼ିଛି। ତାଙ୍କ ବଦଳରେ ଭାରତ ବିପକ୍ଷ ଦିନିକିଆ ସିରିଜ୍‌ରେ ବ୍ୟାଟ୍‌ରେ ଭଲ ପ୍ରଦର୍ଶନ କରିଥିବା ଶାଇ ହୋପଙ୍କୁ ଦଳରେ ସ୍ଥାନ ମିଳିବ।

# ଭାରତର ସହଜ ବିଜୟ

କୋଲକାତା,୪।୧୧ (ପି.ଟି.)

ୱେଷ୍ଟଇଣ୍ଡିଜ ବିପକ୍ଷ ଲୋ ସ୍କୋରିଂ ପ୍ରଥମ ଟି୨୦ କ୍ରିକେଟ୍ ମ୍ୟାଚ୍‌ରେ ଘରୋଇ ଭାରତ ୧୩ଟି ବଲ ବାକି ଥାଇ ୫ ଉଇକେଟରେ ଅତି ସହଜରେ ବିଜୟ ହାସଲ କରିଛି। ସ୍ଥାନୀୟ ଇଡେନ ଗାର୍ଡେନ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ହାରି ୱେଷ୍ଟଇଣ୍ଡିଜ୍ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ହରାଇ ୧୦୯ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୧୭.୫ ଓଭରରେ ୫ ଉଇକେଟ ହରାଇ ୧୧୦ ରନକରି ବିଜୟ ହାସଲ କରିଥିଲା। ଫଳରେ ୩

**ପ୍ରଥମ ଟି୨୦**

ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଭାରତ ୧–୦ରେ ଅଗ୍ରଣୀ ହାସଲ କରିଛି। ୧୩ ରନ ବ୍ୟୟ କରି ୩ ଉଇକେଟ ଅକ୍ତିଆର କରିଥିବା ଭାରତୀୟ ସ୍ପିନର କୁଲଦୀପ ଯାଦବ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

୧୧୦ରନ ଟାର୍ଗେଟର ପିଛା କରି ଭାରତ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର ତଥା ଅଧିନାୟକ ରୋହିତ ଶର୍ମା ୬, ଶିଖର ଧାୱନ ୩, ରିଷଭ ପନ୍ତ ୧, ଲୋକେଶ ରାହୁଲ ୧୬, ମନୀଷ ପାଣ୍ଡେ ୧୯ ରନ କରି ପ୍ୟାଭିଲିୟନ ଫେରିଥିଲେ। ପଞ୍ଚମ ଉଇକେଟ ଯୋଡିରେ କାର୍ତ୍ତିକ ଓ ପାଣ୍ଡେ ୩୮ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। ତେବେ ଷଷ୍ଠ ଉଇକେଟ ଯୋଡିରେ କାର୍ତ୍ତିକ ଓ କ୍ରୁନାଲ ପାଣ୍ଡ୍ୟା ଅପରାଜିତ ୨୭ ରନ କରି ଦଳକୁ ଜିତାଇଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ୍‌ର ଓଶାନ ଥୋମାସ ଓ କ୍ରେଗ୍ ବ୍ରାଥୱେଟ୍ ଦୁଇଟି ଲେଖାଏ, ଖାରେ ପିଏର ଗୋଟିଏ ଉଇକେଟ ନେଇଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ୍ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଭାରତୀୟ ବୋଲରମାନେ ଉଚ୍ଚକୋଟୀର ବୋଲିଂ କରି ଭ୍ରମଣକାରୀ ଦଳକୁ ବଡ଼ ସ୍କୋର ହାସଲ କରିବାର ସୁଯୋଗ ଦେଇ ନ ଥିଲେ। ୫୬ ରନରେ ୱେଷ୍ଟଇଣ୍ଡିଜ୍ ୬ ଉଇକେଟ ହରାଇଥିଲା। ନିମ୍ନକ୍ରମରେ ଫାବିଆନ ଆଲେନ୍ ୨୭ ଓ କିମୋ ପଲ ଅପରାଜିତ ୧୫, ଖାରି ପିଏର ଅପରାଜିତ ୯ ରନ କରି ଦଳର ସ୍କୋରକୁ ୧୦୦ ରନ ପାର କରାଇଥିଲେ। ୱେଷ୍ଟଇଣ୍ଡିଜ ଅଷ୍ଟମ ଉଇକେଟ ଯୋଡିରେ ୨୪ ଓ ନବମ ଉଇକେଟ ଯୋଡିରେ ଅପରାଜିତ ୨୨ ରନ ସଂଗ୍ରହ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଓପନର ଶାଇ ହୋପ୍ ୧୪, ଶିମରନ ହେଟମେର ୧୦, କିରନ ପୋଲାର୍ଡ ୧୪ ରନ କରି ଆଉଟ ହୋଇଥିବା ବେଳେ ବାକି ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁପାରି ନ ଥିଲେ। ସେହିପରି ଉଇକେଟ କିପର ବ୍ୟାଟ୍ସମ୍ୟାନ ଦୀନେଶ ରାମଦିନ ୨, ଡାରେନ ବ୍ରାଭୋ ୫, ରୋଭମ୍ୟାନ ପାୱେଲ ୪, ଅଧିନାୟକ କାର୍ଲୋସ ବ୍ରାଥୱେଟ୍ ୪ ରନ କରି ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଭାରତ ପକ୍ଷରୁ ଚାଇନାମ୍ୟାନ କୁଲଦୀପ ଯାଦବ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ଉମେଶ ଯାଦବ, ଖଲିଲ ଅହମ୍ମଦ, ଯଶପ୍ରୀତ ବୁମ୍‌ରା ଓ ପଦାର୍ପଣ କରିଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭାଇ ତଥା ଆଇପିଏଲ୍ ତାରକା କ୍ରୁନାଲ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଏହି ମ୍ୟାଚ୍‌ରେ ଭାରତର କ୍ରୁନାଲ, ଖଲିଲଙ୍କ ସମେତ ୱେଷ୍ଟଇଣ୍ଡିଜର ୩ ଖେଳାଳି ପଦାର୍ପଣ କରିଥିଲେ।

**ସଂକ୍ଷିପ୍ତ ସ୍କୋର :** ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୧୦୯/୮ (ଆଲେନ– ୨୭, ପଲ– ୧୫*, ପୋଲାର୍ଡ– ୧୪, ହୋପ୍– ୧୪, ହେଟମେର– ୧୦, କୁଲଦୀପ– ୩/୧୩)। ଭାରତ ୧୭.୫ ଓଭରରେ ୧୧୦/୫ (କାର୍ତ୍ତିକ– ୩୧*, କ୍ରୁନାଲ– ୨୧*, ପାଣ୍ଡେ– ୧୯, ରାହୁଲ– ୧୬, ଥୋମାସ– ୨/୨୧, ବ୍ରାଥୱେଟ୍– ୨/୧୧)।



ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଅବସରରେ ଦୀନେଶ କାର୍ତ୍ତିକ ଓ ମନୀଷ ପାଣ୍ଡେ ।

# ରାଜ୍ୟସ୍ତରୀୟ ମହିଳା ଚେସ: ସ୍ମାରକୀ ଚାମ୍ପିୟନ

କେନ୍ଦ୍ରାପଡା ଅଫିସ, ୪।୧୧

ଅଲ ଓଡ଼ିଶା ଚେସ ଆସୋସିଏଶନ ଓ କେନ୍ଦ୍ରାପଡା ଜିଲା ଚେସ ଆସୋସିଏଶନ ଆନୁକୂଲରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ନଳିନୀକାନ୍ତ ମହାନ୍ତି ସ୍ମାରକୀ ମହିଳା ଚେସ ଚାମ୍ପିୟନଶିପ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ସ୍ମାରକୀ ମହାନ୍ତି ଚାମ୍ପିୟନ ହୋଇଛନ୍ତି। ଖୋର୍ଦ୍ଧାର ୟାଶିତା ରାଉତ ୨ୟ, କଟକର ପ୍ରକୃତି ରାଉତ ୩ୟ ଓ କଟକର ଐଶ୍ୱର୍ଯ୍ୟା ସାହୁ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ଏହି ୪ କୃତି ପ୍ରତିଯୋଗୀ ରାଜସ୍ଥାନର ଜୟପୁରଠାରେ ନଭେମ୍ବର ୧୮ରୁ ୨୬ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଜାତୀୟ ମହିଳା ଚେସ ଚାମ୍ପିୟନଶିପରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପ୍ରତିଯୋଗିତାରେ ଖୋର୍ଦ୍ଧାର ଅନନ୍ୟା ଅନାମିକା, କୃଷ୍ଣା ମିଶ୍ର, କଟକର ସୀମି ସୀକୃତି, ଦିବାଶ୍ରିତା ସ୍ୱାଇଁ, ସାଇ ସମ୍ପଦା ମହାନ୍ତି ଓ ଗଞ୍ଜାମର ରଶ୍ମିତା କୁମାରୀ ପାତ୍ର କୃତିତ୍ୱ ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। ସେହିପରି ବିଭିନ୍ନ ବୟସ ବର୍ଗ ମଧ୍ୟରୁ କଟକର ନୀତିଶା ସର ୭ ବର୍ଷରୁ କମ୍, କଟକର ଶ୍ରେୟା ପ୍ରିୟଦର୍ଶିନୀ ୯ ବର୍ଷରୁ କମ୍, ଖୋର୍ଦ୍ଧାର ନିୟତି ନିହାରିକା ମହାପାତ୍ର ୧୧ ବର୍ଷରୁ କମ୍ ଓ କେନ୍ଦ୍ରାପଡ଼ାର ଶ୍ରେୟାସିଂ ମଲ୍ଲ ୧୩ ବର୍ଷରୁ କମ୍ ବର୍ଗରେ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ଜିଲା ଆସୋସିଏଶନ କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଆଳି ବିଧାୟକ ଦେବେନ୍ଦ୍ର ଶର୍ମା, ରାଜନଗର ବିଧାୟକ ଅଂଶୁମାନ ମହାନ୍ତି, ରାକେଶ ମହାନ୍ତି, ମନୋଜ ପରିଡ଼ା, ନାରାୟଣ ଦାସ, ଜିଲା ସଂଘ ସମ୍ପାଦକ ଭବେଶ ମହାନ୍ତି ଓ କୋଚ ସତ୍ୟନାରାୟଣ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ।



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ ।

# କାଉଣ୍ଟରରେ ଟିକେଟ ବିକ୍ରି ଆଜିଠାରୁ

ଭୁବନେଶ୍ୱର, ୪।୧୧(ସ୍ପୋର୍ଟ୍ସ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ଲାଗି ସୋମବାରଠାରୁ କାଉଣ୍ଟରରେ ଟିକେଟ୍ ବିକ୍ରି ଆରମ୍ଭ ହେବ। ଏ ସଂକ୍ରାନ୍ତରେ ରବିବାର ହକି ଇଣ୍ଡିଆ ଘୋଷଣା କରିଛି। ଏହି ଟିକେଟଗୁଡ଼ିକ କଳିଙ୍ଗ ଷ୍ଟାଡିୟମର ବକ୍ସ ଅଫିସ୍ ଓ ଭୁବନେଶ୍ୱରର ବିଭିନ୍ନ ଆଉଟଲେଟ୍ ତଥା ଦୋକାନରେ ଉପଲବ୍ଧ ହେବ। କଟକର ୨ଟି ଆଉଟ୍‌ଲେଟ୍‌ରେ ମଧ୍ୟ ଏହି ଟିକେଟଗୁଡ଼ିକ କ୍ରୟ କରାଯାଇପାରିବ ବୋଲି ସୂଚନା ଦିଆଯାଇଛି।

ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ମାତ୍ର ୩ ସପ୍ତାହ ବାକିଥିବା ବେଳେ ଆୟୋଜକମାନେ ହକିପ୍ରେମୀଙ୍କ ସୁବିଧା ନିମନ୍ତେ ସହରର ବିଭିନ୍ନ ସ୍ଥାନରେ ଟିକେଟ ଆଉଟଲେଟ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ମେଗା ଇଭେଣ୍ଟ ଆସନ୍ତା ୨୮ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୧୬ ତାରିଖରେ ଶେଷ ହେବ। କଳିଙ୍ଗ ଷ୍ଟାଡିୟମର ୯ ନମ୍ବର ଗେଟ୍‌ରେ ଥିବା ବକ୍ସ ଅଫିସ୍‌ରେ ମଧ୍ୟ ଟିକେଟ ମିଳିପାରିବ। ପ୍ରତିଦିନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଟିକେଟ ବିକ୍ରି ଜାରି ରହିବ।

ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ବିଶ୍ୱର ୩ ନମ୍ବର ଦଳ ବେଲଜିୟମ ଓ ୧୧ ନମ୍ବର ଦଳ କାନାଡ଼ା ପରସ୍ପରକୁ ଭେଟିବେ। ଆୟୋଜକ ଭାରତ ଉଦ୍‌ଘାଟନୀ ଦିବସର ଦ୍ୱିତୀୟ ମ୍ୟାଚ୍‌ରେ ବିଶ୍ୱର ୧୫ ନମ୍ବର ଦଳ ଦକ୍ଷିଣ ଆଫ୍ରିକାକୁ ଭେଟିବ। ବିଶ୍ୱ ର୍‍ୟାଙ୍କିଙ୍ଗର ୫ ନମ୍ବର ଦଳ ଭାରତ ପୁଲ୍ ସି'ରେ ଆଉ ଦୁଇଟି ମ୍ୟାଚ୍ ଖେଳିବ। ଡିସେମ୍ବର ୨ ତାରିଖରେ ଭାରତ ବେଲଜିୟମ୍ ଓ ୮ ତାରିଖରେ କାନାଡ଼ାକୁ ଭେଟିବ।




ଟିକେଟଗୁଡ଼ିକର ମୂଲ୍ୟ ବେଶ୍ ଶସ୍ତା ରଖାଯାଇଛି। ଇଷ୍ଟ ବା ପୂର୍ବ ଷ୍ଟାଣ୍ଡ ପାଇଁ ଟିକେଟର ମୂଲ୍ୟ ୨୦୦ ଟଙ୍କା ରଖାଯାଇଛି। ସେହିପରି ନର୍ଥ ବା ଉତ୍ତର ଷ୍ଟାଣ୍ଡ ପାଇଁ ଟିକେଟର ମୂଲ୍ୟ ୧୦୦ ଓ ସାଉଥ୍ ବା ଦକ୍ଷିଣ ଷ୍ଟାଣ୍ଡ ପାଇଁ ମୂଲ୍ୟ ୧୦୦ ଟଙ୍କା ରଖାଯାଇଛି। ତେବେ ଟିକେଟର ଏହି ମୂଲ୍ୟଗୁଡ଼ିକ ପୁଲ ପର୍ଯ୍ୟାୟ ଓ କ୍ରସ୍ ଓଭର ମ୍ୟାଚ୍ ପାଇଁ ଉଦ୍ଦିଷ୍ଟ। ତେବେ ନକ୍‌ଆଉଟ୍, ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ପାଇଁ ଟିକେଟ ମୂଲ୍ୟରେ ସାମାନ୍ୟ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହିସବୁ ମ୍ୟାଚ୍ ପାଇଁ ଇଷ୍ଟ ଷ୍ଟାଣ୍ଡ ଟିକେଟର ମୂଲ୍ୟ ୨୫୦, ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ଟିକେଟର ମୂଲ୍ୟ ୧୫୦ ଟଙ୍କା ରଖାଯାଇଛି। ପୁଣି ଏହି ସାଧାରଣ ଟିକେଟଗୁଡ଼ିକ ମଧ୍ୟ ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ।

ହକି ଇଣ୍ଡିଆ ସାଧାରଣ ସମ୍ପାଦକ ରାଜିନ୍ଦର ସିଂ ଏ ସଂକ୍ରାନ୍ତରେ ସବିଶେଷ ବିବରଣୀ ଦେଇଛନ୍ତି। ବିଶ୍ୱର ଏହି ଶ୍ରେଷ୍ଠ ହକି ଇଭେଣ୍ଟ ପାଇଁ ସୋମବାରଠାରୁ କାଉଣ୍ଟରରେ ଟିକେଟ ବିକ୍ରି ହେବ ବୋଲି ସେ ଘୋଷଣା କରିଥିଲେ। ଏହି ମେଗା ଇଭେଣ୍ଟରେ ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଅଂଶଗ୍ରହଣ କରିବେ। ବହୁ ସଂଖ୍ୟାରେ ପ୍ରଶଂସକ ବିଶ୍ୱକପ୍ ଦେଖିବାକୁ ଆସି ହକିର ମଜା ନିଅନ୍ତୁ ଓ ନିଜ ଦେଶ ତଥା ହିରୋମାନଙ୍କୁ ଉତ୍ସାହିତ ତଥା ଚିୟର କରନ୍ତୁ ବୋଲି ସେ କହିଛନ୍ତି।

### ଟିକେଟ ଉପଲବ୍ଧ ହେବାକୁ ଥିବା ଆଉଟ୍‌ଲେଟ୍

**ଭୁବନେଶ୍ୱର**

**୧**– ସ୍ପୋର୍ଟ୍ସ ଏମ୍ପୋରିୟମ: ଅପୋଜିଟ୍ ପାଲ ହାଇଟ, ଜୟଦେବ ବିହାର
**୨**– ସିଷ୍ଟର ମୋବାଇଲ: ବିଏମ୍‌ସି ଭବାନୀ ମଲ, ଶହୀଦ ନଗର
**୩**–ସିଷ୍ଟର ମୋବାଇଲ: ପ୍ଲଟ ନଂ ୮୮/୭, ବାପୁଜୀ ନଗର
**୪**– ଏସ୍.ଏସ୍. ଫ୍ରୋଜେନ ୱାର୍ଲ୍ଡ: କାନନ ବିହାର, ଚନ୍ଦ୍ରଶେଖରପୁର
**୫**– ଭୂତନାଥ ମୋବାଇଲ ୱାର୍ଲ୍ଡ: ୮୭/୮, ବାପୁଜୀ ନଗର
**୬**–ବି ୨୧: ଇଣ୍ଡଷ୍ଟ୍ରିଆଲ ଏରିଆ, ଖାରବେଳ ନଗର
**୭**– ବି ୨୧: ଅପୋଜିଟ ବିଏମ୍‌ସି ଭବାନୀ ମଲ୍ ପ୍ରସ୍ଥାନ ଦ୍ୱାର, ଶହୀଦ ନଗର
**୮**– ଇନ୍ ଆଣ୍ଡ ଆଉଟ୍: ପ୍ଲଟ ନଂ. ୩୦୫, ଭାରତ ପେଟ୍ରୋଲିୟମ ପେଟ୍ରୋଲ ପମ୍ପ, ଡିଷ୍ଟ୍ରିକ୍ଟ ସେଣ୍ଟର
**୯**– ବଡିଲାଇନ୍ ସ୍ପୋର୍ଟ୍ସ: ୫୦୧, ଖାରବେଳ ନଗର, ଜନପଥ, ଫ୍ରୁଟ୍ସ ମାର୍କେଟ ସାମ୍ନା
**୧୦**– ସି ଡେକୋର୍ସ: ଡିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର
**୧୧**–ବ୍ରିଉବେକ୍ସ ୭ ସ୍କାଏ ଆଇଟିଇଆର: ୧୧୯୯, ଜାଗମରା ସୁନ୍ଦରପଦା ରୋଡ ଖଣ୍ଡଗିରି
**୧୨**– ଏଫ୍‌ଏଚ୍‌୧୭ ସେଲୁନ: ୫୨୪– ୧୨୨, କାଳୀମନ୍ଦୀର ରୋଡ, ସତ୍ୟନଗର
**୧୩**– ଉଜଳା କାର ଫ୍ୟାସନ୍: ଖଣ୍ଡଗିରି ଛକ, ପାତ୍ରପଡ଼ା
**୧୪**– ଅଲିମ୍ପିକ ସ୍ପୋର୍ଟ୍ସ: ୪୨, ଜନପଥ ରୋଡ, ଶ୍ରୀଲେଦର ପାଖ, ଅଶୋକ ନଗର
**୧୫**– ରିଲାଏନ୍ସ ଫୁଡ୍ କୋର୍ଟ: ଶ୍ରୀୟା ଟକିଜ୍, ମାଷ୍ଟରକ୍ୟାଣ୍ଟିନ ଏରିଆ
**୧୬**– କ୍ଲାସିକ ବଟିକ୍ ଆଣ୍ଡ ବିଉଟି ସେଲୁନ: ଲକ୍ଷ୍ମୀ ନଗର
**୧୭**– ରିଲାଏନ୍ସ ଡିଜିଟାଲ: ରସୁଲଗଡ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ
**୧୮**– ଦି ହେୟାର ହାକର: ପ୍ଲଟ୍ ନଂ ୬୦୬/ ୩୭୫, ବମିଖାଲ, ଉତ୍କଳ ହୁଣ୍ଡାଇ ପାଖ

**କଟକ**

**୧୯**– ଅଲିମ୍ପିକ ସ୍ପୋର୍ଟ୍ସ: ରାଜାବଗିଚା
**୨୦**– ବ୍ଲାଷ୍ଟ: ରେକ୍ସ ପ୍ଲାଜା, ପଞ୍ଚମ ଫ୍ଲୋର, ଜୋବ୍ରା ରୋଡ, ଏଲ୍‌ଆଇସି କଲୋନୀ

# ଓଡ଼ିଶା ଏକାଦଶ ସିରିଜ ବିଜୟୀ

ରାଉରକେଲା ଅଫିସ, ୪।୧୧

ସ୍ଥାନୀୟ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ପ୍ରଦର୍ଶନୀ ହକି ମ୍ୟାଚ୍‌ରେ ଓଡ଼ିଶା ଏକାଦଶ ସଡନ୍ ଡେଥ୍ ମାଧ୍ୟମରେ ନ୍ୟୁ ସାଉଥ୍ ୱେଲ୍ସକୁ ୧–୦ରେ ପରାସ୍ତ କରିଛି। ଫଳରେ ଓଡ଼ିଶା ସିରିଜ ବିଜୟ ହାସଲ କରିଛି। ସୂଚନାଯୋଗ୍ୟ, ଗତ ୧ରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଓଡିଶା ଏକାଦଶ ୫–୧ ଗୋଲରେ ସାଉଥ୍‌କୁ ହରାଇଥିଲା। ପରେ ଏଠାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟୁ ସାଉଥ୍ ୱେଲ୍ସ ଓଡିଶାକୁ ୩–୨ରେ ହରାଇବାରୁ ସିରିଜ ଅମୀମାଂସିତ ରହିଲା। ଏଣୁ ପେନାଲ୍ଟି ଶୁଟ୍ ଆଉଟ୍‌ର ଆଶ୍ରୟ ନିଆଗଲା। ଏହା ମଧ୍ୟ ୪–୪ରେ ଅମୀମାଂସିତ ରହିବାରୁ ସଡନ ଡେଥ୍‌ର ଆଶ୍ରୟ ନିଆଯାଇଥିଲା। ଏଥିରେ ଓଡ଼ିଶା ଅଧିନାୟକ ରୋଶନ ମିଞ୍ଜ ଗୋଲସ୍କୋର କରି ଦଳକୁ ୫–୪ ଗୋଲରେ ଜିତାଇଥିଲେ। ନ୍ୟୁ ସାଉଥ୍ ୱେଲ୍ସ ଅଧିନାୟକ କର୍ଟ ଲୋଭେଟ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ଓଡ଼ିଶା ଦଳର ଅଧିନାୟକ ରୋଶନ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଶାନ, ଆରଡିଏ ଅଧ୍ୟକ୍ଷ ସାରଦା ନାୟକ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପଦ୍ମଶ୍ରୀ ଦିଲୀପ ତିର୍କୀ, ଜିଲାପାଳ ସୁରେନ୍ଦ୍ର ମୀନା, ଏଡିଏମ୍ ମୋନିଷା ବାନାର୍ଜୀ, ଆରଏମ୍‌ସି ଅଧ୍ୟକ୍ଷା ରଶ୍ମିତା ପଣ୍ଡା, ଆରଏସ୍‌ପି ସିଇଓ ଅଶ୍ୱିନୀ କୁମାର, ଡିଆରଡିଏ ପ୍ରକଳ୍ପ ସଂଯୋଜକ ଭୂମେଶ ବେହେରା ଓ ଜିଲା ପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ହକିକୁ ଜାତୀୟ ଖେଳର ମାନ୍ୟତା ପ୍ରଦାନ ନେଇ ତାଙ୍କ ଉଦ୍ୟମ ଅବ୍ୟାହତ ରହିଛି। ଓଡ଼ିଶା ଆଗାମୀ ଦିନରେ କ୍ରୀଡ଼ାର ଅନ୍ତର୍ଜାତୀୟ ହବ୍ ହେବାକୁ ଯାଉଛି। ଏ ନେଇ ସରକାର ଆନ୍ତରିକତାର ସହ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏବେ ହକି ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଥିବା ବେଳେ ଆଗାମୀ ଦିନରେ ଏଭଳି ଆହୁରି ଅନେକ ଖେଳ ଓ ପ୍ରତିଯୋଗିତା ଆୟୋଜନ କରିବାରେ ରାଜ୍ୟ ଅଗ୍ରଣୀ ଭୂମିକା ନିର୍ବାହ କରିବ। ସୁନ୍ଦରଗଡ଼ ଜିଲା ଆମ ଦେଶକୁ ବିଶ୍ୱସ୍ତରରେ ଗୌରବାନ୍ୱିତ କରିଛି। ଏଣୁ ହକିର ଉନ୍ନତି ନେଇ ସରକାର ଯୋଜନା କରିଛନ୍ତି। ରାଜ୍ୟରେ ଅଧିକ ଅଷ୍ଟ୍ରୋଟର୍ଫ ଖେଳପଡିଆ ନିର୍ମାଣ ଉପରେ ଦୃଷ୍ଟି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଡିଆକୁ ଆସି ଏକ ପେନାଲ୍ଟି ଶଟ୍ ମାରି ପଡିଆରେ ଉପସ୍ଥିତ ଭରପୂର ଗ୍ୟାଲେରି ଦର୍ଶକଙ୍କ ମନ ଜିଣିଥିଲେ। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ଖେଳ ଶେଷପର୍ଯ୍ୟନ୍ତ ସଂଘର୍ଷପୂର୍ଣ୍ଣ ରହିଥିଲା। ଆରମ୍ଭରୁ ଓଡ଼ିଶା ଏକାଦଶ ନ୍ୟୁ ସାଉଥ୍ ୱେଲ୍ସ ହକି ଟିମ୍‌କୁ ଚାପରେ ରଖିବାକୁ ଉଦ୍ୟମ କରିଥିଲା। ଏହି ଖେଳ ଦେଖିବାକୁ ବହୁ ଦର୍ଶକଙ୍କ ଭିଡ଼ ଜମିଥିଲା। ଶେଷରେ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଉଭୟ ଦଳକୁ କପ୍ ପ୍ରଦାନ କରିଥିଲେ।




ଅଷ୍ଟ୍ରେଲିଆର ନ୍ୟୁ ସାଉଥ୍ ୱେଲ୍ସ ବିପକ୍ଷରେ ସିରିଜ ବିଜୟୀ ଓଡ଼ିଶା ଦଳ ଟ୍ରଫି ସହ ।

**ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ପ୍ରଦର୍ଶନୀ ମ୍ୟାଚ୍**

# ଭାରତୀୟ ଇଞ୍ଜିନିୟରଙ୍କୁ ୟୁଏସ୍ କ୍ରିକେଟ ଦଳର ନେତୃତ୍ୱ

ନୂଆଦିଲ୍ଲୀ,୪।୧୧

ଭାରତୀୟ ସଫ୍ଟୱେର ଇଞ୍ଜିନିୟର ସୌରଭ ନେତ୍ରାବାଲକରଙ୍କ ଭାଗ୍ୟ ପରିବର୍ତ୍ତନ ହୋଇଯାଇଛି। ପୂର୍ବତନ ମୁମ୍ବାଇ ପେସର କର୍ନେଲ ବିଶ୍ୱବିଦ୍ୟାଳୟରେ କମ୍ପ୍ୟୁଟର ସାଇନ୍ସ ଅଧ୍ୟୟନ ଲାଗି ସେ ଖେଳି ଛାଡ଼ିଥିଲେ। ଏହି ୨୭ ବର୍ଷୀୟ ବୋଲରଙ୍କୁ ଆମେରିକାର ଜାତୀୟ କ୍ରିକେଟ ଦଳର ନେତୃତ୍ୱ ମିଳିଛି। ୬ ଫୁଟ୍ ଉଚ୍ଚତା ବିଶିଷ୍ଟ ବୋଲର ଗତ ୧୯ ବର୍ଷରୁ କମ୍ ବିଶ୍ୱକପ୍, ୨୦୧୦ ଚାମ୍ପିୟନ ଭାରତୀୟ ଦଳ ଲାଗି ସର୍ବାଧିକ ଉଇକେଟ ନେଇଥିଲେ। ସେ ଏହି ସଂସ୍କରଣରେ ଇଂଲଣ୍ଡ ଦଳର ଭବିଷ୍ୟତ ଅଧିନାୟକ ଜୋ ରୁଟ ଓ ପାକିସ୍ତାନ ଓପନର ଅହମ୍ମଦ ଶେହଜାଦଙ୍କୁ ଆଉଟ କରିଥିଲେ। ଏହାର ୩ ବର୍ଷ ପରେ ସେ କ୍ୟାରିୟରର ଏକମାତ୍ର ରଣଜୀ ମ୍ୟାଚ୍ ମୁମ୍ବାଇ ପକ୍ଷରୁ ଖେଳିଥିଲେ। କର୍ଣ୍ଣାଟକ ବିପକ୍ଷ ମ୍ୟାଚ୍‌ରେ ସେ ୩ ଉଇକେଟ ନେଇଥିଲେ। କିନ୍ତୁ ସେ ତାଙ୍କ ଭବିଷ୍ୟତ ନେଇ ସନ୍ତୁଷ୍ଟ ନ ଥିଲେ। "ମୁଁ କ୍ରିକେଟରେ କ୍ୟାରିୟର କରିବା ପାଇଁ ୨ ବର୍ଷ ଦେଇଥିଲି। ମାତ୍ର ପରବର୍ତ୍ତୀ ସ୍ତରକୁ ଯିବାରେ ବିଫଳ ହୋଇଥିଲି" ବୋଲି ଆମେରିକୀୟ ସହର ସାନ ଫ୍ରାନ୍ସିସ୍କୋରୁ ଫୋନ ଯୋଗେ କହିଛନ୍ତି। ମୁମ୍ବାଇସ୍ଥିତ ସର୍ଦ୍ଦାର ପଟେଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକନୋଲୋଜିଠାରେ ଇଞ୍ଜିନିୟରିଂ କରିଥିଲେ। ଏହାପରେ ଜିଆରଇ ଓ ଟୋଫେଲ ପରୀକ୍ଷା ଦେଇ କର୍ନେଲ ବିଶ୍ୱବିଦ୍ୟାଳୟରେ ପଢ଼ିବାକୁ ସୁଯୋଗ ପାଇଥିଲେ। ସେଠାରେ ସେ ପୁଣି କ୍ରିକେଟ ଖେଳିବା ଆରମ୍ଭ କରିଥିଲେ।



2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ



Nikon
At the heart of the image
I AM CELEBRATING FESTIVITIES
Wi-Fi
D750
24 MEGAPIXEL
6.5 FPS
51 AF POINTS
60p FULL HD MOVIE
8cm TILTING LCD
D5600
24 MEGAPIXEL
5 FPS
39 AF POINTS
60p FULL HD MOVIE
VARI ANGLE TOUCH LCD
Body MRP: ₹ 1 31 950.00
Body + 24-120mm Lens MRP: ₹ 1 78 950.00
Body + 18-55mm Lens MRP: ₹ 55 950.00 / OFFER PRICE: ₹ 51 950.00
Body + (18-55mm+70-300mm) D-Zoom Kit Lens MRP: ₹ 72 550.00 / OFFER PRICE: ₹ 62 950.00
D7500
20.9 MP
8 FPS
51 AF POINTS
Body MRP: ₹ 96 950.00
OFFER PRICE: ₹ 87 950.00
Body + 18-105mm Lens MRP: ₹ 1 15 450.00
OFFER PRICE: ₹ 1 07 450.00
Wi-Fi
D5300
24.2 MP
5 FPS
39 AF POINTS
Body + 18-55mm Lens MRP: ₹ 45 450.00
OFFER PRICE: ₹ 43 950.00
Body + (18-55mm+70-300mm) D-Zoom Kit Lens
MRP: ₹ 55 950.00 OFFER PRICE: ₹ 54 950.00
D3500
24.2 MP
5 FPS
11 AF POINTS
Body MRP: ₹ 33 950.00
Body + 18-55mm Lens MRP: ₹ 39 450.00
Body + (18-55mm + 70-300mm) D-Zoom Kit Lens
MRP: ₹ 49 950.00
CONSUMER OFFER#
WITH D750 BAGPACK WORTH ₹ 4 990.00 INCLUDED
WITH D5600 Samsung Bluetooth Headset (Level U) Worth ₹ 2 999.00 INCLUDED
WITH D5300 Lee Cooper SLING BAG Worth ₹ 2 999.00 INCLUDED
Price quoted is for one unit of product. MRP inclusive of all taxes. | #Conditions Apply. Limited period offer. The Headset & bag model, design, specification & colour shown in the consumer offer may vary and is subject to availability | ##Available at select stores. Finance at the sole discretion of the financer | ^16GB (Class 10) SD Card available with DX models only (except D500). Carry Case available with DX models only | Premium SMS charges applicable | Accessories shown above are only for reference & not provided with the product | *Product bought on new MRP. For more details visit www.nikonoffers.com | For more information visit www.nikon.co.in
ATTRACTIVE CASH BACK OFFER AVAILABLE ON D750 & D850
Easy EMI##
16GB+ (CLASS10) SD CARD CARRY CASE INCLUDED^
Corporate/Registered Office & Service Centre: Nikon India Pvt Ltd, Plot No.71, Sector 32, Institutional area, Gurgaon-122001, Haryana, (CIN-U74999HR2007FTC036820). Ph.: 0124 4688500, Fax: 0124 4688527, Service Ph.: 0124 4688514, Service ID: nindsupport@nikon.com, Sales and Support ID: nindsales@nikon.com. AUTHORISED SERVICE CENTRE: Bhubaneshwar Service Centre: Osho Vision, Lane No-3, Plot No-44, In front of HDFC Bank, Bhubaneswar-751009, Orissa, Ph: 9583218461 / 2533986
NIKON EXPERIENCE ZONE: BHUBANESWAR: Spectra ET-8984636092/9668156185, Subham Digital Photo Shop-9437176862/7008497776. CUTTACK: Patra Electronics-8908179940, BERHAMPUR: IBC Systems-9861029805, SAMBALPUR: Nexgen Communications-7853065990. BOLANGIR: Vandana Digital-9437034170 AUTHORISED DEALERS: BHUBANESWAR: Shree Om Digital-9861250171, Spectra Vision-7978491789, Raj Electronics-9437756121, Great Eastern Appliances-9658887553, Mini Color Lab-9437056341, Camarena-9937803703, Patra Electronics-9438343402, Gupta Distributors-9040402534, Camera Point Hollywood-9040699304, CUTTACK: Mini Color Lab-9437056341, Patra Electronics-7381952276, Gupta Distributors-9338001570, PURI: Gupta Distributors-9583225554, BERHAMPUR: Padmalaya Studio-9938688118, Patra Electronics-9337490074, Sai Kiran-9861150619, ROURKELA: Patra Electronics-8908209959, National Electronics-7008332882 P C Island-9437041206, Madhukar Photo Studio-9040500763, JHARSUGUDA: Patra Electronics-8598834736, BALASORE: Patra Electronics-7809174764, Great Eastern Appliances-9078065989, BARIPADA: Patra Electronics-9439002979, Rainbow Color Lab-9337550001, JEYPORE: R N Digital-9777505675, RAYAGADA: Studio Bhanjaprabha-9437622370
TO LOCATE DEALERS IN YOUR AREA ▶ SMS NIKON <PINCODE> to 58888 ▶ CALL TOLL FREE NO.: 1800-102-7346 ▶ VISIT OUR WEBSITE: www.nikon.co.in
CAUTION: Please note that E-commerce websites/portals are not our authorized partners/ dealers in India for sale of Nikon products or accessories. We advise you to check the warranty entitlements of the products sold through e-commerce websites / portals under the brand name 'Nikon'.
Reliance digital
K&L Arms/11/18




HONDA
The Power of Dreams
सच कर देंगे सपने
HAPPY DHANTERAS
ONE LOOK IS ENOUGH
X-BLADE
ROBO-FACE LED HEADLAMP
AGGRESSIVE SCULPTED TANK DESIGN
STREET-TECH DIGITAL METER
RAZOR EDGED LED TAIL LAMP
UP TO 95%# FINANCE ON ON-ROAD PRICE
0 PROCESSING & DOCUMENTATION CHARGES#
SAVING UP TO ₹ 7,500#
HDFC BANK We understand your world
L&T Financial Services
muthoot CAPITAL
IndusInd Bank
SHRIRAM City MONEY WHEN YOU NEED IT MOST
Honda is HONDA
Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com
#Finance scheme available with select financiers at their sole discretion. Up to 95% finance as per financier policy and subject to income documentation of customer. Saving has been calculated on finance scheme and depends on specific loan amount, tenure and Rate of interest against general scheme available in the market. Scheme is available for limited time period only and can be withdrawn from market without any prior notice. Accessories shown in the picture are not a part of the standard equipment. Product shown in the picture may vary from actual product available in market. **Conditions apply.
BEST DEAL HONDA Buy. Sell. Exchange
ALWAYS WEAR HELMET WHILE RIDING
Also available:
Annual Maintenance Contract**
Road Side Assistance**
Engine Health Assurance**
Follow us on
Honda Exclusive Authorized Dealerships: BERHAMPUR: Om Honda - 9937229933, 0680-2229933; BHANJNAGAR: Omkar Honda - 9437382104, 06821-240140; PHULBANI: Manas Honda - 06842253452, 9437063452.
For Bulk/Institutional enquiries, please write us at: institutionalsales@honda2wheelersindia.com